


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83

www.sakalaepaper.com

/thesakalanews

/TheSakala

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-165 ♦BHUBANESWAR ♦SUNDAY ♦10 DECEMBER 2023 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୬୫ ♦ଭୁବନେଶ୍ୱର ♦ରବିବାର ♦୧୦ ଡିସେମ୍ବର ୨୦୨୩ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)




ଅସ୍ତ୍ରବିରତି ପ୍ରସ୍ତାବରେ ଆମେରିକାର ଭିଟୋ

## ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ; ୨୪ ଘଣ୍ଟାରେ ୩୧୦ ମୃତ

■ ତେଲ ଆଭିଭ, ୯।୧୨ (ଏଜେନ୍ସି): ଇସ୍ରାଏଲ-ହମାସ ଯୁଦ୍ଧର ଲୋମହର୍ଷକ ଦୃଶ୍ୟ ସାମ୍ନାକୁ ଆସିଛି। ଗାଜା ସ୍ଥିତ୍ର ଅଲ୍-ନାସେର ଡାକ୍ତରଖାନା ଆଇସିୟୁରେ ଚିକିତ୍ସିତ ହେଉଥିବା ଅନେକ ଶିଶୁଙ୍କ ମୃତ୍ୟୁ ହୋଇଛି। ଏହି ଆଇସିୟୁରୁ ୪ ନବଜାତକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଇସ୍ରାଏଲ ଡାକ୍ତରଖାନା ଖାଲି କରିବାକୁ ନିର୍ଦ୍ଦେଶ ଦେବା ପରେ ଡାକ୍ତର ଶିଶୁଙ୍କୁ ଛାଡ଼ି ଚାଲି ଯାଇଥିଲେ। ସେ ସମୟରେ ଶିଶୁ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ପରେ ଇନ୍ଧନ ଶେଷ ହୋଇଯିବାରୁ ଆଇସିୟୁ ବନ୍ଦ ହୋଇ ଯାଇଥିଲା। ତେଣୁ ଶିଶୁଙ୍କ ମୃତ୍ୟୁ ହୋଇ ଯାଇଥିଲା। ଏବେ ବି ବେଡ୍‌ରେ କ୍ଷୀର ବୋତଲ ଏବଂ ଡାଏପର ପଡ଼ି ରହିଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି।

**ଗାଜା ହସ୍ପିଟାଲରେ ନବଜାତକଙ୍କ ମୃତ୍ୟୁ**

**ଅନେକ ଗଳିତ ମୃତଦେହ ଉଦ୍ଧାର**

ଅନ୍ୟପକ୍ଷରେ ଇସ୍ରାଏଲ ସେନା ଶୁକ୍ରବାର ବିଳମ୍ବିତ ରାତିରେ ସବୁଠାରୁ ପୁରୁଣା ଓମାରି ମସ୍‌ଜିଦ ଉପରେ ଆକ୍ରମଣ କରିଛି। ଏଥିରେ ମସ୍‌ଜିଦର ଏକ ବଡ଼ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଗତ ୨୪ ଘଣ୍ଟାରେ ଇସ୍ରାଏଲ ଆକ୍ରମଣରେ ୩୧୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ସେହିପରି ଗାଜା ସ୍କୁଲ୍ ତଳେ ଥିବା ଏକ ସୁଡ଼ଙ୍ଗକୁ ଇସ୍ରାଏଲ ସେନା ଠାବ କରିଛି। ଏପରି ସମୟରେ ଜାତିସଂଘ ସୁରକ୍ଷା ପରିଷଦରେ ଯୁଦ୍ଧ ବନ୍ଦ କରିବା ପାଇଁ ୟୁଏଇ ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତାବ ଆଗତ କରା ଯାଇଥିଲା। ତେବେ ଆମେରିକା ଭିଟୋ ପ୍ରୟୋଗ କରି ଏହାକୁ ରୋକି ଦେଇଥିଲା। ଅସ୍ତ୍ରବିରତି ଦ୍ୱାରା ହମାସର ଲାଭ ହେବ। ଏହି ଆତଙ୍କବାଦୀ ସଂଗଠନ ଅସ୍ତ୍ରଶସ୍ତ୍ର ଠୁଳ କରିବାକୁ ସୁଯୋଗ ପାଇବ ବୋଲି ଆମେରିକା ପକ୍ଷରୁ କୁହାଯାଇଛି।

ଓଡ଼ିଶାର ଧାନ ଚାଷୀଙ୍କ ସ୍ୱାର୍ଥ ପ୍ରତି କେନ୍ଦ୍ର ବିମୁଖ

# ୫ ବର୍ଷରେ ଏମ୍‌ଏସ୍‌ପି ବଢ଼ିଛି ମାତ୍ର ୪୩୩ ଟଙ୍କା

**ସମାନ ସମୟରେ ଅନ୍ୟ ଫସଲର ସହାୟକ ମୂଲ୍ୟ ୨୦୦୦ ଟଙ୍କା ଯାଏଁ ବଢ଼ିଛି**

**ଫସଲର ଦେଢ଼ଗୁଣା ଏମ୍‌ଏସ୍‌ପି ପାଇଁ ସ୍ୱାମୀନାଥନ୍‌ଙ୍କ ସୁପାରିସ ପ୍ରତି କେନ୍ଦ୍ର ନିଦାବିଷ୍ଟ**

**ଏମ୍‌ଏସ୍‌ପି ୩୩୦୦ ପାଇଁ ଓଡ଼ିଶା ବିଧାନସଭାର ସର୍ବସମ୍ମତ ପ୍ରସ୍ତାବକୁ ଆଡ଼ନଜର**

**ପ୍ରତିକୂଳ ପରିସ୍ଥିତି ସହ ଲଢ଼େଇ କରି ଚାଷରେ ଆର୍ଥିକ କ୍ଷତି ସହୁଛି ଓଡ଼ିଶାର ଚାଷୀ**

**୨୦୧୮ ରେ ଧାନ କ୍ୱିଣ୍ଟାଲ ପ୍ରତି ୫୮୮ ଟଙ୍କା କ୍ଷତି ସହୁଥିଲା ରାଜ୍ୟର ଚାଷୀ**

■ ଭୁବନେଶ୍ୱର, ୯।୧୨(ସମିସ): ତମାମ୍ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଓଡ଼ିଶାର ଚାଷୀ ଧାନ ଉତ୍ପାଦନ କରୁଛନ୍ତି। ହେଲେ ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ସେମାନଙ୍କ ମୁହଁକୁ ଅନାଉ ନାହାନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି ନେଇ ରାଜ୍ୟ ସରକାର, ଚାଷୀ ସଂଗଠନ ବାରମ୍ବାର ଦାବି କରି ଆସିଛନ୍ତି। ହେଲେ ରାଜ୍ୟର ଧାନ ଚାଷୀ ଯେମିତି କେନ୍ଦ୍ର ସରକାରଙ୍କ ସାବତ ପୁଅ ପାଲଟିଯାଇଛନ୍ତି। ଗତ ୫ବର୍ଷ ମଧ୍ୟରେ ଅନ୍ୟ ଫସଲ ବା ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୦୦ ଟଙ୍କା ଯାଏଁ ବଢ଼ିଥିବା ବେଳେ ଧାନରେ



ମାତ୍ର ୪୪୩ ଟଙ୍କା ବୃଦ୍ଧି ଘଟିଛି। ଏଥିରୁ ଓଡ଼ିଶାର ଧାନ ଚାଷୀଙ୍କ ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ଜଳଜଳ ହୋଇ ଦେଖାଯାଉଛି।

୨୦୧୮-୧୯ରେ କ୍ୱିଣ୍ଟାଲ ପ୍ରତି ଧାନ(ସାଧାରଣ)ର ସର୍ବନିମ୍ନ ସହାୟକ ମୂଲ୍ୟ ଥିଲା ୧୭୫୦ ଟଙ୍କା। ୨୦୨୩-୨୪ ମସିହାରେ ଏହା ୨୧୮୩ ଟଙ୍କାରେ ପହଞ୍ଚିଛି। ସେହିପରି ଗ୍ରେଡ୍ 'ଏ' ଧାନର ଏମ୍‌ଏସ୍‌ପି ୧୭୭୦ ଟଙ୍କାରୁ ୨୨୦୩ ଟଙ୍କାରେ ହୋଇଛି। ଅର୍ଥାତ୍ ୫ ବର୍ଷରେ ଧାନର ଏମଏସପି ମାତ୍ର ୪୩୩ ଟଙ୍କା ବଢ଼ିଛି। ନିକଟରେ କେନ୍ଦ୍ର କୃଷିମନ୍ତ୍ରୀ ପଦରୁ ଅବ୍ୟାହତି ନେଇଥିବା କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଉପରୋକ୍ତ ତଥ୍ୟ ପ୍ରଦାନ କରିଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀଙ୍କ ଅନୁଯାୟୀ ଏମ ଏସ୍ ସ୍ୱାମୀନାଥନ୍ ୨୦୦୪ରେ ଫସଲର ▶ପୃଷ୍ଠା-୧୩

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

# ଶୀଘ୍ର ଲ୍ୟାଣ୍ଡସ୍କେପିଂ ସାରିବାକୁ ନିର୍ଦ୍ଦେଶ

**ମଠର ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ କରିବାକୁ କହିଲେ**

**ବୁଲିଲେ ଶ୍ରୀଦାଣ୍ଡ, ଶୀତତାପ ନିୟନ୍ତ୍ରିତ ଚଲାପଥ କାମ ଦେଖିଲେ**



■ ପୁରୀ, ୯।୧୨(ସମିସ): ନୂଆ ରୂପ ନେଉଛି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ତିଆରି ହେଉଛି ପରିକ୍ରମା ପ୍ରକଳ୍ପ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ସ୍ୱପ୍ନର ପ୍ରକଳ୍ପ କାମ ସରିସରି ଆସୁଛି। ଆସନ୍ତା ଜାନୁୟାରୀ ୧୭ରେ ପ୍ରକଳ୍ପ ଲୋକାର୍ପଣ ହେବାକୁ ଥିବା ବେଳେ ଶନିବାର '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରାୟ ୨ ଘଣ୍ଟା ଧରି ପରିକ୍ରମା ପ୍ରକଳ୍ପ ସହ ଅନ୍ୟ କେତେକ ନିର୍ମାଣାଧୀନ ପ୍ରକଳ୍ପ ବୁଲି ଦେଖିଛନ୍ତି।

ସକାଳ ପ୍ରାୟ ୭ଟାରେ '୫-ଟି' ଅଧ୍ୟକ୍ଷ ପୁରୀରେ ପହଞ୍ଚି ପ୍ରଥମେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହା ପରେ ପ୍ରାୟ ୨ଘଣ୍ଟା ଅର୍ଥାତ୍ ୯ଟା ପର୍ଯ୍ୟନ୍ତ ▶ପୃଷ୍ଠା-୧୩

ସିଜେଆଇଙ୍କ ବଡ଼ ମନ୍ତବ୍ୟ

# ବିଚାରପତି ନିଯୁକ୍ତିରେ ନିୟନ୍ତ୍ରଣକୁ ନେଇ ଚାଲିଛି ଟଣାଓଟରା

■ ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି ୱାଇ ଚନ୍ଦ୍ରଚୂଡ଼ ବଡ଼ ମନ୍ତବ୍ୟ ଦେଇଛନ୍ତି। ସେ ପୁଣି ଥରେ ପରୋକ୍ଷରେ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ଦେଶରେ ବିଚାରପତି ନିଯୁକ୍ତିରେ ନିୟନ୍ତ୍ରଣକୁ ନେଇ ଟଣାଓଟରା ଚାଲିଛି। ପଦ

**ପଦ ଖାଲି ଥିଲେ ବି ଦିଆଯାଉନି ନିଯୁକ୍ତି**

ଖାଲି ପଡ଼ିଥିଲେ ବି ନିଯୁକ୍ତି ଦିଆଯାଉ ନାହିଁ। ଦୀର୍ଘ ସମୟ ପର୍ଯ୍ୟନ୍ତ ନିଯୁକ୍ତିକୁ ପକେଇ ରଖାଯାଉଛି। ସେଣ୍ଟ୍ରାଲ ଆଡ୍ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସିଏଟି) ର ମୁମ୍ବଇ ଖଣ୍ଡପୀଠଙ୍କ ନୂଆ ପରିସର ଉଦ୍‌ଘାଟନ ଅବସରରେ ସିଜେଆଇ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ କୋର୍ଟରେ ପଡ଼ି ▶ପୃଷ୍ଠା-୧୩







ଚତୁର୍ଥ ଦିନରେ ମଦ ବ୍ୟବସାୟୀଙ୍କ ଘରେ ଆୟକର ଚଢ଼ଉ

# ପୁଣି ବାହାରିଲା ପୁଳା ପୁଳା ଟଙ୍କା

**ସମ୍ବଲପୁରରୁ ମିଳିଲା ୩୭ କୋଟି**

**ଟଙ୍କା ଗଣୁଛନ୍ତି ବିଭାଗର ୫୦ କର୍ମଚାରୀ, ୨୫ ମେସିନ୍**

**ଦୁଇ ଦିନରେ ୬୦କୋଟି ଟଙ୍କା ଗଣତି ସରିଛି: ମ୍ୟାନେଜର**

**ତଦନ୍ତ ପାଇଁ ହାଇଦ୍ରାବାଦରୁ ଆସିଲେ ୧୦ ଜଣିଆ ଆନାଲିସିସ୍ ଟିମ୍**

**୫ଲକ୍ଷ ଥିବା ଟଙ୍କା ମୁଣିରେ ଲେଖା ହୋଇଛି ଇନ୍‌ସପେକ୍ଟର ତିୱାରୀ**

■ ଭୁବନେଶ୍ୱର, ୯ ।୧୨ (ସମିସ): ସୁନ୍ଦରଗଡ଼ର ମଦ ବ୍ୟବସାୟୀ ରାଜକିଶୋର ଜୟସ୍ୱାଲ ଘରେ ଆଜି ଚତୁର୍ଥ ଦିନରେ ଆୟକର ବିଭାଗ ଚଢ଼ଉ କରିଛି। ତାଙ୍କ ଘର ସମେତ ମଦଭାଟି, ଭୁବନେଶ୍ୱର ପଳାସପଲ୍ଲୀ, ସତ୍ୟନଗର ଘର ଏବଂ ଅନ୍ୟ ୧୦ଟି ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଆୟକର ବିଭାଗକୁ ପୁଣି ପୁଳାପୁଳା ଟଙ୍କା ମିଳିଛି। ବିଶେଷକରି ସୁଦପଡ଼ାସ୍ଥିତ ମଦଭାଟି ଆଇରନ ଲକର୍‌ରୁ ବିଡ଼ାବିଡ଼ା ▶ପୃଷ୍ଠା-୧୩

## ଚର୍ଚ୍ଚାରେ ନାଲି ଡାଏରୀ

■ ଭୁବନେଶ୍ୱର, ୯ ।୧୨(ସମିସ): ବଲାଙ୍ଗିରରେ ଚଢ଼ଉ ସମୟରେ ଆୟକର ବିଭାଗକୁ ଏକ ନାଲି ଡାଏରୀ ମିଳିବା ଏବେ ଚର୍ଚ୍ଚାକୁ ପୁଣି ଖୋରାକ୍ ଯୋଗାଇଛି। କାହା ପାଖକୁ କେତେ ଟଙ୍କା ଯାଇଛି, ସେଥିରେ ତାହାର ଟିକିନିଖି ହିସାବ ଲେଖା ହୋଇଥିବା କୁହାଯାଉଛି। ତେଣୁ ଏହି ଡାଏରୀ ମଦ ସାମ୍ରାଜ୍ୟର ଗୁମର ଖୋଲିବ ବୋଲି ▶ପୃଷ୍ଠା-୧୩

ସାହା ହେଲା ବିଏସ୍‌କେୱାଇ

# ଆଣ୍ଠୁର ହେଲା ବିରଳ ଅସ୍ତ୍ରୋପଚାର

■ ବ୍ରହ୍ମପୁର, ୯ ।୧୨(ସମିସ): ବିଭିନ୍ନ ସ୍ଥାନରେ ଚିକିତ୍ସା କରି ଆଶା ହରାଇବା ପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସକେୱାଇ) ସ୍ମାର୍ଟ କାର୍ଡ କେବଳ ଯେ ସାହା ହୋଇଛି ତାହା ନୁହଁ; ବରଂ ନୂଆ ଜୀବନ ଦେଇଛି ରାଜେଶ୍ୱରୀଙ୍କୁ। କନିଷି ହାଟ ନିବାସୀ ୫୭ବର୍ଷ ବୟସ୍କା ରାଜେଶ୍ୱରୀ ପଟ୍ଟନାୟକଙ୍କ ଆଣ୍ଠୁର ମାଗଣାରେ ଲକ୍ଷାଧିକ ଟଙ୍କାର ବିରଳ ଅସ୍ତ୍ରୋପଚାର ହୋଇପାରିଛି। ଆଣ୍ଠୁର ଅସ୍ତ୍ରୋପଚାର ସରିଥିବା ବେଳେ ସେ ବର୍ତ୍ତମାନ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ ଯେ, ରାଜେଶ୍ୱରୀ ପଟ୍ଟନାୟକଙ୍କ ଦୀର୍ଘ ବର୍ଷ ଧରି ଆଣ୍ଠୁରେ ସମସ୍ୟା ରହିଥିଲା। ଯାହାଫଳରେ ସେ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରିବା ସହ ଚାଲିବାରେ ସମସ୍ୟା ହେଉଥିଲା। ସ୍ୱାମୀ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ବିଗତ ୫ରୁ ୬ବର୍ଷ ହେବ ହୋମିଓପାଥି ଓ ଆୟୁର୍ବେଦିକ ଡାକ୍ତରଙ୍କ ନିକଟରେ ଚିକିତ୍ସା କରିଥିଲେ। ଏଥି ନିମନ୍ତେ ତାଙ୍କୁ ବହୁତ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥିଲା। କିନ୍ତୁ ତାଙ୍କର ଆଣ୍ଠୁର ଯନ୍ତ୍ରଣା କମିନଥିଲା। ଏଥି ନିମନ୍ତେ ଅସ୍ତ୍ରୋପଚାର ଆବଶ୍ୟକ ରହିଥିବା ଡାକ୍ତର ତାଙ୍କୁ ପରାମର୍ଶ ଦେଇଥିଲେ। ପରେ ସ୍ୱାମୀ ଜଗଦୀଶ ବ୍ରହ୍ମପୁର ନୂଆଁ ବସଷ୍ଟାଣ୍ଡ ରୋଡ଼ରେ ଥିବା ସାଇ ଦିବ୍ୟଜ୍ୟୋତି ହସପିଟାଲ ସହ ଯୋଗାଯୋଗ କରିଥିଲେ। ଏବଂ ସ୍ୱାସ୍ଥ୍ୟମିତ୍ରଙ୍କ ଠାରୁ ବିଏସକେୱାଇ ସ୍ମାର୍ଟକାର୍ଡ ଜରିଆରେ ତାଙ୍କର ମାଗଣାରେ ▶ପୃଷ୍ଠା-୧୩

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ରାଜେଶ୍ୱରୀ**




ଲାଲ୍‌ଚାନ୍ଦର ପ୍ରଥମ ଏକ୍ସକ୍ଲୁସିଭ୍ ୱାଚ୍ ଶୋ' ରୁମ୍ 'ଲାଲ୍‌ଚାନ୍ଦ ୱାଚେସ୍'ର ଶୁଭ ଉଦ୍‌ଘାଟନ

ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ହାତଘଣ୍ଟାର ସର୍ବବୃହତ ସଂଗ୍ରହ




ଭୁବନେଶ୍ୱରର ମାଷ୍ଟର୍ କ୍ୟାଣ୍ଟିନ୍‌ଠାରେ ଲାଲ୍‌ଚାନ୍ଦର ପ୍ରଥମ ଏକ୍ସକ୍ଲୁସିଭ୍ ୱାଚ୍ ଷ୍ଟୋର୍ 'ଲାଲ୍‌ଚାନ୍ଦ୍ ୱାଚେସ୍'ର ଶୁଭ ଉନ୍ମୋଚନ ଅନୁଷ୍ଠିତ ହୋଇଛି। ପ୍ରଥମ ଥର ପାଇଁ ଓଡ଼ିଶାରେ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ହାତଘଣ୍ଟାର ସର୍ବବୃହତ ସଂଗ୍ରହ ଆଣିଛି ଲାଲ୍‌ଚାନ୍ଦ୍।

ଲାଲ୍‌ଚାନ୍ଦର ଅତୁଳନୀୟ କାରିଗରୀ ଓ ଉତ୍ତମ ଗୁଣାବତ୍ତା ସମ୍ପନ୍ନ ଅଳଙ୍କାର ଯେପରି ଦୀର୍ଘ ଦଶନ୍ଧି ଧରି ଗ୍ରାହକମାନଙ୍କ ମନକୁ ଜିଣିପାରିଛି, ସେହିପରି 'ଲାଲ୍‌ଚାନ୍ଦ୍ ୱାଚେସ୍' ମଧ୍ୟ ବିଳାସମୟ ଘଣ୍ଟା ମାଧ୍ୟମରେ ସମାନସ୍ତରର ଉତ୍କର୍ଷତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛି।

ଆନ୍ତର୍ଜାତିକସ୍ତରରେ ପ୍ରତିଷ୍ଠିତ ତଥା ନାମୀଦାମୀ ବ୍ରାଣ୍ଡ୍ ନିର୍ମାତାଙ୍କ ଘଣ୍ଟାର ସମ୍ଭାର 'ଲାଲ୍‌ଚାନ୍ଦ୍ ୱାଚେସ୍'କୁ କରିଛି ସ୍ୱତନ୍ତ୍ର ଓ ଅଦ୍ୱିତୀୟ । ରାଡୋ, ଟିସୋ, ସିଟିଜେନ୍, ଜି-ସକ୍, ଲନ୍‌ଜିନ୍, ଏମ୍ପୋରିଓଅରମାନି, ଏଡିଫିସ୍, ସିକୋ, ସ୍କୁଡେରିଆ ଫରାରୀ ଏବଂ ଫସିଲ୍ ପରି ଅନେକ ଲୋକପ୍ରିୟ ଆନ୍ତଃରାଷ୍ଟ୍ରୀୟ ବ୍ରାଣ୍ଡର ହାତଘଣ୍ଟା ଏବେ ସ୍ମାର୍ଟ ସିଟି ଭୁବନେଶ୍ୱରବାସୀଙ୍କ ସ୍ମାର୍ଟନେସ୍ ବଢ଼ାଇବ।

ଓଡ଼ିଶା ସହ ଦେଶର ରାଜଧାନୀ ନୂଆଦିଲ୍ଲୀରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲାଲ୍‌ଚାନ୍ଦ୍ ବ୍ରାଣ୍ଡ୍ 'ଲାଲ୍‌ଚାନ୍ଦ୍ ୱାଚେସ୍' ଜରିଆରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛି । କାରଣ ଲାଲ୍‌ଚାନ୍ଦ୍ ସର୍ବଦା ଗ୍ରାହକଙ୍କ ପସନ୍ଦ ଏବଂ ଗୁରୁତ୍ୱକୁ ଅଗ୍ରାଧିକାର ଦେଇ ଆସିଛି।

ଆଜିକାଲିର ଯୁବପିଢ଼ି ସୌଖୀନ ସାମଗ୍ରୀ ପ୍ରତି ବେଶ୍ ଆକର୍ଷିତ ହେଉଛନ୍ତି, ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଥମ ଥର ଲାଲ୍‌ଚାନ୍ଦ୍ ଆଣିଛି ଲକ୍‌ଜରୀ ଘଣ୍ଟାର ବିଶାଳ ସଂଗ୍ରହ।




"ଲାଲ୍‌ଚାନ୍ଦ୍ ଜୁଏଲର୍ସର ସମସ୍ତ ଶୋ'ରୁମ୍‌ରେ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ହାତଘଣ୍ଟା ବିକ୍ରି ହେଉଅଛି। କିନ୍ତୁ ଦିନକୁ ଦିନ ଗ୍ରାହକଙ୍କ ବଢୁଥିବା ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ଲାଲ୍‌ଚାନ୍ଦ୍ ପ୍ରଥମ ଥର ପାଇଁ ଓଡ଼ିଶାରେ ଏହି ଏକ୍ସକ୍ଲୁସିଭ୍ ୱାଚ୍ ଷ୍ଟୋର୍ 'ଲାଲ୍‌ଚାନ୍ଦ୍ ୱାଚେସ୍'ର ପ୍ରତିଷ୍ଠା କରିଛି ଏବଂ ଦୀର୍ଘ ଦିନ ଧରି ଶୀର୍ଷ ଅନ୍ତର୍ଜାତୀୟ ବ୍ରାଣ୍ଡ୍ ନିର୍ମାତାଙ୍କ ସର୍ବୋତ୍ତମ କାରିଗରୀକୁ ଓଡ଼ିଶାରେ ପହଞ୍ଚାଇବାର ଆମର ପ୍ରୟାସ ସଫଳ ହୋଇଛି। ଏହି ନୂତନ ଘଣ୍ଟା ଶୋ' ରୁମ୍ ଓଡ଼ିଶାରେ ଘଣ୍ଟା ପ୍ରେମୀମାନଙ୍କର ନୂଆ ଠିକଣା ପାଲଟିବ।"

ସଞ୍ଜୟ ହଂସ
ଫାଉଣ୍ଡର୍ ଚେୟାରମ୍ୟାନ୍,
ଲାଲ୍‌ଚାନ୍ଦ୍ ଗ୍ରୁପ୍

'ଲାଲ୍‌ଚାନ୍ଦ୍ ୱାଚେସ୍'ରେ ଚିତ୍ତାକର୍ଷକ ଇଣ୍ଟେରିଅର୍ ଡିଜାଇନ୍ ସହ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ସ୍ୱତନ୍ତ୍ର ତାଲିମ୍ ନେଇଥିବା କର୍ମଚାରୀ ଗ୍ରାହକମାନଙ୍କୁ ଉତ୍ତମ ସର୍ଭିସ ଅନୁଭୂତି ପ୍ରଦାନ କରିବେ। ତା'ଛଡ଼ା ଏଠାରେ ସ୍ୱତନ୍ତ୍ର ଭିଆଇପି ଲାଉଞ୍ଜ୍ର ମଧ୍ୟ ବ୍ୟବସ୍ଥା ଅଛି। ଉଦ୍‌ଘାଟନ ଅବସରରେ ମନୋନୀତ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ୨୦% ରିହାତି ରଖାଯାଇଛି। ଏହି ଅଫର୍ ସୀମିତ ସମୟ ପର୍ଯ୍ୟନ୍ତ ଉପଲବ୍ଧ।




RADO SWITZERLAND | TISSOT | CITIZEN | LONGINES | G-SHOCK | TAGHeuer
EMPORIO ARMANI | FOSSIL | EDIFICE | SEIKO | SCUDERIA FERRARI | Calvin Klein

JEWELLERS SINCE 1988

## ଛାତ୍ରାବାସରେ ଅଗ୍ନିକାଣ୍ଡ; ୧୪ ମୃତ

**ବାଗଦାଦ, ୯।୧୨ (ଏଜେନ୍ସି):** ଇରାକର ଏରବିଲ ନିକଟରେ ଥିବା ସୋରେନ ସହର ସ୍ଥିତ ଏକ ବିଶ୍ୱବିଦ୍ୟାଳୟର ଛାତ୍ରାବାସରେ ଶୁକ୍ରବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି। ୧୮ ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ରାତି ସୁଦ୍ଧା ନିଆଁକୁ ନିୟନ୍ତ୍ରଣ କରାଯାଇଛି। ମାମଲାର ଯାଞ୍ଚ ଜାରି ରହିଛି।

## ୧୦୦ କୋଟିର ସାମଗ୍ରୀ ଜଳିଗଲା

**ଚେନ୍ନଇ, ୯।୧୨ (ଏଜେନ୍ସି):** ଚେନ୍ନଇର ଏକ ସାବୁନ ପାଉଡର ଗୋଦାମରେ ନିଆଁ ଲାଗି ଯାଇଛି। ଏଥିରେ ୧୦୦ କୋଟି ଟଙ୍କାର ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ଗୋଦାମ ଆଖପାଖରେ ଅନେକ ଆଖୁ କ୍ଷେତ ରହିଛି। ଇଣ୍ଡିଆନ ଅଏଲ କମ୍ପାନୀର ଏକ ଗ୍ୟାସ୍ ସିଲିଣ୍ଡର କାରଖାନା ମଧ୍ୟ ରହିଛି। ଏଭଳି ସ୍ଥିତିରେ ନିଆଁ ବ୍ୟାପିଯିବ ବୋଲି ଭୟ ରହିଛି। ନିଆଁ ଲିଭାଇବା କାର୍ଯ୍ୟରେ ୫ ଘଣ୍ଟା ହେଲା ୫ ଦମକଳ ଗାଡ଼ି ଲାଗିଛି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ପୁଲିସ ମାମଲାର ତଦନ୍ତ କରୁଛି।

## ଏନ୍ଆଇଏ ଚଢ଼ଉ: ୧୫ ଗିରଫ

**ନୂଆଦିଲ୍ଲୀ, ୯ ।୧୨(ଏଜେନ୍ସି):** ଆତଙ୍କ ଷଡଯନ୍ତ୍ର ମାମଲାରେ ରାଷ୍ଟ୍ରୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଶନିବାର ବଡ଼ ଧରଣର ଚଢାଉ କରିଛି। ଇସଲାମିକ ଷ୍ଟେଟ ଅଫ୍ ଇରାକ ଓ ସିରିଆ (ଆଇଏସ୍ଆଇଏସ୍) ର ଷଡଯନ୍ତ୍ର ମାମଲାରେ ଏନ୍ଆଇଏ ମହାରାଷ୍ଟ୍ର ଓ କର୍ଣ୍ଣାଟକର ୪୪ଟି ସ୍ଥାନରେ ଚଢାଉ କରି ୧୫ଜଣଙ୍କୁ ଗିରଫ କରିଛି। ଏନ୍ଆଇଏ କର୍ଣ୍ଣାଟକର ଗୋଟିଏ, ପୁଣେର ଦୁଇଟି, ଥାଣେ ଗ୍ରାମୀଣରେ ୩୧, ଥାଣେ ସହରରେ ୯ , ଭୟନ୍ଦରରେ ଗୋଟିଏ ସ୍ଥାନ ଉପରେ ଚଢାଉ କରିଥିଲା। ଏନ୍ଆଇଏ ମହାରାଷ୍ଟ୍ର ଓ କର୍ଣ୍ଣାଟକ ପୁଲିସ ସହ ମିଳିତ ଭାବେ ବିଳମ୍ବିତ ରାତିରେ ଏହି ଚଢାଉ କରିଥିଲା। ମହାରାଷ୍ଟ୍ରରେ ତଥାକଥିତ ମଡ୍ୟୁଲକୁ ନେଇ ଏନ୍ଆଇଏ ଚଳିତ ବର୍ଷ ମାମଲା ରୁଜୁ କରିଥିଲା। ଜୁଲାଇରେ ଏଥିରେ ଜଡିତ ଏକାଧିକ ଲୋକଙ୍କୁ ଏନ୍ଆଇଏ ଗିରଫ କରିଥିଲା। କେବଳ ଥାଣେ ସହରରେ ୧୪ଜଣଙ୍କୁ ଗିରଫ କରାଯାଇଥିଲା। ଦେଶରେ ଆଇଏସ୍ଆଇଏସ୍‌ରେ ନେଟୱର୍କ ବିସ୍ତାର ହେବାରେ ଲାଗିଛି ବୋଲି ଏନ୍ଆଇଏ ହୃଦୟଙ୍ଗମ କରିଛି। ଗତମାସ ଏନ୍ଆଇଏ ଆଇଏସ୍ଆଇଏସ୍‌ର ବଡ଼ ଆତଙ୍କବାଦ କାର୍ଯ୍ୟକଳାପ ଯୋଜନାର ପର୍ଦାଫାସ କରିଥିଲା। ଆତଙ୍କବାଦୀମାନେ ଦୋଷ ସ୍ୱୀକାର କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଥିଲେ। ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ଗିରଫ ହୋଇଥିବା କେତେଜଣ ବ୍ୟକ୍ତି ଅର୍ଥ ଏକାଠି କରୁଥିଲେ ବୋଲି ଏନଆଇଏ ତରଫରୁ କୁହାଯାଇଛି।

■ ଅକ୍‌ବରଉଦ୍ଦିନ ତେଲଙ୍ଗାନା କାମଚଳା ବାଚସ୍ପତି

## ଶପଥ ନେଲେନି ବିଜେପି ବିଧାୟକ

**ହାଇଦରାବାଦ, ୯।୧୨ (ଏଜେନ୍ସି):** ନୂଆ ସରକାର ଗଠନ ହେବା ପରେ ତେଲଙ୍ଗାନାରେ ନୂଆ ବିବାଦ ସୃଷ୍ଟି ହୋଇଛି। ତେଲଙ୍ଗାନାର କଂଗ୍ରେସ ସରକାର ଏଆଇଏମଆଇଏମ ନେତା ଅକବରଉଦ୍ଦିନ ଓୱେସିଙ୍କୁ କାମଚଳା ବାଚସ୍ପତି ନିଯୁକ୍ତ କରିଛନ୍ତି। ଏହାକୁ ବିଜେପି ତୀବ୍ର ବିରୋଧ କରିଛି। ଏଥିପାଇଁ ବିଜେପିର ୮ ବିଧାୟକ ବିଧାନସଭାରେ ଶପଥ ନେବାକୁ ମନା କରିଦେଇଛନ୍ତି। ଏମାନେ ରାଜ୍ୟପାଳ ତମିଲିସାଇ ସୁନ୍ଦରରାଜନଙ୍କୁ ଭେଟି ଓୱେସିଙ୍କ ନିଯୁକ୍ତିକୁ ବିରୋଧ କରିଛନ୍ତି। ବେଆଇନ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହି ମାମଲାରେ ତେଲଙ୍ଗାନା ବିଜେପିର ସାଧାରଣ ସମ୍ପାଦକ ଗୁଜୁଲା ପ୍ରେମେନ୍ଦ୍ର ରେଡ୍ଡୀ କହିଥିଲେ ଯେ ବରିଷ୍ଠ ବିଧାୟକଙ୍କ ଅଣଦେଖା କରି ଓୱେସିଙ୍କୁ ପଦରେ ବସା ଯାଇଛି। କଂଗ୍ରେସ ମିଛ କହି ଚାଲିଛି। ଏହି ଦଳ ପରମ୍ପରାକୁ ପାଳନ କରୁନାହିଁ। ନିଜର ରାଜନୈତିକ ଇଚ୍ଛାକୁ ପୂରଣ କରିବା ପାଇଁ ଏହି ନିଯୁକ୍ତି ଦିଆଯାଇଛି। ବିଜେପି ବିଧାୟକ ଟି ରାଜା ସିଂହ କହିଛନ୍ତି ଯେ ଆଜି ଶପଥ ନେବା ସମୟରେ ଉପସ୍ଥିତ ରହିବା ପାଇଁ ସରକାର ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ସେ ବଞ୍ଚିଥିବା ପର୍ଯ୍ୟନ୍ତ ଏଆଇଏମଆଇଏମ ସାମ୍ନାରେ ଶପଥ ନେବେ ନାହିଁ। ସଂଖ୍ୟାଲଘୁଙ୍କୁ ଖୁସି କରିବା ପାଇଁ ସରକାର ବଡ଼ ଭୁଲ୍ କରିଛନ୍ତି। ଏହି ଦଳ ବିଆରଏସ ମାର୍ଗରେ ଚାଲିବା ଆରମ୍ଭ କରିଦେଇଛି।

## କର୍ଣ୍ଣି ସେନା ଅଧ୍ୟକ୍ଷଙ୍କ ହତ୍ୟା ମାମଲାରେ ପ୍ରଥମ ଗିରଫ

**ଜୟପୁର, ୯।୧୨ (ଏଜେନ୍ସି):** ଶ୍ରୀ ରାଷ୍ଟ୍ରୀୟ ରାଜପୁତ କର୍ଣ୍ଣି ସେନା ଅଧ୍ୟକ୍ଷ ସୁଖଦେବ ସିଂହ ଗୋଗାମେଡିଙ୍କ ହତ୍ୟା ମାମଲାରେ ପ୍ରଥମ ଗିରଫ କରାଯାଇଛି। ଷଡ଼ଯନ୍ତ୍ରରେ ସାମିଲ ରାମବୀର (୨୩)କୁ ଜୟପୁର ପୁଲିସ ତା ଗାଁରୁ ଗିରଫ କରିଛି। ସେ ହରିୟାଣା ସତନାଲି ଅନ୍ତର୍ଗତ ସୁରେତି ପିଲାନିୟାଁ ଗ୍ରାମର ବାସିନ୍ଦା। ସେ ସୁଟର ନିତିନ ଫୌଜୀର ବନ୍ଧୁ। ଏହି ହତ୍ୟା ପାଇଁ ଜୟପୁରରେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ୫ ତାରିଖରେ ଗୋଗିମେଡିଙ୍କୁ ତାଙ୍କ ଘରେ ଗୁଳି କରି ହତ୍ୟା କରାଯାଇଥିଲା।

ଦଳ ବିରୋଧୀ କାର୍ଯ୍ୟ

## ଦାନିଶ ଅଲ୍ଲୀଙ୍କୁ ବହିଷ୍କାର କଲା ବିଏସ୍‌ପି



**ଲକ୍ଷ୍ନୌ, ୯।୧୨ (ଏଜେନ୍ସି):** ଜାତୀୟସ୍ତରୀୟ ବୈଠକର ଦିନକ ପୂର୍ବରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଶନିବାର ଅମରୋହା ସାଂସଦ ଦାନିଶ ଅଲ୍ଲୀଙ୍କୁ ଦଳରୁ ବାହାର କରିଦିଆଯାଇଛି। ତାଙ୍କର ଦଳୀୟ ସଦସ୍ୟତାକୁ ତତ୍କାଳ ପ୍ରଭାବରେ ନିଲମ୍ବିତ କରାଯାଇଛି। ଏହା ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ସମାନ କାରଣ ପାଇଁ ବିଏସ୍‌ପି ଇମ୍ରାନ ମାସୁଦଙ୍କୁ ଦଳରୁ ବାହାର କରିଦେଇଥିଲା। ଅଲ୍ଲୀଙ୍କ ବହିଷ୍କାରକୁ ନେଇ ବିଏସ୍‌ପିର ଜାତୀୟ ସଚିବ ସତୀଶ ଚନ୍ଦ୍ର ମିଶ୍ରାକହିଛନ୍ତି ଯେ ଦଳୀୟ ନୀତି, ବିଚାରଧାରା ଏବଂ ଅନୁଶାସନ ବିରୋଧରେ ନ କହିବା ପାଇଁ ତାଙ୍କୁ ଅନେକ ଥର ଚେତାବନୀ ଦିଆଯାଇଥିଲା। ଏହା ସତ୍ତ୍ୱେ ସେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଥିଲେ। ତେଣୁ ଏହି ପଦକ୍ଷେପ ନିଆଯାଇଛି। ଏହା ଉପରେ ଅଲ୍ଲୀ କହିଛନ୍ତି ଯେ ସେ କୌଣସି ଦଳ ବିରୋଧୀ କାର୍ଯ୍ୟ କରିନାହାନ୍ତି। ସେପ୍ଟେମ୍ବରରେ ବିଜେପି ସାଂସଦ ରମେଶ ବିଧୁଡ଼ିଙ୍କ ଯୋଗୁଁ ସଂସଦର ସମ୍ମାନ ଚାଲି ଯାଇଥିଲା। ଆଉ ଆଜି ଗାନ୍ଧୀ ଏବଂ ଡ. ଭୀମରାଓ ଆମ୍ବେଦକର କାନ୍ଦୁଛନ୍ତି। ସୂଚନାଯୋଗ୍ୟ ଯେ ବିଧୁଡ଼ି ସଂସଦରେ ଅଲ୍ଲୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହା ପରେ ଅଲ୍ଲୀ

ନକ୍ସଲଙ୍କ ବର୍ବର କାଣ୍ଡ

## ବିଜେପି ନେତାଙ୍କ ତଣ୍ଟି କାଟି ହତ୍ୟା



**ଜଗଦଲପୁର, ୯।୧୨ (ଏଜେନ୍ସି):** ଛତିଶଗଡ଼ ନାରାୟଣପୁର ଜିଲ୍ଲାର ଛୋଟେଡୋଙ୍ଗର ଗ୍ରାମରେ ନକ୍ସଲ ବର୍ବରକାଣ୍ଡ ଘଟାଇଛନ୍ତି। ଏଠାରେ ଜଣେ ବିଜେପି ନେତା କୋମଲ ମାନ୍‌ଝୀଙ୍କୁ ମାଓବାଦୀ ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ଶନିବାର ସକାଳ ୧୦ରୁ ୧୧ଟା ଭିତରେ ଶୀତଳ ମାତାଙ୍କ ମନ୍ଦିରରୁ ଫେରିବା ସମୟରେ ସାଧାରଣ ବେଶଭୂଷାରେ ଥିବା ୪କୁ ୫ ନକ୍ସଲ ତାଙ୍କୁ ଧରି ନେଇଥିଲେ। ପରେ ଜଙ୍ଗଲକୁ ନେଇ କୁରାଢ଼ୀରେ ତଣ୍ଟି କାଟି ହତ୍ୟା କରିଥିଲେ। ପରେ ମୃତଦେହକୁ ଗ୍ରାମ ନିକଟରେ ଫୋପାଡ଼ି ଚାଲି ଯାଇଥିଲେ। ପୁଲିସ ଘଟଣାସ୍ଥଳରୁ ନକ୍ସଲଙ୍କ ଚିଠି ଜବତ କରିଛି। ଏଥିରେ କୁହାଯାଇଛି ଯେ ମାନ୍‌ଝୀ ଅମଦାଇ ଖଣି ପାଇଁ ଦଲାଲ କାମ କରୁଥିଲେ। ଏହା ପୂର୍ବରୁ ତାଙ୍କୁ ଚେତାବନୀ ଦିଆଯାଇଥିଲା। ସେ ନ ମାନିବାରୁ ମୃତ୍ୟୁଦଣ୍ଡ ଦିଆଗଲା। ସୂଚନାଯୋଗ୍ୟ ଯେ ରାଜ୍ୟରେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ନକ୍ସଲ ୮ ନେତାଙ୍କୁ ହତ୍ୟା କଲେଣି। ଏହା ପୂର୍ବରୁ ବିଜେପିର ଜିଲ୍ଲା ଉପାଧ୍ୟକ୍ଷ ସାଗର ସାହୁଙ୍କୁ ନକ୍ସଲ ହତ୍ୟା କରିଥିଲେ। ଏଏସ୍‌ପି ହେମସାଗର ସିଦାର କହିଛନ୍ତି ଯେ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ମାନ୍‌ଝୀଙ୍କୁ ସୁରକ୍ଷା ଏବଂ ସୁରକ୍ଷିତ ଘର ଦିଆଯାଇଥିଲା। କିନ୍ତୁ ସେ ଏହାକୁ ପ୍ରତ୍ୟାକ୍ଷାନ କରିଦେଇଥିଲେ।

ଦେଶରେ ବଢ଼ି ଚାଲିଛି ଦୁର୍ନୀତି

# ମହାରାଷ୍ଟ୍ର, ରାଜସ୍ଥାନ, କର୍ଣ୍ଣାଟକ ଶୀର୍ଷରେ

**ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି)**

ଭାରତରେ ଦୁର୍ନୀତି ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଦୁର୍ନୀତି ନିରୋଧୀ ବ୍ୟବସ୍ଥା ସତ୍ତ୍ୱେ ଦୁର୍ନୀତିଖୋରଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ପାରୁନାହିଁ। ଦୁର୍ନୀତି ମହାଦ୍ରୁମରେ ପରିଣତ ହେବାରେ ଲାଗିଛି। ୨୦୨୧ ତୁଳନାରେ ୨୦୨୨ରେ ଦୁର୍ନୀତି ମାମଲା ୧୧ ପ୍ରତିଶତ ବୃଦ୍ଧି ପାଇଛି। ଦେଶରେ ପ୍ରତ୍ୟେକ ଦିନ ହାରାହାରି ୧୧ଟି ଦୁର୍ନୀତି ମାମଲା ରୁଜୁ ହେଉଛି। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ର ନୂଆ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ୨୦୨୧ରେ ୩,୭୪୫ ମାମଲା ସାମ୍ନାକୁ ଆସିଥିଲା। ୨୦୨୨ରେ ଏହା ୪,୧୩୯ରେ ପହଞ୍ଚି ଯାଇଥିଲା।

ଦୁର୍ନୀତିଗ୍ରସ୍ତ ରାଜ୍ୟ ତାଲିକାରେ ମହାରାଷ୍ଟ୍ର ଶୀର୍ଷରେ ରହିଛି। ସେହିପରି ରାଜସ୍ଥାନ ଦ୍ୱିତୀୟ ଏବଂ କର୍ଣ୍ଣାଟକ ତୃତୀୟ ସ୍ଥାନରେ ଅଛି। ୨୦୨୦ ଏବଂ ୨୦୨୧ରେ ମଧ୍ୟ ଏହି ରାଜ୍ୟ ଶୀର୍ଷରେ ରହିଥିଲେ। ଭୂ-ରାଜସ୍ୱ, ପଞ୍ଜିକରଣ ସମ୍ବନ୍ଧିତ ମାମଲାରେ ସର୍ବାଧିକ



**ଦିନକୁ ରୁଜୁ ହେଉଛି ୧୧ ମାମଲା**

**ଭୂ-ରାଜସ୍ୱ, ପଞ୍ଜିକରଣ ମାମଲାରେ ସର୍ବାଧିକ ଲାଞ୍ଚ**

**ଦ୍ୱିତୀୟ ସ୍ଥାନରେ ପୁଲିସ; ତୃତୀୟରେ ପୌର ନିଗମ**

**ମାମଲାରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୮.୨ ପ୍ରତିଶତ**

ଲାଞ୍ଚ କାରବାର ହେଉଛି। ଏହା ପଛକୁ ପୁଲିସ ବିଭାଗ ଦ୍ୱିତୀୟ ଏବଂ ପୌର ନିଗମ ତୃତୀୟ ସ୍ଥାନରେ ରହିଛି। ଏହି ସବୁ ସ୍ଥାନରେ ଲୋକଙ୍କୁ ଅଧିକ ଲାଞ୍ଚ ଦେବାକୁ ପଡୁଛି। ୭୧ ପ୍ରତିଶତ ଲୋକ ଲାଞ୍ଚରେ ଉପହାର ଏବଂ ଟଙ୍କା ଦେଉଛନ୍ତି। ଟ୍ରାନ୍ସପ୍ୟାରେନ୍ସି ଇଣ୍ଟରନ୍ୟାସନାଲର 'ଦୁର୍ନୀତି ସୂଚକାଙ୍କ ୨୦୨୨'ରେ ଭାରତ ବିଶ୍ୱରେ ୮୫ତମ ସ୍ଥାନରେ ରହିଛି। ରିପୋର୍ଟ ଅନୁଯାୟୀ ମହାରାଷ୍ଟ୍ରରେ ଦୁର୍ନୀତିଗ୍ରସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପ୍ରାୟ ଶୂନ ରହିଛି। ୯୨ ପ୍ରତିଶତ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରଯାଇପାରୁ ନାହିଁ। ସେହିପରି କର୍ଣ୍ଣାଟକରେ ୬୩ ପ୍ରତିଶତ ଅଭିଯୁକ୍ତ ଖସି ଯାଉଛନ୍ତି। ରାଜସ୍ଥାନ ସ୍ଥିତି ସାମାନ୍ୟ ଭଲ ରହିଛି। ଏହି ରାଜ୍ୟରେ ୫୧.୨ ପ୍ରତିଶତ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଉଛି। ମାତ୍ର ଦେଶରେ ୬୦ ପ୍ରତିଶତ ଦୁର୍ନୀତି ମାଲାରେ ଦୋଷ ଧାର୍ଯ୍ୟ କରାଯାଇପାରୁ ନାହିଁ।

ଦୁର୍ନୀତିରେ ଭୂମି ବିବାଦର ୨୬ ପ୍ରତିଶତ, ପୁଲିସ ମାମଲାରେ ୧୯ ପ୍ରତିଶତ, ପୌର ନିଗମ ଏବଂ ପରିବହନ ବିଭାଗରେ ୧୩ ପ୍ରତିଶତ, ଟିକସ ବିଭାଗରେ ୮ ପ୍ରତିଶତ, ଜଳ ବିଭାଗରେ ୫ ପ୍ରତିଶତ, ବିଦ୍ୟୁତ ବୋର୍ଡରେ ୩ ପ୍ରତିଶତ ଏବଂ ଅନ୍ୟ ବିଭାଗରେ ୧୩ ପ୍ରତିଶତ ଅଂଶ ରହିଛି।

## ମୋଦୀ ପୁଣି ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା

**ନୂଆଦିଲ୍ଲୀ, ୯ ।୧୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣି ଥରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ବିବେଚିତ ହୋଇଛନ୍ତି। ଆମେରିକାର ଅବସ୍ଥାପିତ କନସୁଲାଟାନ୍ସି ଫାର୍ମ 'ମର୍ଣ୍ଣିଂ କନସଲ୍ଟ' ଏ ନେଇ ତଥ୍ୟ ପ୍ରଦାନ କରିଛି। ମୋଦୀ ୭୬ ପ୍ରତିଶତ ରେଟିଂ ହାସଲ କରି ତାଙ୍କ ସ୍ଥିତି ବଜାୟ ରଖିଛନ୍ତି। ଏ ନେଇ ପ୍ରକାଶିତ ତାଲିକାରେ ମେକ୍ସିକୋ ରାଷ୍ଟ୍ରପତି ଆନ୍ଦ୍ରେସ ମାନୁଏଲ ଲୋପେଜ ଓବ୍ରାଡର ୬୬ ପ୍ରତିଶତ ରେଟିଂ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ସୁଇଜରଲାଣ୍ଡର ରାଷ୍ଟ୍ରପତି ଆଲେନ ବେରସେଟ୍ ୫୮ ପ୍ରତିଶତ ରେଟିଂ ସହ ତୃତୀୟ, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଦା ସିଲ୍‌ଭା ଓ ଅଷ୍ଟ୍ରେଲିଆର ଆନ୍ଥୋନୀ ଆଲବାନିଜ୍ ଯଥାକ୍ରମେ ଚତୁର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ନଭେମ୍ବର ୨୫ରୁ ଡିସେମ୍ବର ୫ ତାରିଖ ମଧ୍ୟ ମିଳିଥିବା ତଥ୍ୟ ଉପରେ ଏହି ତାଲିକା ପ୍ରକାଶିତ ହୋଇଛି ବୋଲି 'ମର୍ଣ୍ଣିଂ କନସଲ୍ଟ' ତରଫରୁ କୁହାଯାଇଛି।

■ ଭାରତ ସହ ସମ୍ପର୍କ ସୁଧାରିବା ଆବଶ୍ୟକ: ଶରିଫ୍

## 'କାର୍ଗିଲ ଯୁଦ୍ଧକୁ ବିରୋଧ କରିବାରୁ ପଦ ହରାଇଲି'



**କରାଚୀ, ୯ ।୧୨(ଏଜେନ୍ସି):** ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ନବାଜ ଶରିଫ୍‌ଙ୍କ ଭାରତ ପ୍ରେମ ପୁଣିଥରେ ଦେଖିବାକୁ ମିଳିଛି। ପଡୋସୀ ଦେଶ ଭାରତ ସହ ସମ୍ପର୍କରେ ଉନ୍ନତି ଆଣିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ୧୯୯୯ରେ ହୋଇଥିବା କାରଗିଲ ଯୁଦ୍ଧର ଯୋଜନାକୁ ବିରୋଧ କରିବାରୁ ତାଙ୍କୁ ଗାଦିଚ୍ୟୁତ କରାଯାଇଥିଲା ବୋଲି ସେ କହିଛନ୍ତି। କାରଗିଲ ଆକ୍ରମଣ କରିବାକୁ ସେତେବେଳର ସେନାମୁଖ୍ୟ ପରଭେଜ ମୁଶାରଫ ରଣନୀତି ବନାଇଥିଲେ। ଏହାକୁ ବିରୋଧ କରିଥିଲି। ଫଳରେ ସେ ମୋତେ ପ୍ରଧାନମନ୍ତ୍ରୀ ପଦରୁ ହଟାଇ ଦେଇଥିଲେ। ପରେ କିନ୍ତୁ ମୋ କଥା ଠିକ୍ ସାବ୍ୟସ୍ତ ହୋଇଥିଲା। ଆମ ସରକାର ସବୁ କ୍ଷେତ୍ରରେ କାର୍ଯ୍ୟ କରିଛି। ମୋର କାର୍ଯ୍ୟକାଳ ମଧ୍ୟରେ ଭାରତ ଦୁଇଜଣ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଓ ନରେନ୍ଦ୍ର ମୋଦୀ ଭାରତ ଆସିଥିଲେ। ଭାରତ ସହିତ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଥିଲା ବୋଲି ସେ କହିଛନ୍ତି।

**ଇମ୍ରାନଙ୍କ କମ୍ ଅଭିଜ୍ଞତା ପାଇଁ ମୂଲ୍ୟ ଦେବାକୁ ହେଲା**

ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କର ଅଭିଜ୍ଞତା କମ୍ ରହିଛି ବୋଲି ଶରିଫ କହିଛନ୍ତି। ତାଙ୍କ କାର୍ଯ୍ୟକାଳରେ ପାକିସ୍ତାନର ଅର୍ଥନୀତି ଏକପ୍ରକାର ଭୁସୁଡି ପଡ଼ିଥିଲା। ୨୦୨୨ ଏପ୍ରିଲରେ ଶାହାବାଜ ସରିଫ୍ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଦେଶ କାଙ୍ଗାଳ ହେବାରୁ ବର୍ତ୍ତିଯାଇଥିଲା। ଇମ୍ରାନଙ୍କ କମ୍ ଅଭିଜ୍ଞତା ପାଇଁ ମୂଲ୍ୟ ଦେବାକୁ ହୋଇଥିଲା ବୋଲି ସେ କହିଛନ୍ତି। ଭାରତ ସମେତ ଆଫଗାନିସ୍ତାନ ଓ ଇରାନ ସହିତ ଆମର କୁଟନୈତିକ ସମ୍ପର୍କରେ ଉନ୍ନତି ହେବା ନିହାତି ଆବଶ୍ୟକ। ଆମ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଇଥିଲା। ଦେଶର ଦୁରାବସ୍ଥା କରିଥିବା ଲୋକମାନେ ଜବାବ ଦେବା ଉଚିତ। ଦାମୀ କାରରେ ବୁଲିବାକୁ ଆମେ ଶାସନକୁ ଆସିବାକୁ ଚାହୁଁନାହୁଁ। ଉଲ୍ଲେଖଥାଉ କି, ବ୍ରିଟେନରେ ୪ ବର୍ଷ ରହିବା ପରେ ଶରିଫ୍ ପାକିସ୍ତାନ ଫେରିଥିଲେ। ଦୁର୍ନୀତି ଓ ଭ୍ରଷ୍ଟାଚାର ମାମଲାରେ ୨୦୧୮ରେ କୋର୍ଟ ଶରିଫଙ୍କୁ ୭ ବର୍ଷର କରାଦାଣ୍ଡାଦେଶ ଶୁଣାଇଥିଲା। ୨୦୧୯ରେ ଲାହୋର ହାଇକୋର୍ଟ ତାଙ୍କୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ଦେଇଥିଲେ। ସେ ୩ଥର ପାକିସ୍ତାନର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି।

ବିକଶିତ ଭାରତ ସଂକଳ୍ପ ଯାତ୍ରା ହିତାଧିକାରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

## ମହିଳା ଗୋଟିଏ ଜାତିର

**ନୂଆଦିଲ୍ଲୀ, ୯ ।୧୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ବିକଶିତ ଭାରତ ସଂକଳ୍ପ ଯାତ୍ରାର ହିତାଧିକାରୀମାନଙ୍କ ସହ କଥା ହୋଇଛନ୍ତି। ସେ ଦିଲ୍ଲୀରୁ ଏକାଧିକ ରାଜ୍ୟର ହିତାଧିକାରୀଙ୍କ ସହ ଭିଡିଓ କନଫେରେନସିଂ ମାଧ୍ୟମରେ କଥା ହୋଇ ସେମାନଙ୍କ ବହୁମୂଲ୍ୟ ଅଭିଜ୍ଞତା ସମ୍ପର୍କରେ ଜାଣିବାକୁ ପ୍ରୟାସ କରିଥିଲେ ଓ ଧୈର୍ଯ୍ୟର ସହ ସେମାନଙ୍କ କଥା ଶୁଣିଥିଲେ। ମହିଳାମାନଙ୍କ ସହ କଥା



ହୋଇ ସେମାନଙ୍କୁ ଜାତି ବିଶେଷରେ ଭିନ୍ନ ନ ହେବାକୁ ପରାମର୍ଶ ଦେଇଥିଲେ। ସବୁ ମହିଳା ହେଉଛନ୍ତି ଗୋଟିଏ ଜାତିର। ଏହି ଜାତିର ନାମ ହେଉଛି ମହିଳା। ଦେଶରେ କିଛି ଲୋକ ଆପଣମାନଙ୍କୁ ଜାତି ଭିତ୍ତିରେ ଅଲଗା ହେବାକୁ ଷଡଯନ୍ତ୍ର କରୁଛନ୍ତି। ତେଣୁ ଆପଣମାନେ ସେମାନଙ୍କୁ ପ୍ରତି ସତର୍କ ରହିବେ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ଯୁବକମାନଙ୍କ ସହ କଥା ହେବାବେଳେ ମଜବୁତ ଇଚ୍ଛାଶକ୍ତିକୁ ଗୁରୁତ୍ୱ ଦେଇଥିଲେ। ଦୃଢ ଇଚ୍ଛାଶକ୍ତି ବଳରେ ସବୁକିଛି କରିହେବ ବୋଲି ସେ କହିଥିଲେ। ଏବେ ଯୁବକ ସହର ଯିବା ବଦଳରେ ଗାଁକୁ ଫେରୁଛନ୍ତି। ମୋଦୀଙ୍କ ଗ୍ୟାରେଣ୍ଟିର ଗାଡି ଏବେ ଗାଁ ଗାଁ ଗଳି ଗଳି ବୁଲୁଛି। କୋଟି କୋଟି ପରିବାରକୁ ଆମ ଯୋଜନାର ସୁଫଳ ମିଳୁଛି। ଏହି ଲାଭ ମିଳିବା ପରେ ଲୋକ ମନରେ ଆମପ୍ରତି ବିଶ୍ୱାସ ବଢ଼ିଛି। ଉଜ୍ଜ୍ୱଳା ଯୋଜନାର ସୁଫଳ କୋଟି କୋଟି ଲୋକଙ୍କ ପାଖରେ ପହଞ୍ଚିଛି। ଆପଣମାନଙ୍କ ସମସ୍ୟା ଜାଣିଛି ଓ ତାହର ସମାଧାନ କରିବାକୁ ଆମେ ସବୁବେଳେ ପ୍ରୟାସରତ ରହିଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଫାଷ୍ଟ ଟ୍ରାକ କୋର୍ଟର ମନ୍ଥର ଗତି

# ପଡ଼ି ରହିଛି ୨.୪୩ ଲକ୍ଷ ପୋକ୍ସୋ ମାମଲା

**ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି)**

ଦେଶର କୋର୍ଟ ଗୁଡିକରେ ମାମଲାର ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ତ୍ୱରିତ ଦଣ୍ଡବିଧାନ ପାଇଁ ଫାଷ୍ଟ ଟ୍ରାକ

**ମାତ୍ର ୩% ମାମଲାରେ ମିଳିଛି ଦଣ୍ଡ**

**ବର୍ଷକୁ ମାତ୍ର ୨୮ ମାମଲାର ରାୟ ଆସୁଛି**

**ମାମଲା ସମାଧାନ ଲାଗି ୯ ବର୍ଷ ଲାଗିବ**





କୋର୍ଟ ଗଠନ କରାଯାଇଛି। ତେବେ ଏହି କୋର୍ଟ ଦିନକୁ ଦିନ ନିଜ ଲକ୍ଷ୍ୟରୁ ଦୂରେଇ ଯାଉଥିବା ଦେଖିବାକୁ ମିଳିଛି। ଏବେ ଦେଶର ଫାଷ୍ଟ ଟ୍ରାକ କୋର୍ଟଗୁଡିକରେ ୨ ଲକ୍ଷ ୪୩ ହଜାର ପୋକ୍ସୋ ମାମଲା ପଡ଼ି ରହିଛି। ୨୦୨୨ରେ ମାତ୍ର ୩ ପ୍ରତିଶତ ମାମଲାରେ ଦଣ୍ଡ ଦିଆଯାଇଛି। ଯଦି କୌଣସି ନୂଆ ମାମଲା ଆଗତ ନ ହୁଏ ତେବେ ଏହି ଗତିରେ ପଡ଼ି ରହିଥିବା ମାମଲାର ସମାଧାନ ଲାଗି ୯ ବର୍ଷ ଲାଗିବ। ସେହିପରି ଅରୁଣାଚଳ ପ୍ରଦେଶରେ ୩୦ ବର୍ଷ, ଦିଲ୍ଲୀରେ ୨୭ ବର୍ଷ, ବିହାରରେ ୨୬ ବର୍ଷ, ପଶ୍ଚିମବଙ୍ଗରେ ୨୫ ବର୍ଷ, ଉତ୍ତରପ୍ରଦେଶରେ ୨୨ ବର୍ଷ ଏବଂ ମେଘାଳୟରେ ୨୧ ବର୍ଷ ଲାଗିବ। ଇଣ୍ଡିଆନ ଚାଇଲ୍ଡ ପ୍ରୋଟେକ୍ସନ ଫଣ୍ଡ (ଆଇସିପିଏଫ୍) ପକ୍ଷରୁ ଜାରି ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏଥିରେ ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ଫାଷ୍ଟ ଟ୍ରାକ କୋର୍ଟରେ ପଡ଼ ରହିଥିବା ମାମଲା ଉପରେ ଗବେଷଣା କରାଯାଇଥିଲା। ଏହି ରିପୋର୍ଟରେ ଆଇନ ମନ୍ତ୍ରାଳୟ, ମହିଳା ଏବଂ ବାଳ ବିକାଶ ମନ୍ତ୍ରାଳୟ ଏବଂ ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ର ତଥ୍ୟ ବ୍ୟବହାର କରାଯାଇଥିଲା। ରିପୋର୍ଟରେ କୁହାଯାଇଛି ଯେ ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ୨, ୬୮,୦୩୮ ମାମଲା ପଞ୍ଜିକୃତ ହୋଇଥିଲା। ଏଥିରୁ ମାତ୍ର ୮, ୯୦୯ ମାମଲାରେ ଦଣ୍ଡ ମିଳିଛି।

କେନ୍ଦ୍ର ସରକାର ୨୦୧୯ରେ ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟ ଯୋଜନାକୁ ଆଗକୁ ବଢ଼ାଇ ଥିଲେ। ଏହା ମାଧ୍ୟମରେ ବର୍ଷେ ଭିତରେ ପୋକ୍ସୋ ମାମଲାର ସମାଧାନ ଲାଗି ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ୧୯୦୦ କୋଟି ଟଙ୍କାର ବଜେଟ ପାସ୍ କରାଯାଇଥିଲା। ରିପୋର୍ଟରୁ ଜଣାପଡ଼ିଛି ଯେ ଫାଷ୍ଟ ଟ୍ରାକ କୋର୍ଟଙ୍କୁ ପ୍ରତି ୪ ମାସରେ ୪୧ରୁ ୪୨ ଏବଂ ବର୍ଷକୁ ୧୬୫ ମାମଲାର ଫଇସଲା କରିବାର ଥିଲା। କିନ୍ତୁ ଏବେ ବର୍ଷକୁ ମାତ୍ର ୨୮ ମାମଲାର ସମାଧାନ ହେଉଛି। ଏହାର ପ୍ରଭାବ ନ୍ୟାୟ ଏବଂ ପୀଡ଼ିତଙ୍କ ଉପରେ ପଡୁଛି।

ଏନ୍‌ସିଆରବି ରିପୋର୍ଟ

## ଶିଶୁବିରୋଧୀ ସାଇବର ଅପରାଧ ୩୨% ବୃଦ୍ଧି

**ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି)**

ଶିଶୁଙ୍କ ବିରୋଧରେ ସାଇବର ଅପରାଧ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ୨୦୨୨ରେ ଶିଶୁଙ୍କ ବିରୋଧରେ ୧,୮୨୩ ସାଇବର ମାମଲା ରୁଜୁ କରାଯାଇଥିଲା। ଏହା ୨୦୨୧ ତୁଳନାରେ ୩୨ ପ୍ରତିଶତ ଅଧିକ। ସେହି ବର୍ଷ ୧,୩୭୬ ମାମଲା ରୁଜୁ ହୋଇଥିଲା। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ର ନୂଆ ରିପୋର୍ଟ ଅନୁଯାୟୀ ସାଇବର ପର୍ଣ୍ଣୋଗ୍ରାଫି, ଅଶ୍ଳୀଳ ସାମଗ୍ରୀ ଜାରି କରିବାର ୧,୧୭୧ ମାମଲା, ସାଇବର ଷ୍ଟକିଙ୍ଗ ତଥା ଧମକାଇବର ୧୫୮ଟି ଏବଂ ଅନ୍ୟାନ୍ୟ ୪୧୬ଟି ମାମଲା ରୁଜୁ କରାଯାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ କରୋନା ମହାମାରୀ ସମୟରେ ସାରା ବିଶ୍ୱର ଶିଶୁ ଅନ୍‌ଲାଇନରେ ପାଠ ପଢିବାକୁ ବାଧ ହୋଇଥିଲେ। ଏହି ସମୟରେ ଏହି ମାମଲା ବୃଦ୍ଧି ପାଇଥିଲା। ରିପୋର୍ଟ ଅନୁଯାୟୀ ଅଫ୍‌ଲାଇନ ବ୍ୟବସ୍ଥା ମଧ୍ୟ ଶିଶୁଙ୍କ ପାଇଁ ସୁରକ୍ଷିତ ନୁହେଁ। ୨୦୨୨ରେ ଶିଶୁଙ୍କ ବିରୋଧରେ ୧, ୬୨, ୬୪୯ ଅପରାଧିକ ମାମଲା ରୁଜୁ ହୋଇଥିଲା। ଅର୍ଥାତ ପ୍ରତି ଘଣ୍ଟାରେ



**ପ୍ରତି ଘଣ୍ଟାରେ ରୁଜୁ ହେଉଛି ୧୮ ମାମଲା**

ହାରହାରି ୧୮ଟି ଅପରାଧ ଘଟିଥିଲା। ଏହା ୨୦୨୧ ତୁଳନାରେ ୯ ପ୍ରତିଶତ ଅଧିକ ଥିଲା।

ରିପୋର୍ଟ ଅନୁଯାୟୀ ୨୦୨୦ରେ ଶିଶୁଙ୍କ ବିରୋଧରେ ସାଇବର ଅପରାଧ ୪୦୦ ପ୍ରତିଶତ ବୃଦ୍ଧି ପାଇଥିଲା। ଏହି ସମୟରେ ମୋଟ ୮୪୨ଟି ମାମଲା ସାମ୍ନାକୁ ଆସିଥିଲା। ଏହା ମଧ୍ୟରୁ ୯୦ ପ୍ରତିଶତ ଅର୍ଥାତ୍ ୭୩୮ ମାମଲା ଯୌନ ନିର୍ଯାତନା ସମ୍ବନ୍ଧିତ। ୫ ରାଜ୍ୟରେ ଏପରି ସର୍ବାଧିକ ମାମଲା ରୁଜୁ ହୋଇଛି। ଏହା ମଧ୍ୟରେ ମହାରାଷ୍ଟ୍ରରେ ୧୨.୮, ମଧ୍ୟପ୍ରଦେଶରେ ୧୨.୬, ଉତ୍ତରପ୍ରଦେଶରେ ୧୧.୫, ରାଜସ୍ଥାନରେ ୫.୮ ଏବଂ ପଶ୍ଚିମବଙ୍ଗରେ ୫.୫ ପ୍ରତିଶତ ମାମଲା ରୁଜୁ ହୋଇଛି। ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ଅପରାଧ ମାମଲା ଦିଲ୍ଲୀରେ ସର୍ବାଧିକ ରହିଛି। ଇଣ୍ଟରନେଟକୁ ଶିଶୁଙ୍କ ପାଇଁ ସୁରକ୍ଷିତ ଏବଂ ଅପରାଧ ଉପରେ କଡ଼ା ନଜର ରଖିବାକୁ ମଜବୁତ ଓ କଠୋର ନିୟମ ବନାଇବାର ଆବଶ୍ୟକତା ରହିଛି।

# ଭିଣ୍ଟେଜ୍ ଆଣ୍ଡ କ୍ଲାସିକ୍ କାର୍ ପ୍ରଦର୍ଶନୀକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୯ ।୧୨(ସମିସ):** ଓଡ଼ିଶାର ପ୍ରଥମ 'କନକର୍ସ ଡି' ଏଲିଗାନ୍ସ' ଭିଣ୍ଟେଜ୍ ଆଣ୍ଡ କ୍ଲାସିକ୍ କାର୍ ପ୍ରଦର୍ଶନୀ ଆରମ୍ଭ ହୋଇଛି । ସ୍ଥାନୀୟ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ପଡ଼ିଆରେ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀକୁ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ଥିଲେ । ପ୍ରଦର୍ଶିତ କାର୍‌ଗୁଡ଼ିକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ । ଏଥିରେ ଓଡ଼ିଶା ସମେତ ଦେଶର ୪ଟି ରାଜ୍ୟରୁ ଭିଣ୍ଟେଜ୍ ଓ କ୍ଲାସିକ୍ କାର୍ ପ୍ରଦର୍ଶିତ ହେଉଛି । ପାଖାପାଖି ୫୦ରୁ ଉର୍ଦ୍ଧ୍ୱ କାର୍ ଏଥିରେ ସାମିଲ ହୋଇଛି । ଏହି ଦୁଇଦିନିଆ ପ୍ରଦର୍ଶନୀ ଆସନ୍ତାକାଲି ଉଦ୍‌ଯାପିତ ହେବ । ପ୍ରଦର୍ଶିତ ହୋଇଥିବା କାର୍‌ଗୁଡ଼ିକ ମଧ୍ୟରେ ବେଞ୍ଜ ମୋଟରୱାଗନର ୧୮୮୬ ପ୍ରତିକୃତି, ୧୯୩୪ର ରୋଲସ ରଏସ ୨୦/୨୫, ୧୯୨୯ର ବୁଗାଟି ଟିଏସଏସ ଗ୍ରାଣ୍ଡ ପ୍ରିକ୍ସ, ୧୯୩୨ର ଫର୍ଡ ଭି, ୧୯୨୦ର ମୁନ ୬-୪୨, ୧୯୪୭ର କାଡିଲାକ କୁପ, ୧୯୬୨ର ଜାଗୁଆର ଏମକେ ୨ ସାଲୁନ ଏବଂ ଆହୁରି ଅନେକ କାର୍ ସାମିଲ ରହିଛି । ଓଡ଼ିଶା କନକର୍ସର କ୍ୟୁରେଟର ତଥା ନିଜେ ଜଣେ ପୁରୁଣା କାର ସଂଗ୍ରହକାରୀ ଧର୍ମାଦିତ୍ୟ ପଟ୍ଟନାୟକ କହିଛନ୍ତି, ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ବ୍ୟାପକ ଭାବେ କାର୍ ପ୍ରଦର୍ଶନୀ କରାଯାଇଛି । ଏଥିରେ ବିଶେଷକରି ରାଜ ପରିବାରର ଏକାଧିକା କାର୍ ସ୍ଥାନ ପାଇଛି । ମୟୂରଭଞ୍ଜ ରାଜାଙ୍କ କାର୍ ମଧ୍ୟ ଏହି ପ୍ରଦର୍ଶନୀରେ ସାମିଲ ହୋଇଥିବା ସେ କହିଛନ୍ତି । ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଆୟକର ଚଢ଼ଉକୁ ନେଇ ବିଜେପି ହୀନ ରାଜନୀତି କରୁଛି: ବିଜେଡି

**ଭୁବନେଶ୍ୱର, ୯ ।୧୨(ସମିସ):** ଆୟକର ବିଭାଗର ଚଢ଼କୁ ନେଇ ଓଡ଼ିଶା ବିଜେପି ନେତାମାନେ ହୀନ ରାଜନୀତି କରୁଛନ୍ତି । ଏଥିପାଇଁ ବିଜେପି ନେତାମାନେ ବିଭିନ୍ନ ପ୍ରକାର ବୟାନ ଦେଇ ଲୋକହସା ହେଉଛନ୍ତି । ତେବେ ବିଜେପିନେତାମାନେ ଏ ସମ୍ପର୍କରେ ବୟାନ ଦେବା ପୂର୍ବରୁ ନିଜ ଦଳର ରାଷ୍ଟ୍ରୀୟ

- ପ୍ରଧାନମନ୍ତ୍ରୀଙ୍କ ଟୁଇଟ୍ ପଢ଼ିବାକୁ ବିଜେପିକୁ ବିଜେଡିର ପରାମର୍ଶ
- ବିବାଦ ଭିତରକୁ ବିଜେଡିକୁ ଟାଣି ରାଜ୍ୟ ବିଜେପି ଲୋକହସା
- ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ ରାଜ୍ୟ ବିଜେପି ଗପ କହୁଛି

ସ୍ତରର ନେତାମାନେ କ'ଣ ମତ ରଖୁଛନ୍ତି, ତାକୁ ଦେଖନ୍ତୁ ଏବଂ ବୁଝନ୍ତୁ ବୋଲି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ ପରାମର୍ଶ ଦେଇଛନ୍ତ ।

ଶନିବାର ବିଜେଡି ପ୍ରବକ୍ତା ଶ୍ରୀମତୀ ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, "ଦେଶବାସୀଙ୍କ ଏହି ଟଙ୍କାର ସମାହାରକୁ ଦେଖନ୍ତୁ, ଆଉ ଏମାନଙ୍କର ନେତାଙ୍କର ସ୍ୱଚ୍ଛତାର ଭାଷଣ ଶୁଣନ୍ତୁ" । ଜନତାଙ୍କ ଠାରୁ ଯାହା ଲୁଟିଛନ୍ତି, ପ୍ରତିଟି ପଇସା ଫେରାଇବାକୁ ପଡ଼ିବ" । ଜାତୀୟ ଗଣମାଧ୍ୟମ 'ଦୈନିକ ଭାସ୍କର'ରେ ପ୍ରକାଶିତ ଏକ ରିପୋର୍ଟର ଫଟୋକୁ ନିଜ ଟୁଇଟ୍‌ରରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏହା ଲେଖିଛନ୍ତି । ତେବେ ଏହି ଖବରର ଶୀର୍ଷକରେ "ଝାଡ଼ଖଣ୍ଡର କଂଗ୍ରେସ ରାଜ୍ୟସଭା ସାଂସଦ ଧୀରଜ ସାହୁଙ୍କ ୧୦ଟି ସ୍ଥାନରେ ଚଢ଼ଉ" । ୨୦୦ କୋଟି ନଗଦ ମିଳିଲା, ଗଣତି ଜାରି" ବୋଲି ଉଲ୍ଲେଖ ରହିଥିଲା । ବିଜେପିର ଏହି ରାଷ୍ଟ୍ରୀୟ ସ୍ତରର ନେତା ଓ ଝାଡ଼ଖଣ୍ଡର ବିଜେପି ୟୁନିଟ୍‌ର ନେତାମାନେ, କଂଗ୍ରେସକୁ ସମାଲୋଚନା କରିବା ସହ ମିଳିଥିବା ଅର୍ଥ କଂଗ୍ରେସର ବୋଲି ସ୍ପଷ୍ଟ ଭାବେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ଅନ୍ୟପଟେ ମିଳିଥିବା ବିପୁଳ ପରିମାଣର ନଗଦ ଅର୍ଥ ସହ ବିଜେପି ନେତାଙ୍କର ସମ୍ପର୍କ ରହିଛି ବୋଲି ଝାଡ଼ଖଣ୍ଡ କଂଗ୍ରେସ କହୁଛି । ହେଲେ ଓଡ଼ିଶା ବିଜେପି 'କାଳୀ ଗାଈର ଭିନ୍ନ ଗୋଠ ପରି' ଆଚରଣ କରୁଛି । ମିଡିଆରେ ମୁହଁ ଦେଖାଇବାକୁ ରାଜ୍ୟ ବିଜେପି ନେତାଙ୍କ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା ପାଇଁ ଅନେକବାର ସେମାନେ ମିଛ ଖବରର ସାହାରା ନିଅନ୍ତି । ଏଥିପାଇଁ ହୀନ ବୁଦ୍ଧି ଖଟାଇ ଏହି ପ୍ରସଙ୍ଗ ଭିତରକୁ କିଭଳି ବିଜେଡିକୁ ଟାଣିବେ ସେନେଇ




ଖସଡ଼ା ପ୍ରସ୍ତୁତ କରି ମନଇଚ୍ଛା ମିଛ ଗପି ଚାଲନ୍ତି ବୋଲି ଇପ୍ସିତା କହିଛନ୍ତି । ଏଭଳି ଆଚରଣ ପାଇଁ ବିଜେପି ନେତାମାନେ ଅନେକବାର ଲୋକହସା ହୋଇଛନ୍ତି । ଏଭଳି ହୀନ ରାଜନୀତି ପାଇଁ ବିଜେପିକୁ ଓଡ଼ିଶାବାସୀ ବାରମ୍ବାର ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଆଗକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିବେ ବୋଲି ଶ୍ରୀମତୀ ସାହୁ କହିଛନ୍ତି ।

■ ତ୍ୱରାନ୍ୱିତ ହେବ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# ୧୬ ଜିଲ୍ଲାରେ ସଂଯୋଜକଙ୍କୁ ନିଯୁକ୍ତି ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୯ ।୧୨(ସମିସ):** ଗ୍ରାମାଞ୍ଚଳରେ ଡିଜିଟାଲ ଭିତ୍ତିଭୂମିର ସୁଦୃଢ଼ୀକରଣ ତଥା ଜଗନ୍ନାଥ ସଂସ୍କୃତି ଏବଂ ଐତିହ୍ୟର ପ୍ରଚାର ପ୍ରସାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିସାରିଛନ୍ତି । ଯୋଜନା ଅଧୀନରେ ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଯେପରି ସଫଳ ଢଙ୍ଗରେ ରୂପାୟିତ ହୋଇପାରିବ, ସେଥିପାଇଁ ୧୬ ଜିଲ୍ଲାରେ ଆମ ଓଡ଼ିଆ ନବୀନ ଓଡ଼ିଶା ପାଇଁ ସଂଯୋଜକ ନିଯୁକ୍ତ କରିଛନ୍ତି । ଅନୁଗୁଳ ପାଇଁ କୈଳାସ ଚନ୍ଦ୍ର ସାହୁ, ବାଲେଶ୍ୱର ପାଇଁ ରଞ୍ଜନ ବାଗ, ଭଦ୍ରକ ପାଇଁ ଡକ୍ଟର ସଞ୍ଜୟ ଦାସ, ଗଜପତି ପାଇଁ ୱାଇ. ରାମଭଦ୍ର ରାଓ, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଉପଖଣ୍ଡ ପାଇଁ ବଦ୍ରିନାରାୟଣ ପଟ୍ଟନାୟକ, ଧର୍ମଗଡ଼ ଉପଖଣ୍ଡ ପାଇଁ ଆଦିତ୍ୟ ନନ୍ଦଙ୍କୁ ନିଯୁକ୍ତି ମିଳିଛି । କନ୍ଧମାଳ ପାଇଁ ରାଜୀବ ପାତ୍ର, ଖୋର୍ଦ୍ଧା ପାଇଁ ଶ୍ରୀମୟୀ ସ୍ୱେତାସ୍ନିଗ୍ଧା ମିଶ୍ର, କୋରାପୁଟ ଉପଖଣ୍ଡ ପାଇଁ ଲତା ସାହୁ, ଜୟପୁର ଉପଖଣ୍ଡ ପାଇଁ ତୁଳସୀ କିର୍ସାନିଙ୍କୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ଭାବେ ନିଯୁକ୍ତ ଦିଆଯାଇଛି । ସେହିପରି ମାଲକାନଗିରି ପାଇଁ ଚିତ୍ତ ପଟ୍ଟନାୟକ, ରାଇରଙ୍ଗପୁର ଉପଖଣ୍ଡ ପାଇଁ ଅମରେନ୍ଦ୍ର କର, ବାରିପଦା ଉପଖଣ୍ଡ ପାଇଁ ସୁନୀଲ ଦାସ, ନବରଙ୍ଗପୁର ପାଇଁ ମଞ୍ଜୁଳା ମାଝୀ, ନୟାଗଡ଼ ପାଇଁ ଗଙ୍ଗାଧର ପଣ୍ଡା, ନୂଆପଡ଼ା ପାଇଁ ରାମଲାଲ ହଂସ, ରାୟଗଡ଼ା ପାଇଁ ପି. ଗୌରୀଶଙ୍କର ରାଓ, ସମ୍ବଲପୁର ପାଇଁ ସିଦ୍ଧାନ୍ତ ଦାସ, ସୁନ୍ଦରଗଡ଼ ଉପଖଣ୍ଡ ପାଇଁ ଯୋଗେନ୍ଦ୍ର ସିଂଙ୍କୁ ସଂଯୋଜକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତ ଦେଇଛନ୍ତି ।

# ଭୂ-ସ୍ଖଳନ ମୁକାବିଲାକୁ ଓସ୍‌ଡମାର ଗୁରୁତ୍ୱ



**ଭୁବନେଶ୍ୱର, ୯ ।୧୨(ସମିସ):** କିଛି ବର୍ଷ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ, ବିଶେଷକରି ପାହାଡ଼ିଆ ଅଞ୍ଚଳରେ ଭୂ-ସ୍ଖଳନ ସମସ୍ୟା ଚିନ୍ତାର କାରଣ ସାଜିଛି । ଯଦିଓ ଏହାଦ୍ୱାରା ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବଡ଼ କ୍ଷୟକ୍ଷତି ହୋଇନାହିଁ, ମାତ୍ର ତିତ୍‌ଲି ବାତ୍ୟା ସମୟରେ ଗଜପତିରେ ହୋଇଥିବା ଭୂ-ସ୍ଖଳନ ଯୋଗୁଁ ଏକାଧିକ ଲୋକଙ୍କ ପ୍ରାଣ ହାନି ହୋଇଥିଲା । ତେଣୁ ଏପରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ଏହାକୁ ଏକ ବିପର୍ଯ୍ୟୟ ଭାବେ ଗଣନା କରିବା ସହ ଏହାର ମୁକାବିଲା ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ 'ଓସ୍‌ଡମା' ପକ୍ଷରୁ 'ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍' ସହିତ କଥା ବାର୍ତ୍ତା ଆରମ୍ଭ ହୋଇଛି । ଏହି ଶିକ୍ଷାନୁଷ୍ଠାନ ରାଜ୍ୟରେ ଭୂ-ସ୍ଖଳନ ମୁକାବିଲା ପାଇଁ ବୈଷୟିକ ସହାୟତା ଯୋଗାଇଦେବ । ଓଏସ୍‌ଡମା ପକ୍ଷରୁ ଏହି ସଂସ୍ଥା ସହିତ ବୁଝାମଣା ପାଇଁ ନିଷ୍ପତ୍ତି ହୋଇଛି । ଏହି ସଂସ୍ଥା ଦୀର୍ଘମିଆଦି ଖସଡ଼ା ପ୍ରସ୍ତୁତିରେ ସହାୟତା କରିବା ସହ ଭୂ-ସ୍ଖଳନ ପୂର୍ବରୁ ସତର୍କ ସୂଚନା ଜାରି କରିବା ଦିଗରେ ମଧ୍ୟ କାର୍ଯ୍ୟ କରିବ । ଏହାର ସହାୟତା ନେଇ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିବା ପାଇଁ ଲକ୍ଷ୍ୟ ରଖିଛି ।

**'ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍' ଯୋଗାଇବ ବୈଷୟିକ ସହାୟତା**

ସାଧାରଣତଃ ଅତ୍ୟଧିକ ବର୍ଷା ଓ ବାତ୍ୟା ସମୟରେ ପାହାଡ଼ିଆ ଅଞ୍ଚଳରେ ଭୂ-ସ୍ଖଳନ ହେଉଛି । ବିଶେଷକରି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଆଦି ଜିଲ୍ଲାରେ ଏହା ଅଧିକ ଦେଖାଦେଉଛି । ପାହାଡ଼ରୁ ପଥର ଓ ମାଟି ଅତଡ଼ା ଧସି ରେଳପଥ ଓ ସଡ଼କ ପଥ ଅବରୋଧ ହେଉଛି । ତେଣୁ ଏହାର ସଠିକ୍ ମୁକାବିଲା ବର୍ତ୍ତମାନ ପରିସ୍ଥିତିରେ ଅପରିହାର୍ଯ୍ୟ ହୋଇପଡ଼ିଛି । ତେଣୁ ଏପ୍ରକାର ବିପର୍ଯ୍ୟୟର କିପରି ସଫଳ ମୁକାବିଲା କରାଯାଇ ପାରିବ, ସେନେଇ ଓସ୍‌ଡମା ପକ୍ଷରୁ ପଦକ୍ଷେପ ନିଆଯାଇଛି ।

■ ପରକୀୟା ପ୍ରୀତି ସନ୍ଦେହ

# ସ୍ତ୍ରୀର କଟାମୁଣ୍ଡ ଧରି ଥାନାରେ ସ୍ୱାମୀ

**ଦଶପଲ୍ଲା/ନୟାଗଡ଼, ୯।୧୨(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଛା ଥାନାକୁ ଆଜି ଜଣେ ବ୍ୟକ୍ତି ନିଜ ସ୍ତ୍ରୀର କଟାମୁଣ୍ଡ ଧରି ଆସିଥିବା ଦେଖାଯାଇଛି । ଅପରାହ୍ଣରେ ଏହି ଘଟଣା ଘଟିଛି । ବ୍ୟକ୍ତିଜଣଙ୍କ ହେଲେ, ବାଣିଗୋଛା ଥାନା ଅନ୍ତର୍ଗତ ବିଡାପାଜୁ ଗ୍ରାମର ଅର୍ଜୁନ ବାଗ୍ । ଅର୍ଜୁନ ଶନିବାର ସ୍ତ୍ରୀ ଧରିତ୍ରୀ ବାଗ୍ ଓରଫ ଜୁଲିକୁ ହତ୍ୟା କରିବା ପରେ ମୁଣ୍ଡକୁ କାଟି ଏକ ବସ୍ତାରେ ଧରି ଥାନାରେ ଆତ୍ମସମର୍ପଣ କରିଥିଲେ । ସୂଚନାନୁଯାୟୀ, ଅର୍ଜୁନଙ୍କର କଙ୍କଣମେଣ୍ଢି ବଜାରରେ ଏକ ରାସନ ଦୋକାନ ରହିଛି । ଆଜି ସେ କୌଣସି କାମରେ ବାହାରକୁ ଯାଇଥିଲେ । ଘରକୁ ଫେରିବା ପରେ ଅପରାହ୍ଣରେ କୌଣସି କାରଣରୁ ପତି ଓ ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଅର୍ଜୁନ ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ । ଏହାପରେ କଟାମୁଣ୍ଡ ଧରି ଥାନାକୁ ଯାଇଥିଲେ । ବାଣିଗୋଛା ଥାନା ପୁଲିସ ଅର୍ଜୁନଙ୍କୁ ଅଟକ ରଖି ଉକ୍ତ ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଛି । ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ ବାଣିଗୋଛା ଥାନାରେ ପହଞ୍ଚି ଘଟଣାର ଛାନଭିନ୍ କରିଛନ୍ତି । କେଉଁ କାରଣରୁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି, ତାହାର ଖୋଳତାଡ଼ ଚାଲିଥିବା ଏସ୍‌ଡିପିଓ କହିଛନ୍ତି । ଅଭିଯୁକ୍ତଠାରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି । ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି କହିଛନ୍ତି ।

ଅନ୍ୟପକ୍ଷେ, ପତ୍ନୀ ଜୁଲିଙ୍କର ଅନ୍ୟ ଜଣଙ୍କ ସହ ପରକୀୟା ପ୍ରୀତି ଥିଲା । ଯାହାକୁ ନେଇ ଅର୍ଜୁନ ଏହି ହତ୍ୟାକାଣ୍ଡ ଭିଆଇ ଥିବା ଆଲୋଚନା ହେଉଛି । ନୟାଗଡ଼ ଜିଲ୍ଲାରେ ଏଭଳି ଘଟଣା ପ୍ରଥମ ବୋଲି ଜଣାପଡ଼ିଛି ।

**ଡାକ୍ତରଙ୍କୁ ଆକ୍ରମଣ ନେଇ ତାତିଲା ଓମ୍‌ସା**

# ମଙ୍ଗଳବାର ଭିତରେ ଗିରଫ ନ କଲେ ଆନ୍ଦୋଳନ

**କେନ୍ଦ୍ରାପଡ଼ା/ରାଜନଗର, ୯ ।୧୨(ସମିସ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଆଶୁତୋଷ ବାରିକଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ । ଏହି

**ଆଇନକୁ ସମ୍ମାନ ଦେଉନି ପୁଲିସ**

ଘଟଣାରେ ଆଜି ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମ୍‌ସା) ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଆସନ୍ତା ମଙ୍ଗଳବାର ସୁଦ୍ଧା ଅଭିଯୁକ୍ତମାନଙ୍କୁ ଗିରଫ କରାନଗଲେ, ଓମ୍‌ସା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଓମ୍‌ସାର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ସଭାପତି



ଡା. ସଞ୍ଜିତ୍ ସେଠୀ ଚେତାବନୀ ଦେଇଛନ୍ତି ।

ଶନିବାର କେନ୍ଦ୍ରାପଡ଼ା ନୂଆ ମେଡିକାଲ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡା. ସେଠୀ କହିଛନ୍ତି ଯେ କର୍ତ୍ତବ୍ୟରତ ଡାକ୍ତରଙ୍କ ସୁରକ୍ଷା ପାଇଁ କଡ଼ା ଆଇନ ରହିଛି । କିନ୍ତୁ ପୁଲିସ ଏହାକୁ ଗୁରୁତ୍ୱ ଦେଉନି । ଘଟଣାକୁ ୧୧ ଦିନ ବିତିଯିବା ପରେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏହା ସ୍ପଷ୍ଟ ହେଉଛି ଯେ ଡାକ୍ତରଙ୍କ ସୁରକ୍ଷା ପାଇଁ ଥିବା ଆଇନକୁ ପୁଲିସ ସମ୍ମାନ ଦେଉନାହିଁ । ତେଣୁ ଆଗାମୀ ଦିନରେ ଏହା ବିରୋଧରେ ଓମ୍‌ସା ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲା ଓମ୍‌ସାର ସମ୍ପାଦକ ଡା. ନିରଞ୍ଜନ କର, ଡା. କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତ ମାସ ୨୯ ତାରିଖ ରାତି ପ୍ରାୟ ସାଢ଼େ ୧୧ଟାରେ ମରିଚାପଲ୍ଲୀର ମୁନା ପାଲଙ୍କ ସହ ୬ଜଣ ଯୁବକ ହଠାତ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସା ଦାୟିତ୍ୱରେ ଥିବା ଡା. ଆଶୁତୋଷ ବାରିକଙ୍କୁ ଦୁର୍ବ୍ୟବହାର କରିଥିଲେ । ତାଙ୍କ କାନ୍ଧରେ ହାତ ପକାଇ ଭାଇଙ୍କୁ ଦେଖା କର ବୋଲି କହିଥିଲେ । ସେମାନେ ସମସ୍ତେ ନିଶାସକ୍ତ ଥିଲେ । ଏପରିକି ଡାକ୍ତର ଓ କର୍ମଚାରୀଙ୍କୁ ଗାଳିଗୁଲଜ ବି କରିଥିଲେ । ଖବର ପାଇ ମୁଖ୍ୟ ଚିକିତ୍ସାଧିକାରୀ ସେଠାରେ ପହଞ୍ଚିଥିଲେ ହେଁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାରିବାକୁ ଗୋଡ଼ାଇଥିଲେ । ଏହି ଘଟଣାର ସପ୍ତାହକ ପରେ ପୁଣି ସେମାନେ ରାତିରେ ପହଞ୍ଚି ଦାୟିତ୍ୱରେ ଥିବା ନର୍ସଙ୍କୁ ଦୁର୍ବ୍ୟବହାର କରିଥିଲେ ।

# କମିବ ତାପମାତ୍ରା, ଲାଗିରହିବ କୁହୁଡ଼ି

**ଭୁବନେଶ୍ୱର, ୯ ।୧୨(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ଆରମ୍ଭ ହୋଇଛି । ରାଜ୍ୟରେ ଜାରି ରହିଥିବା ମେଘୁଆ ପାଗ ବଦଳିବା ପରେ ତାପମାତ୍ରା ହ୍ରାସ ହେବାରେ ଲାଗିଛି । ଏହି ସ୍ଥିତି ଆଗକୁ ଜାରି ରହିବା ସହିତ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଶୀତ ଆହୁରି ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି । ରାଜ୍ୟର ଅଧିକାଂଶ ସ୍ଥାନରେ ରାତି ତାପାମାତ୍ରା ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିଛି । ତେବେ ଆସନ୍ତା ୨-୩ ଦିନ ମଧ୍ୟରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବାକୁ ଥିବାରୁ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିବ । ଏହାଦ୍ୱାରା ଥଣ୍ଡା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧.୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି । ଆଜିଠାରୁ ରାଜ୍ୟରେ କୋହଲା ପାଗ ବଦଳିବା ସହିତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଅଞ୍ଚଳରେ କୁହୁଡ଼ି ଦୃଶ୍ୟମାନ ହୋଇଛି । ରବିବାର ସକାଳେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ କୁହୁଡ଼ି ଦେଖାଯିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି ।

## ଲୋକକଥା



ବଢ଼ି ବଢ଼ି ଚାଲେ ଦିନକୁ ଦିନ ହେ
ଇଣ୍ଡିଆ ମେଣ୍ଟରେ ଫାଟ,
ପ୍ରଧାନ ମନ୍ତ୍ରିରୀ କିଏ ହେବ ଆହା
ଏଯାଏ ଛିଣ୍ଡୁନି ବାଣ୍ଟ ।
ସଭିଙ୍କ ମନ ଉଚାଟ,
ଦଳ ବଳ ପଛେ ଟଳମଳ ହେଉ
ଲୋଡ଼ା ପିଏମ୍ ମୁକୁଟ !!

**ଗ୍ରାମରୁ ବିଶ୍ୱକୁ ମିଲେଟ୍ସର ଯାତ୍ରା**

# ପ୍ରୋତ୍ସାହନରେ ଓଡ଼ିଶାର ଉଦ୍ୟମ ପ୍ରଶଂସନୀୟ

**ଭୁବନେଶ୍ୱର, ୯ ।୧୨(ସମିସ):** ଜାତିସଂଘରେ ଭାରତର ପ୍ରସ୍ତାବ କ୍ରମେ ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବରେ ପାଳନ କରାଯାଉଛି । ଏହାଦ୍ୱାରା ବିଶ୍ୱ ବିଶ୍ୱବାସୀ ମିଲେଟ୍‌ରେ ଥିବା ପୋଷକ ତତ୍ତ୍ୱଗୁଡ଼ିକ ବିଷୟରେ ଜାଣିବାକୁ ପାଇଛନ୍ତି । ଦିନେ ଜନଜାତିବର୍ଗଙ୍କ ଆଦରର ଖାଦ୍ୟ ଥିବା ମିଲେଟ୍‌ସ ଆଜି ବିତ୍ତଶାଳୀ ରାଷ୍ଟ୍ରର ବଡ଼ବଡ଼ିଆଙ୍କ ଖାଦ୍ୟଥାଳିରେ ସାମିଲ ହୋଇପାରିଛି । ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ମିଲେଟ୍ସର ଏହି ଜୟଯାତ୍ରାରେ ଓଡ଼ିଶାର ଅବଦାନ ଉଲ୍ଲେଖନୀୟ ରହିଛି । ଦେଶ ମିଲେଟ୍‌ସ ଉପରେ ନଜର ପକାଇବାର ବହୁ ପୂର୍ବରୁ ଓଡ଼ିଶା ସରକାର ଏହାର ଗୁଣବତ୍ତା ସମ୍ପର୍କରେ ପ୍ରଚାରପ୍ରସାର ଦିଗରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ୨୦୧୭ ମସିହାଠାରୁ ଓଡ଼ିଶା ମିଲେଟ୍ସ ମିଶନ୍ ଜରିଆରେ ଓଡ଼ିଶା ରାଜ୍ୟରେ ମିଲେଟ୍ ବିପ୍ଳବ ଆଣିବାର ପ୍ରୟାସ ଜାରି ରଖିଛି । ଏସିଆ ମହାଦେଶରେ ସବୁଠାରୁ ବଡ଼ ଯୋଗଦାନକାରୀ ରାଷ୍ଟ୍ର ଭାବରେ ଆମ ଦେଶ ମିଲେଟ ଚାଷ ଏବଂ ମିଲେଟ୍ସରେ ରହିଥିବା ପ୍ରାକୃତିକ ପୋଷକ ତତ୍ତ୍ୱ ସମ୍ବନ୍ଧରେ ବିଶ୍ୱବାସୀକୁ ଜଣାଇବା ନିମନ୍ତେ ଦୃଷ୍ଟାନ୍ତମୂଳକ ଭୂମିକା ଗ୍ରହଣ କରିଛି । ମିଲେଟ୍ ମିଶନ୍ ମାଧ୍ୟମରେ ଗ୍ରାମୀଣ ତଥା ସହରୀ ମହିଳା ମଧ୍ୟ ରୋଜଗାରକ୍ଷମ ହୋଇପାରୁଛନ୍ତି । କ୍ଷୁଦ୍ର ଶସ୍ୟ ଜାତୀୟ ଏହି ଖାଦ୍ୟର ପ୍ରଚାରପ୍ରସାର ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ସଫଳତାର ପାହାଚ ପରେ ପାହାଚ ଚଢ଼ି ଚାଲିଛି ।

ମିଲେଟ୍ସ ବିପ୍ଳବରେ ଥିବା ସମସ୍ତ ସର୍ବାଧିକ ଯୋଗଦାନକାରୀଙ୍କ ମଧ୍ୟରେ ସମଗ୍ର ରାଜ୍ୟରେ ତଥା ଦେଶରେ ମିଲେଟ୍‌ସର ପ୍ରଚାରପ୍ରସାର ନିମନ୍ତେ ଓଡ଼ିଶା ଯେଉଁଭଳି ପଦକ୍ଷେମାନ ନେଇଛି ତାହା ଅତ୍ୟନ୍ତ ପ୍ରଶଂସନୀୟ । ଏକ ସ୍ଥାୟୀ ତଥା ଭରସାଯୋଗ୍ୟ କୃଷି ନିମନ୍ତେ ନିରନ୍ତର ଆଲୋକ ଦେଖାଇ ଚାଲିଛି ଓଡ଼ିଶା ମିଲେଟ୍ସ ମିଶନ୍ । ସୀମିତ ସମ୍ବଳ ଏବଂ ଅନିଶ୍ଚିତ ପାଣିପାଗଜନିତ ସମସ୍ୟା ଯୋଗୁଁ ନିଜର ପୁଷ୍ଟିକର ବିବିଧତା ବଢ଼ାଇବା ଲାଗି ଉପାୟ ଖୋଜି ଚାଲିଥିବା ଦେଶଗୁଡ଼ିକ ପାଇଁ ଓଡ଼ିଶା ମିଲେଟ୍ ମିଶନ୍ ମଡେଲ ସାଜିଛି । ଗହମ କିମ୍ବା ଚାଉଳ ପରି କିଛି ମୁଖ୍ୟ ଫସଲ ଉପରେ ନିର୍ଭରଶୀଳ ଦେଶଗୁଡ଼ିକ ପାଇଁ ଓଡ଼ିଶା ମିଲେଟ ମିଶନ ମଡେଲ ଉପଯୋଗୀ ସାବ୍ୟସ୍ତ ହୋଇଛି । ଏହା ସେମାନଙ୍କର ଗହମ ଚାଉଳ ପ୍ରତି ନିର୍ଭରଶୀଳତାକୁ କମାଇବା ସହ ସାର ତଥା ଅନ୍ୟାନ୍ୟ କୃଷି ଆବଶ୍ୟକତାଜନିତ ଖର୍ଚ୍ଚକୁ ମଧ୍ୟ ହ୍ରାସ କରିବାରେ ସହାୟକ ହୋଇଛି । କୃଷକମାନଙ୍କୁ ଉତ୍ସାହିତ କରିବା, କୃଷକଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିବା ଆତ୍ମନିର୍ଭରଶୀଳ ସଂଗଠନ ଗଢ଼ିବା ନିମନ୍ତେ ସହାୟତା ଯୋଗାଇଦେବା, ଏବଂ ଭଲ ଫସଲ




ଅମଳ ନିମନ୍ତେ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଭଳି ବହୁ ପଦକ୍ଷେପ ନେଇ ଓଡ଼ିଶା ମିଲେଟ୍ସ ମିଶନ ରାଜ୍ୟ ବାହାରେ ପ୍ରଶଂଶା କରାଯାଉଛି । ଗୋଟିଏ ରାଜ୍ୟ କିପରି ସମଗ୍ର ଦେଶରେ ମିଲେଟ୍ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରେ ନିକଟରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିନଳୀ ତାହାର ଏକ ନମୁନା ମାତ୍ର । ଏହି ସମ୍ମିଳନୀରେ ୧୯୦ ଉର୍ଦ୍ଧ୍ୱ ପ୍ୟାନେଲିଷ୍ଟ ଏବଂ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୫୦୦ କୃଷକ ଯୋଗ ଦେଇଥିଲେ । ଆଉ ସମ୍ମିଳନୀ ଅବସରରେ ପଲିସୀ ରୋଡ୍‌ମ୍ୟାପ୍, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ତଥା ଉନ୍ନତ ପ୍ରଶିକ୍ଷଣ ବାବଦରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା ।

ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ । ଏଠାରେ ସର୍ବାଧିକ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ମାତ୍ର ପାଣିପାଗର ଅନିଶ୍ଚିତତା ହେତୁ ବର୍ଷ ସାରା ସେମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହି ପ୍ରାଥମିକ ସମସ୍ୟାର ସମାଧାନ କରି ଓଡ଼ିଶା ମିଲେଟ୍ସ ମିଶନ ମିଲେଟ୍ ଚାଷକୁ ପ୍ରୋତ୍ସାହିତ କରିଛି ଏବଂ ୫୦ ଲକ୍ଷରୁ ଅଧିକ ଆର୍ଥିକ ଅସ୍ୱଚ୍ଛଳ ପରିବାର ପାଇଁ ସୃଷ୍ଟି କରିପାରିଛି ଖାଦ୍ୟ ନିରାପତ୍ତା । ଓଡ଼ିଶା ମିଲେଟ୍ସ ମିଶନ୍ ରାଜ୍ୟର ବହୁ ଆର୍ଥିକ ଅସ୍ୱଚ୍ଛଳ ବର୍ଗର ଚାଷୀଙ୍କ କାହାଣୀକୁ ଲୋକଲୋଚନକୁ ଆଣିଛି । ଆମ ରାଜ୍ୟର ମିଲେଟ୍ ଚାଷୀ ନିଜ ଉତ୍ପାଦିତ ସାମଗ୍ରୀକୁ ଅଧିକ ମୂଲ୍ୟରେ ବିକ୍ରି କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାରକୁ ଏକ ଉନ୍ନତ ଜୀବନଶୈଳୀ ଦେଇପାରିଛି ।

ମିଲେଟ୍‌ଜାତୀୟ ଶସ୍ୟ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିରେ, ଏପରିକି କଠିନ ପଥୁରିଆ ଜମିରେ ମଧ୍ୟ ବଢ଼ିପାରେ । ଫଳରେ ଏହା ଉଭୟ ଖାଦ୍ୟ ନିରାପତ୍ତା ତଥା ପୌଷ୍ଟିକତାର ଏକ ନିର୍ଭରଯୋଗ୍ୟ ଉତ୍ସ ସୃଷ୍ଟି କରିଥାଏ । ବାୟୁମଣ୍ଡଳରେ ବୃଦ୍ଧି ପାଉଥିବା ଅଙ୍ଗାରକାମ୍ଳକୁ ଏହା ସହଜରେ ସହନ କରିପାରେ । ଫଳରେ ଭବିଷ୍ୟତ ପାଇଁ ମିଲେଟ୍‌ସ ଯେ ଏକ ନିର୍ଭରଯୋଗ୍ୟ ଫସଲ ଭାବରେ ଛିଡ଼ା ହୋଇପାରିବ ସେଥିରେ ସନ୍ଦେହ ନାହିଁ । ପୁଷ୍ଟିହୀନତା ଏବଂ ମରୁଡ଼ି ଭଳି ସମସ୍ୟା ସହିତ ବିଶ୍ୱ ତା'ର ଲଢ଼େଇ ଜାରି ରଖିଥିବା ବେଳେ ଓଡ଼ିଶା ମିଲେଟ୍ ମିଶନ ଭଳି ଏକ ଦୂରଦର୍ଶୀ ପଦକ୍ଷେପକୁ ଆନ୍ତର୍ଜାତିକ ସ୍ୱୀକୃତି ଦିଆଯିବା ନିତାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ସରକାରୀ ମଣ୍ଡାପାଳ ଡାକ୍ତରଖାନାରେ ସାଧାରଣ ରୋଗୀଙ୍କୁ ରେଫର୍

- ୧୭ରୁ ଏବେ ଅଛନ୍ତି ମାତ୍ର ୭ ଡାକ୍ତର
- ଖତ ଖାଉଛି ମେଡିକାଲ ଉପକରଣ




**ତାଳଚେର ସଦର, ୯ ।୧୨(ସମିସ)**

ତାଳଚେର ସରକାରୀ ମଣ୍ଡାପାଳ ଡାକ୍ତରଖାନାରେ ୩୦ବର୍ଷ ପୂର୍ବରୁ ପ୍ରାୟ ୨୦ରୁ ଅଧିକ ଡାକ୍ତର ରହି ହଜାର ହଜାର ରୋଗୀଙ୍କ ଚିକିତ୍ସା କରୁଥିଲେ। ଏହି ଡାକ୍ତରଖାନାଟି ଉପରେ ତାଳଚେର ସମେତ ଏହାର ଆଖପାଖ ଅଞ୍ଚଳର ଲୋକ ନିର୍ଭର କରିଥାନ୍ତି। ଏହି ମେଡିକାଲର କୋଠାବାଡି ନିର୍ମାଣରେ ଆଜି ଆଗୁଆ ହୋଇଛି। କିନ୍ତୁ ଏଠାରେ ଡାକ୍ତର ଓ କର୍ମଚାରୀଙ୍କ ଘୋର ଅଭାବକାରଣରୁ ରୋଗୀ ଚିକିତ୍ସା କ୍ଷେତ୍ରରେ ବିଶେଷ ବାଧା ସୃଷ୍ଟି ହୋଇଛି। ଡାକ୍ତର, ଅପରେଟର୍ ଓ କର୍ମଚାରୀ ଅଭାରୁ କିଣା ହୋଇଥିବା କିଛି ମେସିନ୍ ଆଜି ପଡ଼ିପଡ଼ି ଖତ ଖାଉଛି। ବିଭିନ୍ନ ସ୍ବଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀଙ୍କ ଆପ୍ରାଣ ଉଦ୍ୟମରେ ଏହି କିଛି ମାସ ପୂର୍ବରୁ ଏହି ଡାକ୍ତରଖାନାରେ ୧୨ରୁ ୧୩ ଜଣ ଡାକ୍ତର ନୂତନ ଭାବେ ଯୋଗଦେବା ପରେ ସର୍ବମୋଟ ୧୭ଜଣ ଡାକ୍ତର ରହିଥିଲେ। ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସେହି ଅନୁପାତରେ ରୋଗୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ମାତ୍ର ପରିତାପର ବିଷୟ ଏହି ୧୭ଜଣ ଡାକ୍ତରରୁ ବର୍ତ୍ତମାନ ମାତ୍ର ୭ଜଣ ରହୁଥିବା ବେଳେ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସିଛି। ଡାକ୍ତରଖାନାଟି ବାହାରୁ ଚକାଚକ୍ କରୁଥିବା ବେଳେ ବର୍ତ୍ତମାନ ଯେକୌଣସି ସାଧାରଣ ରୋଗୀ ଆସିଥିଲେ ତାକୁ ଜିଲ୍ଲା ମେଡ଼ିକାଲକୁ କିମ୍ବା ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଉଛି।

## ସ୍ବାସ୍ଥ୍ୟ ବୀମା କାର୍ଡ ଥାଇ ମଧ୍ୟ ଚିକିତ୍ସା ପାଇଲେନି ପ୍ରାଣବନ୍ଧୁ

### ଘରୋଇ ନର୍ସିଂହୋମ୍ ୨୦ ହଜାର ଜମା କରିବାକୁ ଦାବି କଲା



ତାଳଚେର ପୌର ପରିଷଦର ୮ନମ୍ବର ୱାର୍ଡରେ କାର୍ତ୍ତିକେଶ୍ୱର ପୂଜା ଭସାଣି ସମୟରେ ସେହି ୱାର୍ଡର ଶାଗ ବିକାଳୀ ପ୍ରାଣବନ୍ଧୁ ମହାରଣା ଡ୍ରେନରେ ଖସି ପଡ଼ିବାରୁ ତାଙ୍କର ବାମ ହାତର ଆଙ୍ଗୁଠି ଭାଙ୍ଗିଯିବା ସହ କିଛି ହାଡ଼ ମଧ୍ୟ ଭାଙ୍ଗି ଯାଇଥିଲା। ଏହାପରେ ତାଙ୍କୁ ତୁରନ୍ତ ସ୍ଥାନୀୟ ମଣ୍ଡାପାଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ ଓ ସେଠାରୁ ଏକ ଘରୋଇ ନର୍ସିଂହୋମକୁ ଜିଲ୍ଲା ଡାକ୍ତର ପଠାଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାଇ ସେ ଅନୁଗୋଳର ଏକ ଘରୋଇ ନର୍ସିଂହୋମକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ଉକ୍ତ ଶାଗା ବିକାଳୀ ଜଣେ ଗରିବ ଶ୍ରେଣୀ ହୋଇଥିବାରୁ ତାଙ୍କୁ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଛି। ତେବେ ସେହି ଘରୋଇ ନର୍ସିଂ ହୋମରେ ଏହି କାର୍ଡକୁ ଦେଖାଇବା ପରେ ସମ୍ପୃକ୍ତ ଡାକ୍ତର ତାଙ୍କୁ ପ୍ରଥମେ ୨୦ହଜାର ଟଙ୍କା ପୈଠ କର ଆମେ ଚିକିତ୍ସା କରିବୁ ଓ ପରେ ସ୍ୱାସ୍ଥ୍ୟ କାର୍ଡରୁ ଟଙ୍କା କଟିବ ବୋଲି କହିଥିଲେ। ହେଲେ ପ୍ରାଣବନ୍ଧୁ ଅସହ୍ୟ ଯନ୍ତ୍ରଣା ଭୋଗୁଥିବା ବେଳେ ଅନ୍ୟପଟେ ୨୦ହଜାର ଟଙ୍କା ପାଇଁ ହତାଶ ହୋଇ ପଡ଼ିଥିଲେ। ସେ ଅନ୍ୟ ଉପାୟ ନପାଇ ତାଳଚେର ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ ଏବଂ ଉପଜିଲ୍ଲାପାଳ ତାଳଚେର ସରକାରୀ ଡାକ୍ତରଖାନାରେ ଦେଖାକରି ଚିକିତ୍ସା କରାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ଆଜି ତାଳଚେର ଉପଖଣ୍ଡ ସମଲ ଅଞ୍ଚଳରୁ ଜଣେ ଗର୍ଭବତୀ ମହିଳା ତାଳଚେର ସରକାରୀ ମଣ୍ଡାପାଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ମାତ୍ର ଏଠାରୁ ଡାକ୍ତର ତାଙ୍କୁ ଜିଲ୍ଲା ଡାକ୍ତରଖାନା ଓ ପରେ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟର ଡାକ୍ତର ତାଙ୍କୁ ତାଳଚେର ସ୍ଥିତ କ୍ରିଷ୍ଣା କ୍ଲିନିକ୍‌କୁ ସ୍ଥାନାନ୍ତରିତ କରିଥିବା କୁହାଯାଉଛି।

## ବ୍ଲକ ବିଜେଡି ସଭାପତିଙ୍କୁ ନୂଆ ଦାୟିତ୍ୱ



**କଣିହାଁ, ୯।୧୨(ସମିସ):** କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କୁ ଶନିବାର ନୂତନ ଦାୟିତ୍ୱ ମିଳିଛି। ଏନେଇ ଅନୁଗୋଳ ଜିଲ୍ଲାରେ ବିଜେଡି ନେତୃବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଓଡ଼ିଶା ନବୀନ ଓଡ଼ିଶାର କାର୍ଯ୍ୟକ୍ରମ ପାଇଁ ୧୬ଟି ଜିଲ୍ଲାର ୧୯ ସଂଯୋଜକଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏଥିରେ ଅନୁଗୋଳ ଜିଲ୍ଲା ପାଇଁ କୈଳାସ ଚନ୍ଦ୍ର ସାହୁଙ୍କୁ ସଂଯୋଜକ ଭାବେ ଘୋଷଣା କରାଯାଇଛି। କୈଳାସ ଚନ୍ଦ୍ର ସାହୁ ବିଜୁ ଜନତା ଦଳରୁ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୨୦୦୪ ମସିହାରୁ ବ୍ଲକ ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ଏନେଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଳ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ, ଜୟନ୍ତ ପ୍ରଧାନ, ଜିତେନ୍ଦ୍ରୀୟ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



**ଆଠମଲ୍ଲିକ, ୯ ।୧୨(ସମିସ):** ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ନୂଆସାହିରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଛି। ଏହି କ୍ରୀଡା ଉତ୍ସବ ବିଦ୍ୟାଳୟର ସମ୍ପାଦକ ବୁଲୁ ବୀରଙ୍କ ସହିତ ଅଭିଭାବକ ଦେବବ୍ରତ ପ୍ରଧାନ, ବିଶ୍ୱଜିତ୍ ସିଂ ସାମନ୍ତ ଓ ସତ୍ୟବ୍ରତ ଦାଶଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା। ଏଥିରେ ୯୦ଜଣ ପ୍ରତିଯୋଗୀ ପ୍ରାୟ ୧୨ଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

## ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ; ୧୪୭ଟି ମାମଲାର ଫଇସଲା

**ଛେଣ୍ଡିପଦା, ୯।୧୨(ସମିସ):** ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଥିବା ଦେୱାନୀ ବିଚାରପତି(କନିଷ୍ଠ ବିଭାଗ)ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ପରିସରରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ତାଲୁକ ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ୧୭୧ଟି ମାମଲା ବିଚାରଧୀନ ଥିବା ବେଳେ ବିଚାରପତି ଶୁଭଲକ୍ଷ୍ମୀ ପଟ୍ଟନାୟକ ଲୋକ ଅଦାଲତରେ ଯୋଗଦେଇ ୧୪୪ଟି ଫୌଜଦାରୀ ମାମଲା ମାମଲା, ୨ଟି ଦେୱାନୀ ଓ ଗୋଟିଏ ଚେକ୍ ବାଉଁଶ ମାମଲାର ଫଇସଲା କରିଥିଲେ। ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ ମାମଲା ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ, ଗୋପବନ୍ଧୁ ସାହୁ, ସୁଶୀଳ କୁମାର ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ସରକାରୀ ଓକିଲ ଉତ୍କଳ ପ୍ରଧାନ, ରାଜକିଶୋର ବେହେରା, ପ୍ରଦୀପ ଗଡ଼ନାୟକ, ଗଣେଶ୍ୱର ଭୂତିଆ, ସଞ୍ଜୟ ବେହେରା, ନିକୁଞ୍ଜ କିଶୋର ପ୍ରଧାନ, ଅଜୟ କୁମାର ବେହେରାଙ୍କ ସମେତ ଛେଣ୍ଡିପଦା ଅଦାଲତର ସମସ୍ତ କର୍ମଚାରୀ ଓ ସିଏସଆଇ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ମାମଲା ପରିଚାଳନାରେ ସହଯୋଗ କରିଥିଲେ।

- ଅପହରଣର ପର୍ଦ୍ଦାଫାସ କଲା ଜରପଡ଼ା ପୁଲିସ

## ପ୍ରେମ ପାଇଁ ବିକାଶକୁ ହତ୍ୟା; ଜଣେ ଗିରଫ, ୩ ଫେରାର

**ଅନୁଗୋଳ/ଛେଣ୍ଡିପଦା, ୯।୧୨(ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନାରେ ଗତ ନଭେମ୍ବର ୨୬ରେ କୋରଡ଼ା ଗ୍ରାମର ବିକାଶ ବେହେରାଙ୍କୁ ଅପହରଣ ଅଭିଯୋଗ ଘଟଣାର ପର୍ଦ୍ଦାଫାସ କରି ଜଣେ ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରେମ ପାଇଁ ବିକାଶ ବେହେରାଙ୍କୁ କଣିହାଁ ଥାନା ଅଞ୍ଚଳରେ ହତ୍ୟା କରି ନେଇ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଆମ୍ବ ବନ୍ଧରେ ଫୋପାଡ଼ି ଥିଲେ। ଏନେଇ ଅନୁଗୋଳ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ କରିବା ସହ କଣିହାଁ ଥାନା ଜାମୁଯୋଡି ଗ୍ରାମର ନିର୍ମଳ ପ୍ରଧାନଙ୍କ ପୁଅ ସଞ୍ଜିଲ ପ୍ରଧାନ(୨୬)କୁ ଗିରଫ କରାଯାଇଛି। ଏହି ଘଟଣାରେ ଆହୁରି ଯୁବକଙ୍କର ସମ୍ପୃକ୍ତି ରହିଥିବା ବେଳେ ଜରପଡ଼ା ପୁଲିସ ଘଟଣାର ତଦନ୍ତ ଚାଲିଥିବା ଅନୁଗୋଳ ଏସଡ଼ିପିଓ ରମାକାନ୍ତ ମାହାଳିକ ପ୍ରକାଶ କରିଛନ୍ତି।



ପ୍ରେସ ବିବୃତ୍ତିରେ ଏସଡିପିଓ ପ୍ରକାଶ କରିଛନ୍ତି ଯେ, ଗତ ନଭେମ୍ବର ୨୬ ରାତି ୮ଟା ବେଳେ କୋରଡ଼ା ଗ୍ରାମର ଅରୁଣ ବେହେରାଙ୍କ ପୁଅ ବିକାଶ ବେହେରା କୋରଡ଼ା ଗାଁ ପାଣି ଟାଙ୍କି ନିକଟରେ ଫୋନରେ କଥା ହେଉଥିବା ବେଳେ କଣିହାଁ ଥାନା ଜାମୁଯୋଡି ଗ୍ରାମର ସଞ୍ଜିଲ ପ୍ରଧାନ ଓ ତାଙ୍କ ସହଯୋଗୀମାନେ ବିକାଶ ବେହେରାଙ୍କୁ ଗାଡ଼ିରେ ଅପହରଣ କରି ନେଇଥିଲେ। ଏହାପରେ ସେମାନେ ବୋଲେରୋ ଗାଡ଼ିରେ କୋଶଳା କୁମୁଣ୍ଡା ରାସ୍ତା ଦେଇ କଣିହାଁ ଥାନା ସୀମାନ୍ତ ଡାରିହାପୁର ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ଏକ ଦଉଡି ସାହାଯ୍ୟରେ ବିକାଶର ଗଳା ଚିପି ହତ୍ୟା କରିଥିଲେ। ହତ୍ୟା ପରେ ସେମାନେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଘୋଡାଡ଼ିଆଁ ଗ୍ରାମକୁ ନେଇ ସେଠାରେ ଥିବା ଗଭୀର ଆମ୍ବ ବନ୍ଧରେ ମୃତ ବିକାଶଙ୍କ ଦେହରେ ପଥର ବାନ୍ଧି ପକାଇ ଦେଇଥିଲେ। ଏହି ଘଟଣାରେ ପୁଲିସ ତଦନ୍ତ କରି ସଞ୍ଜିଲ ପ୍ରଧାନକୁ ଗିରଫ କରିଥିଲା। ଗିରଫ ପରେ ସଞ୍ଜିଲ ପୁଲିସ ଆଗରେ ମୃତ ବିକାଶ ବେହେରା, ସଞ୍ଜିଲଙ୍କ ଜଣେ ସହଯୋଗୀଙ୍କ ଝିଅାରୀଙ୍କ ସହିତ ପ୍ରେମ ସମ୍ପର୍କ ରଖିଥିବାରୁ ଯୋଜନା ଅନୁଯାୟୀ ସେମାନେ ତାକୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ଏହାସହ ପୁଲିସକୁ ନେଇ ମୃତଦେହ ପକାଇଥିବା ସ୍ଥାନ ଦେଖାଇଥିଲା। ଏହା ପରେ ମୃତଦେହକୁ ଆମ୍ବ ବନ୍ଧରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ୟମ ଜାରି ରହିଛି।

## ବିଜେଡି କର୍ମୀଙ୍କ ପ୍ରଶିକ୍ଷଣ ଶିବିର




**ଅନୁଗୋଳ, ୯।୧୨(ସମିସ):** ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ ନଂ୧୪ ଓ ୨୫ର ବିଜେଡି କର୍ମୀଙ୍କ ପ୍ରଶିକ୍ଷଣ ଶିବିର ଅନୁଗୋଳ ସଭାଘର ଠାରେ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ତଥା ଜିଲ୍ଲା ସହପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା ପ୍ରଶିକ୍ଷକ ଜୟରାମ ଦାସ, ପ୍ରଶିକ୍ଷକ ଅରୂପ ଶ୍ରୀଚନ୍ଦନ, ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, କାର୍ଯ୍ୟକାରୀ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, ବସୁଧା ଉପଦେଷ୍ଟା ତଥା ଜିଲ୍ଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ତାମଡ଼ା ଅଧ୍ୟକ୍ଷ ଲୁଲୁ ଅମାନ୍ତ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ବ୍ଲକ ଉପାଧ୍ୟକ୍ଷା ବନୀତା ସାହୁ, ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ କୁମାର ପ୍ରଧାନ ଓ ପୂର୍ବତନ ଜିଲ୍ଲା ପରିଷଦ ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ କର୍ମୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଡିଗ୍ରୀ କଲେଜରେ ସଫେଇ କାର୍ଯ୍ୟକ୍ରମ

**କିଶୋରନଗର, ୯।୧୨(ସମିସ):** କିଶୋରନଗର ଡିଗ୍ରୀ କଲେଜର ଛାତ୍ରଛାତ୍ରୀଙ୍କ ପକ୍ଷରୁ ନୂଆ ଓ ଯୁବ ଓଡ଼ିଶା ଅନ୍ତର୍ଗତ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ସାପ୍ତାହିକ ହାଟ ଚତୁଃପାର୍ଶ୍ୱ ସଫେଇ କରାଯାଇଥିଲା। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ନୋଡାଲ ଅଫିସର ଜୟକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଅଧାପିକା ବୀଣାପାଣି ସାହୁ, ତରଣୀ ସେନ ସାହୁ, ପୁରୁଷୋତ୍ତମ ସାହୁ, ରୁଚିସ୍ମିତା ପରିଡ଼ା, ରୋଜାଲିନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



## ୧୨ରେ ଭିନ୍ନକ୍ଷମ ଶିବିର

**କିଶୋରନଗର, ୯।୧୨(ସମିସ):** କିଶୋରନଗର ବ୍ଲକ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ସ୍ଥାନୀୟ ଡିଗ୍ରୀ କଲେଜରେ ଆସନ୍ତା ୧୨ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଚାଲୁରହିଛି। ଏହି ଶିବିରରେ ଚକ୍ଷୁ, ଅସ୍ଥିଶଲ୍ୟ, କର୍ଣ୍ଣ, ନାସା ଆଦି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିହ୍ନଟ କରିବେ।

## ନୂଆ ଓଡ଼ିଶା ମହୋତ୍ସବ ପାଇଁ ପ୍ରସ୍ତୁତି

**ଅନୁଗୋଳ, ୯।୧୨(ସମିସ):** ଚଳିତ ମାସ ୧୫ ତାରିଖରେ ସ୍ଥାନୀୟ ବିଜୁ ମଇଦାନଠାରେ ଅନୁଷ୍ଠିତ ହେବାକୁ ଥିବା ନୂଆ ଓଡ଼ିଶା-୨୦୨୩ ମହୋତ୍ସବ ନିମନ୍ତେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରୁ ମୋଟ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ମହାସଭାର ଆୟୋଜନ କରାଯିବ। ଏଥି ନିମନ୍ତେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହ ବୈଠକରେ ଆଲୋଚନା କରାଯାଇଥିଲା। କେଉଁ ମହାବିଦ୍ୟାଳୟରୁ କେତେ ଛାତ୍ରଛାତ୍ରୀ ଉକ୍ତ ଉତ୍ସବରେ ଯୋଗଦାନ କରିବେ ଓ ସେମାନଙ୍କର ଯାତାୟାତ, ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ଇତ୍ୟାଦି ଉପରେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ମହୋତ୍ସବ ସ୍ଥାନରେ ସମସ୍ତ ପ୍ରକାର ଭିତ୍ତଭୂମି ଓ ଅନ୍ୟାନ୍ୟ ଆନୁସଂଗିକ ବ୍ୟବସ୍ଥା ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଏହି ଉତ୍ସବ ନିମନ୍ତେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ପ୍ରତିଯୋଗିତା ସ୍ଥାନୀୟ ସଭାଘରଠାରେ ଚଳିତ ମାସ ୧୧ ଓ ୧୨ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ମନୋନୀତ ହୋଇଥିବା କୃତୀ ପ୍ରତିଯୋଗୀମାନେ ଚଳିତ ମାସ ୧୫ରେ ହେବାକୁ ଥିବା ମହୋତ୍ସବରେ ନିଜର କୃତିତ୍ୱ ପ୍ରଦର୍ଶନ କରିବେ। ବୈଠରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ କୁନା ବିହାରୀ ଦାସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ପୌର ପାଳିକାର ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ସମସ୍ତ ଉପଜିଲ୍ଲାପାଳ, ଆଞ୍ଚଳିକ ପରିବହନ ଅଧିକାରୀ, ପୁଲିସ ପ୍ରଶାସନ, ଆଞ୍ଚଳିକ ପରିବହନ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଂ ବୈଠକ ପରିଚାଳନା କରିଥିଲେ।

## ଦେଉଳବେଡ଼ା କୋଲିୟରୀ ଶିଶୁବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା



**ତାଳଚେର, ୯ ।୧୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦେଉଳବେଡା କୋଲିୟରୀର ବାର୍ଷିକ କ୍ରୀଡା ସମାରୋହ ଗ୍ରୀନ୍ ଗ୍ରାସ ଷ୍ଟାଡିଅମ୍‌ରେ ଉଦ୍‌ଯାପିତା ହୋଇଯାଇଛି। ଏହି ଦୁଇ ଦିନିଆ କ୍ରୀଡା ଉତ୍ସବର ଉଦ୍‌ଘାଟନ ଦିବସରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରୀ କୋଲ୍ ମାଇନିଂ ଲିମିଟେଡ୍‌ର ଫାଇନାନ୍ସ ମୁଖ୍ୟ ଶିବ ପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଶିଶୁଙ୍କୁ ଖେଳରେ ନିଜର ଲକ୍ଷ୍ୟ ସ୍ଥିର କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ମାର୍ଗଦର୍ଶନ କରିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ସୁବ୍ରତ ବିଶ୍ୱାଳ ଯୋଗଦେଇ ଶିଶୁ ଖେଳରେ ଦେଶକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାର ଉତ୍ସାହ ପୂର୍ବକ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ସଭାପତି ହେମନ୍ତ କୁମାର ଶତପଥି ଅଧ୍ୟକ୍ଷତା କରିଥିବା ବେଳେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବାବୁଲି ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଦସ୍ୟା ରଶ୍ମୀରେଖା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଦ୍ୟାଳୟର ଉପସଭାପତି ମନୋରଞ୍ଜନ ନନ୍ଦ, ସହ ସମ୍ପାଦକ ଧନଞ୍ଜୟ ପ୍ରଧାନ ଓ କୋଷାଧ୍ୟକ୍ଷ ସୁକାନ୍ତ ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ। ସମ୍ପାଦକ ସରୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପରିଚାଳିତ ହୋଇଥିଲା।

## ଗଙ୍ଗାଧରପୁର ଗ୍ରାମରେ ଘର ପୋଡ଼ି



**ପବିତ୍ରନଗର, ୯।୧୨(ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ ବୁରୁକୁନା ଗ୍ରାମ ପଞ୍ଚାୟତର ଗଙ୍ଗାଧରପୁର ଗ୍ରାମର ଜାନକୀ ଗଡ଼ନାୟକଙ୍କର ୨ବଖରା ଘର ଓ ସୁଶୀଲ ଗଡ଼ନାୟକଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଯିବା ଫଳରେ ବହୁ ଧନ ସମ୍ପତି ନଷ୍ଟ ହୋଇଛି। ଖବର ପାଇ କଣିହାଁ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲା। ଜାନକୀ ଗଡ଼ନାୟକଙ୍କ କହିବା ଅନୁସାରେ ଘରେ ଏକ ବାଇକ, ପମ୍ପ, ଧାନ, ପଟା ଚୌକାଠ, ଘରର ଆବାସପତ୍ର ସମେତ ପ୍ରାୟ ୩ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଘଟଣା ସ୍ଥଳରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶକ୍ରମେ ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ, ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ସୁବାଷ ମହାନ୍ତି, ରବିଚନ୍ଦ୍ର ମହାନ୍ତି, ସୁକାନ୍ତ ମହାନ୍ତି, ଧନେଶ୍ୱର ବିଶ୍ୱାଳ ପହଞ୍ଚି ରାଜସ୍ୱ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି କିଭଳି ସରକାରୀ ସହାୟତା ମିଳିବ ସେ ବିଷୟରେ କଣିହାଁ ତହସିଲଦାର ବିଧାୟକ ପାଳ ନିର୍ଦ୍ଦେଶ ଦେଇଥିଲେ।

## ଓଷ୍ଟା ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁମେଳା

**ତାଳଚେର, ୯।୧୨(ସମିସ)**

ତାଳଚେର ବ୍ଲକ ହେଁସମୂଳ ଉଚ୍ଚବିଦ୍ୟାଳୟରେ ଓଡିଆ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମେଳା-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ପକ୍ଷରୁ ଆୟୋଜିତ ଏହି ଏକ ଦିବସୀୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର ମହାରଣା ଅଧ୍ୟକ୍ଷତା କରିଥିଲେ।ମୁଖ୍ୟ ଅତିଥି ଭାବରେ ହେଁସମୂଳ ସରପଞ୍ଚ ସୁମିତ୍ରା ସାହୁ ଓ ଓଷ୍ଟାର ଅନୁଗୋଳ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଦ୍ୟାଳୟର ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବରେ ହେଁସମୂଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ପ୍ରଧାନ, ଓଷ୍ଟାର କଣିହାଁ ବ୍ଲକ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଓଷ୍ଟାର ତାଳଚେର ବ୍ଲକ ସମ୍ପାଦକ ଟିକନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ୩୦ଟି ବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, କବିତା ଆବୃତ୍ତି, ନୃତ୍ୟ, କଣ୍ଠ ସଙ୍ଗୀତ, ଗଳ୍ପ ଲିଖନ, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଓଷ୍ଟା ଉପସଭାପତି ଶ୍ରୀକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱରୀ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର, ସମାଜସେବୀ ପର୍ଶୁରାମ ସାହୁ, ଜିଲ୍ଲା ଓଷ୍ଟା ସଭାପତି ଭାସ୍କର ଚନ୍ଦ୍ର ସାହୁ ଓ ଯୁବରାଜ ହାଇସ୍କୁଲର ପ୍ରଧାନଶିକ୍ଷକ ହେମନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ଉତ୍ସବ ପରିଚାଳନାରେ ବନବିହାରୀ ନାୟକ, ଜ୍ୟୋତିପ୍ରକାଶ ସାହୁ, ତପନେଶ୍ୱର ଶତପଥି, କୃଷ୍ଣଚନ୍ଦ୍ର ମହାନ୍ତି, ସରୋଜ କୁମାର ସାହୁ, ଦିଲ୍ଲୀପ କୁମାର ସାହୁ, ବିନୋଦ କୁମାର ବିଶ୍ୱାଳ, ହରିହର ପ୍ରଧାନ, ଟିକନ କୁମାର ସାମଲ, ଚଣ୍ଡୁ ନାହାକ, ଅର୍ଚ୍ଚନା ବେହେରା, ସୁରମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ଜନ୍ମଦିନର ଶୁଭେଚ୍ଛା



ବିମଳଚନ୍ଦ୍ର ଷଡଙ୍ଗୀ
ଖୋର୍ଦ୍ଧାର ସମାଜସେବୀ ତଥା ସମବାୟବିତ
୭୦ତମ ଶୁଭ ଜନ୍ମଦିନରେ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା
ଶୁଭେଚ୍ଛା ସହ:
ବନ୍ଧୁ ଓ ପରିବାରବର୍ଗ

### ଗଁଦିଆ ଅଞ୍ଚଳରେ ହାତୀ ଆତଙ୍କ

# ବ୍ୟାପକ ଧାନ ଫସଲ ନଷ୍ଟ; ଲୋକେ ଆତଙ୍କିତ

**ଗଁଦିଆ, ୯।୧୨(ସମିସ)**



ଗଁଦିଆ ବ୍ଲକର ମୁଖ୍ୟ କେନ୍ଦ୍ର ଗଁଦିଆ ଓ ତାର ଆଖପାଖ ଗ୍ରାମ ଗୁଡିକରେ ହାତୀମାନଙ୍କର ପାର୍ଦୃଭାବ ଦେଖିବାକୁ ମିଳୁଛି। ବର୍ତ୍ତମାନ ଧାନ ଫସଲ ଅମଳ ସମୟ ହୋଇଥିବାରୁ ଖାଦ୍ୟ ଅନ୍ୱେଷଣରେ ହାତୀ ପଲ ସିଧାସଳଖ ଗ୍ରାମାମୁଖି ହୋଇ ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ମେଡିକାଲ ଛକଠାରେ ଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମର କାଜୁ ଜଙ୍ଗଲ ମଧ୍ୟରେ ବର୍ତ୍ତମାନ ୪ଟି ହାତୀ ରହିଛନ୍ତି। ସନ୍ଧ୍ୟା ହେଲା କ୍ଷଣି ସେମାନେ ସିଧାସଳଖ ପାଚିଥିବ ଧାନ କ୍ଷେତକୁ ଯାଇ ଫସଲ ଖାଉଛନ୍ତି। ବିଶେଷ କରି ଶ୍ରୀରାମଚନ୍ଦ୍ରପୁର, ମଠତେନ୍ତୁଳିଆ, ଅରାଛୁଆ ଆଙ୍କୁର୍ଦା, ବଙ୍ଗୋଲୋ, ମୁଗୁପଦା, ଇଲେଇଜଙ୍ଗ ଆଦି ଗ୍ରାମର ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ସେହିପରି ସନ୍ଧ୍ୟା ସମୟରେ ଆଙ୍କୁର୍ଦା ଗ୍ରାମ୍ୟ ରାସ୍ତାରେ ହାତୀପଲରୁ ଗୋଟିଏ ଦନ୍ତା ଅନେକ ସମୟରେ ରାସ୍ତା ଉପରେ ଛିଡା ହୋଇ ରହୁଥିବା ଯୋଗୁ ଗ୍ରାମବାସୀ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ହାତୀ ସମସ୍ୟାର ତୁରନ୍ତ ସମାଧାନ କରି ଏଠାକାର ଜନସାଧାରଣଙ୍କୁ ସୁରକ୍ଷା ଦେବାକୁ ବନ ବିଭାଗ ପଦକ୍ଷେପ ନେବାକୁ ଦାବି ହେଉଛି।

ସେହିପରି ଗଁଦିଆ ବ୍ଲକର ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ବାଇଁଶିଆ ଗ୍ରାମ ପଞ୍ଚାୟତ ଅଧୀନ ବାଇଁଶିଆ ବହ୍ଲବ ଓ କଙ୍କା ଗ୍ରାମର ଚାଷୀ ସେମାନଙ୍କ ଅଞ୍ଚଳରେ ହାତୀପଲ ଉପସ୍ଥିତ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବର୍ତ୍ତମାନ ୨୮ ଟିକିଆ ହାତୀ ରହିଥିବାର ବନ ବିଭାଗ ସୂତ୍ରରୁ ଜଣାଯାଏ। ଗତକାଲି ରାତିରୁ ଉକ୍ତ ୨୮ ଟିକିଆ ହାତୀପଲ ବ୍ରାହ୍ମଣୀ ନଦୀ ପାର ହୋଇ ଆଜି ଉକ୍ତ ଅଞ୍ଚଳରେ ରହିଛନ୍ତି। ଉକ୍ତ ହାତୀପଲ ନଦୀକୂଳ ଓ ସେହି ଅଞ୍ଚଳ ଦେଇ ଯାଇଥିବା ରେଙ୍ଗାଲି ଦକ୍ଷିଣପାର୍ଶ୍ୱ କେନାଲ ମଧ୍ୟରେ ରହି ସେଠାରେ ଥିବା ବାଇଁଶିଆ ଓ ବହ୍ଲବ ଗ୍ରାମର ଅନେକ ଚାଷୀଙ୍କର ପାଚିଲା ଧାନ କିଆରୀରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଉକ୍ତ ହାତୀପଲକୁ ସେଠାରୁ ଘଉଡ଼ାଇବା ପାଇଁ ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ଦିନ ତମାମ ପ୍ରଚେଷ୍ଟା ଜାରୀ ରଖିଛନ୍ତି। ବନ ବିଭାଗଠାରୁ ପ୍ରାପ୍ତ ଖବର ଅନୁସାରେ ସନ୍ଧ୍ୟା ସୁଦ୍ଧା ଉକ୍ତ ୨୮ ଟିକିଆ ହାତୀ ପଲ ବର୍ତ୍ତମାନ ବହ୍ଲବ ଗ୍ରାମ ପାଖରେ ଥିବା ମସାଣି ଜଙ୍ଗଲ ମଧ୍ୟକୁ ପଳାଇଛନ୍ତି। କିନ୍ତୁ ଉକ୍ତ ହାତୀପଲଙ୍କ ଦ୍ୱାରା ହୋଇଥିବା ଧାନ ଫସଲ ନଷ୍ଟ ଓ କ୍ଷୟକ୍ଷତିର ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

- ବ୍ରାହ୍ମଣୀ ପାରହୋଇ ଆସିଲେ ୨୮ ହାତୀ
- ବାଇଁଶିଆ ବହ୍ଲବ ଓ କଙ୍କା ଗ୍ରାମରେ ହାତୀପଲ

## ଭକ୍ତ ନିବାସ ଓ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଶିଳାନ୍ୟାସ



**ଗଁଦିଆ, ୯।୧୨(ସମିସ):** ଗଁଦିଆ ବ୍ଲକ ସନ୍ଥପୁର ଗ୍ରାମ ପଞ୍ଚାୟତର ସନ୍ଥ ଶ୍ରୀକ୍ଷେତ୍ରଠାରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦାନ କରି ଭକ୍ତ ନିବାସ, ଆମ ଓଡ଼ିଶା ଓ ନବୀନ ଓଡ଼ିଶାର ଶିଳାନ୍ୟାସ କରିଥିଲେ। ଏଥିରେ ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ବ୍ଲକ ଯୁବ ବିଜେଡି ସଭାପତି ପ୍ରଦୀପ କୁମାର ରାଉତ, ବ୍ଲକ ମହିଳା ସଭାପତି ଶୁଭଦର୍ଶନୀ ପରିଡ଼ା, ବ୍ଲକ ଉପସଭାପତି ତାପସ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ବନମାଳୀ ଲେଙ୍କା ଓ ସମିତି ସଭ୍ୟ ନିରଞ୍ଜନ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ।

## ଅଜଣାଗାଡ଼ି ଧକ୍କାରେ ବୃଦ୍ଧ ମୃତ

**କାମାକ୍ଷାନଗର, ୯।୧୨(ସମିସ):** ଅଜଣା ଗାଡି ଧକ୍କାରେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ କାମାକ୍ଷାନଗର ଥାନା ବେଢ଼ାପାଳ ଗ୍ରାମର ଗଜିଆ ଲେଙ୍କା(୬୦)। ପରିବାର ଲୋକଙ୍କ ସୂଚନା ଅନୁଯାୟୀ ଗଜିଆ ଆଜି ଟାଟାମାଇନ୍ସ ହାଟ କରିବାକୁ ଯାଇଥିଲେ। ହାଟରୁ ଫେରିବା ବେଳେ ଓଡ଼ିଶ କେନାଲ ରାସ୍ତାରେ ଏକ ଅଜଣା ଗାଡି ସହ ତାଙ୍କର ଧକ୍କା ହୋଇଥିଲା। ଏହାପରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଣସିଂହ ବିଦ୍ୟାଳୟରେ ଗଣିତ ପ୍ରତିଯୋଗିତା

**ଢେଙ୍କାନାଳ, ୯।୧୨(ସମିସ):** ସଦର ବ୍ଲକ ଅନ୍ତର୍ଗତ ବଣସିଂହ ଉ.ପ୍ରା. ବିଦ୍ୟାଳୟ ଠାରେ ଅକ୍ଷରା ଫାଉଣ୍ଡେସନ୍ ତରଫରୁ ଓ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଗଣିତ କଳିକା ଆନ୍ଦୋଳନର ଗଣିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ସସ୍ମିତା ସାହୁ, ବଣସିଂହ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରମିଳା ବେହେରା ଓ ସ୍ୱେଚ୍ଛାସେବୀ ଜଳଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଗଣିତ ପ୍ରତିଯୋଗିତାରେ ବଣସିଂହ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୮ଟି ବିଦ୍ୟାଳୟରୁ ୪ର୍ଥ, ୫ମ ଓ ୬ଷ୍ଠ ଶ୍ରେଣୀର ୩୧୧ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪ର୍ଥ ଶ୍ରେଣୀରୁ ବିଶ୍ୱ ରଞ୍ଜନ ସାହୁ, ଦୁଷ୍ମନ୍ତ ମହାନ୍ତି, ସ୍ମୃତିପ୍ରଜ୍ଞା ମଲ୍ଲିକ, ୫ମ ଶ୍ରେଣୀରୁ ଅମରେନ୍ଦ୍ର ସ୍ୱାଇଁ, ଆୟୁଷ ସାହୁ, ଭବାନୀ ଶଙ୍କର ହାତୀ ଓ ୬ଷ୍ଠ ଶ୍ରେଣୀରୁ ଅଂଶୁମାନ ସାହୁ, ସ୍ନେହପ୍ରଜ୍ଞା ବେହେରା ଓ ଆଶୀର୍ବାଦ ଅଂଶୁମାନ ମହାନ୍ତି ଶ୍ରେଷ୍ଠ ପ୍ରଦର୍ଶନ କରି ଅତିଥିମାନଙ୍କ ଠାରୁ ସାର୍ଟିଫିକେଟ୍ ଓ ଟ୍ରଫି ପାଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସିଆରସିସି ବିକାଶ ଜେନା, ପ୍ରଧାନଶିକ୍ଷକ ବିକ୍ରମ ସେଠୀ, ଅକ୍ଷରା ଫାଉଣ୍ଡେସନ୍‌ର ସଂଯୋଜକ ଭବାନୀ ଶଙ୍କର ବେହେରା, ଶଙ୍କର ନାରାୟଣ, ଶିକ୍ଷକ ଗୋଲକ ବିହାରୀ ସାମଲ, କମିଟି ସଭାପତି ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।



### ଜିଲ୍ଲାସ୍ତରୀୟ ମିଳିତ ଅମଳା ମଞ୍ଚର ବୈଠକ

## ଦାବି ପୂରଣ ନହେଲେ ଆସନ୍ତା ୨୦ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ



**ଢେଙ୍କାନାଳ, ୯।୧୨(ସମିସ):** ଜିଲ୍ଲାସ୍ତରୀୟ ମିଳିତ ଅମଳା ମଞ୍ଚର ଏକ ସାଧାରଣ ସଭା ଢେଙ୍କାନାଳ ମହିଷାପାଟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚର ଆବାହକ ଅରୁଣ କୁମାର ବଳିୟାରସିଂ, ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସମେତ ଓଡ଼ିଶା ଅମଳା ସଂଘର ସାଧାରଣ ସମ୍ପାଦକ ଗଣେଶ ଚନ୍ଦ୍ର ପୃଷ୍ଟି, ରାଜସ୍ୱ ଅମଳା ସଂଘର ସମ୍ପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଟ୍ରେଜେରୀ ଅମଳା ସଂଘର ମାନସ ପାତ୍ର ଓ ଯତିନ୍ ଦେହୁରୀ, ସବ୍-ରେଜିଷ୍ଟ୍ରାର ଅମଳା ସଂଘର ରାଜୀବ କୁମାର ସାହୁ ତଥା ସମସ୍ତ ବିଭାଗର ଅମଳାମାନେ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ଅମଳାମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଥିବାବେଳେ ସେମାନଙ୍କୁ ମାଟ୍ରିକ୍ ହାରରେ ଦରମା ମିଳୁଛି। ଯାହା ଅମଳାମାନଙ୍କ ମଧ୍ୟରେ ଘୋର୍ ଅସନ୍ତୋଷର କାରଣ ହେଉଛି। ସେଥିପାଇଁ ଗତ ଜୁନ୍ ମାସରେ ଅମଳାମାନଙ୍କର ମୂଳ ଦରମାର ଲେବୁଲ୍-୯କୁ ପରିବର୍ତ୍ତନ କରିବା ପାଇଁ ଜୁନ୍ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ସରକାର ଜୁନ୍ ୨, ୭ ଓ ୯ ତାରିଖରେ ଆଲୋଚନା କରିବା ପାଇଁ ଡାକିଥିଲେ ମଧ୍ୟ ତାହା ସଫଳ ହୋଇନଥିଲା। ପରିଶେଷରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଏହି ଆନ୍ଦୋଳନରେ ହସ୍ତକ୍ଷେପ କରି ଆଲୋଚନା କରିଥିଲେ ଏବଂ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ଜୁନ୍ ୧୭ରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ପରିତାପର ବିଷୟ ଏହା ମଧ୍ୟରେ ୬ମାସ ପୁରିବାକୁ ଯାଉଥିଲେ ମଧ୍ୟ ଅମଳାଙ୍କ ଦାବି ପୂରଣ ହୋଇନି। ସେଥିପାଇଁ ଆସନ୍ତା ଡିସେମ୍ବର ୧୯ ତାରିଖ ସୁଦ୍ଧା ଅମଳାଙ୍କର ଦାବି ପୂରଣ ନ ହେଲେ ଡିସେମ୍ବର ୨୦ରୁ ସ୍ଥଗିତ ଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ପୁନଃ ଚାଲୁ କରିବା ପାଇଁ ରାଜ୍ୟ ମିଳିତ ମଞ୍ଚରେ ନିଆଯାଇଥିବା ନିଷ୍ପତି ଜିଲ୍ଲାରେ କାର୍ଯ୍ୟ କରାଯିବ ବୋଲି ନିଷ୍ପତି ନିଆଯାଇଛି।

## ଲିଙ୍ଗଭିତ୍ତିକ ହିଂସା ଉପରେ ସଚେତନତା

**ଗଁଦିଆ, ୯।୧୨(ସମିସ):** ଗଁଦିଆ ପଞ୍ଚାୟତ ସମିତି ସଭାଗୃହଠାରେ ଲିଙ୍ଗ ଭିତ୍ତିକ ହିଂସା ଉପରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଶାଦ୍ରି ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରଥମେ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଏଥିରେ ନିଶାଦ୍ରି ଜାଗୃତିର ଅନ୍ତେବାସୀ ମିଶନ ଶକ୍ତିର ମହିଳା ସଭ୍ୟା ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ବନ ସୁରକ୍ଷା ସମିତିର ମହିଳା ସଭ୍ୟାମାନେ ଅଂଶଗ୍ରହଣ କରି ଲିଙ୍ଗ ଭିତ୍ତିକ ହିଂସା ଉପରେ ବିଭିନ୍ନ ପ୍ଲାକାର୍ଡ ହାତରେ ଧରି ଗଁଦିଆ ଛକଠାରୁ ବାହାରି ବ୍ଲକ ପର୍ଯ୍ୟନ୍ତ ଆସିଥିଲେ। ଏହାପରେ ସଭାଗୃହଠାରେ ଅନୁଷ୍ଠିତ ବୈଠକକୁ ମୁଖ୍ୟ ଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଯୋଗଦାନ କରି ଉକ୍ତ ସଚେତନତା ବୈଠକକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ୟୁନସେଫ୍ ଜିଲ୍ଲା ସଂଯୋଜିକା ଅଙ୍ଗୁର ମିଶ୍ର, ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ସ୍ଥାନୀୟ ତହସିଲଦାର ସୁରଥ ଚନ୍ଦ୍ର ରାଉତ, ଗଁଦିଆ ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ ମାନସୀ ଦାସ, ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ଅଧିକାରୀ ବିଦ୍ୟାଧର ରାଉତ ପ୍ରମୁଖ ଯୋଗଦାନ କରି ଯୌତୁକ, ବାଲ୍ୟବିବାହ ସାଇବର କ୍ରାଇମ ବିଭିନ୍ନ ଅନ୍ଧବିଶ୍ୱାସ ଜନିତ କୁସଂସ୍କାର, ପାରିବାରିକ ହିଂସା, ଯୁବତୀ ଚାଲାଣ, ମହିଳା ଓ ପୁରୁଷ ମଧ୍ୟରେ ଲିଙ୍ଗଗତ ଭେଦଭାବ ସମସ୍ୟା ସହ ମହିଳାଙ୍କର ସାମାଜିକ ଓ ଆର୍ଥିକ ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। ନିଶାଦ୍ରି ତରଫରୁ ଯୁଗ୍ମ ନିର୍ଦ୍ଦେଶକ ଧିରେନ କୁମାର ମହାନ୍ତି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ଗଁଦିଆ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ତୃତୀୟ ମାସିକ ସମ୍ମିଳନୀ

**ଗଁଦିଆ, ୯।୧୨(ସମିସ):** ଗଁଦିଆ ବ୍ଲକର ଡାଳସିଙ୍ଗା ମାର୍ଥାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଁଦିଆ ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟର ମାସିକ ପ୍ରଧାନଶିକ୍ଷକ ସମ୍ମିଳନୀ ଗଁଦିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଁଦିଆ ବ୍ଲକର ୩୦ ଜଣ ପ୍ରଧାନଶିକ୍ଷକ ଯୋଗଦାନ କରି ଆଲୋଚନାରେ ଭାଗ ନେଇଥିଲେ। ଗଁଦିଆ ବ୍ଲକର ନିହଳପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବ୍ଲକ ଉଚ୍ଚ ବିଦ୍ୟାଳୟର ନୋଡାଲ ଅଧିକାରୀ ରଞ୍ଜନ କୁମାର ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୋରନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ନଭେମ୍ବର ମାସର ଦ୍ୱିତୀୟ ବୈଠକରେ ହୋଇଥିବା ଆଲୋଚନାର କାର୍ଯ୍ୟକାରିତା ବିଷୟରେ ଆଲୋଚନା ହୋଇଥିଲା। ମୋ ସ୍କୁଲ ଅଭିଯାନର ପରିଚାଳନା ସଭ୍ୟ ସୁଧୀର କୁମାର ପାତ୍ର ଚାରି ହାଉସ ଚାରି କ୍ଲବ ବିଷୟରେ ଆଲୋଚନା କରିଥିଲେ। ଗଁଦିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲୀଧର ସାହୁଙ୍କ ସହିତ ଗଁଦିଆ ସହ ଗୋଷ୍ଠୀଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଡାଳସିଙ୍ଗା ମାର୍ଥାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମକୁ ଦେଖି ଗୁଗଲ ଫର୍ମରେ ସମସ୍ତ ପ୍ରଧାନଶିକ୍ଷକ ପୂରଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ପାଣିଗ୍ରାହୀ ସମସ୍ତ ଅଧିକାରୀ ଓ ଉପସ୍ଥିତ ସମସ୍ତ ପ୍ରଧାନଶିକ୍ଷକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମୋ ସ୍କୁଲ ଅଭିଯାନର ଆଲମିନି ସଭ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ଉପଦେଷ୍ଟା ଭିକାରୀ ଚରଣ ରାଉତ କାର୍ଯ୍ୟକ୍ରମ ପାଇଁ ସହଯୋଗର ହାତ ବଢ଼ାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ବିଭିନ୍ନ ସ୍ଥାନରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

# ବିଦ୍ୟାର୍ଥୀଙ୍କର ଅନ୍ତର୍ନିହିତ ଗୁଣର ବିକାଶକୁ ପ୍ରାଥମିକତା

### ଢେଙ୍କାନାଳ ମହିଳା ମହାବିଦ୍ୟାଳୟ




**ଢେଙ୍କାନାଳ, ୯।୧୨ (ସମିସ):** ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସମାଜସେବା କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ ନିକଟସ୍ଥ ବେଶାଳିଆ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସରପଞ୍ଚ ସୁଜାତା ପ୍ରଧାନ ଓ ସମିତି ସଭ୍ୟ ଜୟଶ୍ରୀ ଦାସ ଗ୍ରାମବାସୀଙ୍କୁ ନାଟକ ଦେଖିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଢେଙ୍କାନାଳର ସାଂସଦ ମହେଶ ସାହୁ ଛାତ୍ରୀମାନଙ୍କୁ ସମାଜସେବାରେ ନିଜକୁ ନିଓଜିତ କରିବାକୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମଲ୍ଲ କୁସଂସ୍କାର ଓ ଅନ୍ଧବିଶ୍ୱାସ ଉପରେ ସମସ୍ତଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଗୋକୁଳନନ୍ଦ ମହାପାତ୍ର, ମହାବିଦ୍ୟାଳୟର ସାମାଜିକ ସେବା କାର୍ଯ୍ୟକ୍ରମର ସଂଯୋଜିକ ଡ. ସରୋଜିନୀ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଡିଗ୍ରୀ ମହିଳା ମହାବିଦ୍ୟାଳୟ

**କାମାକ୍ଷାନଗର:** କାମାକ୍ଷାନଗର ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗ ଶିକ୍ଷା, ପ୍ଲାଷ୍ଟିକ ମୁକ୍ତ ସହରର ସ୍ୱଚ୍ଛତା ତଥା କନ୍ୟାଭ୍ରୂଣ ହତ୍ୟା ଓ ବାଲ୍ୟବିବାହ ପ୍ରଥାକୁ ବନ୍ଦ କରିବା ପାଇଁ ଛାତ୍ରୀମାନଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ବନ୍ଦିତା ମହାନ୍ତିଙ୍କ ନେତୃତ୍ୱରେ ଯୋଗଗୁରୁ ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ଜେନା ଛାତ୍ରୀମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜିକା ମଧୁସ୍ମିତା ମହାପାତ୍ର ଛାତ୍ରୀମାନଙ୍କୁ କିପରି ବାଲ୍ୟ ବିବାହ ବନ୍ଦ କରାଯାଇପାରିବ, ଛାତ୍ରୀମାନେ ଯୌନ ଶୋଷଣର ଶୀକାର ନହେବେ, ତଥା କନ୍ୟାଭ୍ରୂଣ ହତ୍ୟା ବନ୍ଦ କରିବା ଉପରେ ଆଲୋକପାତ କରିଥିଲେ। ଛାତ୍ରୀମାନେ ପ୍ଲାଷ୍ଟିକ ମୁକ୍ତ ସହର ତଥା ସ୍ୱଚ୍ଛତା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ସହିତ ବିଭିନ୍ନ ସ୍ଥାନରୁ ଅଳିଆ ଆବର୍ଜନା ସଫା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଆଶିଷ କୁମାର ମହାନ୍ତି, ଅଧ୍ୟାପକ ଦୀପକ କୁମାର ବିଶ୍ୱାଳ, ଅଧ୍ୟାପିକା ଡଃ ରେଣୁକା ପଣ୍ଡା, ଅଧ୍ୟାପିକା ସୁରମା ପ୍ରଧାନ, ନିରଞ୍ଜନ ମଲ୍ଲିକ, ଚିତ୍ତରଞ୍ଜନ ମହାନ୍ତି, ସୁରେଶ ବେହେରା, ବିନୋଦିନୀ ସାସମଲ୍, ସଚଳା ଦେହୁରୀ, ସଞ୍ଜୁଲତା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




### ଜିରାଳ ମହାବିଦ୍ୟାଳୟ



**ମାର୍ଥାପୁର:** ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ କଲେଜ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଖଣି ଇସ୍ପାତ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ କୁମାର ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶ୍ରୀ ମଲିକ ଯୁବଶକ୍ତିକୁ ସମୃଦ୍ଧ କରିବା ଦିଗରେ ଓଡ଼ିଶା ସରକାରଙ୍କ ଅଭିନବ ପ୍ରୟାସ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀଙ୍କ ତରଫରୁ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମହାବିଦ୍ୟାଳୟର କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରହ୍ଲାଦ ଅଗସ୍ତି କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଉଦୟନାଥ ଲେଙ୍କା ଏବଂ ପ୍ରବୋଧ କୁମାର ଦାଶ ଉପସ୍ଥିତ ରହି ପିଲାମାନଙ୍କୁ ଏ ବିଷୟରେ ଉତ୍ସାହିତ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ବ୍ୟାପକ ଭାବେ ବର୍ଣ୍ଣନା କରିବା ସହ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସମୂହ ଭାବେ ଅଂଶଗ୍ରହଣ କରିବା ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ଜିରାଳ ତଥା ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସମାଜସେବୀ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଡିସେମ୍ବର ୭ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ କ୍ରୀଡା, କଳା, ସଂସ୍କୃତି ଓ ସାମାଜିକ କାର୍ଯ୍ୟକ୍ରମ ଗୁଡିକରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ କହିଥିଲେ।

### ସରାଙ୍ଗ ଆଇଜିଆଇଟି ଶିକ୍ଷାନୁଷ୍ଠାନ

**ପରଜଙ୍ଗ:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ଆଇଜିଆଇଟି ଶିକ୍ଷାନଷ୍ଠାନ ପକ୍ଷରୁ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଷ୍ଟାଡିୟମରେ ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟବ୍ରତ ମହନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଆୟୋଜିତ ସମାରୋହରେ ପରଜଙ୍ଗ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ.ନୃସିଂହ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର କାର୍ଯ୍ୟ ସହିତ ବର୍ତ୍ତମାନ ସାମ୍ପ୍ରତିକ ସମାଜରେ ଯୁବ ସମାଜ କିପରି ବିଭିନ୍ନ ମାଧ୍ୟମ ଦେଇ ଅଗ୍ରଣୀଳ ଦିଗକୁ ଗତି କରିବ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଡ଼.ସାହୁ ଅନୁଷ୍ଠାନର ବିଦ୍ୟାର୍ଥୀଙ୍କୁ ଦିଗଦର୍ଶନ ଦେବା ସହ ତତ୍‌ସହିତ କିପରି ବିଦ୍ୟାର୍ଥୀଙ୍କର ଅନ୍ତର୍ନିହିତ ଗୁଣର ବିକାଶ ଘଟିବ ତାହା ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରଖିଛନ୍ତି। ପାଠପଢ଼ା ସାଙ୍ଗକୁ ଖେଳ, ସଙ୍ଗୀତ, ନାଚ, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଅନ୍ୟଦିଗରେ ଶିକ୍ଷାର୍ଜନ କରିବାର ପନ୍ଥା ରାଜ୍ୟ ସରକାର ହାତକୁ ନେଇ ଏହି ଯୋଜନା ପ୍ରଣୟନ କରିଛନ୍ତି। ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଦସ୍ୟା ରୁନୁ ବର୍ମା, ସରାଙ୍ଗ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ବାସୁଦେବ ଦାସ, ଆଇୟାଇଡିପିର ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାସ ଯୋଗ ଦେଇଥିଲେ।

**ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ**

# ମନ ଛୁଇଁଲା କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ

**ଡେରାବିଶ/ପଞ୍ଚୁପାଣ୍ଡବ, ୯।୧୨(ସମିସ)**

ବେଣୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଇଓ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ତାପସ ରଞ୍ଜନ ସାହୁ, ସମିତିସଭ୍ୟା କବିତା ସେଠୀ, ବ୍ଲକ ସହକାରୀ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ, ଖଗେଶ୍ୱର ନାୟକ, ମୋ ସ୍କୁଲ ଅଭିଯାନର ସଭାପତି ସୁଦୀପ୍ତ ସାମଲ ଯୋଗଦେଇ କୁନି ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକ ପ୍ରଶଂଶା କରିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ୯୪ଟି ବିଦ୍ୟାଳୟରୁ ୯୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏଥିମଧ୍ୟରେ ଶ୍ରେଷ୍ଠ ୫ଟି ପ୍ରକଳ୍ପକୁ ଅତିଥିମାନେ ଜିଲ୍ଲାସ୍ତରକୁ ମନୋନୀତ କରିଥିଲେ।

**୫ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ**









ଉଦ୍‌ଯାପନୀ ଉତ୍ସବରେ ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବେଣୀପୁର ସରପଞ୍ଚ ମୋହନ ଚରଣ ସାହୁ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ, ବ୍ଲକ ସାଧନକେନ୍ଦ୍ର ସଂଯୋଜକ ଦେବଦତ୍ତ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଶଶିକାନ୍ତ ସାହୁ, ମଣ୍ଡଳ ବିଜ୍ଞାନ ସଂଯୋଜକ ଭାଗୀରଥୀ ମହାନ୍ତି, ସିଆରସିସି ଲଲାଟକେଶରୀ ଭୂୟାଁ, ପ୍ରଦୀପ୍ତ କୁମାର ମଲ୍ଲ, କନକଲତା ପୃଷ୍ଟି, ସୁଜାତା ନାୟକ, ମନୋରଞ୍ଜନ ତ୍ରିପାଠୀ, ଗୟାଧର ସାହୁ, ଶିବପ୍ରସାଦ ସାହୁ, ମନୋଜ ପଟ୍ଟନାୟକ ଓ ବିଭୁତିଭୂଷଣ ଘଡେଇଙ୍କ ସମେତ ସମସ୍ତ ୧୭ଟି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ସିଆରସିସି ଅଶୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଆଳି:** ଆଳି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ପତ୍ରପୁର ସାମନ୍ତସିଂହାର କେଳୁଚରଣ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀକାନ୍ତ ରାଉତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାଶ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଧ ବାରିକ, ପତ୍ରପୁର ପଞ୍ଚାୟତ ସରପଞ୍ଚ କାନନବିହାରୀ ପରିଡ଼ା, ପ୍ରାକ୍ତନ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତି, ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ଓ ମଣ୍ଡଳ ବିଜ୍ଞାନ ପରିଷଦ ସମ୍ପାଦକ ଶୁଭ୍ରକାନ୍ତ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ୧୧୭ଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ସୁମନ୍ତ ରାଉତ, ସହଦେବ ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ବିଆରସିସି ଉଦକର ସାମଲ, ବିଲିକଣା ସିଆରସିସି ଲକ୍ଷ୍ମୀପ୍ରିୟା ମଥାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚଣ୍ଡିଆଗଡ଼ି ହାଇସ୍କୁଲର ଶିକ୍ଷକ ସମୀର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ରାସ୍ତା ନିର୍ମାଣ ଲାଗି ଶିଳାନ୍ୟାସ

**ରାଜକନିକା, ୯ ।୧୨(ସମିସ):** ରାଜକନିକା ବ୍ଲକର ସଦର କଣ୍ଟପଡ଼ା ବଜାରଠାରୁ ବଡ଼ାଗର ଦେଇ ପିମ୍ପୁଡି ଯାଏ ୫ କିମି ଓ ଗୁଆଳିଗାଁଠାରୁ ଗଭାଡ଼ିଆ ଖରାଖାଇ ପୀଠ ଯାଏ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଛି। ଏହି ଦୁଇ ରାସ୍ତା ପାଇଁ ଶୁଭ ଦିଆଯାଇଛି। ପ୍ରତ୍ୟେକ ରାସ୍ତା ପାଇଁ ୬କୋଟି ଟଙ୍କା ମଞ୍ଜୁର କରାଯାଇଛି। ମନ୍ତ୍ରୀ ପ୍ରତାପ ଦେବ ଏହି ରାସ୍ତା କାମ ଲାଗି ଶିଳାନ୍ୟା ସକରିଛନ୍ତି। ସୂଚନାଯୋଗ୍ୟ, କନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନରେ ନିର୍ମାଣ ହେବାକୁ ଥିବା ଏହି ୨ଟି ସଡ଼କ ଗମନ ଗମନ ପାଇଁ ବେଶ ଅପରିହାର୍ଯ୍ୟ ହୋଇପଡ଼ିଥିଲା।

## ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ




**କେନ୍ଦ୍ରାପଡ଼ା, ୯ ।୧୨(ସମିସ):** କେନ୍ଦ୍ରାପଡ଼ା ସହର ଉପକଣ୍ଠ ଗରାପୁରସ୍ଥିତ ଆଇଏଚ୍ଆର୍‌ଡି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ବିଶ୍ୱ ମାନବାଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସକେ ସଲାମ ଆଦାନୀ ସଭାପତିତ୍ୱ କରିଥିଲେ। ଉପସଭାପତି ମହମ୍ମଦ ମୁସ୍ତାକ, ଉପଦେଷ୍ଟା ପ୍ରମୋଦ ସାହୁ, ମୁଖ୍ୟ ଉପଦେଷ୍ଟା ସୁଶୀଲ ସାମଲ, ସାମ୍ବାଦିକ ଅଲେଖ ନାୟକ, ମହମ୍ମଦ ଜାକିର, ମହମ୍ମଦ ସୋନି, ପୂର୍ଣଚନ୍ଦ୍ର ମାଝୀ, ମନୱାର ଖାନ, ମିନତୀ ସୁନ୍ଦରରାଏ ଓ ସେକ୍ ଶାବିର ହୁସେନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଗାଈ ଆକ୍ରମଣରେ ସାମ୍ବାଦିକ ଗୁରୁତର

**ମାର୍ଶାଘାଇ, ୯।୧୨(ସମିସ):** ମାର୍ଶାଘାଇ ବ୍ଲକ ଶାସନିପଡ଼ା ନିବାସୀ ସାମ୍ବାଦିକ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ଗାଈ ଆକ୍ରମରେ ଗୁରୁତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ଜଙ୍ଘ, ମୁଣ୍ଡ, ଆଖିପତାରେ ଗଭୀର ଆଘାତ ଲାଗିଛି। ସକାଳେ ସେ ଗୁହାଳରୁ ଗାଈଟିକୁ ବାହାର କରି ଅନ୍ୟତ୍ର ବାନ୍ଧିବାକୁ ନେଉଥିଲେ। ଏହି ସମୟରେ ଗାଈଟି ଆକ୍ରମଣ କରିବାରୁ ସେ ତଳେ ପଡ଼ିଯାଇଥଲେ। ପଡୋଶୀ ତାଙ୍କ ଚିତ୍କାର ଶୁଣି ଉଦ୍ଧାର କରିଥିଲେ।

# ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



**ମହାକାଳପଡ଼ା, ୯ ।୧୨(ସମିସ):** ଟାଙ୍କିବେଲାରୀସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ୱାଇଏମ୍‌ସିଏର ପ୍ରତିଷ୍ଠାତା ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ସ୍ମୃତିରେ ଏକ ସ୍ମୃତିସଭା ଏବଂ ବସ୍ତ୍ରବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୦ଜଣ ଅସହାୟ, ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଂଗଠନର ସଭାପତି ବିପିନ ବିହାରୀ ଖୁଣ୍ଟିଆ, ମଲ୍ଲିନା ନାୟକ, ସଂଗଠନର ସମ୍ପାଦକ ଶୁଭ୍ର କାନ୍ତ ସାମଲ, ସମରେନ୍ଦ୍ର ମାହାଳୀ ପ୍ରମୁଖ ବସ୍ତ୍ର ବଣ୍ଟନ କରିଥିଲେ।

**ଡେରାବିଶ:** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ହରେକୃଷ୍ଣ ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ୬୦ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି ହରେକୃଷ୍ଣ ମହାନ୍ତିଙ୍କ ପତ୍ନୀ ଶାନ୍ତିଲତା ମହାନ୍ତିଙ୍କ ଶ୍ରାଦ୍ଧ ଦିବସ ଅବସରରେ ହରେକୃଷ୍ଣ ସ୍ମୃତି ସଂସଦ ପକ୍ଷରୁ ଗରିବ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ହରେକୃଷ୍ଣ ମହାନ୍ତି ଓ ପତ୍ନୀ ଶାନ୍ତିଲତା ମହାନ୍ତିଙ୍କ ପ୍ରତିମୂର୍ତ୍ତିକୁ ଅଭିରାମ ପରମହଂସଙ୍କ କରମଳା ମଠର ସନ୍ଥ ଆତ୍ମାରାମ ଦାସ ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀନିବାସ ସାହୁ, ଶିକ୍ଷାବିତ୍ ସରସ ମୋହନ ଦାସ, ଉପେନ୍ଦ୍ରନାଥ ସିଂ, ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହରେକୃଷ୍ଣ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ହରେକୃଷ୍ଣ ମହାନ୍ତିଙ୍କ ପୁଅ ବୋହୂ ଓ ପରିବାର ବର୍ଗ ପରିଚାଳନା କରିଥିବା ବେଳେ ଗ୍ରାମର ସୁଧିର ରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ବସନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।



**ସିହୋପଡ଼ା-ବରିପଡ଼ା ରାସ୍ତାରେ ସ୍କୁଟି-ବାଇକ୍ ମୁହାଁମୁହିଁ**

# ଦୁଇ ବାଇକ୍‌ଆରୋହୀ ମୃତ, ଜଣେ ଗୁରୁତର

**ରାଜକନିକା/ଓଳାଭର, ୯ ।୧୨(ସମିସ)**

ରାଜକନିକା-କଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ସିହୋପଡ଼ା-ବରିପଡ଼ା ମଝି ରାସ୍ତାରେ ଶନିବାର ଏକ ବାଇକ୍ ଏବଂ ଗୋଟିଏ ସ୍କୁଟି ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଛି। ଏହା ଫଳରେ ବାଇକ୍‌ରେ ବସିଥିବା ଦୁଇ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସ୍ଥାନୀୟ କଇଥାପାଳ ଗ୍ରାମର ଖଗେଶ୍ୱର(୫୮) ନାୟକ ଓ ରମେଶ ନାୟକ (୫୮)। ଏଥିରେ ସ୍କୁଟି ଆରୋହୀ ସୁଶାନ୍ତ ବିନ୍ଧାଣୀ (୪୮) ଗୁରୁତର ହୋଇଛନ୍ତି। ରାଜକନିକା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଜମିରେ ଧାନ କାଟୁଥିବା ଚାଷୀ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଖଗେଶ୍ୱର ଓ ରମେଶ ବାଇକ୍ ଯୋଗେ ସିହୋପଡ଼ା ପଟରୁ ଘରକୁ ଫେରୁଥିଲେ। ଅପର ପଟୁ ଅର୍ଥାତ୍ ବରିପଡ଼ା ଆଡୁ ସୁଶାନ୍ତ ସ୍କୁଟିରେ ଓଳାଭର ଯାଉଥିଲେ। ଚାଷଜମି ପାଖ ବୁଲାଣିରେ ବାଇକ୍ ଓ ସ୍କୁଟି ମୁହାଁ ମୁହିଁ ଧକ୍କା ଦେଇଥିଲା। ଏତେ ଜୋରରେ ଧକ୍କା ହୋଇଥିଲା ଯେ ସ୍କୁଟି ଆରୋହୀ ସୁଶାନ୍ତ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ତେବେ ଜଣେ ବାଇକ୍ ଆରୋହୀଙ୍କ ମୁଣ୍ଡର ପଛ ପଟ ପିଚି ହୋଇଯାଇଥିଲା। ଆଉ ଜଣେ ବାଇକ୍ ଆରୋହୀଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା। ସ୍କୁଟି ଆରୋହୀ ସୁଶାନ୍ତଙ୍କ ଗୋଡ ଭାଙ୍ଗିଛି। ପ୍ରବଳ ରକ୍ତସ୍ରାବ ଯୋଗୁ ରାସ୍ତା ରକ୍ତ ଜୁଡୁବୁଡୁ ହୋଇ ଯାଇଥିଲା। ଆମ୍ବୁଲାନ୍ସରେ ସମସ୍ତଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପୁଲିସ ଗାଡ଼ି ଦୁଇଟି ଜବତ କରିଛି।

ସୂଚନାଯୋଗ୍ୟ, ୪ମାସ ତଳେ ମଧ୍ୟ ଏହି ରାସ୍ତାରେ ୨ ଜଣ ଯୁବକଙ୍କ ଗାଡି ଧକ୍କାରେ ଜୀବନ ଯାଇଛି। ଗତ ବର୍ଷ ମଧ୍ୟ ଏହି ରାସ୍ତାର ପେଗରପଡ଼ାଠାରେ ମଧ୍ୟ ବେପରୁଆ ଗାଡି ଚାଳନା ଯୋଗୁଁ ୨ ଜଣଙ୍କ ଜୀବନ ଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୃତକ ଦ୍ୱୟ ହେଲମେଟ ପିନ୍ଧିଥିଲେ ହୁଏତ ଏଭଳି ଅଘଟଣ ଘଟି ନ ଥାନ୍ତା।

**୫କ୍ରେମାଇଟ୍ ଅପମିଶ୍ରଣକାରୀ ଗିରଫ**

## ୨ ଟ୍ରକ୍ ସହ କାର ଜବତ

**ମାର୍ଶାଘାଇ, ୯।୧୨(ସମିସ):** ମାର୍ଶାଘାଇ ଥାନା ଶିଳିପୁର ଛକରେ ପୁଲିସ ପାଟ୍ରୋଲିଂ ବେଳେ ୫ ଜଣ କ୍ରୋମାଇଟ୍ ଅପମିଶ୍ରଣକାରୀଙ୍କୁ ଗିରଫ କରିଛି। ଏମାନେ ହେଲେ କଟକ ଜିଲ୍ଲା ମାହାଙ୍ଗା ଥାନା କୁସୁପୁରର ଶାରଦା ପ୍ରସନ୍ନ ଜେନା (୪୮), ପ୍ରଭାସ ବର୍ମା(୪୮), କୁସ ବେହେରା(୪୦), ମଙ୍ଗରାଜ ବେହେରା (୩୮), ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ମଙ୍ଗଳପୁର ରଞ୍ଜନ ନାୟକ(୩୩)। ଏମାନଙ୍କଠୁ ୨ଟି ଅପମିଶ୍ରିତ କ୍ରୋମାଇଟ୍ ଟ୍ରକ୍ ସହ କାର, ନଗଦ ୨୦ହଜାର ଟଙ୍କା ଜବତ ହୋଇଛି ବୋଲି ଆଇଆଇସି ପ୍ରଜ୍ଞାପରମିତା ବେହେରା ପ୍ରକାଶ କରିଛନ୍ତି।

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସହ ଛାତ୍ରଙ୍କ ରିଲ୍ସ

**ରାଜନଗର, ୯ ।୧୨(ସମିସ):** ଯୁବପିଢିଙ୍କ ମଧ୍ୟରେ ରିଲ୍ସ ମାନିଆ ଏପରି ହୋଇଛି ଯେ, ସେମାନେ ପୂଜ୍ୟପୂଜା ପ୍ରତି ଅସମ୍ମାନ କରିବାକୁ ପଛାଉ ନାହାନ୍ତି। ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଏଭଳି ଏକ ଘଟଣା ଘଟିଛି। କଲେଜ ପରିସରରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରାଯାଇଛି। କଲେଜର ଯୁକ୍ତ୩ ଶେଷ ବର୍ଷର ଛାତ୍ର ଆଜାଦ୍ ଦାସ ପ୍ରତିମୂର୍ତ୍ତିରୁ ଚଷମା କାଢିନେଇ କାନ୍ଧରେ ହାତ ରଖି ରିଲ୍ସ କରିଛନ୍ତି। ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ପରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ମହାବିଦ୍ୟାଳୟରେ ଶୃଙ୍ଖଳା କମିଟି ବୈଠକ ବସିଛି। ତେବେ ନିଜର ଭୁଲ୍ ବୁଝିପାରି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ନତମସ୍ତକ ହୋଇ ଛାତ୍ର ଜଣଙ୍କ ଶେଷରେ କ୍ଷମା ପ୍ରାର୍ଥନା କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ମହାବିଦ୍ୟାଳୟର ଶୃଙ୍ଖଳା କମିଟି ବୈଠକ ଡାକିଥିଲେ। ଏହି ବୈଠକରେ ସଦସ୍ୟ ଅଧ୍ୟାପକ ପ୍ରଣୟ ବେହେରା, ଅଭିମନ୍ୟୁ ରାଉତ, ପର୍ଶୁରାମ ନାଥ, ଅଧ୍ୟାପିକା ଅନୁସୂୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରିଲ୍ସ କରିଥିବା ଆଜାଦ, ତାଙ୍କୁ ସହଯୋଗ କରିଥିବା ଜଣେ ସହପାଠି ଏବଂ ଉଭୟଙ୍କ ପରିବାର ଲୋକେ ଏଥିରେ ଉପସ୍ଥିତ ଥିଲେ। ଶୃଙ୍ଖଳା କମିଟି ଦୁଇ ଛାତ୍ରଙ୍କୁ ଏବାବଦରେ କଡ଼ା ତାଗିଦ କରିଥିଲା। ଏହାପରେ ଦୁଇ ଛାତ୍ର ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା କରିଥିଲେ। ଭବିଷ୍ୟତରେ ଆଉ କେବେ ମଧ୍ୟ ପୂଜ୍ୟପୂଜା ପ୍ରତି ଅସମ୍ମାନ କରିବେ ନାହିଁ ବୋଲି ଶୃଙ୍ଖଳା କମିଟି ଆଗରେ କଥା ଦେଇଥିଲେ।

**● ଚଷମା କାଢ଼ି ନେଇ କାନ୍ଧରେ ହାତ ପକାଇଲେ**
**● ସବୁଆଡ଼େ ପ୍ରତିକ୍ରିୟା ପରେ କ୍ଷମା ମାଗିଲେ**



# ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ୯ ।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆୟବା ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ପିଲାମାନେ ନିଜ ନାଁରେ ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସେଠୀ ଛାତ୍ରଛାତ୍ରୀ ହିଁ ନୂତନ ଓଡ଼ିଶାର ନିର୍ମାତା ବୋଲି କହିଥିଲେ। ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ଆଯୋଧାନାଥ ବିଶ୍ୱାଳ ଓ ସମିତି ସଭ୍ୟ ପୁଷ୍ପିତା ସାମଲ ନୂତନ ଓଡ଼ିଶା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିନାୟକ ପ୍ରସାଦ ପ୍ରଧାନ ସଭାପତିତ୍ୱ କରିଥିଲେ। ସୁଜାତା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡକ୍ଟର ବିନୋଦ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ପ୍ରଜ୍ଞା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ନିନି ମହାରଣା, ବିନ୍ଦୁସ୍ମିତା ସାହୁ, ଶ୍ରୀକାନ୍ତ କୁମାର ବେହେରା, ପ୍ରମୋଦିନୀ ରାଉତରାୟ, ସୁଭାଷ ତ୍ରିପାଠୀ, ବିଶ୍ୱରଞ୍ଜନ ମଲ୍ଲିକ, ରଶ୍ମିରଞ୍ଜନ ସେଠୀ, ବିଶ୍ୱରଞ୍ଜନ ମିଶ୍ର ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ୯ ।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନ ବାର୍ଷିକ ଉତ୍ସବ ଜାନୁୟାରୀ ୭ରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପ୍ରସ୍ତୁତି ବୈଠକ ଗରାପୁର କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସଂଗଠନର ମୁଖପତ୍ର ସାଙ୍ଗପ୍ରଭା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଉପଦେଷ୍ଟା ତଥା ସଂଗଠନର ପ୍ରମୁଖ ପ୍ରତିଷ୍ଠାତା ମନ୍ମଥ ରାୟଙ୍କ ସମେତ ସମସ୍ତ ସଭ୍ୟ, କର୍ମକର୍ତ୍ତା, ଉପଦେଷ୍ଟା ଓ ପ୍ରତ୍ୟେକ ବ୍ଲକର ସଂଯୋଜକମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଉପଦେଷ୍ଟା କାମପାଳ ଜେନା, ହେମନ୍ତକୁମାର ଜେନା, ଗୋପୀନାଥ ଦାଶ, ସୋମନାଥ ପଡ଼ିହାରୀ, ନିରଞ୍ଜନ ନାୟକ, ନିରଞ୍ଜନ ସାମଲ, ନରହରି ପାତ୍ର, ନରୋତ୍ତମ ବେହେରା, ଆବାହକ ନରେନ୍ଦ୍ର କୁମାର ନାୟକ, ସଂଗଠନ ସମ୍ପାଦକ ଈଶ୍ୱରଚନ୍ଦ୍ର ମନ୍ତ୍ରୀ, ସନାତନ ତରାଇ, ବାଉରୀ ବନ୍ଧୁ ମୁଦୁଲି, କୁଞ୍ଜ ବିହାରୀ ସାହୁ, ବିଜୟ ନାଥ, ଦୋଳ ଗୋବିନ୍ଦ ସାହୁ, ଚୌଧୁରୀ କୈଳାସ ପଟ୍ଟନାୟକ, ମାଗୁଣି ଚରଣ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାଶୀନାଥ ରାଉତରାୟ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।



# ଲୋକ ଅଦାଲତରେ ୧୫୮୭ ମାମଲାର ବିଚାର

**କେନ୍ଦ୍ରାପଡ଼ା, ୯ ।୧୨(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ସିଭିଲକୋର୍ଟରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ପଞ୍ଜୀକୃତ ହୋଇଥିବା ୧୮୭୦ ରାଜସ୍ୱ ମାମଲା ମଧ୍ୟରୁ ୧୫୮୭ ମାମଲାର ବିଚାର କରି ୨, ୫୬, ୩୭୫ ଟଙ୍କା ଆଦାୟ କରାଯାଇଛି।

ସେହିଭଳି କଚେରୀରେ ଦାୟର ହୋଇ ନ ଥିବା ମାମଲା ବା ପ୍ରାକ୍ ମକଦ୍ଦମାସ୍ତରୀୟ ୩୮୭୨ ମାମଲା ମଧ୍ୟରୁ ୯୭୨ଟି ମାମଲା ଫଇସଲ କରାଯାଇ ୩, ୪୫, ୭୨, ୪୦୫ ଟଙ୍କା ଅର୍ଥରାଶି ଆଦାୟ କରାଯାଇଛି। ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଦେୱାନୀ ମକଦ୍ଦମା ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ଆଦି ୧୩୨୯ଟି ମାମଲା ମଧ୍ୟରୁ ୩୧୬ଟି ମାମଲା ଫଇସଲା କରାଯାଇ ମୋଟ୍ ୧, ୯୨, ୬୧, ୭୦୮ ଟଙ୍କା ଆଦାୟ ହୋଇଛି।

ଟଙ୍କା ପୁନରୁଦ୍ଧାରଜନିତ ୧୧୨ଟି ମାମଲାରୁ ୧୪ଟି ଫଇସଲା ହୋଇ ୬୦, ୨୨, ୭୦୮ ଟଙ୍କା ଓ ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ୧୯ଟି ମାମଲା ମଧ୍ୟରୁ ୧୨ଟି ମାମଲା ଫଇସଲା କରାଯାଇ ୧, ୩୨, ୩୯, ୦୦୦ ଟଙ୍କା ଆଦାୟ ହୋଇଛି।

ପରିବାର ଅଦାଲତ ବିଚାରପତି ବିକାଶଚନ୍ଦ୍ର ଦେ, ଏଡିଜେ ଅଜୟ କୁମାର ପ୍ରଧାନ, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ପୂଜା ଷଡଙ୍ଗୀ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ସିନିୟର ସିଭିଲ୍ ଜଜ୍ ଅନ୍ନପୂର୍ଣ୍ଣା ନାୟକ ଓ ଆଲୋକମୟୀ ପ୍ରଧାନ, ଅତିରିକ୍ତ ସିନିୟର ସିଭିଲ ଜଜ୍ ସ୍ନିଗ୍ଧା ପଣ୍ଡା, ସିଭିଲ ଜଜ୍ କୁମାର ସ୍ୱନ, ଏସ୍‌ଡିଜେଏମ୍ ଲିପା ପୁଷ୍ପା ଖୁଣ୍ଟିଆ, ଏମ୍ଏଫ୍‌ସି ଅମିତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ସଂଯୋଜନା କରିଥିଲେ।

ପଟ୍ଟାମୁଣ୍ଡାଇ, ରାଜନଗର ଓ ଆଳି ସିଭିଲ୍ କୋର୍ଟ ପରିସରରେ ମଧ୍ୟ ବିଚାରପତିମାନେ ଯୋଗଦେଇ ପଞ୍ଜୀକୃତ ମାମଲାଗୁଡ଼ିକର ଫଇସଲା କରିଥିଲେ।

## ୬ ଡିଏସ୍‌ପିଙ୍କୁ ବଦଳି

**କଟକ, ୯।୧୨(ସମିସ):** ୬ଜଣ ପୁଲିସ ଡିଏସ୍‌ପିଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ପୁଲିସ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡର ଅନୁମୋଦନ କ୍ରମେ ଏହି ବଦଳି ବିଜ୍ଞପ୍ତି ଜାରି କରାଯାଇଛି। ଏହି କ୍ରମରେ ନିରଞ୍ଜନ ଶବରଙ୍କୁ କଟକ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ତପନ କୁମାର ଦାସଙ୍କୁ ପୁରୀ ଜିଲ୍ଲା ମୁଖ୍ୟାଳୟକୁ, ମୀନାକ୍ଷୀ ଠାକୁରଙ୍କୁ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା, ଗୀତାରାଣୀ ସେଠୀଙ୍କୁ ଭୁବନେଶ୍ୱର ଏସ୍‌ସିଆର୍‌ବି, ରାଜଲକ୍ଷ୍ମୀ ନାୟକଙ୍କୁ ସିଏଡବ୍ଲୁ ଓ ସିଏ ଭୁବନେଶ୍ୱର ଓ ମନୋଜ କୁମାର ପୂଜାରୀଙ୍କୁ ଖୋର୍ଦ୍ଧା ଆଇୟୁସିଏଡବ୍ଲୁର ଡିଏସ୍‌ପି ଭାବେ ବଦଳି କରାଯାଇଛି।

## ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ; ୧୧୯ ମାମଲାର ଫଇସଲା

**କଟକ, ୯।୧୨(ସମିସ):** ଓଡ଼ିଶା ହାଇକୋର୍ଟରେ ଶନିବାର ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୧୧୯ଟି ମାମଲାର ଫଇସଲା କରାଯାଇଥିବା ଜଣାପଡ଼ିଛି। ଏଥି ମଧ୍ୟରେ ମୋଟରଯାନ ଦୁର୍ଘଟଣା ମାମଲା, ଜମି ଅଧିଗ୍ରହଣ ମାମଲା, ବ୍ୟାଙ୍କ ଓ ବୀମା କମ୍ପାନୀ ସମ୍ପର୍କିତ ମାମଲା ଆଦିର ଫଇସଲା କରାଯିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥିରୀକୃତ କରାଯାଇଥିଲା। ଏହି ସବୁ ମାମଲା ସମାଧାନ କରାଯାଇ ମୋଟ ୭ କୋଟି ୫୨ ଲକ୍ଷ ୧୯ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହାଇକୋର୍ଟ ବିଚାରପତି ତଥା ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ ଅରିନ୍ଦମ ସିହ୍ନା, ଜଷ୍ଟିସ ସଂଗମ କୁମାର ସାହୁ, ଜଷ୍ଟିସ କେ.ଆର୍. ମହାପାତ୍ର, ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ବି.ପି.ରାଉତରାୟ, ଜଷ୍ଟିସ ଏମ୍.ଏସ୍.ରମଣ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠରେ ମାମଲାଗୁଡ଼ିକର ସମାଧାନ ହୋଇଥିଲା।

● ୨୨୦ କୋଟି କୋକେନ୍ ଜବତ ହେବା ଘଟଣା

## ପହଞ୍ଚିଲେ ଅନୁବାଦକ ଟିମ୍, ଜେରା ଆରମ୍ଭ

**ଭୁବନେଶ୍ୱର/ପାରାଦୀପ, ୯।୧୨(ସମିସ):** ପାରାଦୀପ ବନ୍ଦରରେ ଲାଗିଥିବା ଏମ୍‌ଭି ଦେବୀ ଜାହାଜରୁ ୨୨୦କୋଟି ଟଙ୍କାର କୋକେନ୍ ଜବତ ଘଟଣାରେ ତଦନ୍ତକାରୀ ଟିମ୍ ପାଇଁ ଭାଷା ଏକ ବିରାଟ ପ୍ରତିବନ୍ଧକ ସାଜିଥିଲା। ଏହି ଘଟଣାରେ କ୍ୟାପଟେନ୍‌ଙ୍କ ସମେତ ଜାହାଜର ୨୧ଜଣ ଯାକ କର୍ମଚାରୀ ଇଂରାଜୀ ବୁଝିପାରୁ ନଥିବାରୁ

■ ତଦନ୍ତରେ ସମସ୍ୟା ଉଗାଳିଥିଲା 'ଭାଷା'
■ ଲୋଡ଼ାଯିବ ଇଣ୍ଟରପୋଲ୍‌ର ସହାୟତା

ସେମାନଙ୍କୁ ଜେରା କରିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଅଧିକାରୀଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇଥିଲା। କିନ୍ତୁ ଏହି ସମସ୍ୟା ଏବେ ଦୂର ହୋଇଛି। ଗତକାଲି ଏକ ଅନୁବାଦକ ଟିମ୍ ପାରାଦୀପରେ ପହଞ୍ଚିଛନ୍ତି। ଅନୁବାଦକଙ୍କ ମଧ୍ୟରେ ଜଣେ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ସେମାନେ ଇଂରାଜୀ ଓ ଭିଏତନାମ ଭାଷା ଅନୁବାଦ କରିପାରୁଥିବାରୁ ତଦନ୍ତକାରୀ ଟିମ୍ ପାଇଁ ଏହା ସହାୟ ହୋଇଛି। ଆଜି ସେମାନଙ୍କ ସହାୟତାରେ ଅଟକ ଜାହାଜ କର୍ମଚାରୀମାନଙ୍କୁ ଜେରା କରାଯାଇଛି। ଅପରପକ୍ଷେ, ଏହା ଏକ ଅନ୍ତର୍ଜାତୀୟ ମାମଲା ହୋଇଥିବାରୁ ଇଣ୍ଟରପୋଲ୍‌ର ସହାୟତା ନିଆଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୧ ତାରିଖରେ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ମଧ୍ୟକୁ ଇଣ୍ଡୋନେସିଆରୁ ଆସିଥିବା ଏକ ଜାହାଜରୁ ସୀମାଶୁଳ୍କ ବିଭାଗ ୨୨୦କୋଟି ଟଙ୍କାର କୋକେନ୍ ଜବତ କରିଥିଲା।

## ୩ ଦିନିଆ ଫ୍ୟାଶନ୍-ଉଇକ୍ ୧୬ରୁ

**ଭୁବନେଶ୍ୱର, ୯।୧୨(ସମିସ):** ଦେଶ ବିଦେଶର ନାମୀ ଦାମୀ ମଡେଲମାନଙ୍କୁ ନେଇ ଓଡ଼ିଶାରେ ଆସନ୍ତା ବର୍ଷ ୧୬ରୁ ୧୮ ଫେବୃଆରୀ ମଧ୍ୟରେ ଏକ ଫ୍ୟାଶନ୍ ଶୋ' ଆୟୋଜନ କରାଯିବ। ଏନେଇ ଶନିବାର ହୋଟେଲ ମେଫେୟାର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଇଲିଅସ ସିଇଓ ସନ୍ତୋଷ ଆଚାର୍ଯ୍ୟ ଘୋଷଣା କରିଛନ୍ତି। ଏହାକୁ ଓଡ଼ିଶା ଫ୍ୟାଶନ୍-ଉଇକ୍ ନାମରେ ନାମିତ କରାଯାଇଛି। ରାଜ୍ୟର ବୟନ ଶିଳ୍ପ ମଧ୍ୟରେ ଟସର କପଡ଼ା ତଥା ବମକେଇ, ସମ୍ବଲପୁରୀ ଶାଢ଼ି ଆଦିବାସୀ ତଥା ସମ୍ବଲପୁରୀ କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଏହାସହ ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ଗହଣାର ୟୁରୋପୀୟ ବଜାରରେ ବହୁତ ଚାହିଦା ରହିଛି। ଓଡ଼ିଶାର ବୟନ ଶିଳ୍ପ ତଥା ହସ୍ତତନ୍ତ ଶିଳ୍ପର ଚାଷୀମାନଙ୍କୁ ଅଧିକ ରୋଜଗାରକ୍ଷମ କରିବା ପାଇଁ ଏହି ଶୋ'ର ଆୟୋଜନ କରାଯାଉଛି। ଏହି ଶୋ'କୁ କୌଣସି ଆର୍ଥିକ ଲାଭ ଉଦ୍ଦେଶ୍ୟରେ କରାଯିବ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟ ସରକାରଙ୍କ ସହ ମିଶି ଦେଶୀ ତଥା ଆନ୍ତର୍ଜାତିକ ବଜାରରେ ଆମ ବୁଣାକାରମାନଙ୍କୁ ଅଧିକ ରୋଜଗାରକ୍ଷମ କରିବା। ଏହି ଅବସରରେ ଲଣ୍ଡନରୁ ଆସିଥିବା ହଲିଉଡ୍ ସିନେ ଜଗତର ଖ୍ୟାତିସଂପନ୍ନ ପ୍ରଯୋଜକ, ସିନେ ପରିଚାଳକ, ନାୟିକା ତଥା ମଡେଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ବଜାରରେ ଓଡ଼ିଶା ବୁଣାକାର ତଥା ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତି କପଡ଼ା ତଥା ଅନ୍ୟାନ୍ୟ ହସ୍ତଶିଳ୍ପ ଜିନିଷକୁ ପ୍ରଦର୍ଶିତ କରିବା ପାଇଁ ରସିଆନ୍ ନାଗରିକ ତଥା ହଲିଉଡ୍ ଫିଲ୍ମ ପ୍ରଯୋଜକ ସେତ୍‌ଲାନା ଲେଭିଚେବା ଏକ ଚୁକ୍ତି ସାକ୍ଷର କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।




ଚୌଦ୍ୱାରରେ ୱେଲ୍‌ସ୍ପନ୍ ବୟନଶିଳ୍ପ ପ୍ରତିଷ୍ଠା ପଦକ୍ଷେପ ପାଇଁ ଅଞ୍ଚଳବାସୀ ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଓ ଅଭିନନ୍ଦନ ଜଣାଉଛନ୍ତି

ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଅନ୍ତେବାସୀଙ୍କୁ ନିର୍ଯାତନା

## ୧୮ କିମି ଚାଲିଚାଲି ମନ୍ତ୍ରୀଙ୍କୁ ଫେରାଦ

**ରାୟଗଡ଼ା, ୯।୧୨(ସମିସ):** ଠିକ୍ ସମୟରେ ଓ ଉପଯୁକ୍ତ ପରିମାଣରେ ଖାଇବାକୁ ନ ଦେବା, ଖାଇବା ମାଗିଲେ ମାଡ଼ ମାରିବା ସହ ହଷ୍ଟେଲରୁ ତଡ଼ିଦେବାର ଭୟ ଦେଖାଇବା ଆଦି ହଷ୍ଟେଲ୍ କର୍ତ୍ତୃପକ୍ଷଙ୍କ ନିର୍ଯାତନା ସଂପର୍କରେ ଅଭିଯୋଗ କରିବା ପାଇଁ ୧୪ଜଣ ଅନ୍ତେବାସୀ ୧୮ କିମି ଚାଲିଚାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଗଲେ। କିନ୍ତୁ ଦ୍ୱିତୀୟ ଶନିବାର ଅଫିସ୍ ଛୁଟି ଥିବାରୁ ନିକଟରେ ଥିବା ସର୍କିଟ୍ ହାଉସରେ ମନ୍ତ୍ରୀଙ୍କୁ ଭେଟି ଫେରାଦ ହେଲେ। ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍‌ରେ ଘଟିଥିବା ଏହି ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ସଦର ବ୍ଲକ ଅଧୀନ କଲ୍ୟାଣ ବିଭାଗର ବଡ଼ରାଇସିଂ ଆଶ୍ରମ ସ୍କୁଲର ୨୪୦ଜଣ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ସମସ୍ତ ଛାତ୍ରଛାତ୍ରୀ (ପ୍ରଥମରୁ ଅଷ୍ଟମ) ଅନୁସୂଚିତ ଜାତି ଓ ଜନଜାତି ବର୍ଗର। ହଷ୍ଟେଲ କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ସେମାନଙ୍କୁ ନିର୍ଯାତନା ଦିଅନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ହଷ୍ଟେଲରେ ସେମାନଙ୍କୁ ଖାଇବା ପାଇଁ ଠିକ୍ ଭାବେ ଦିଆଯାଉନ ନଥିବା ବେଳେ ଖାଇବା ପାଇଁ ମାଗିଲେ କର୍ତ୍ତୃପକ୍ଷ ମାଡ଼ ମାରିବା ସହ ବିଦ୍ୟାଳୟରୁ ତଡ଼ିଦେବାର ଭୟ ଦେଖାଇଥାନ୍ତି। ସେହିପରି ପାଠ ପଢ଼ିବା ସମୟରେ ପନିପରିବା, ଆଳୁ ବସ୍ତା ବୋହିବା ପାଇଁ ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ସୁନା



ଓ ମାଟ୍ରନ୍ ତାଙ୍କୁ କହିଥାନ୍ତି। ଦିନକୁ ଦିନ ନିର୍ଯାତନା ବଢ଼ିବାରୁ ଏଥିରେ ଅତିଷ୍ଠ ହୋଇ ୧୪ଜଣ ଅନ୍ତେବାସୀ ଆଜି ୧୮ କିମି ଚାଲିଚାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କିନ୍ତୁ ଅଫିସ୍ ଛୁଟି ଥିବାରୁ ସେମାନେ ନିରାଶ ହୋଇଥିଲେ। ତେବେ ପାଖ ସର୍କିଟ୍ ହାଉସ୍‌ରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଥିବା ଜାଣିବାକୁ ପାଇ ସେଠାକୁ ଯାଇଥିଲେ। ମନ୍ତ୍ରୀ ଶ୍ରୀ ସାରକା ପିଲାଙ୍କଠାରୁ ସବୁକଥା ଶୁଣିବା ପରେ ଉପସ୍ଥିତ ଥିବା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଡବ୍ଲୁଇଓଙ୍କୁ ଘଟଣାର ତଦନ୍ତ କରି ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏତେ ଦୂରରୁ ଚାଲି ଆସିଥିବା କୁନି ପିଲାମାନେ ଭୋକିଲା ଥିବା ଜାଣିବାକୁ ପାଇ ମନ୍ତ୍ରୀ ଶ୍ରୀ ସରକା ଜଳଖିଆ ବ୍ୟବସ୍ଥା କରାଇଥିଲେ।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବିଶାମିତ୍ର ସୁନାଙ୍କୁ ଯୋଗଯୋଗ କରାଯିବାରୁ ପିଲାମାନଙ୍କୁ ଠିକ୍ ଭାବେ ଖାଇବାକୁ ଦିଆଯାଉଛି ବୋଲି ସେ କହିଛନ୍ତି। ଏହାସହ ଛାତ୍ରଛାତ୍ରୀମାନଙ୍କୁ ମାଡ଼ ମରାଯିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

■ ଗଞ୍ଜେଇ ଚୋରାଚାଲାଣ ମାମଲା

## ୨ ଅଭିଯୁକ୍ତଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚ

**ରଙ୍ଗେଇଲୁଣ୍ଡା, ୯।୧୨(ସମିସ):** ଶନିବାର ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ରହି ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ମୁମ୍ବାଇର ନାର୍କଟିକ୍ସ କ୍ରାଇମବ୍ରାଞ୍ଚର ଏକ ଟିମ୍ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ଅଞ୍ଚଳରୁ ଉଠାଇଛି। ଅଭିଯୁକ୍ତମାନେ ହେଲେ କେ ନୂଆଗାଁ ଥାନା ଅନ୍ତର୍ଗତ କୁମରଡ଼ା ଗ୍ରାମର ଲକ୍ଷ୍ମୀ ପ୍ରଧାନ(୨୬) ଓ ବିଦ୍ୟାଧର ପ୍ରଧାନ(୨୬) ବୋଲି ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ୨୦୨୧ ଫେବୃଆରୀ ୧୨ ତାରିଖରେ ମୁମ୍ବାଇର ଆଣ୍ଟି ନାରୋକଟିକ୍ ସେଲ୍ସ ପକ୍ଷରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ମୁମ୍ବାଇର ବିକ୍ରୋଲି ନିକଟରେ ଏକ ଆଇଚର ଟ୍ରକ୍କୁ ଯାଞ୍ଚ ସମୟରେ ସେଥିରୁ ନଡ଼ିଆ ସହ ୧୮୨୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏନେଇ ଥାନା କେସନଂ ୧୭/୨୧ରେ ଏକ ମାମଲା ରୁଜୁ ସହ ଟ୍ରକର ଡ୍ରାଇଭର ଓ ହେଲପରକୁ ଗିରଫ କରାଯାଇଥିଲା। ତଦନ୍ତ ସମୟରେ ଗଜପତି ଜିଲ୍ଲା ଅଡ଼ବା ଥାନା ମୋହନା ଅଞ୍ଚଳରୁ ଲକ୍ଷ୍ମୀ ଓ ବିଦ୍ୟାଧର ପ୍ରମୁଖ ଉକ୍ତ ଗଞ୍ଜେଇକୁ ମୁମ୍ବାଇ ଚୋରା ଚାଲାଣ କରିଥିବା ଡ୍ରାଇଭର ପ୍ରକାଶ କରିଥିଲେ। ଏହାକୁ ଆଧାର କରି ଆଣ୍ଟି ନାର୍କଟିକ୍ସ ସେଲ୍ସ କ୍ରାଇମବ୍ରାଞ୍ଚ ପକ୍ଷରୁ ଉଭୟ ଅଭିଯୁକ୍ତଙ୍କ ମୋବାଇଲକୁ ଟ୍ରାକିଂ କରି ସେମାନେ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ଅଞ୍ଚଳରେ ରହୁଥିବା ଜାଣିବାକୁ ପାଇଥିଲେ। ଶନିବାର ସକାଳେ ଏହି ଟିମ୍ ଗୋଳନ୍ଥରା ଥାନାରେ ପହଞ୍ଚି ଗୋଳନ୍ଥରା ପୁଲିସର ସହାୟତାରେ କନିଷି ହାଟରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବା ସହ ସନ୍ଧ୍ୟାରେ ବ୍ରହ୍ମପୁର ସିଜିଏମ କୋର୍ଟରେ ହାଜର କରାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି।

● ରଗଡ଼ି ଜେଲରେ କଏଦୀଙ୍କ ମୃତ୍ୟୁ ଘଟଣା

## ନିଲମ୍ବିତ ହେଲେ ୱାର୍ଡର

**କୋରେଇ, ୯।୧୨( ସମିସ):** ଗତ ୬ ତାରିଖରେ ଯାଜପୁରରୋଡସ୍ଥ ରଗଡ଼ି ଜେଲ୍‌ରେ ବିଚାରଧୀନ କଏଦୀ ବଳରାମ ବେହେରା (୨୯)ଙ୍କ ଆତ୍ମହତ୍ୟା ଘଟଣାରେ ସେଦିନ ଦାୟିତ୍ୱରେ ଥିବା ୱାର୍ଡର ପ୍ରଦୀପ କୁମାର ବେହେରାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଦାୟିତ୍ୱରେ ଅବହେଳା ଯୋଗୁଁ ବଳରାମ ଆତ୍ମହତ୍ୟା କରିଥିବା ଦର୍ଶାଇ ଜେଲ୍ ଡିଆଇଜି ତାଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି। ସୂଚନା ମୁତାବକ, ଗତ ୬ ତାରିଖ ଦିନ ସାଢ଼େ ୧୧ଟା ସମୟରେ ରଗଡ଼ି ଜେଲ୍‌ରେ ବିଚାରଧୀନ କଏଦୀ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ଗ୍ରାମର ବଳରାମ ବେହେରା ଜେଲ୍ ପରିସରରେ ନିର୍ମାଣଧୀନ ଗୃହ ମଧ୍ୟରେ ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୁରକ୍ଷା କର୍ମୀଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଳରାମ ଏକ ପକ୍ସୋ ମାମଲାରେ ଗିରଫ ହୋଇ ବିଚାରଧୀନ କଏଦୀ ଭାବେ ରଗଡ଼ି ଜେଲ୍‌ରେ ଥିଲେ।

## ଭାଙ୍ଗିଲା ଓପିଜିସି ପାଉଁଶ ପୋଖରୀ; ବ୍ୟାପକ ଫସଲହାନି

**ଝାରସୁଗୁଡ଼ା, ୯।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଇବ ଥର୍ମାଲ ବନହରପାଲିସ୍ଥିତ ଓପିଜିସି କମ୍ପାନୀର ପାଉଁଶ ପୋଖରୀ ଭାଙ୍ଗିବା ଦ୍ୱାରା ବ୍ୟାପକ କ୍ଷୟକ୍ଷତି ଘଟିଛି। ଆଜି ସକାଳୁ ୟୁନିଟ ୧ ଏବଂ ୨ର ଆସ୍ ପଣ୍ଡ-ସିରେ ୨୦ ଫୁଟର ଘାଇ ହେବା ସହ କୁମ୍ଭାରବନ୍ଧ ପଞ୍ଚାୟତର କଁଟାଟିକ୍ରା, ସରଧାପାଲି ଏବଂ ରେଙ୍ଗାଲି ଗ୍ରାମର ଶତାଧିକ ଏକର ଚାଷ ଜମିରେ ପାଉଁଶ ପାଣି ମାଡି ଯାଇଛି। ପାଉଁଶ ପାଣି ଚାଷ ଜମିକୁ ମାଡିଯିବା ସହ ଗ୍ରାମ ପାଖକୁ ପହଞ୍ଚି ଯିବାରୁ ଗ୍ରାମବାସୀ ଭୟଭୀତ ହେବା ସହ ସ୍ଥାୟୀ ପ୍ରତିକାର ଦାବି କରିଛନ୍ତି। କଁଟାଟିକ୍ରା ଗ୍ରାମର ୩୮ ଜଣ ଓ ସରଧାପାଲି ଗ୍ରାମର ୩୨ଜଣ ଚାଷୀଙ୍କ ଜମିରେ ପାଉଁଶ ପାଣି ମାଡ଼ି ଯାଇଥିବା ପ୍ରାଥମିକ ଆକଳନରୁ ଜଣା ପଡ଼ିଛି। ସୂଚନା ଯୋଗ୍ୟ ଯେ ସକାଳ ପ୍ରାୟ ୮ଟାରେ ସରଧାପାଲି ଗ୍ରାମବାସୀ ଓପିଜିସିର ଆସ୍‌ପଣ୍ଡ ଭାଙ୍ଗି ଯାଇଥିବା ଖବର ପାଇଥିଲେ। ଗାଁକୁ ପାଉଁଶ ପାଣି ମାଡ଼ି ଆସିବାରୁ ଗ୍ରାମ ମୁଣ୍ଡରେ ଥିବା ଦୁର୍ଯ୍ୟୋଧନ ନାଏକ, କାର୍ତ୍ତିକ ନାଏକ, ନିରଞ୍ଜନ ଧରୁଆ, ବିପ୍ର ଭୁଏ, କାହ୍ନୁରୁ ଧରୁଆ, ମଧୁସୂଦନ ଭୁଏ, ପୁରନ୍ଦର ଭୋଇଙ୍କ ସମେତ ୧୫ ଜଣ ସପରିବାର ଘର ବୁଡି ଯିବା ଭୟରେ ଘରର ସମସ୍ତ ଆସବାବପତ୍ର ସହିତ ଆସ୍‌ପଣ୍ଡ ହୁଡ଼ା ଉପରକୁ ଉଠି ଯାଇଥିଲେ। ଦେଖୁ ଦେଖୁ ପାଉଁଶ ପୋଖରୀରେ ବିରାଟକାୟ ଘାଇ ହୋଇ ଚାରିଆଡ଼େ ପାଉଁଶ ପାଣି ମାଡ଼ିଯାଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ମଧ୍ୟାହ୍ନରେ ପରିସ୍ଥିତି



ସ୍ୱାଭାବିକ ହେବା ପରେ ଲୋକେ ଘରକୁ ଫେରିଥିଲେ।

ଏହାର ପ୍ରତିବାଦରେ ଗ୍ରାମବାସୀ ଓପିଜିସିର ମୁଖ୍ୟ ଫାଟକ ସାମନାରେ ଧାରଣା ଦେଇଥିଲେ। ସରଧାପାଲି, କଁଟାଟିକ୍ରା ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଏବଂ ଓପିଜିସି ଅଧିକାରୀମାନଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଓପିଜିସିର ବରିଷ୍ଠ ଅଧିକାରୀ ଡ଼.ରତିକାନ୍ତ ଦାସ, ଅଂଶୁମାନ ଶତପଥି, ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାର ସଦାକର କୁମ୍ଭାର ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଏହି ତ୍ରିପାକ୍ଷିକ ଆଲୋଚନାରେ ଗ୍ରାମବାସୀ କ୍ଷତି ହୋଇଥିବା ଫସଲର କ୍ଷତିପୂରଣ, ଗ୍ରାମବାସୀ ସମ୍ପୂର୍ଣ୍ଣ ବିସ୍ଥାପିତ କରିବାକୁ ଦାବି କରିଥିଲେ। ସୋମବାର ଲଖନପୁର ତହସିଲଦାର କ୍ଷତିପୂରଣ ଆକଳନ ପରେ କ୍ଷତିପୂରଣ ପ୍ରଦାନ ପାଇଁ ଓପିଜିସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମର ବିସ୍ଥାପନ ସମ୍ପର୍କରେ ଓପିଜିସିର ଉଚ୍ଚ ଅଧିକାରୀ ସହ ଆଲୋଚନା ପରେ ଗ୍ରାମବାସୀଙ୍କ ସୋମବାର ପୁଣି ଅଲୋଚନା କରାଯିବ ବୋଲି କହିଥିଲେ। ବର୍ଷା ଯୋଗୁଁ ଆସ୍‌ପଣ୍ଡ ଭାଙ୍ଗିଥିବା ବେଳେ ଏହାର ମରାମତି କାମ ଆରମ୍ଭ ହୋଇଥିବା ଓପିଜିସିର ଜନସମ୍ପର୍କ ଅଧିକାରୀ ପ୍ରକାଶ କରିଛନ୍ତି।

ପ୍ରଶାନ୍ତ ନନ୍ଦଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରସାୟନ ରାଷ୍ଟ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି

## ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ତାଳଚେର ସାର କାରଖାନା

**ଭୁବନେଶ୍ୱର, ୯।୧୨(ସମିସ):** ତାଳଚେରଠାରେ ନିର୍ମାଣାଧୀନ ୟୁରିଆ ସାର କାରଖାନାର ନିର୍ମାଣ କାର୍ଯ୍ୟ ଆସନ୍ତା ବର୍ଷ ସେପ୍ଟେମ୍ବର ସୁଦ୍ଧା ସରିବ। ଏନେଇ ତାଳଚେର ଫର୍ଟିଲାଇଜର ଲିମିଟେଡ୍ ପକ୍ଷରୁ ବର୍ଦ୍ଧିତ ସମୟସୀମା ଧାର୍ଯ୍ୟ କରାଯାଇଛି। ବିଜେଡି ରାଜ୍ୟସଭା ସାଂସଦ ଡ. ପ୍ରଶାନ୍ତ ନନ୍ଦଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଭଗବନ୍ତ ଖୁବା ଏହି ସୂଚନା ପ୍ରଦାନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଦର୍ଶାଇଛନ୍ତି ଯେ ତାଳଚେରଠାରେ କୋଇଲା ଗ୍ୟାସ୍‌ଭିତ୍ତିକ ସାର କାରଖାନାର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଅନୁଯାୟୀ ପଛୁଆ ଚାଲିଛି। ଏଥିପାଇଁ କୋଭିଡ୍ ମହାମାରୀକୁ ମନ୍ତ୍ରୀ ଦାୟୀ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ୟୁରିଆ କାରଖାନା ପାଇଁ ୨୦୧୯ ସେପ୍ଟେମ୍ବର ମାସରେ ଅନୁମତି ମିଳିବା ପରେ ଭାରତ ସମେତ ସମଗ୍ର ବିଶ୍ୱରେ କୋଭିଡ୍ ମହାମାରୀ ପ୍ରାଦୁର୍ଭାବ ଦେଖା ଦେଇଥିଲା। କୋଭିଡ୍‌ର ଦୁଇଟି ଲହର ଯୋଗୁଁ କାର୍ଯ୍ୟ ବିଳମ୍ବିତ ହେବା ସହ କାରଖାନା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ସାମଗ୍ରୀର ବରାଦ ଦିଆଯାଇ ପାରିନଥିଲା। ତେବେ ଇତିମଧ୍ୟରେ ପରିବେଶ ଅନୁମତି ସହ କାରଖାନା ପାଇଁ କୋଇଲା ମନ୍ତ୍ରଣାଳୟ ଦୀର୍ଘମିଆଦୀ ସୂତ୍ରରେ କୋଇଲା ଖଣି ଯୋଗାଇ ଦେଇଛନ୍ତି। କାରଖାନା ଅଞ୍ଚଳରେ କୋଲ ଗ୍ୟାସିଫାଏର ପହଞ୍ଚିବା ସହ ଏହାର ସ୍ଥାପନ ଆରମ୍ଭ ହୋଇଛି। ଆମୋନିଆ ୟୁରିଆ ପ୍ଲାଣ୍ଟ ପାଇଁ ୟୁରିଆ ରିଆକ୍ଟର ବ୍ୟତିତ ଅନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସାଜ ସରଞ୍ଜାମ ପହଞ୍ଚି ସାରିଛି। ୩ଟି ଚିମିନି ମଧ୍ୟରୁ ଦୁଇଟିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗୋଟିଏ ବଏଲର୍ ଡ୍ରମ୍ ସ୍ଥାପନ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ ଏହାର ପରିସରରେ ଜଳାଶୟ ନିର୍ମାଣ ସରିବାକୁ ଯାଉଥିବା ବେଳେ ଜଳ ବିଶୋଧନାଗାରର ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେହିଭଳି ପ୍ରଶାସନିକ ଭବନ, ତାଲିମ ପାଇଁ ସୌଧ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ନୂତନ ପୁଲିସ ଥାନା, ଅତିଥି ଭବନ ଓ କେନ୍ଦ୍ରୀୟ ଗୋଦାମ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଏଥିପାଇଁ ମୋଟ୍ ୪୨୦୦ କୋଟି ଟଙ୍କା ଏଯାବତ୍ ଖର୍ଚ୍ଚ ହୋଇଥିବା ନେଇ ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ତାଳଚେର ସାର କାରଖାନାର ଦେଶରେ ବେଶ୍ ଗୁରୁତ୍ୱ ରହିଛି। ବର୍ତ୍ତମାନ ଦେଶରେ ୪ଟି ୟୁରିଆ ଉତ୍ପାଦନ କାରଖାନା କାର୍ଯ୍ୟକ୍ଷମ ଥିବା ବେଳେ ତାଳଚେର ସାର କାରଖାନା କାର୍ଯ୍ୟକ୍ଷମ ହେଲେ ଭାରତର ୟୁରିଆ ଆମଦାନୀ ନିର୍ଭରଶୀଳତା ଯଥେଷ୍ଟ ହ୍ରାସ ପାଇବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ଏଫସିଆଇଏଲ୍ ତାଳଚେରର ପୁନରୁଦ୍ଧାର କାର୍ଯ୍ୟ ଗେଲ୍ ଇଣ୍ଡିଆ ଲିମିଟେଡ(ଗେଲ୍) ଦ୍ୱାରା ପ୍ରୋତ୍ସାହିତ କମ୍ପାନୀ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ(ଟିଏଫ୍‌ଏଲ୍), ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର୍ସ ଲିମିଟେଡ(ଆରସିଏଫ୍), କୋଲ ଇଣ୍ଡିଆ ଲିମିଟେଡ(ସିଆଇଏଲ) ଏବଂ ଫର୍ଟିଲାଇଜର୍ସ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ(ଏଫସିଆଇଏଲ) ଦ୍ୱାରା କରାଯାଉଛି।

ଅନ୍‌ଲାଇନ ଚାକରିରେ ଠକେଇ

## ମହିଳାଙ୍କଠାରୁ ୧୧.୫୯ ଲକ୍ଷ ଲୁଟିଲେ ସାଇବର ଠକ

**ବ୍ରହ୍ମପୁର, ୯।୧୨(ସମିସ):** ଘରେ ବସି ଅନଲାଇନରେ ପାର୍ଟଟାଇମ ଚାକିରି କରିବାକୁ ଉଦ୍ୟମ କରି ଫସିଛନ୍ତି ବ୍ରହ୍ମପୁରର ଆଉ ଜଣେ ମହିଳା। ଦୁଇଗୁଣା କମିଶନ ଲୋଭ ଦେଖାଇ ସାଇବର ଠକମାନେ ତାଙ୍କଠାରୁ ୧୧ଲକ୍ଷ ୫୯ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ମହିଳା ଜଣଙ୍କ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାପ୍ରକାରେ, ବ୍ରହ୍ମପୁର ଖାଜାସାହିରେ ରହୁଥିବା ପ୍ରିୟା ବେଗମ୍ (୩୮) (ଛଦ୍ମନାମ)ଙ୍କ ନିକଟକୁ ଟେଲିଗ୍ରାମରେ ଏକ ମେସେଜ ଆସିଥିଲା। ଏମଏସ ଓଡ଼ିଶା ନାମକ ଏକ ଟେଲିଗ୍ରାମ ଚ୍ୟାନେଲରୁ ଆସିଥିବା ଏହି ମେସେଜରେ ଘରେ ବସି ପାର୍ଟ ଟାଇମ ଚାକିରି କରିବାକୁ ଅଫର ରହିଥିଲା। ଘରେ ବସି ଟଙ୍କା ରୋଜଗାର କରିବା ଆଶାରେ ଉକ୍ତ ମହିଳା ଜଣଙ୍କ ସେହି ଟେଲିଗ୍ରାମ ଚ୍ୟାନେଲ ସହ ଯୋଡି ହୋଇଥିଲେ। ସେତେବେଳେ ମହିଳାଙ୍କୁ ତାଙ୍କର ବାୟୋଡାଟା, ବ୍ୟାଙ୍କ ଆକାଉଣ୍ଟର ବିବରଣୀ ମଗାଯାଇଥିଲା। ହେଲେ ମହିଳା ଜଣକ ବ୍ୟାଙ୍କ ତଥ୍ୟ ବ୍ୟତିତ ନିଜର ଅନ୍ୟସମସ୍ତ ସଠିକ ବିବରଣୀ ଦେଇଥିଲେ। ଏହାର ଦୁଇଦିନ ପରେ ସ୍ନେହା ନାମକ ଜଣେ ଯୁବତୀ ସମ୍ପୃକ୍ତ ମହିଳାଙ୍କୁ ଯୋଗାଯୋଗ କରି ଚାକିରିରେ ଯୋଗଦେବାକୁ କହିବା ସହ ଲଗ୍‌ଇନ୍ ଆଇଡି ଓ ପାସୱାର୍ଡ ଦେଇଥିଲେ। ଏହାପରେ ମହିଳାଙ୍କୁ ମିରାକଲ ଟିମ ଓ ଟ୍ରାଭେଲ ଟ୍ରାଏଙ୍ଗେଲ ନାମକ ଟେଲିଗ୍ରାମ ଚ୍ୟାନେଲରେ ଯୋଗଦେବାକୁ କୁହାଯାଇଥିଲା। ଏହାପରେ ୧୦ହଜାର ଟଙ୍କା ଜମା କରି ଭର୍ଚୁଆଲରେ ହୋଟେଲ ବୁକିଂ କରିବା କାମ ଦିଆଯାଇଥିଲା। ଏହା କଲେ ତାଙ୍କୁ ୨ଗୁଣା କମିଶନ ମିଳିବ ବୋଲି କୁହାଯାଇଥିଲା। ମହିଳା ଜଣକ ୧୦ହଜାର ଟଙ୍କା ଜମା କରିବା ସହ ତାଙ୍କୁ ଦିଆଯାଇଥିବା କାମ ସମ୍ପୂର୍ଣ୍ଣ କରିବାର କିଛି ସମୟ ପରେ ତାଙ୍କୁ ୨୦ହଜାର ଟଙ୍କା ଫେରସ୍ତ ମିଳିଥିଲା। ଏଥିରେ ମହିଳାଙ୍କ ଲୋଭ ବଢ଼ିଯାଇଥିଲା। ଏହା ପର ଦିନ ମହିଳାଙ୍କୁ ଏକ ନୂତନ ସ୍କିମର ଲୋଭ ଦେଖାଇ ୧୧ହଜାର ୫୪୧ଟଙ୍କା ପୁଣି ଜମା କରିବାକୁ କୁହାଯାଇଥିଲା। ତା'ପର ଦିନ ୩୦ହଜାର ଟଙ୍କା ଜମା କରିବାକୁ କୁହାଯାଇଥିଲା। ଏହିପରି ଭାବେ ମହିଳା ଜଣକ ୩ ଦିନରେ ଲକ୍ଷାଧିକ ଟଙ୍କା ଜମା କରିଥିଲେ। ହେଲେ ତାଙ୍କ ନିକଟକୁ ପ୍ରତିଶ୍ରୁତି ମୁତାବକ ଦୁଇଗୁଣା କମିଶନ ଆସିନଥିଲା।




# କୃତଜ୍ଞତା



## ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ

ବେଶି ନୁହଁ; ଏଇ ସାତ ଆଠ ବର୍ଷ ତଳର କଥା। ସେତେବେଳେ ମୁଁ ଭଦ୍ରକ କଲେଜରେ ନୂଆ ନୂଆ ଚାକିରି କରିଥାଏ। ପାର୍ଟ୍ ଟାଇମ୍ ଅଧ୍ୟାପିକା ଭାବେ। ଦରମା କ୍ଲାସ୍ ଅନୁଯାୟୀ, ତେବେ ହାରାହାରି ଧରିବାକୁ ଗଲେ ଆଠ ହଜାର ପାଞ୍ଚଶହ ଟଙ୍କା ମାତ୍ର।

ସତ କହିବାକୁ ଗଲେ ମୁଁ ଯେ, କେବେ କାହାକୁ ପଢ଼େଇ ପାରିବି, ସେ ବିଶ୍ୱାସ ମୋର ନଥିଲା। ମେଟ୍ରିକ୍ ପରୀକ୍ଷାରେ ବେଷ୍ଟ ଟେନ୍ ପାଇବା ପରେ ଘରେ ହିଁ ଦେଖେଇ ଥିଲେ, ପ୍ରଶାସନିକ ଅଧିକାରୀ ହେବାର ସ୍ୱପ୍ନ। ସବୁ ଠିକ୍ ଠାକ୍ ଚାଲିଥିଲା ମୋ ପ୍ରସ୍ତୁତି ବି ଚାଲିଥିଲା ପୂର୍ଣ୍ଣ ଗତିରେ। ପାହାଚ ପରେ ପାହାଚ ଚଢ଼ି ଚାଲିଥିଲି ମୁଁ ନିର୍ଦ୍ୱନ୍ଦ୍ୱରେ। ହେଲେ ହଠାତ୍ ବାପା କାମ କରୁଥିବା କମ୍ପାନିଟି ବନ୍ଦ ହେଇଯିବାରୁ ଦେଖାଦେଲା ଆର୍ଥିକ ଅନଟନ। ଋଣ କରଜ କରି କ'ଣ କଲେକ୍ଟର ହେବାର ସ୍ୱପ୍ନ ଦେଖିହୁଏ? ଘରର ବଡ଼ ଝିଅ ହିସାବରେ ମୋର ବି ତ କିଛି କର୍ତ୍ତବ୍ୟ ଅଛି ଏ ଦୁଃସ୍ଥିତିରେ !

ସମସ୍ତେ କହିଲେ ପିଜି କରିଦେ କଷ୍ଟେ ମଷ୍ଟେ। ଅନ୍ତତଃ କୋଉ କଲେଜରେ ପଢ଼େଇ ପାରିବୁ। କଥାରେ ଅଛି ପରା, ମାଷ୍ଟର ଚାକିରି ରଜା ଚାକିରି।

ମୋତେ ପଢ଼େଇବା କଥା ଶୁଣିଲେ ଶହେ ଦୁଇ ଜ୍ୱର ଆସେ। ମୋ ସାନ ଭାଇ ଭଉଣୀଙ୍କୁ ମୁଁ କେବେ ଦିନେ ପଢ଼େଇଥିବି ମୋର ମନେ ନାହିଁ। ହେଲେ ଏ ପରିସ୍ଥିତିରେ ଆଉ କି ଉପାୟ ଅଛି ? ତେଣୁ ପିଜି ସରିବା ପରେ ଅଧ୍ୟାପିକା ପାଇଁ ଆପ୍ଲାଏ କଲି। ଚାକିରି ଭିତରେ ବି ମୁଁ ଭୁଲି ନଥାଏ ମୋ ସ୍ୱପ୍ନର କଥା। ସେପଟେ ପ୍ରଶାସନିକ ସେବା ପାଇଁ ପରୀକ୍ଷା ବି ଦେଉଥାଏ।

ଚାକିରିଆଙ୍କ ଜୀବନରେ ଥାଏ ଯାବତୀୟ ନିୟମ ଓ ଦୁର୍ଦ୍ଦଶା। ପୁଣି ମୋ ଭଳି ସ୍ୱଳ୍ପ ବୈତନିକ ଚାକିରିଆଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ଦରମା ପାଇବାର ପ୍ରଥମ ପନ୍ଦର ଦିନ କଟେ ରାଜା ଭଳି ତା'ପର ପାଞ୍ଚଦିନ ଟାଣିଟୁଣି ପୁଣି ତା'ପରଠୁ ଦଶ ଦିନ ଯାଏଁ ଚାଲେ ଅଭାବର ଦିନ। ମୋର ବି ଠିକ୍ ସେଇଆ। ସେଦିନ ବରପଦା ଛକରେ ଗ୍ରୋସରି ଦୋକାନୀ ଦୁଇ ମାସର ବକେୟା ଟଙ୍କା ମାଗି ବେଜିତ୍ କରିଦେଲା ମୋତେ ସକାଳଟାରେ। ମୁଁ ଯେତେ କହିଲେ ବି ମୋଟେ ଶୁଣିଲାନି। ଶେଷରେ ମୋ ବକ୍ସ ରିଙ୍ଗ୍ ଗୋଟେ ବନ୍ଧା ପକେଇ ଆସିଲି ତା' ପାଖେ। ଖରାବେଳେ ଚାଲି ଚାଲି ଆସୁଥିଲା ବେଳେ ଦହିବରା ଦୋକାନ ଦେଖି ଭାରି ଭୋକ ହେଲା। ମାସ ଶେଷ ହେବା ଉପରେ। ପାଖରେ ତ ଟଙ୍କାଟେ ନାହିଁ, କରାଯିବ କ'ଣ? ଭାବିଲି ଦହିବରା ଖାଇଲେ ସିନା ଟଙ୍କା ପଡ଼ିବ, ହେଲେ ଖାଲି ଦହିପାଣି ମାଗିଲେ ତ ଟଙ୍କା ପଡ଼ିବନି ନା! ମୁଁ ସେଇଆ କଲି। ସେ ବି ବାଗେଇକି ଦହି ପାଣି ଦେଲା। ଠିକ୍ ପିଇ ସାରିବା ବେଳକୁ ମାଗିଲା ଟଙ୍କା। ଆରେ ହେ...କି ଟଙ୍କା! ଯେମିତି ଜାଣିଲା ମୋ ପାଖରେ ଟଙ୍କାଟିଏ ମଧ୍ୟ ନାହିଁ ଦେଲା ତ ଶୋଧଣା, ମୁହଁକୁ ମୋଟେ ଚାହିଁଲାନି। ମୋ ମାଷ୍ଟରାଣୀ ଦମ୍ଭଟା ଭାଙ୍ଗିଗଲା ସେଇଠି। କାଳେ କିଏ ଏକଥା ଶୁଣିଥିବ ଭାବି ଲାଜ ମାଡ଼ିଲା ମୋତେ। ଏମିତି ଲୋକ ସବୁ ଥାଆନ୍ତି! କି ଯୁଗ ହେଲାରେ! କେମିତି ଚଳିବୁ ଏଠି?

ଆଜି ଆଇ.ଏ.ଏସ୍.ର ପ୍ରିଲିମ୍ସ ପରୀକ୍ଷା। ସକାଳୁ ସକାଳୁ ବସ୍ ବାଲାଟା ଭାରି ଟେନ୍‌ସନ୍ ଦେଲା। ଭଦ୍ରକରୁ କଟକ ଯାକ ଛିଡ଼ା କରି ଆଣିଲା। ତଥାପି ସମାନ ଭଡ଼ା। ବସିଲେ ଯାହା ଛିଡ଼ା ହେଲେ ବି ତାହା। ଯୁକ୍ତି କଲେ କହୁଛି: "ଓହ୍ଲେଇ ଦେବି ଏଇଠି।" ଯା ସହ ଯୁକ୍ତି କରିବା ଚକ୍କର୍‌ରେ ମୋର ଅଧା ପାଠ ଉଡ଼ିଗଲାଣି ଶୂନ୍ୟକୁ। ଏଡ଼ିକି ଟିକିଏ ଜୀବନରେ ଏତିକି ଟେନ୍‌ସନ୍!

ପରୀକ୍ଷା ମୋଟେ ଭଲ ହେଲା ନାହିଁ। ସବୁ ସେଇ ଅଧୁଆମୁହାଁ ବସ୍ କଣ୍ଡକ୍ଟର ପାଇଁ। ଏଣେ ଟାଉନ୍ ବସ୍‌ଟେ ବି ମିଳିଲା ନାହିଁ। ସ୍ୱଚ୍ଛଳ ସୁନ୍ଦରୀ ଝିଅ ସବୁ ଅଟୋରୁ ଓହ୍ଲାଉ ଥାଆନ୍ତି ବେଙ୍ଗ ପରି ଖପ୍ ଖପ୍ ହେଇ। ହେଲେ ମୋ ପାଖରେ ଅଟୋ ଭଡ଼ା ପାଇଁ ଟଙ୍କା କାହିଁ? ଏଡ଼େ ବଡ଼ ସହରରେ ମୋ ପରି ଅସହାୟକୁ ଲିଫ୍ଟଟେ ମଧ୍ୟ ମିଳିଲା ନାହିଁ।

ଦୁଃଖ ତ ସେତେବେଳେ ଲାଗିଲା, ଯେତେବେଳେ ବାଦାମବାଡ଼ିର ସରକାରୀ ଶୌଚାଳୟ ବାଲା ପାସ୍ ଯିବା ପାଇଁ ଦଶ ଟଙ୍କା ନେଇଗଲା। ଟଙ୍କା ତ ନଉଚ ପୁଣି ମିଛୁଟାରେ ସବୁ ମାଗଣା ବୋଲି କାହିଁ ବୋର୍ଡ ଟାଙ୍ଗିଛ? ନ ଖାଇ ନ ପିଇ ବସ୍ ଭଡ଼ା ସଞ୍ଚିଥିଲି, ସେଥିରୁ ବି ଗଲା ଏବେ କେମିତି ଫେରିବି ଯେ?

ତଥାପି ସାହସ କରି ଭଦ୍ରକକୁ ଯାଉଥିବା ଗୋଟେ ନନ୍ ଏସି ବସ୍‌ରେ ବସିଲି। ଭାବିଲି ଏଥିରେ ଏସି ବସ୍ ଅପେକ୍ଷା ପନ୍ଦର କୋଡ଼ିଏ ଟଙ୍କା ତ କମ୍ ଥିବ ନିଶ୍ଚୟ। ସେଠି ଦଶ ଦେଲା ପରେ ମୋ ପାଖରେ ବଳିଥିଲା ଆଉ ଦୁଇଶହ ଟଙ୍କା ଭାବିଲି ହେଇଯିବ। ହେଲେ ଯେତେବେଳେ ବସ୍ କଣ୍ଡକ୍ଟରଠୁ ଶୁଣିଲି ଦୁଇଶହ ଷାଠିଏ ଟଙ୍କା ଭଡ଼ା କଥା, ମୋ ପାଦତଳୁ ମାଟି ଖସିଗଲା। ଭାରି ଖରାପ୍ ଲାଗିଲା। ସତ କହିବାକୁ ମୋର ମୋଟେ ସାହସ ହେଲାନି। ପାଣିକୋଇଲିରେ ଭଡ଼ା ଦେବି କହି ଠାକୁରଙ୍କୁ ଡାକିଲି ମନେ ମନେ। ଶେଷ ସମୟରେ କାଳେ କିଛି ମିରାକଲ୍ ହେଇପାରେ, ଯଦିଓ ମୋ ସହ ସେମିତି ମିରାକଲ୍ ପୂର୍ବରୁ ଘଟିଥିବାର ନଜିର୍ ନାହିଁ। ମୋତେ ଲାଗେ ମୁଁ ଦୁନିଆରେ ଗୋଟେ ସବୁଠୁ ଏକୁଟିଆ ମଣିଷ ଆଉ ସମସ୍ତେ ସ୍ୱାର୍ଥପର। ଜୀବନ ଆଉ ମଣିଷଙ୍କ ପ୍ରତି ତିକ୍ତତା ଆସିଲାଣି ମୋର।

ପାଣିକୋଇଲିରେ ପହଞ୍ଚିଲା ବସ୍। ମୋ ଛାତିରେ ଅଦେଖା କୋହ। ଭାବୁଚି ସେତକ ଟଙ୍କା ଦେଇ ଓହ୍ଲେଇ ପଡ଼ିବି ଏଠି। ତାପରେ ଯାହା ହବା କଥା ହବ। କଣ୍ଡକ୍ଟର ଆସିଲା ମୁଁ ଟଙ୍କାତକ ଦେଇ ଓହ୍ଲେଇ ବାକୁ ଯାଉଥିବା ଦେଖି ସେ କହିଲା: "ମାଡାମ୍ ଆପଣ ପରା ଭଦ୍ରକରେ ଓହ୍ଲେଇ ଥାଆନ୍ତେ?

ମୁଁ କିଛି କହି ପାରିଲି ନାହିଁ।"

ସେ କହିଲା: "ମାଡାମ୍ ବସନ୍ତୁ। ଏତେ ରାତିରେ ଏଠି କାହିଁ ଓହ୍ଲେଇବେ?"

ତାପରେ କହିଲା: "ମୁଁ ସେତେବେଳଠୁ ଦେଖୁଛି ଆପଣ ଖୁବ୍ ବ୍ୟସ୍ତ ବ୍ୟସ୍ତ ଲାଗୁଛନ୍ତି!"

ବ୍ୟସ୍ତ ହୁଅନ୍ତୁନି, ଆପଣଙ୍କର ଟଙ୍କା ଦେବା ଦରକାର୍ ନାହିଁ କହି ଫେରେଇ ଦେଲା ସେଇ ଦୁଇଶହ ଟଙ୍କା।

କହିଲା: "ମୋ ପୁଅ ପଢ଼େ ସେଇ କଲେଜ୍‌ରେ। ଥରେ ଫର୍ମ ପୂରଣ କଲାବେଳେ ତା' ପାଖରେ ତିନିଶହ ଟଙ୍କା ନଥିଲା ଆଉ ଆପଣ ନିଜ ପକେଟ୍‌ରୁ ସେତକ ଦେଇ ସାଙ୍ଗେ ସାଙ୍ଗେ ଫର୍ମ ଭରି ଦେଇଥିଲେ ତା'ର। ସେ ଋଣ କ'ଣ ମୁଁ ଶୁଝିପାରିବି ଏ ଜୀବନରେ?

ମୋ ଆଖିରୁ ଅଜାଣତରେ ବୋହି ସାରିଥିଲା ଦୁଇଧାର ଲୁହ। ଏବେ ସାରା ଦୁନିଆ ସ୍ୱାର୍ଥପର ନୁହେଁ ବରଂ ଲାଗୁଥିଲେ ଖୁବ୍ ନିଜର ମୋତେ। ◆

ସହଦେବଖୁଣ୍ଟା,
ବାଲେଶ୍ୱର -୭୫୬୦୦୧
ମୋ: ୭୭୮୮୯୭୭୨୭୬

# ମହାକାବ୍ୟର ମହାନ ସ୍ରଷ୍ଟା ଜନ୍ ମିଲ୍‌ଟନ୍



## ବିଜୟ କୁମାର ପାଢ଼ୀ

ଇଂରାଜୀ ସାହିତ୍ୟର ଆଠଗୋଟି ଯୁଗ ମଧ୍ୟରୁ ପୁନଃଜାଗରଣ ଓ ନିଓକ୍ଲାସିକାଲ୍ ଯୁଗର ମଧ୍ୟବର୍ତ୍ତୀ ସମୟ ହେଉଛି ପ୍ୟୁରିଟାନ୍ (ଶୁଦ୍ଧତା) ବା ରିଷ୍ଟୋରେସନ୍ ଯୁଗ। ରୋମ୍ ସାମ୍ରାଜ୍ୟର ସମ୍ରାଟ ଅଗଷ୍ଟ ସିଜାରଙ୍କ ଶାସନର ପୂର୍ବବର୍ତ୍ତୀ ସମୟକୁ ଇଂରାଜୀ ସାହିତ୍ୟରେ ପ୍ରିଅଗଷ୍ଟାନ ନାମରେ ନାମିତ କରାଯାଇଛି। ସେହି ସମୟର ସାହିତ୍ୟିକମାନଙ୍କ ମଧ୍ୟରେ ଜନ୍ ମିଲ୍‌ଟନ୍‌ଙ୍କର ନାମ ଚିର ଭାସ୍ୱର। ସେ ଥିଲେ ଜଣେ ପ୍ରଚଣ୍ଡ ତର୍କବାଦୀ ଏବଂ ସାମାଜିକ ରୂଢ଼ିବାଦୀ ବିପକ୍ଷରେ ତାଙ୍କର ସ୍ୱର ଥିଲା ଅତି ପ୍ରଖର ଓ ତୀକ୍ଷ୍ଣ। ୧୬୦୮ ମସିହା ୯ ଡିସେମ୍ବର ମାସରେ, ବ୍ରେଡ୍‌ଷ୍ଟ୍ରିଟ୍ ଇଂଲଣ୍ଡରେ ଜନ୍ମଗ୍ରହଣ କରିଥିବା ମିଲ୍‌ଟନ୍‌ଙ୍କର ବାଲ୍ୟ ସମୟର ରୁଚିଥିଲା ସଙ୍ଗୀତରେ। କିନ୍ତୁ ନିୟତିର ନିର୍ଦ୍ଦେଶ ଥିଲା ଭିନ୍ନ। ସେଣ୍ଟପଲ୍ ସ୍କୁଲ୍, କ୍ରାଏଷ୍ଟ କଲେଜ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ ପରେ ସେ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇ ସାଧନାରେ ମଗ୍ନ ରହିଲେ।

କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧ୍ୟୟନ ସମୟରେ ତାଙ୍କର ସାକ୍ଷାତ ହୁଏ ଡେୱାର୍ଡ କିଙ୍ଗ୍‌ଙ୍କ ସହିତ, ଅତି ଅନ୍ତରଙ୍ଗ ହୋଇଯାଆନ୍ତି ଦୁଇ ବନ୍ଧୁ। ପରବର୍ତ୍ତୀ ସମୟରେ ଏଡ୍‌ୱାର୍ଡଙ୍କ ଅକାଳ ବିୟୋଗରେ ଭାଙ୍ଗି ପଡ଼ନ୍ତି ଓ ତାଙ୍କ କବିପ୍ରାଣ ବିଳପି ଉଠିଛି 'ଲିସିଡାସ୍' ଭଳି ଶୋକ କବିତାରେ। ସେହି ଶୋକ କବିତାଟିର ସମୁଦାୟ ଧାଡ଼ି ସଂଖ୍ୟା ୧୯୩ ଓ ଏହା ୬ଗୋଟି ବିଭାଗରେ ବିଭକ୍ତ। ପ୍ରତ୍ୟେକଟି ଧାଡ଼ିରେ ମିଲ୍‌ଟନ୍‌ଙ୍କର କାବ୍ୟ ନିପୁଣତା ପରିପୁଷ୍ଟ, ମୃତ୍ୟୁର ନିଷ୍ଠୁରତା, ମଣିଷର ଅସହାୟତା ଓ କବି ହୃଦୟର ଉଦ୍‌ବେଳନ ଫୁଟି ଉଠିଛି କବିତାର ଧାଡ଼ିଗୁଡ଼ିକରେ।

ଅନେକ ସାହିତ୍ୟକୃତି ମଧ୍ୟରୁ 'ପାରାଡାଇଜ୍ ଲଷ୍ଟ' ଏବଂ 'ପାରାଡାଇଜ୍ ରିଗେଣ୍ଡ' ମହାକାବ୍ୟ ଦ୍ୱୟ ମିଲ୍‌ଟନ୍‌ଙ୍କର ଶ୍ରେଷ୍ଠ ସର୍ଜନା। ୧୬୬୭ ମସିହାରେ ପ୍ରକାଶ ପାଇଥିବା 'ପାରାଡାଇଜ୍ ଲଷ୍ଟ' ମହାକାବ୍ୟଟି ଦଶଭାଗରେ (କାଳଖଣ୍ଡ)ରେ ବିଭକ୍ତ। ଭାରତୀୟ ମହାକାବ୍ୟ 'ରାମାୟଣ' ଓ 'ମହାଭାରତ' ପରି ମିଲ୍‌ଟନ୍‌ଙ୍କର ମହାକାବ୍ୟ ସର୍ବଜନ ବିଦିତ ଓ ଆଦୃତ। ସମ୍ପୂର୍ଣ୍ଣ ମହାକାବ୍ୟଟି ଅମିତ୍ରାକ୍ଷର ଛନ୍ଦରେ ଲିଖିତ। କବିଙ୍କର ନିଜସ୍ୱ କାବ୍ୟଶୈଳୀ ପାଇଁ ସେହି ସମୟରେ ସେ ବେଶ୍ ଚର୍ଚ୍ଚିତ ହୋଇପଡ଼ନ୍ତି। ପରବର୍ତ୍ତୀ ସମୟରେ ଏହା 'ମିଲ୍‌ଟନିକ୍ ଭର୍ସ' ନାମରେ ନାମିତ ହୋଇଛି। ସପ୍ତଦଶ ଶତାବ୍ଦୀରେ ତାଙ୍କ ଭଳି ଉଚ୍ଚାଙ୍ଗ ସାହିତ୍ୟ ଥିଲା ବିରଳ, ଅତି ଚମତ୍କାର କଥାବସ୍ତୁ ମଧ୍ୟ। ଈଶ୍ୱର, ମଣିଷ, ସମାଜର ଅଭ୍ୟୁଦୟ ଏବଂ ପରିଶେଷରେ ଈଶ୍ୱରଙ୍କ କୃପା ଉପରେ ପର୍ଯ୍ୟବସିତ ହୋଇଛି ମହାକାବ୍ୟଟି।

ସଟନ୍, ଯାହାକୁ ଆମେ ସଇତାନ ବୋଲି କହିଥାଉ, ଏହି ମହାକାବ୍ୟର ଏକ ଶକ୍ତିଶାଳୀ ଚରିତ୍ର। ସ୍ୱର୍ଗରାଜ୍ୟରୁ ବିତାଡ଼ିତ ହେଲାପରେ ପ୍ରତିଶୋଧ ପରାୟଣତାର ବଶବର୍ତ୍ତୀ ହୋଇ ଈଶ୍ୱରଙ୍କ ବିରୋଧରେ ବିଦ୍ରୋହ କରିଛି। ଈଶ୍ୱରଙ୍କର ସୁନ୍ଦର ସୃଷ୍ଟିକୁ ଧ୍ୱଂସ କରିଦେବାରେ ସଫଳ ମଧ୍ୟ ହୋଇଛି। ସଟନ୍‌ର ଅକାଟ୍ୟ ଯୁକ୍ତି – 'Better to reign in hell than to serve in heaven' (ସ୍ୱର୍ଗରେ ଗୋଲାମ ହେବା ଅପେକ୍ଷା, ନର୍କରେ ରାଜା ହେବା ଶ୍ରେୟସ୍କର) ମିଲ୍‌ଟନ୍‌ଙ୍କର ତଥାକଥିତ ଶାସକମାନଙ୍କ ବିରୋଧରେ ଆଭିମୁଖ୍ୟ ସ୍ପଷ୍ଟ ପ୍ରତିପାଦିତ ହୋଇଛି।

ଖ୍ରୀଷ୍ଟିୟାନମାନଙ୍କର ପବିତ୍ର ଗ୍ରନ୍ଥ 'ବାଇବେଲ୍' (Old Testameat) ଅନୁଯାୟୀ ସୃଷ୍ଟିର ପ୍ରଥମ ପୁରୁଷ ଓ ନାରୀ ଯଥାକ୍ରମେ ଆଦାମ ଏବଂ ଇଭ୍‌ଙ୍କର ଏ ହେଉଛି କାହାଣୀ, ନର୍କର ରାଜାମାନେ ଆଦାମ ଏବଂ ଇଭ୍ ବାସ କରିଥିବା ଇଡେନ୍ ଗାର୍ଡେନ୍‌ରେ ସର୍ପବେଶ ଧାରଣ କରି ପ୍ରବେଶ କରିଛି। ଇଭ୍‌କୁ ସେହି ବଗିଚାରେ ଫଳିଥିବା ଏକ ନିଷିଦ୍ଧ ଫଳକୁ ଆସ୍ୱାଦନା କରିବା ପାଇଁ ପ୍ରବର୍ତ୍ତେଇଛି। ସେହି ଫଳଟି କୌଣସି ସାଧାରଣ ଫଳ ନଥିଲା। ଯାହା 'ଜ୍ଞାନର ଫଳ' ନାମରେ ନାମିତ। ଲୋଭର ବଶବର୍ତ୍ତୀ ହୋଇ ଇଭ୍ ସେ ଫଳଟିକୁ ଭକ୍ଷଣ କରିଛି ଏବଂ ଆଦାମଙ୍କୁ ମଧ୍ୟ ବାଧ୍ୟ କରିଛି। ଏହିଠାରୁ ଆରମ୍ଭ ହେଲା ମଣିଷର ଅଧଃପତନ, ଉଭୟ ଆଦାମ ଏବଂ ଇଭ୍ ଇଡେନ୍ ଗାର୍ଡେନ୍‌ରୁ ବିତାଡ଼ିତ ମଧ୍ୟ ହୋଇଛନ୍ତି। ମହାକାବ୍ୟର ପ୍ରଥମ ପ୍ରକାଶନରେ ଦଶଗୋଟି ଅଧ୍ୟାୟ ରହିଥିଲା ଏବଂ ପରବର୍ତ୍ତୀ ପ୍ରକାଶନ (୧୬୭୪) ମସିହାରେ ବାର ଗୋଟି ଅଧ୍ୟାୟ ସ୍ଥାନ ପାଇଛି। ଦଶହଜାରରୁ ଅଧିକ ଧାଡ଼ି ବିଶିଷ୍ଟ ମହାକାବ୍ୟରେ ମଣିଷର ଈଶ୍ୱରଙ୍କ ପ୍ରତି ଅବମାନନା ଏବଂ ଈଶ୍ୱରଙ୍କର ମଣିଷ ସମାଜ ପାଇଁ ଠିକ୍ ରାସ୍ତା ଭଳି ବିଷୟ ବସ୍ତୁ ଉପରେ ପର୍ଯ୍ୟବସିତ। ମଣିଷ ସମାଜର ତ୍ରାଣକର୍ତ୍ତା (Jesus Christ) ସମସ୍ତ କଳୁଷରୁ ମଣିଷକୁ ଉଦ୍ଧାର କରିଛନ୍ତି। ଏହା ତାଙ୍କର ଅନ୍ୟ ଏକ ମହାକାବ୍ୟ 'ପାରାଡାଇଜ୍ ରିଗେଣ୍ଡ'ରେ ପ୍ରତିଫଳିତ ହୋଇଛି।

ରୋମାଣ୍ଟିକ୍ କବି ଉଇଲିୟମ୍ ୱାର୍ଡ୍‌ସୱର୍ଥ ଓ ବାଇରନ୍, ମିଲ୍‌ଟନ୍‌ଙ୍କର ଏହି ଉଚ୍ଚାଙ୍ଗ ସାହିତ୍ୟ ପାଇଁ ପ୍ରଶଂସା କରିଥିଲା ବେଳେ ଆଧୁନିକ କବି ଟି.ଏସ୍. ଇଲିୟଟ୍‌ଙ୍କଠାରୁ ସମାଲୋଚନାର ଶରବ୍ୟ ହୋଇଛନ୍ତି। ଟି.ଏସ୍.ଇଲିୟଟ୍ ମିଲ୍‌ଟନ୍‌ଙ୍କୁ ମଣିଷ ହିସାବରେ ଏକ ଅତୃପ୍ତ ଆତ୍ମା ଏବଂ କବି ହିସାବରେ ଏକ ମୃତଭାଷାର ଭାଷ୍ୟକାର ଭାବରେ ସମାଲୋଚନା କରିଛନ୍ତି। ଭିକ୍ଟୋରିଆନ୍ ଯୁଗର କବି ମାଥ୍ୟୁ ଆରନୋଲ୍ଡ କିନ୍ତୁ ମିଲଟନ୍‌ଙ୍କର ଶବ୍ଦ ସଂଯୋଜନା ଓ କାବ୍ୟ ବିନ୍ୟାସ ଅତ୍ୟନ୍ତ ସମ୍ଭ୍ରାନ୍ତ ଏବଂ ଉତ୍କୃଷ୍ଟ ବୋଲି ମତ ପ୍ରଦାନ କରିଛନ୍ତି।

ସପ୍ତଦଶ ଶତାବ୍ଦୀର ଏହି ପ୍ରଥିତଯଶା କବିଙ୍କ ସୃଷ୍ଟି ସର୍ଜନା ବିଶ୍ୱ ସାହିତ୍ୟରେ ଏକ ଆଲୋଡ଼ନ ସୃଷ୍ଟି କରିଛି। ସେ ସ୍ପଷ୍ଟବାଦୀ ଥିଲେ ସତ, ଅନେକାଂଶରେ ଧର୍ମଭୀରୁ ମଧ୍ୟ। ଈଶ୍ୱରଙ୍କୁ ଭୟ କରୁଥିବା କବିପ୍ରାଣ ସତ୍ତା ସତ୍ୟ, ସ୍ୱତନ୍ତ୍ରତା ଓ ନ୍ୟାୟ ପାଇଁ ସାହିତ୍ୟକୁ ମୁଖ୍ୟ ଆୟୁଧ ଭାବରେ ବାଛି ନେଇଥିଲେ। ସେ ଭାବନ୍ତି ତାଙ୍କର ଈଶ୍ୱରଦତ୍ତ କବିତ୍ୱ କେବଳ ଈଶ୍ୱରଙ୍କର ସେବା ପାଇଁ ଉଦ୍ଦିଷ୍ଟ। ୧୬୫୨ ମସିହାରେ କବିଙ୍କର ଭାଗ୍ୟ ଆକାଶରେ କଳା ବାଦଲ ଘୋଟି ଆସିଥିଲା। ସେହି ବର୍ଷ ଏପ୍ରିଲ୍ ମାସ ପୂର୍ବରୁ କବିଙ୍କର ଆଖିରୁ ସବୁଦିନ ପାଇଁ ଜ୍ୟୋତି ଚାଲିଗଲା। ମାତ୍ର ୪୪ ବର୍ଷ ବୟସରେ ସେ ଅନ୍ଧ ହୋଇଗଲେ। ପରବର୍ତ୍ତୀ ଗୋଟିଏ ମାସର ବ୍ୟବଧାନରେ ନିଜର ପ୍ରାଣପ୍ରିୟା ପତ୍ନୀ ମଧ୍ୟ ଆଖି ବୁଜିଦେଲେ। କଷଣରେ ପ୍ରପୀଡ଼ିତ କବିଙ୍କର ସାହିତ୍ୟ ସାଧନା କିନ୍ତୁ ଜାରି ରହିଥିଲା। ତାଙ୍କ ଦ୍ୱାରା ରଚିତ 'ଚତୁର୍ଦ୍ଦଶ ପଦୀ' କବିତା ଇଂରାଜୀ ସାହିତ୍ୟରେ ଏକ ନୂତନ ପ୍ରବାହ ସୃଷ୍ଟି କଲା। ପରବର୍ତ୍ତୀ ଇଂରାଜୀ କବି ଯଥା – ୱାର୍ଡ୍‌ସୱର୍ଥ, ଉଇଲିୟମ୍ ଗ୍ରେ ଏବଂ ମାଥ୍ୟୁ ଆରନୋଲ୍ଡ ଭଳି ସାହିତ୍ୟ ସାଧକମାନେ ତାଙ୍କର ଧାରା ଓ ପ୍ରବାହକୁ ଭୂରି ଭୂରି ପ୍ରଶଂସା କରିଛନ୍ତି। କବିଙ୍କର ବାକ୍ୟାଡ଼ମ୍ବର, ଶବ୍ଦ ସଂଯୋଜନା ଓ କାହାଣୀ ଗୁମ୍ଫନର କାନ୍‌ଭାସ୍ ଖୁବ୍ ବିରଳ। ସେହି ସମ୍ଭ୍ରାନ୍ତ ତଥା ଦିବ୍ୟଦର୍ଶୀ ମହାକାବ୍ୟର କାବ୍ୟକାରଙ୍କର ଦେହାନ୍ତ ହେଲା। ନଭେମ୍ବର ୧୬୭୪ ମସିହାରେ ତାଙ୍କର ଉକ୍ତି 'ନିଃସଙ୍ଗତା ହିଁ ବେଳେବେଳେ ଶ୍ରେଷ୍ଠ ସମାଜ ଭାବେ ପରିଗଣିତ ହୁଏ।' ଆଜି ମଧ୍ୟ ଇଂରାଜୀ ସାହିତ୍ୟ ପାଠକମାନଙ୍କ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି କରୁଛି। ଜୀବନ, ସ୍ୱାଧୀନତା, ସମାଜ, ରାଜନୀତି ଓ ଧର୍ମକୁ ନେଇ ମହାକାବ୍ୟ ଓ ସାହିତ୍ୟ ସୃଷ୍ଟି କରିଥିବା କବିଙ୍କର ଯଶ ଓ କୀର୍ତ୍ତି ଆଜି ମଧ୍ୟ ଅକ୍ଷୁଣ୍ଣ। ସର୍ବୋପରି ସମୟର କଷଟି ପଥରରେ ସେହି ମହାକାବ୍ୟ ଚିର ଜାଜ୍ୱଲ୍ୟମାନ। ◆

ଇଂରାଜୀ ଶିକ୍ଷକ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

## ଏ ସପ୍ତାହର କବିତା



### ଯୁଦ୍ଧ କ'ଣ ସରିଗଲାଣି !

#### ପୀତାମ୍ବର ତରାଇ

ମରଣର ମହା ମଞ୍ଚରେ ବେଶ୍ ରୋଚକ
ତମ ଅଭିନୟ
ରେତରଜ ମିଶିଗଲାଭଳି ଏଥରକ ବି
ମିଶିଗଲ ଆଉ ମିଶାଇଲ ଛଳନାର
ଅବୈଧ ହାତ ଉପରେ ହାତ
ଏତେବେଳେ କ'ଣ ମନେ ପଡ଼ିଥିବ
ତମ ନିର୍ଦ୍ଦେଶିତ ଆତଙ୍କ ଆଚ୍ଛାଦିତ
ନର୍କ ନାଟକର ପଛଦିନ!

ଯେଉଁଦିନ ମାନଙ୍କରୁ ମିଳିବା କଥା
ଖୁସିବାସିର ସରସ ସକାଳ
ଫୁଲ ଫୁଟିବାର ଆମ୍ ବିଭୋର ଦୃଶ୍ୟ
ଥୁଣ୍ଟାଗଛ ପାଇଁ କେରାଏ କଅଁଳପତ୍ର
କଡ଼ ଧରିବାର ଶିହରଣ, ନାଁ ମିଳିଲା ନାହିଁ
ଭ୍ରମଣ, କଙ୍କି, ପ୍ରଜାପତି ପଛେପଛେ
ଦଉଡ଼େଇବାର ଥିଲା ବାଳୁତ ବୟସ
କେଉଁ ହେଲା କି ସହଜ, ବରଂ ଡରିଡରି
ବଞ୍ଚୁଥିଲି ସେଇ କେତେ ଦିନ।

ଯେଉଁଦିନ ମାନଙ୍କରେ ଜାଣିବା କଥା
ଜହ୍ନ ଦେଖିଦେଖି କାହିଁକି ଭୁଲି ଯାଏ ଭୋକ
ନଈର କାହାଣୀ ଶୁଣିଶୁଣି କାହିଁକି
ମରିଯାଏ ଶୋଷ, କାହିଁକି ଶେଷ ହୁଏନାହିଁ
ବୁଢ଼ୀ ଅସୁରୁଣୀ ଗପ, କାହିଁକି ମରିଯାଏ
ମାଆ ଲଗାଇଥିବା ଫୁଲଗଛ
କାଠି କୁଟାର ନୀଡ଼ ରଚି କାହିଁକି
କିଚିରି ମିଚିରି ହୁଅନ୍ତି ପକ୍ଷୀ
ଯେଉଁଦିନ ମାନଙ୍କରେ ପାଇବା କଥା
ମାଆର ଚୁମ୍ବନ, ଉଷ୍ମ କୋଳ
ଏଥିପାଇଁ ଦାୟୀ କିଏ ଯେତେ ପଚାରିଲି
ତମ ପରି ବି ନିରବ ରହିଲେ ଈଶ୍ୱର।

ଆମେ ଯେଉଁମାନେ ହରାଇଲୁ ଧୂଳିଘର
ପିଲାଦିନର ଅବୋଧ ଚିତ୍ରପଟ
ଗୁଡ଼ି ଉଡ଼େଇବାର ମହିମ୍ନ ମୁହୂର୍ତ୍ତ
ହରାଇଲୁ ଝରକା ସେପାଖର
ସୁନୀଳ ଆକାଶ, ଶୈଶବର ସୁଗନ୍ଧିତ
ସାନ ସାନ ସ୍ୱପ୍ନର ଶସ୍ୟ
ବହିପତ୍ର, ଅକ୍ଷରମାନଙ୍କର ହାତଗୋଡ଼
କିଏ ଫେରେଇବ, ପକ୍ଷ ନା ପ୍ରତିପକ୍ଷ!

ହଁ, କେହି ଜଣେ କହୁଥିଲା ବାରମ୍ବାର
ଛାଡ଼ି ଚାଲିଯିବା ପାଇଁ ଦେଶ
ଘଣ୍ଟାଘଣ୍ଟା ଧରି ଶବର ପାହାଡ଼
ନ ଘାଣ୍ଟିବା ପାଇଁ, କେଉଁ ମାନିଲି କି!
ଶେଷଯାଏ ଖୋଜିହେଲି
ହୁଏତ ମିଳିଯାଇପାରେ ମା'ର ମୃତଦେହ
ସେ ଲେଖିଥିବା ଶେଷଥର ପାଇଁ
କବିତାର କାଗଜ ଫର୍ଦ୍ଦକ।

ତମେ ଯେତିକି ଘୋଟେଇ ଆଣୁଥିଲ
କଳାଧୂଆଁର କୃତ୍ରିମ କୁହୁଡ଼ିର ଭ୍ରମ
ଯେତେଯେତେ ଧ୍ୱଂସ କରିଚାଲିଥିଲ
ଗାଁ' ଗଣ୍ଡା, ସ୍କୁଲଘର, ଜନପଦ, ସହର
ନଗର, ଅରଣ୍ୟ ପରେ ଅରଣ୍ୟ
ମୁଁ ସେତେବେଳେ ଲୁହ ଛଳଛଳ ଆଖି
ଭିତରେ ସାଇତି ରଖି ଚାଲିଥିବି ଦେଶ।

ତମ ହାର୍‌ଜିତ୍ ଖେଳର ପ୍ରାଚୀନତା
ତମ ସୌଖୀନ ପଣର ନୃଶଂସତା
ଭୋଗ ବିଳାସର ରକ୍ତ ସର୍ପର ଇତିହାସ
ଘୃଣାରେ ପୋତି ପକାଏ
ଯେଉଁ ଲୁହ ଟୋପାକ, ତାହା ଆମର
ତମ କାମନାର ନିର୍ମମ ରଣ ହୁଙ୍କାର
ଠେଲି ଦିଏ ଯେଉଁ ପାଦ ହଳକ
ତାହା ବି ଆମର। ◆

ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତସିଂହପୁର
ମୋ: ୯୪୩୭୧୬୩୪୭୧



### ଫେରିଯା ପକ୍ଷୀ

#### ଅଖିଳ କୁମାର ମିଶ୍ର

ପଞ୍ଜୁରି ଖାଲି।
ଅପେକ୍ଷାରତ କେଉଁ ଭୋରରୁ।
ଏବେ ତ, ରାତି ଆସୁଚି, ତମାମ୍
ଅନ୍ଧକାରକୁ ଗାଢ଼ କରି,
ଆକାଶ ନାଚୁଚି, ହଜାର ତରାଙ୍କୁ
ଲୁଚକାଳି ଦେଇ।

ଚିହ୍ନା ଚିହ୍ନା ସବୁ, ରାସ୍ତା କି
ଦେଖୁଥିବା ସପନ,
ଶ୍ରାବଣ ବର୍ଷା ପରା ଅତୀତ କାଚି
ପକାଏ,
ମୋ ଦେହରେ ସ୍ପଷ୍ଟ ଦିଶୁଥିବା
ଆଘାତ, ସମୟର କୋଦାଳ ଛୁଆଁ।

ମୁଁ କ'ଣ ଏବେ ବି ପ୍ରତୀକ୍ଷାରତ?
ମହମହ ବାସୁଥିବା ବିଳାସର ଗନ୍ଧ,
ହାତରେ ପୋଛୁ ଥିବା ଆଖିର
ଗରମ ଲୁହ, ମୁଁ କ'ଣ ଖୋଜି
ଚାଲିଚି
ପାପୁଲିରେ ଉଷୁମ ହାତର ସ୍ପର୍ଶ!
ଯାହା ବି ଦେଖେ, ସ୍ମୃତିର ପଥର
ଖଣ୍ଡଟିଏ।

କେତେପ୍ରକାର ଆବାଜ, ପାଖରେ, ଦୂରରେ-
ଅସ୍ପଷ୍ଟ ବାର୍ତ୍ତାମାନ ଡେଇଁ ପଡ଼ନ୍ତି- ଶୂନ୍ୟରୁ ଶୂନ୍ୟକୁ,
କିବା ଥିଲା ନିଜର, ସମ୍ଭ୍ରାନ୍ତ ନିଶାର,

ମୁଁ କି ଏକ ଅତୀତ ବା
ତା'ର କୌଣସି ପରିଚିତ ସାଥୀ?
ଏମିତିରେ ବି, ମୋ ଛାତି ତ ଭାଙ୍ଗିଚି କାହୁଁ କେତେ ପ୍ରାଚୀନ
ବେଳେ,
ମୋ ଦୁଆର ଖାଲି ଛତା ହୋଇଛି ପୁନର୍ବାର,
ମୋ ସାମ୍‌ନାରେ ପୃଥିବୀଟା ବର୍‌ବାଦ୍ କେତେ କେତେ
ଥର,
ଆଖିରେ ଅଳନ୍ଧି ମୋର/ ପକ୍ଷୀ ତୁ କହ,
ଫେରିବୁ କୋଉଠିକି ତୁ, କେଉଁ ଘର? ◆

ଅତିରିକ୍ତ ମହାନିର୍ଦ୍ଦେଶକ
ପତ୍ର ସୂଚନା କାର୍ଯ୍ୟାଳୟ
ଭାରତ ସରକାର, ଜୋରନ୍ଦା, ରାଞ୍ଚି

## ପୁସ୍ତକ ପରିଚୟ

### ଯଶୋଧାରା

#### ସଂପାଦିକା: ପ୍ରତିଭା ପରିଜା

ଲେଖିକା ପ୍ରତିଭା ପରିଜାଙ୍କ ଲିଖିତ ଉପନ୍ୟାସିକା 'ଯଶୋଧାରା' ପ୍ରକାଶ ପାଇଛି। ଏଗାରଟି ଭାଗରେ ଏହା ଲିଖିତ। ଜଣେ ନାରୀର ସଂଘର୍ଷମୟ ଜୀବନକୁ କେନ୍ଦ୍ର କରି 'ଯଶୋଧାରା'ର କାହାଣୀ ଗତିଶୀଳ। ଧୈର୍ଯ୍ୟ ଓ କଠିନ ପରିଶ୍ରମ ବଳରେ ଜଣେ ଜୀବନରେ ସବୁ କ୍ଷେତ୍ରରେ ସଫଳତା ହାସଲ କରିପାରେ। ଏହା ପ୍ରମାଣିତ ହୋଇଛି ଏହି ଉପନ୍ୟାସରେ। ଯଶୋଧାରାଙ୍କ ଜୀବନରେ ଅନେକ ଦୁଃଖ, କଷ୍ଟ, ସାଂସାରିକ ବୋଝ ଆସିଛି, ତଥାପି ସେ ଧୈର୍ଯ୍ୟହରା ହୋଇ ନାହାନ୍ତି। ସବୁ ଯନ୍ତ୍ରଣାକୁ ଆକଣ୍ଠ ପାନ କରି ସେ ଜୀବନ ଯୁଦ୍ଧରେ ଅଗ୍ରସର ହୋଇଛନ୍ତି। ଗୋଟିଏ ପଟେ ପାରିବାରିକ ମୋହମାୟା, ଅନ୍ୟପଟେ ପୁଡୁଚେରୀର ଶ୍ରୀଅରବିନ୍ଦ ଆଶ୍ରମର ଆକର୍ଷଣ। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଜୀବନଦର୍ଶନ ଗଭୀର ଭାବେ ପ୍ରଭାବିତ କରିଛି ଯଶୋଧାରାଙ୍କୁ। ଯଶୋଧାରା, ଶାଶ୍ୱତ, ଗାର୍ଗୀ, ଗୌରବ ଆଦି ଚରିତ୍ରକୁ ନେଇ ଉପନ୍ୟାସର କାହାଣୀ ରୋମାଞ୍ଚକର ହୋଇଛି। ତେବେ ଯଶୋଧାରା ଏହି ଉପନ୍ୟାସିକାର ମୁଖ୍ୟ ଚରିତ୍ର। ଜଣେ ନାରୀର ଅସୀମ ଧୈର୍ଯ୍ୟ ଓ ସହନଶୀଳତା ପ୍ରତିଫଳିତ ହୋଇଛି 'ଯଶୋଧାରା' ଉପନ୍ୟାସିକାରେ। ପାରିବାରିକ କାହାଣୀ, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ, ସରଳ ଭାଷା ପ୍ରୟୋଗ ପାଠକମାନଙ୍କୁ ବାନ୍ଧି ରଖିପାରିବ ବୋଲି ଆଶା କରାଯାଏ। ◆




ବନଫୁଲ, ଭୁବନେଶ୍ୱର
ମୂଲ୍ୟ: ୧୦୫ ଟଙ୍କା

### ଗୋହରି

#### ସଂପାଦକ: ଲଳିତ କୁମାର ସ୍ୱାଇଁ

ଗାଳ୍ପିକ ଲଳିତ କୁମାର ସ୍ୱାଇଁଙ୍କ ଗଳ୍ପ ପୁସ୍ତକ 'ଗୋହରି' ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ 'ଗୋହରି', 'ତୁମକୁ ଫେରିବାକୁ ହେବ', 'ପୋଡ଼ାମୁହଁ', 'ଅଧୁରା କାହାଣୀ', 'ଏ କାହାଣୀ ନୁହେଁ', 'କାନି', 'ବାର୍ଦ୍ଧକ୍ୟ', 'ବସ୍-ଜହ୍ନ ରାତିର ଯାତ୍ରା' ପ୍ରଭୃତି ଗଳ୍ପ ହୃଦୟସ୍ପର୍ଶୀ ହୋଇଛି। ସାମାଜିକ ରୀତିନୀତି, ପ୍ରଚଳିତ ପ୍ରଥା ଉପରେ ଅନେକ ଗଳ୍ପ ଆଧାରିତ। ପ୍ରେମ ଓ ବିରହକୁ ନେଇ 'ଗୋହରି' ଗଳ୍ପର କାହାଣୀ ଗତିଶୀଳ। ଯିଏ ଯେଉଁଠି ଥିଲେ ମଧ୍ୟ ନିଜର ପ୍ରଥମ ପ୍ରେମିକ ବା ପ୍ରେମିକାକୁ ଭୁଲି ପାରେନାହିଁ। ଏହି ଗଳ୍ପର ଶାଶ୍ୱତ ଓ ଶୁଭ୍ରା ଚରିତ୍ର କ୍ଷେତ୍ରରେ ସେଇଆ ହୋଇଛି। ସେପଟେ ମଣିଷ କିଭଳି ନିଜର ଭୁଲ ପାଇଁ ଅନେକ ସମୟରେ ପଶ୍ଚାତାପ କରେ, ତାହା 'ତମକୁ ଫେରିବାକୁ ହେବ' ଗଳ୍ପରେ ନିଛକ ଭାବେ ପ୍ରସ୍ଫୁଟିତ ହୋଇଛି। ଅତୀତରେ ଶ୍ରୁତି ପ୍ରତି କରିଥିବା ଭୁଲ ପାଇଁ ରୋହନ ପଶ୍ଚାତାପ କରିଛି। 'ଗୋହରି' ପୁସ୍ତକର ଅନେକ ଗଳ୍ପ ମାନବୀୟ ଭାବାବେଗ, ପାରିବାରିକ ସମ୍ବନ୍ଧ, ସାମାଜିକ ବାସ୍ତବତା ଉପରେ ଆଧାରିତ। ଏହି ପୁସ୍ତକର ଗଳ୍ପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ◆




ତୀର ତରଙ୍ଗ, ଚନ୍ଦକା ଶିକ୍ଷାଞ୍ଚଳ
ଭୁବନେଶ୍ୱର-୨୪
ମୂଲ୍ୟ: ୧୫୦ ଟଙ୍କା







ଏକଦା ଐତିହ୍ୟର କୀର୍ତ୍ତି ବହନ କରୁଥିବା ତାଳଦଣ୍ଡା କେନାଲ କାଳକ୍ରମେ ପୋତିହେବା ସହିତ ଆବର୍ଜନାର ନର୍କ ପାଲଟି ଯାଇଥିଲା । ଜୀବନଜୀବିକା, କୃଷି ଓ ବାଣିଜ୍ୟର ଆଶୀର୍ବାଦ ବହନ କରୁଥିବା ୮୨କିଲୋମିଟର ପର୍ଯ୍ୟାପ୍ତ କେନାଲ'ଟି ଅଭିଶପ୍ତ ପାଲଟିଥିଲା । ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ତଥା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନଙ୍କ ପ୍ରଚେଷ୍ଟାରେ ତାଳଦଣ୍ଡା କେନାଲ ଆଜି ନୂଆରୂପ ନେଇଛି । ରୂପାନ୍ତରଣ କାମ ମଧ୍ୟ ଆଗକୁ ଆଗକୁ ଆଗେଇ ଚାଲିଛି । ଦିନକୁ ଦିନ ଚମକିବାରେ ଲାଗିଛି 'ତାଳଦଣ୍ଡା' । ପୁରୁଣା ଓ ପରିତ୍ୟକ୍ତ ଅନୁଭୂତିକୁ ଅତୀତ କରି କଟକ ଇତିହାସରେ ସରକାର ଯୋଡ଼ିଛନ୍ତି ଏହି ତାଳଦଣ୍ଡାର ନୂଆ ପରିଚୟ ଓ ନୂଆ ରୂପରେଖ । ଥରେ ଏହି କେନାଲ୍‌କୁ ଦେଖିଲେ ଏହାର ସୌନ୍ଦର୍ଯ୍ୟରେ ଯିଏ କେହି ବି ବିଭୋର ହେବ...

**ରିପୋର୍ଟ: ରାଜେଶ ନାୟକ ଫଟୋ: ବିକାଶ**



# ରୂପାନ୍ତରଣ ସ୍ପର୍ଶ
# ଚମକୁଛି 'ତାଳଦଣ୍ଡା'

ଐତିହାସିକ ତାଳଦଣ୍ଡା କେନାଲର ନବୀକରଣ କାର୍ଯ୍ୟ ନୂତନ ଜ୍ଞାନକୌଶଳ ପ୍ରୟୋଗରେ ଆଗେଇ ଚାଲିଛି । ଅତ୍ୟାଧୁନିକ ତଥା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସିମେଣ୍ଟ ମିଶ୍ରିତ 'ସିନ୍ଥେଟିକ୍ ମାଟ୍ରେସ୍' ବ୍ୟବହାର କରାଯାଇ କେନାଲ୍‌ର ଲାଇନିଂ କାର୍ଯ୍ୟ କରାଯାଉଛି । ୩ଟି ପର୍ଯ୍ୟାୟରେ ସରକାର ଏହି କେନାଲର ନବୀକରଣ କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଯୋବ୍ରା ଠାରୁ ରାଣୀହାଟ ପର୍ଯ୍ୟନ୍ତ କେନାଲ୍ ନବୀକରଣ କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଦ୍ୱିତୀୟ ପର୍ଯ୍ୟାୟରେ ରାଣୀହାଟରୁ ମାତୃଭବନ ଏବଂ ତୃତୀୟ ପର୍ଯ୍ୟାୟରେ ମାତୃଭବନରୁ ବିରିବାଟୀ ପର୍ଯ୍ୟନ୍ତ ନବୀକରଣ କାର୍ଯ୍ୟ ଜାରି ରହିଛି । ପ୍ରଥମ ପର୍ଯ୍ୟାୟରେ ତାଳଦଣ୍ଡା କେନାଲର ନବୀକରଣ ପାଇଁ ଯୋବ୍ରାରୁ ରାଣୀହାଟ ବ୍ରିଜ୍ ପର୍ଯ୍ୟନ୍ତ କେନାଲର ଦେଢ଼ କିଲୋମିଟର ଦୀର୍ଘ ଅଂଶକୁ ଲାଇନିଂ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଥମେ ନିଷ୍ପତ୍ତି ନେଇଥିଲେ । ଜଳସେଚନର ସୁବିଧା ପାଇଁ ଓ ଐତିହାସିକ ଗୁରୁତ୍ୱ ବହନ କରୁଥିବା ଦୃଷ୍ଟିରୁ ଏହାକୁ ନୂତନ ରୂପରେଖ ଦେବା ପାଇଁ ପଦକ୍ଷେପ ଆରମ୍ଭ ହୋଇଥିଲା । ଏହାପରେ ଯୋବ୍ରାରୁ ବିରିବାଟୀ ପର୍ଯ୍ୟନ୍ତ ତାଳଦଣ୍ଡାର ସୌନ୍ଦର୍ଯ୍ୟକରଣ କରାଯିବାକୁ ସରକାର ନିଷ୍ପତ୍ତି ନେଇଥିଲେ । ଏହି ନବୀକରଣ କାର୍ଯ୍ୟରେ କେନାଲର ଉଭୟ ପାର୍ଶ୍ୱରେ ପ୍ରଶସ୍ତ ରାସ୍ତା ନିର୍ମାଣ, କେନାଲ୍‌ରେ ବ୍ରିଜ୍ ନିର୍ମାଣ (୮ଟି), କେନାଲ୍‌ର ଉଭୟପାର୍ଶ୍ୱ କାନ୍ଥରେ ସିନ୍ଥେଟିକ୍ ମାଟ୍ରେସ୍‌ରେ ପ୍ଲାଷ୍ଟର୍ କରାଯିବା, କେନାଲ୍‌ର ଉଭୟ ପାର୍ଶ୍ୱରେ ପାର୍କ ତଥା ଫୁଲ ଗଛ ଲଗାଇବା, ଅତ୍ୟାଧୁନିକ ଲାଇଟ୍ ଲଗାଯିବା ଭଳି ବହୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏବେ ମଧ୍ୟ ଜାରିରହିଛି । ମିଳିଥିବା ସୂଚନା ଅନୁସାରେ, ୧୦୦କୋଟିରୁ ଅଧିକ ଟଙ୍କା ବିନିଯୋଗରେ ତାଳଦଣ୍ଡା କେନାଲର ନବୀକରଣ କାର୍ଯ୍ୟ କରାଯାଉଛି । ଜଳ ସମ୍ପଦ ବିଭାଗ, ମହାନଗର ନିଗମ, ସିଡିଏ ଓ ପୂର୍ତ୍ତ ବିଭାଗ ଅଧୀନରେ ଏହି କାର୍ଯ୍ୟ କରାଯାଉଛି ।

ପ୍ରଥମ ପର୍ଯ୍ୟାୟରେ ଶେଷ ହୋଇଥିବା କାର୍ଯ୍ୟରେ କେନାଲ ପାର୍ଶ୍ୱରେ ନିର୍ମାଣ ହୋଇଛି ପାଦଚଲା ରାସ୍ତା । ଏହା ରାସ୍ତାରେ ନିର୍ମାଣ ହୋଇଛି ମୁକ୍ତାକାଶ ଜିମ୍ । କଟକ ସହରବାସୀ ପ୍ରାତଃ ଏବଂ ସନ୍ଧ୍ୟା ଭ୍ରମଣ ସହ ବ୍ୟାୟମ କରୁଛନ୍ତି । ଯୋବ୍ରା ଠାରୁ ରାଣୀହାଟ ଯାଏ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱରେ ପ୍ରାୟ ୧.୫୫ କିଲୋମିଟର ରାସ୍ତାର ସମ୍ପ୍ରସାରଣ କରାଯିବା ସହ ଆଲୋକ ବ୍ୟବସ୍ଥା ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ରାଣୀହାଟରୁ ମାତୃଭବନ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏଥିପାଇଁ ପ୍ରାୟ ୯ କୋଟି ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଜାତୀୟ ରାଜପଥ ଯାଏ ଅର୍ଥାତ୍ ମାତୃଭବନ ପର୍ଯ୍ୟନ୍ତ ମୋଟ ୩.୫୫ କିଲୋମିଟର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସଡ଼କର ନବୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ତେବେ ରାଣୀହାଟ ଠାରୁ ମାତୃଭବନ ରେଳ ବ୍ରିଜ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତାର କାର୍ଯ୍ୟ ୯୦ପ୍ରତିଶତ ଶେଷହୋଇ ସାରିଛି । ଯୋବ୍ରା ଠାରୁ ବିରିବାଟୀ ପର୍ଯ୍ୟନ୍ତ ଏହି କେନାଲ ନବୀକରଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀମାନେ ଦିନରାତି କାର୍ଯ୍ୟ କରୁଛନ୍ତି ।





## ବ୍ରିଟିଶ୍ ଅମଳର ମୂକସାକ୍ଷୀ

ଇତିହାସ'ର ସ୍ୱର୍ଣ୍ଣିମ ଅଧ୍ୟାୟରେ ତାଳଦଣ୍ଡା କେନାଲର ଗୌରବମୟ ଫର୍ଦ୍ଦ ଆଜି ବି ଅନେକ ଉତ୍‌ଥାନ୍ ଓ ପତନର ମୁକସାଖୀ । ୧୮୬୬ରୁ ୧୮୬୮ ମସିହା ତଥା ୨ବର୍ଷ ନଅଙ୍କ ଦୁର୍ଭିକ୍ଷରେ ଯେତେବେଳେ ଶହ ଶହ ଲୋକଙ୍କ ଅନାହରରେ ଜୀବନ ଯାଉଥିଲା, ଠିକ୍ ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଇଂରେଜମାନେ ତାଳଦଣ୍ଡା କେନାଲ୍ ଖନନ କରିଥିଲେ । ଉପକୂଳବର୍ତ୍ତୀ ଜିଲ୍ଲାର ଚାଷ ଜମିକୁ ପାଣି ଯୋଗାଇବା ଏବଂ ବ୍ୟବସାୟିକ ଗମନାଗମନକୁ ସୁଦୃଢ଼ କରିବା ଲକ୍ଷ୍ୟ'ରେ ତଥା 'କାମ ବଦଳରେ ଖାଦ୍ୟ' (ଫୁଡ୍ ଫର୍ ୱାର୍କ) ଯୋଜନାରେ ତାଳଦଣ୍ଡା ଜନ୍ମ ନେଇଥିଲା । ହଜାର ହଜାର ଲୋକେ କେନାଲ ଖନନ କରି ବଦଳରେ ସରକାରଙ୍କଠାରୁ ଖାଦ୍ୟଶସ୍ୟ ନେଇଥିଲେ । ଫଳରେ ଖାଦ୍ୟାଭାବ ଦୂର ହେବା ସହ କେନାଲ ଜଳସେଚନ ବ୍ୟବସ୍ଥା ସୁଗମ ହୋଇଥିଲା । ଏହା ଭିତରେ ଦଶନ୍ଧି ପରେ ଦଶନ୍ଧି (ଦୀର୍ଘ ୧୫୪ବର୍ଷ) ବିତିଯାଇଛି ।



## ମୁକ୍ତାକାଶ 'ଫୁଡ୍ କୋର୍ଟ'

ତାଳଦଣ୍ଡା କେନାଲ ପାର୍ଶ୍ୱରେ ଖୋଲିଥିବା ଫୁଡ୍‌କୋର୍ଟରେ ଲୋକମାନେ ଅନେକ ପ୍ରକାର ସୁସ୍ୱାଦୁ ଖାଦ୍ୟ ଖାଇପାରୁଛନ୍ତି । ବିଶେଷକରି ଏଠାରେ ପିଜା, ବର୍ଗର, ପେଟିସ ଏବଂ ମୃଦୁପାନୀୟ ରହିଛି । ଦିନ ଅପେକ୍ଷା ସନ୍ଧ୍ୟାରେ ପର୍ଯ୍ୟଟକଙ୍କର ଅଧିକ ଭିଡ଼ ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ଉକ୍ତ ପାର୍କ ମଧ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗୁଡ଼ିକଙ୍କ ଦ୍ୱାରା ଖୁବଶୀଘ୍ର ଅନ୍ୟ ଏକ ଫୁଡ୍ କୋର୍ଟ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଯେଉଁଠାରେ ଲୋକମାନେ ମିଲେଟ୍ ବା ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପାଇପାରିବେ । ପର୍ଯ୍ୟଟକମାନେ ତାଳଦଣ୍ଡା କେନାଲ ମଧ୍ୟରେ ଏହି ରେସ୍ତୋରାଁରେ ବସି ଖାଇପାରିବେ । ତାଳଦଣ୍ଡା କେନାଲରେ ଏଭଳି ବ୍ୟବସ୍ଥା ପ୍ରଥମଥର ପାଇଁ କରାଯାଇଛି ।






## ଆକର୍ଷଣରେ 'ବ୍ୟଞ୍ଜନ'



ତାଳଦଣ୍ଡା କେନାଲରେ ବୋଟିଂର (ନୌକା ବିହାର)ର ମଜା ନିଆରା । ରାଜ୍ୟରେ ପ୍ରଥମଥର ନିମନ୍ତେ ଏଭଳି ବ୍ୟବସ୍ଥା କରାଯାଇଛି । ଲୋକମାନେ ବୋଟିଂର ମଜା ନେବା ସହ ସୁସ୍ୱାଦୁ ଖାଦ୍ୟ ଖାଉଛନ୍ତି । ସନ୍ଧ୍ୟା ହେଲେ ପର୍ଯ୍ୟଟକଙ୍କର ଜମୁଛି ଭିଡ଼ । ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଯୋବ୍ରା ତାଳଦଣ୍ଡା କେନାଲରେ ଉଦ୍‌ଘାଟିତ ହୋଇଥିବା ଅତ୍ୟାଧୁନିକ ପାର୍କ 'ବ୍ୟଞ୍ଜନ'ଲୋକମାନଙ୍କ ମନକୁ ମୋହୁଛି । ଏଠାରେ ମୁକ୍ତାକାଶ ଫୁଡ୍ କୋର୍ଟ ସହ ସେଲ୍‌ଫି ଜୋନ୍ ରହିଛି । ପୂର୍ବାହ୍ଣ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଅନ୍ୟ ଏକ ନୂଆ ଠିକଣା ପାଲଟିଛି 'ବ୍ୟଞ୍ଜନ' । ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥିପାଇଁ ୫ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ।



## ଅତ୍ୟାଧୁନିକ 'ବୋଟିଂ'

ଏବେ ଓଟିଡିସି ପକ୍ଷରୁ ୩ଟି ବୋଟ୍ ତାଳଦଣ୍ଡା କେନାଲରେ ଚାଲୁଛି । ଏହି ଶବ୍ଦ ବିହୀନ ବୋଟରେ ଏକକାଳୀନ ୪ଜଣ ବସିପାରିବେ । ପ୍ରାୟ ୩୦ ମିନିଟ ବୋଟିଂ ପାଇଁ ଜଣେ ପର୍ଯ୍ୟଟକଙ୍କ ପ୍ରତି ୨୦୦ ଟଙ୍କା ଦେୟ ରଖାଯାଇଛି । ଏଥିରେ ବୋଟିଂ ସହ ପର୍ଯ୍ୟଟକଙ୍କୁ ଆଖୁ ରସ, ପାଣିବୋତଲ ଏବଂ ଚିପ୍ସ୍ ଦିଆଯାଉଛି । ଲୋକମାନେ ଏହି ବୋଟିଂ ସମୟରେ ବିଭିନ୍ନ ହ୍ରଦରେ ବୋଟିଂ କରିବା ଭଳି ଅନୁଭବ କରୁଛନ୍ତି । ଆଗକୁ ୟୁଏସ୍‌ଏରୁ ଡୋନାଟ୍ ବୋଟ୍ ଆସିବ । ଏହା ରାଜ୍ୟରେ ସମ୍ପୂର୍ଣ୍ଣ ନୂଆ ବୋଲି ପୁରୀ ସି ଫେରାର୍ସ ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ କମଲ ଦେ ସୂଚନା ଦେଇଛନ୍ତି । ଏହାସହିତ ଏଠାରେ କାଟାମାରନ୍ ନାମକ ସ୍ୱତନ୍ତ୍ର ବୋଟ୍ ରହିବ । ସେଥିରେ ଏକକାଳୀନ ୩୦ଜଣ ବସି ବୋଟିଂର ମଜା ନେଇପାରିବେ । ଏହା ସହ ଏବେ ପାର୍କର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକୃଷ୍ଟ କରିବାରେ ଲାଗିଛି ।



# ଗୁଡ୍ ମର୍ଣ୍ଣିଂ ରିପୋର୍ଟର



“ରାଜ୍ୟ ସରକାର ମତ୍ସ୍ୟ ଚାଷ ପାଇଁ ବ୍ୟାପକ ସୁଯୋଗ ଓ ସୁବିଧା ଯୋଗାଇବା ଏବଂ ରିହାତି ବ୍ୟବସ୍ଥା, ପ୍ରୋତ୍ସାହନ ରାଶି ପ୍ରଦାନ ହିଁ ମାଛ ଉତ୍ପାଦନର ମୁଖ୍ୟ କାରଣ ବୋଲି କୁହାଯାଉଛି। ମତ୍ସ୍ୟଜୀବୀ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦ୍ୱାରା ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ, ଫାର୍ମ ପୋଖରୀ, ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହାୟତା ଏହିପରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ମଧ୍ୟ ସରକାର ପ୍ରଚଳିତ କରିଛନ୍ତି। ୧୬ଟି ଯୋଜନାର ସମନ୍ୱୟରେ ଏହି ବୃହତ ଯୋଜନା ମାଛ ଚାଷୀଙ୍କ ଭାଗ୍ୟ ବଦଳାଉଛି।”

## ମାଛ ଉତ୍ପାଦନର ନୂଆ ଠିକଣା

କଳାହାଣ୍ଡି ଜିଲ୍ଲା ଏବେ ମତ୍ସ୍ୟ ଚାଷକୁ ଜୀବିକା ନିର୍ବାହର ମାଧ୍ୟମ ଭାବେ ଗ୍ରହଣ କରି ବେଶ ଅଗ୍ରଗତି କରିଥିବା ଦେଖିବାକୁ ମିଳିଛି। ଗତ ୩ ବର୍ଷ ପୂର୍ବେ ଯାହାଥିଲା ଚଳିତ ବର୍ଷ ୨୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାଛ ଜିଲ୍ଲାରେ ଉତ୍ପାଦନ ହୋଇପାରିଛି। କଳାହାଣ୍ଡିରେ ୧୦ ହଜାର ଚାଷୀ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ମାଛ ଚାଷ ସହ ଜଡିତ ଥିବା ଜଣାଯାଏ। ଗ୍ରାମ ପଞ୍ଚାୟତ ପୋଖରୀ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୭୦ଗ୍ରୁପ ଜିଲ୍ଲାରେ ୨୬୦ ହେକ୍ଟର ଜମିରେ ମାଛ ଚାଷ କରୁଥିବା ବେଳେ ମୋଟ ଉପରେ ୧୪ ହଜାର ହେକ୍ଟର ଜମିରେ ୧୦ ହଜାର ଚାଷୀ ମାଛ ଚାଷ କରୁଛନ୍ତି। କଳାହାଣ୍ଡି ଜିଲ୍ଲାରେ ମାଛର ଆବଶ୍ୟକତା ୩୩ ହଜାର ମେଟ୍ରିକ ଟନ୍ ଥିବା ସମୟରେ ୩୦ ହଜାର ମେଟ୍ରିକ ଟନ୍ ମାଛ ଉତ୍ପାଦନ ହେଉଛି। କଳାହାଣ୍ଡିରେ ଉତ୍ପାଦିତ ହେଉଥିବା ମାଛ ବଲାଙ୍ଗୀର, ଛତିଶଗଡ଼ ଓ ଅନ୍ୟାନ୍ୟ ଜିଲ୍ଲାକୁ ମଧ୍ୟ ବିକ୍ରି ହେବା ପାଇଁ ଯାଉଛି। ଏଥିସହ ଜିଲ୍ଲାରେ ୫୦ କୋଟି ମାଛ ଯାଆଁଳା ପ୍ରସ୍ତୁତ ହେବା ଏକ ଉଲ୍ଲେଖନୀୟ ପଦକ୍ଷେପ ରୂପେ ଜିଲ୍ଲାର ସୁନାମ ବଢ଼ାଇଛି। ଜିଲ୍ଲାର ଭବାନୀପାଟଣା, ଯୋଡ଼ାବନ୍ଧ (ଲାଞ୍ଜିଗଡ଼), ଭଟ୍ରାଯୋର୍ (ଜୁନାଗଡ଼), କୋକସରା, ଗୋଲାମୁଣ୍ଡା, ଏମରାମପୁର, ବଲଧିଆମାଲ, ବାୟାସାଗର ଓ ଧର୍ମଗଡ଼ର ଗଡ଼ିଆଯୋର ଠାରେ ସରକାରୀ ଫିସେରୀ ଫାର୍ମ ମାଛ ଯାଆଁଳା ପ୍ରଜନନ ପାଇଁ କାର୍ଯ୍ୟ କରୁଛି। ଆଗକୁ ମଧ୍ୟ ଜିଲ୍ଲାରେ ୪ ଟି ଉନ୍ନତମାନର ଆଧୁନିକ ମାଛ ବିକ୍ରୟ କେନ୍ଦ୍ର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼ ଓ କେସିଙ୍ଗା ଠାରେ ପ୍ରତିଷ୍ଠା ହେବ ବୋଲି ଜଣାପଡ଼ିଛି।

ସ୍ୱାଧୀନ ପାତ୍ର

## ବିଦେଶୀ ପଦ୍ମ ପ୍ରେମରେ ଦମ୍ପତି

ଗ୍ରାମ ପୋଖରୀରେ ଫୁଟିଥିବା ପଦ୍ମ ଓ କଇଁ ଫୁଲକୁ ଆଣି ନିଜେ କୁଣ୍ଡରେ ରଖି ଆଜକୁ ୧୫ବର୍ଷ ତଳେ ବ୍ୟବସାୟ ଆରମ୍ଭ କରିଥିଲେ ପ୍ରଶାନ୍ତ। ଧୀରେ ଧୀରେ ଏହି ବ୍ୟବସାୟ ଆଗକୁ ବଢ଼ିବା ସାଙ୍ଗକୁ ଦେଶ ବାହାରୁ ପଦ୍ମ ଫୁଲର ବିଭିନ୍ନ ପ୍ରକାରର ଚାରା ଥାଇଲାଣ୍ଡ, ଆମେରିକା ଭଳି ଦେଶରୁ ଅର୍ଡର କରିଥିଲେ। ବର୍ତ୍ତମାନ ତାଙ୍କ ପାଖରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରକାରର ଚାରା ରହିଛି।

ପଦ୍ମ ପ୍ରେମରେ ଦମ୍ପତି। ନିଜ ଘରେ କୁଣ୍ଡରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପଦ୍ମଫୁଲ ଚାଷ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅଁଳାବେରେଣି ଗ୍ରାମର ଦମ୍ପତି ପ୍ରଶାନ୍ତ ଦାସ ଓ ପତ୍ନୀ ଅମ୍ରିତା ଦାସ। ୫୦୦ରୁ ଟଙ୍କାରୁ ଆରମ୍ଭ ହୋଇଥିବା ଏହି ବ୍ୟବସାୟ ଏବେ ପ୍ରାୟ ୨୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେମାନଙ୍କୁ ପଦ୍ମଫୁଲ ଚାଷ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ପିଙ୍କ ଲାଉଡ, ମୋହନ, ନମୋ ଥମୋ ଲକ୍ଷ୍ମୀ, ଗ୍ରିନ ଆପଲ, ଏଲୋପିଓନି, ରେଡ ପିଓନି, ରାନି ରେଡ, ଅଟମ ମୋଲିଙ୍ଗ ଭଳି ବିଦେଶୀ ପଦ୍ମଫୁଲର ଚାରା ରହିଛି। ସେହିଭଳି ସୁମାନ, ଫୁଟୁକାନ, ପିଙ୍କ ସ୍ୱଟ, ଏଷ୍ଟି ଲୁଇସ, ଗୋଲଡ, ମଲ୍ଲିକାନ, ପୁତ୍ତୁରକ୍ଷା, ସିଆମମ୍ବର, ଭଳି କଇଁଫୁଲର ଚାରା ରହିଛି। ଏହା ବାଦ ୩୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଫୁଲ ଗଛ, ସୋ ଗଛ ଭଳି ମଧ୍ୟ ସେ ତାଙ୍କ ପାଖରେ ରଖିଛନ୍ତି। ଧୀରେ ଧୀରେ ଦେଶ ତଥା ବିଦେଶର ବିଭିନ୍ନ ସ୍ଥାନରୁ ଲୋକେ ଫୁଲ, ଚାରା ଓ ତାର କନ୍ଦାକୁ ଅନଲାଇନରେ ମଗାଉଛନ୍ତି। ଆନ୍ତର୍ଜାତିକ ବଜାର ମୂଲ୍ୟ ଅନୁସାରେ ଗୋଟିଏ ଫୁଲର କନ୍ଦା ପ୍ରାୟ ୩ ହଜାରରୁ ଆରମ୍ଭ ହୋଇ ୨୦ ହଜାର ୨୫ ହଜାର ଟଙ୍କା ଯାଏଁ ରହିଛି। ଏହି ସବୁ କାମରେ ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ପତ୍ନୀ ଅମ୍ରିତା। ପେସାରେ ଜଣେ ସରକାରୀ ଚାକିରିଆ ହୋଇ ମଧ୍ୟ କୌଣସି ଗୁଣରେ କମ୍ ନୁହନ୍ତି। ପ୍ରକୃତିକୁ ଭଲ ପାଉଥିବା ମଣିଷ ପ୍ରଶାନ୍ତ ନିଜର ଛୋଟ ବେଳର ଥିବା ଇଚ୍ଛା ଏବେ ନିଜକୁ ଜଣେ ଭଲ ବ୍ୟବସାୟୀ ଭାବରେ ଗଢ଼ି ତୋଳି ପାରିଛନ୍ତି, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।







ରିତେଶ ବ୍ରହ୍ମ

## ଭାସ୍କର୍ଯ୍ୟ କଳାର ଯାଦୁଗର ତପନ

ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଲାଭ ସମୟରେ ଚିତ୍ରକଳା ପ୍ରତି ଅହେତୁକ ଆଗ୍ରହ ଦେଖି ବାଲେଶ୍ୱର ଆର୍ଟ ଏଣ୍ଡ କ୍ରାପ୍ଟ କଲେଜରେ ବାପା ନାଁ ଲେଖିଥିଲେ। ଯୁକ୍ତ ଦୁଇରେ ଦୁଇ ବର୍ଷ ବିଭିଏ କୋର୍ସରେ ୪ବର୍ଷ ଧରି ମୂର୍ତ୍ତି(ସ୍କଲଚର) ଏପ୍ଲାଏ (ଗ୍ରାଫିକ୍ସ) ପେଣ୍ଟିଂ ଓ ଇଣ୍ଡିଆନ ପେଣ୍ଟିଂ, ପଥର ଖୋଦେଇ, କ୍ରାପ୍ଟ ସମ୍ବନ୍ଧୀୟ (ବନଜାତ ଦ୍ରବ୍ୟ) ଚିତ୍ର, କଳା ଭାସ୍କର୍ଯ୍ୟ ଓ କାରୁକାର୍ଯ୍ୟ ସମ୍ବନ୍ଧୀୟ ଶିକ୍ଷା ଲାଭ କରିଥିଲେ।





ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୀମାନ୍ତ ଗୋବରଘାଟା ପଞ୍ଚାୟତର ବୈରାଟ ଆଡି ଗାଁରେ ପିତା ଭାନୁ ଚରଣ ବେହେରା ଓ ସ୍ୱର୍ଗତ ମାତା ସୁବାସିନୀଙ୍କ ସୁନା ପୁଅ ତପନ ବେହେରା। କଳା ଭାସ୍କର୍ଯ୍ୟ ଓ କାରୁକାର୍ଯ୍ୟ ସମ୍ବନ୍ଧୀୟ ଶିକ୍ଷା ଲାଭ କରିବା ପରେ ଶିଳ୍ପୀବନ୍ଧୁଙ୍କ ସହଯୋଗରେ ରାଜସ୍ଥାନ, ମଧ୍ୟପ୍ରଦେଶ, ବମ୍ବେ, ଦିଲ୍ଲୀ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶାର ବହୁ ସ୍ଥାନରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ମୂର୍ତ୍ତି ଓ ବିଭିନ୍ନ କଳା ଭାସ୍କର୍ଯ୍ୟ, ନୈପୁଣ୍ୟତାର ପ୍ରଦର୍ଶନ କରିଛନ୍ତି। ତାଙ୍କର ଶ୍ରେଷ୍ଠ କଳାକୃତି ମଧ୍ୟରେ ଦାଣ୍ଡି ଯାତ୍ରାରେ ୧୧ ଅନୁଗାମୀଙ୍କ ସହ ବାପୁଜୀଙ୍କ ପୂର୍ଣ୍ଣ ଅବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ରାଜସ୍ଥାନର ଟମ୍ ସହର ମଧ୍ୟରେ ଅହିଂସାର ପ୍ରତୀକ ସାଜିଛି। ଅନ୍ୟ ଶ୍ରେଷ୍ଠ କଳାକୃତି ମଧ୍ୟରେ ପରିତ୍ୟକ୍ତ ଲୁହରେ ନିର୍ମିତ ଜାତୀୟ ପଶୁ ମହାବଳ ବାଘର ବିଶାଳ ପ୍ରତିକୃତି ଛତିଶଗଡ଼ ରାଜ୍ୟର ରାୟପୁର ବିମାନ ବନ୍ଦରର ଶୋଭାବର୍ଦ୍ଧନ କରୁଛି। ଏହିପରି ଏକାଧିକ ନିଖୁଣ ପ୍ରତିମୂର୍ତ୍ତି ନିର୍ମାଣ କରି ଉତ୍କୃଷ୍ଟ କଳା ନୈପୁଣ୍ୟର ପରାକାଷ୍ଠା ଦେଖାଇଛନ୍ତି ତପନ। ରାଇବଣିଆ ଠାରେ ସଂଗ୍ରାମୀ ବିର୍ସା ମୁଣ୍ଡା, ମୁଣ୍ଡୁଣିଆ ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ସେ ଅଞ୍ଚଳରେ ବେଶ ପ୍ରଶଂସା ସାଉଁଟିଛନ୍ତି। ଅଞ୍ଚଳର ପୁଅ ଭାବେ ଅଗରୱାଲା ଛକ ନିକଟରେ ଦୀନକୃଷ୍ଣଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ ଲକ୍ଷ୍ୟ ରଖିଛନ୍ତି। ବିନା ପାରିଶ୍ରମିକରେ, ଜଳେଶ୍ୱର ସହରରେ ଅଲୋଡ଼ା ଧାତୁରେ ମନିଷୀଙ୍କ ମୂର୍ତ୍ତି ନିର୍ମାଣ କରିବାରେ ସହଯୋଗ ପାଇଁ ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।



ଭୂପତି ପରିଡା

“କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଏବଂ ମହାକାଳପଡ଼ା ଅଞ୍ଚଳରୁ ବହୁ ପରିମାଣରେ ଝୋଟ ଅମଳ ହେଉଛି। ଏକଦା ସର୍ବାଧିକ ଝୋଟ ଅମଳ ହେଉଥିବା ଅଞ୍ଚଳ ମଧ୍ୟରେ ମାର୍ଶାଘାଇ ସ୍ଥାନ ପାଇଥିଲା। ବିଗତ କିଛି ବର୍ଷ ହେବ ଅଞ୍ଚଳର ଚାଷୀମାନେ ଝୋଟ ଚାଷ ପ୍ରତି ବିମୁଖ ଥିବାବେଳେ ଏବେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ପାଇବା ପରେ ପୁଣି ଥରେ ଝୋଟ ଚାଷ ପ୍ରତି ଉତ୍ସାହିତ ହୋଇ ପଡ଼ିଛନ୍ତି।”



## ଝୋଟ ଫୁଟାଉଛି ହସ



ମାର୍ଶାଘାଇ ବ୍ଲକର ମାର୍ଶାଘାଇ, ମଣିକୁଣ୍ଡା, ହିନ୍ଦୁଳିଆ, ଜମପଡ଼ା, ଆୟତପୁର, ଜଲପୋକ, ଦଶିପୁର, ଦୁମୁକା ପ୍ରଭୃତି ପଞ୍ଚାୟତର ପ୍ରାୟ ୪ଶହ ହେକ୍ଟର ଚାଷ ଜମିରେ ଝୋଟ ଚାଷ କରାଯାଉଛି। ମହାକାଳପଡ଼ା ବ୍ଲକର ରାଜଗଡ଼, ମହାକାଳପଡ଼ା, ଜୟଚନ୍ଦ୍ରପୁର ଆଦି ପଞ୍ଚାୟତର ପ୍ରାୟ ୫୦ ହେକ୍ଟର ଚାଷ ଜମିରେ ଝୋଟ ଚାଷ କରାଯାଉଥିବା ଜଣାପଡ଼ିଛି। ଝୋଟ ଚାଷ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ସରକାର ଡେମୋନଷ୍ଟ୍ରେସନ ପୋଗ୍ରାମ ଜରିଆରେ ମାଗଣାରେ ନଳିତା ମଞ୍ଜି ଯୋଗାଇଦେବା ସହିତ କୀଟନାଶକ, ସାର ଏବଂ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଥିବା ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ କହିଛନ୍ତି। ଝୋଟ ଅମଳ ପାଇଁ ନଳିତା ପଚେଇବା ପାଇଁ ସ୍ୱତନ୍ତ୍ର ଜଳାଶୟ ପାଇଁ ମଧ୍ୟ ପ୍ରୋତ୍ସାହନ ମିଳୁଛି। ଝୋଟ ଚାଷରୁ ମୁହଁ ଫେରାଇ ନେଇଥିବା କିଛି ଚାଷୀ ସରକାରଙ୍କ ପ୍ରୋତ୍ସାହନ ଯୋଗୁ ପୁଣିଥରେ ଏବେ ଝୋଟ ଚାଷ ପ୍ରତି ଆଗ୍ରହ ଦେଖାଉଛନ୍ତି ବୋଲି ଚାଷୀମାନେ କହିଛନ୍ତି। ଅମଳ ଝୋଟକୁ ଉଚିତ ଦରରେ ବିକ୍ରି କରିବାର ବ୍ୟବସ୍ଥା କରିଲେ ଝୋଟ ଚାଷ ପ୍ରତି ଆହୁରି ଆଗ୍ରହ ବଢ଼ିବ ବୋଲି ଚାଷୀ କିରଣ ବେଉରା, ନିର୍ମଳ ଦଳାଇ, ମାଧବ ନାୟକ, ସୁଦର୍ଶନ ଦାସ, କପିଳ ବେହେରା, କପିଳ ବସନ୍ତିଆ, ହାଡିବନ୍ଧୁ ଦାସ, ରାଜନ ବାରିକ, ରାଜେନ୍ଦ୍ର ବସନ୍ତିଆ, ବ୍ରଜସୁନ୍ଦର ସ୍ୱାଇଁ ପ୍ରମୁଖ କହିଛନ୍ତି।



ଦେବଦତ୍ତ ଦାଶ

# ଦୁଇ ଜିଲ୍ଲାକୁ ଯୋଡ଼ିବ ବିଜୁ ସେତୁ

## ୭କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୯।୧୨(ସମିସ):** ସମ୍ବଲପୁର-ସୋନପୁର ଦୁଇ ଜିଲ୍ଲାକୁ ଯୋଡ଼ିବ ଏବେ ବିଜୁ ସେତୁ। ବିଜୁ ସେତୁ ଯୋଜନାରେ ସାମିଲ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତୁ ନିର୍ମାଣ ପାଇଁ ୭କୋଟି ୧୦ଲକ୍ଷ ୮୭ ହଜାର ଟଙ୍କା ମଞ୍ଜୁର କରିଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମ୍ବଲପୁର ଗସ୍ତ ସମୟରେ ଭାଲିଆକଟା ବମ୍ପ୍ରୋନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ପ୍ରାୟ ଦୁଇମାସ ଭିତରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଛି। କେବେ ନିର୍ମାଣ କାମ ଆରମ୍ଭ ହେବ ସେ ନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ଦାବି ପୂରଣ ହେବା ନେଇ ଯୁଯୁମୁରା ଓ ରେଢାଖୋଲ ବ୍ଲକବାସୀ ଉତ୍ସାହିତ ହୋଇଛନ୍ତି। ବର୍ଷା ଋତୁ ଆସିବା ପୂର୍ବରୁ ଶୀଘ୍ର କାମ ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ କେଶାପାଲି ପଞ୍ଚାୟତ ଓ ରେଢାଖୋଲ ବ୍ଲକ ଭାଲିଆପଟା ପଞ୍ଚାୟତ ଯୋଡୁଥିବା ରାସ୍ତାରେ ରହିଛି ବମ୍ପ୍ରୋନାଳ (ବଡ଼ପାଟି ନଦୀ)। ନଦୀରୁ ସୋନପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗ୍ରାମଗୁଡ଼ିକ ପ୍ରାୟ ୫ କିମି ଦୂରରେ ରହିଛି। ସମ୍ବଲପୁର ଜିଲ୍ଲାର ରେଢାଖୋଲ ବ୍ଲକ, ମାନେଶ୍ୱର, ଯୁଯୁମୁରା ବ୍ଲକ ଓ ସୋନପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ ସହିତ ଅନ୍ୟମାନେ ଏହି ରାସ୍ତାରେ ଯାତାୟତ କରନ୍ତି। ସୋନପୁର ଜିଲ୍ଲାକୁ ଯିବାକୁ ହେଲେ ରେଢାଖୋଲ ଓ ଧମା ଦେଇ ଯିବାକୁ ଭଲ ରାସ୍ତା ରହିଛି। ହେଲେ ଏହି ଅଞ୍ଚଳରୁ ଲୋକମାନେ ଯାତାୟତ କଲେ ପ୍ରାୟ ୫୦-୬୦ କିମି ଅଧିକ ପଡ଼ିଥାଏ। ତେଣୁକରି ସମୟ ଓ ଖର୍ଚ୍ଚ ବଞ୍ଚାଇବା ପାଇଁ ଏହି ନଦୀ ଡେଇଁ ଦୁଇ ଜିଲ୍ଲାର ଲୋକମାନେ ଯିବାଆସିବା କରନ୍ତି। ଏହାକୁ ନେଇ ରେଢାଖୋଲ ଓ ଯୁଯୁମୁରା ବ୍ଲକର ନିକଟସ୍ଥ ପଞ୍ଚାୟତବାସୀ ବ୍ରିଜ ନିର୍ମାଣ କରିବାକୁ ଦାବି କରୁଥିଲେ।

● ଜିଲ୍ଲା ଓ ତାଲୁକସ୍ତରୀୟ ଲୋକ ଅଦାଲତ

# ୨୧, ୧୭୭ ମାମଲା ଫଇସଲା ଓ ୧୭୪ କୋଟି କ୍ଷତିପୂରଣ ସ୍ଥିରୀକୃତ

**କଟକ, ୯।୧୨(ସମିସ):** ଜାତୀୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟବ୍ୟାପୀ ୩୦ଟି ଜିଲ୍ଲା ଓ ତାଲୁକସ୍ତରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧, ୧୭୭ଟି ମାମଲା ଫଇସଲା କରାଯାଇଥିଲା। ସେଥିମଧ୍ୟରେ ୧୪ହଜାର ୨୧୧ଟି ଅଦାଲତଭିତ୍ତିକ ବିଚାରାଧୀନ ମାମଲା ଓ ୬୯୬୬ଟି ପ୍ରାକ୍ ବିବାଦୀୟ ମାମଲା ରହିଛି। ସେହିପରି କ୍ଷତିପୂରଣ ବାବଦକୁ ମୋଟ ୧୭୪ କୋଟି ୭୪ ଲକ୍ଷ ୫୯ ହଜାର ୪୩୯ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ ହୋଇଛି। ଏହି ଲୋକ ଅଦାଲତରେ ଫଇସଲା ହୋଇଥିବା ମାମଲାଗୁଡ଼ିକ ମଧ୍ୟରେ ବିଦ୍ୟୁତ୍ ଓ ପାଣି ବିଲ୍ ସମ୍ବନ୍ଧୀୟ ୧୨ଟି, ଅନ୍ୟାନ୍ୟ ଫୌଜଦାରୀ ବିବାଦ ସଂକ୍ରାନ୍ତୀୟ ୮୮୮୩ଟି, ୯୮୫ଟି ମୋଟରଯାନ ଦୁର୍ଘଟଣା ମାମଲାର ଫଇସଲା ହୋଇଥିଲା। ସେହିପରି ୫୧୭ଟି ପାରିବାରିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ୯ଟି ଜମି ଅଧିଗ୍ରହଣ, ୧୫୮୨ଟି ଦେୱାନୀ ମାମଲା, ୩୧୯ଟି କ୍ରିମିନାଲ କମ୍ପାଉଣ୍ଡେବଲ ମାମଲା, ୯ଟି ଋଣ ଅସୁଲି ମାମଲା, ୭୨ଟି ଚାକିରି ଓ ଶ୍ରମ ସଂକ୍ରାନ୍ତୀୟ, ୫୩ଟି ଖାଉଟି ବିବାଦ ମାମଲା ଓ ୧୫ଟି ଶିକ୍ଷା ଟ୍ରିବୁନାଲ ମାମଲା ଏହିପରି ମୋଟ ୧୪ ହଜାର ୨୧୧ଟି ବିଚାରାଧୀନ ମାମଲା ସହିତ ପ୍ରାକ୍ ବିବାଦୀୟ ୬୯୬୬ଟି ମାମଲା ସମାଧାନ ହୋଇଥିବା ନେଇ ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ୩୦ ଜିଲ୍ଲା ଅଦାଲତ ସହ ତାଲୁକ ଓ ଖାଉଟି ଅଦାଲତରେ ଅନୁଷ୍ଠିତ ହୋଇଥିଲା।

# ଭାଲୁ ଆକ୍ରମଣରେ ଠିକାଦାର ମୃତ

**ନବରଙ୍ଗପୁର, ୯।୧୨(ସମିସ):** ଭୋରରୁ ଶୌଚ ହେବାକୁ ଯାଇଥିବା ବେଳେ ଭାଲୁ ହାବୁଡ଼େ ପଡ଼ିଗଲେ। ଏ ମହାବିପଦରୁ ବର୍ତ୍ତିବା ପାଇଁ ପ୍ରଥମେ ତା' ଧ୍ୟାନ ହଟାଇବାକୁ ଚେଷ୍ଟା କଲେ। ତାକୁ ବାଡ଼େଇବା ପାଇଁ ମିଛମିଛିକା ଡାଳ ବାଡ଼ି, ଟେକାପଥର ଗୋଟାଇଲେ। କିନ୍ତୁ କିଛି କାମ ଦେଲାନି। ନଛୋଡ଼ବନ୍ଧା ଭାଲୁ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିପକାଇଲା। ବାରମ୍ବାର ମୁହଁକୁ ରାମ୍ପୁଡ଼ି ରକ୍ତାକ୍ତ କରି ପକାଇଲା। ନିଜକୁ ବଞ୍ଚାଇବା ପାଇଁ ଭାଲୁ ସହ ଦୀର୍ଘ ଘଣ୍ଟାଏ ଲଢ଼ିଲେ। ପାଖରେ ଉପସ୍ଥିତ ଥିବା ଶ୍ରମିକ ଓ ଗାଁ ଲୋକ ଭାଲୁକୁ ଘଉଡ଼ାଇବା ପାଇଁ ମଧ୍ୟ ବହୁ ଉଦ୍ୟମ କରିଥିଲେ। କିନ୍ତୁ କିଛି କାମ ଦେଲାନି। ଶେଷରେ ଭାଲୁ ଆକ୍ରମଣରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣ ଚାଲିଗଲା। ନବରଙ୍ଗପୁର ସଦର ବ୍ଲକ୍ ଭତରା ସିଉନି ଗ୍ରାମ ନିକଟରେ ଶନିବାର ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଭାଲୁ ଆକ୍ରମଣରେ ଜଣେ ଠିକାଦାର ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତିଜଣଙ୍କ ହେଲେ, ବ୍ରିଜେଶ ଦ୍ୱିବେଦୀ(୪୫)। ତାଙ୍କ ଘର ମଧ୍ୟପ୍ରଦେଶର ମହିୟର୍ ଗାଁରେ। ସେ ନବରଙ୍ଗପୁର ବ୍ଲକ୍ ଭତରାସିଉନି ପଞ୍ଚାୟତ ଦେଇ ରାୟପୁରଠାରୁ ବିଶାଖାପାଟନମ୍ ପର୍ଯ୍ୟନ୍ତ ନିର୍ମାଣାଧୀନ ଭାରତମାଳା ପ୍ରକଳ୍ପ ରାସ୍ତା କାମରେ ପେଟି ଠିକାଦାର ଭାବେ ନିୟୋଜିତ ଥିଲେ। ଖବର ପାଇ ନବରଙ୍ଗପୁର ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବ୍ରିଜେଶଙ୍କ ଶବକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନାନୁଯାୟୀ, ବ୍ରିଜେଶ ରାସ୍ତାପାର୍ଶ୍ୱରେ ଏକ ଅସ୍ଥାୟୀ ଠିକା କ୍ୟାମ୍ପରେ ଶ୍ରମିକଙ୍କ ସହ ରହୁଥିଲେ। ଆଜି ଭୋର୍‌ରେ ସେ ଶୌଚ ପାଇଁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା।

**ଲଢ଼େଇ କରି ହାରିଗଲେ**

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କଟକ, ୯।୧୨(ସମିସ):** ନାବାଳିକା ଦୁଷ୍କର୍ମ ମାମଲାରେ ପୀଡ଼ିତାଙ୍କ ସମ୍ପର୍କୀୟ ଅଜାକୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାର ଶୁଣାଣି କରି କଟକ ଆଡ୍-ହକ୍ ଅତିରିକ୍ତ ଦୌରା ଅଦାଲତ(ଏଫ୍‌ଟିଏସ୍‌ସି-୨) ବିଚାରପତି ସବିତା ଦାସ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ଅଞ୍ଚଳର ଗୋପାଳ ସିଂ(୪୫)କୁ ୨୦ ବର୍ଷ ଜେଲ୍ ଓ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଆସାମୀକୁ ୩ ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଅନ୍ୟପଟରେ ସମ୍ପୃକ୍ତ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଆକାରରେ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏପିପି ଏମ୍.ଏମ୍.ବେଗ ମାମଲା ପରିଚାଳନା କରୁଥିଲେ।

## ଓଏଏସ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୯।୧୨(ସମିସ):** ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସର୍‌ସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ତରଞ୍ଜନ ପାତ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଶ୍ରୀ ପାତ୍ରଙ୍କ ସ୍ଥାନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବରିଷ୍ଠ ଓଏଏସ୍ ଦିଲ୍ଲୀପ କୁମାର ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଧୀରେନ୍ଦ୍ରନାଥ କର ଓ ଯୁଗ୍ମ ସଚିବ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କୁ ଯଥାକ୍ରମେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଓ କୋରାପୁଟସ୍ଥିତ ଯୁଗ୍ମ କେବିକେ ପ୍ରଶାସକ ଭାବେ ବଦଳି ହୋଇଛି। ସେହିପରି ଗଜପତି ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ନୀଳମାଧବ ମାଝୀଙ୍କୁ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଉପଜିଲ୍ଲାପାଳ ଭାବେ ଛତ୍ରପୁରକୁ ବଦଳି କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫ ବର୍ଷରେ...

ଦେଢ଼ଗୁଣା ଏମ୍‌ଏସପି ଦେବାକୁ ସୁପାରିସ କରିଥିଲେ। ତଦନୁଯାୟୀ କେନ୍ଦ୍ର ସରକାର ଏମ୍‌ଏସ୍‌ପି ଧାର୍ଯ୍ୟ କରୁଛନ୍ତି। ମନ୍ତ୍ରୀଙ୍କ ଉତ୍ତର ଓଡ଼ିଶାର ଧାନ ଚାଷୀ ପ୍ରତି କେନ୍ଦ୍ର ସରକାରଙ୍କ ବିମୁଖତାକୁ ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି। ୨୦୧୮-୧୯ରେ କ୍ୱିଣ୍ଟାଲ ପ୍ରତି ଧାନର ଉତ୍ପାଦନ ଖର୍ଚ୍ଚ ପ୍ରାୟ ୨୪୦୩ ଟଙ୍କା ଥିଲା। ଅର୍ଥାତ୍ ୫ ବର୍ଷ ତଳେ ଓଡ଼ିଶାର ଧାନ ଚାଷୀ କ୍ୱିଣ୍ଟାଲ ପିଛା ୫୮୮ ଟଙ୍କା କ୍ଷତି ସହୁଥିବା ବେଳେ ଏବେ ବିଭିନ୍ନ ଦିଗକୁ ବିଚାରକୁ ନେଲେ ତାହା ୧୦୦୦ ଟଙ୍କା ଛୁଇଁବଣି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଉଛି। ଓଡ଼ିଶାର ଚାଷୀଙ୍କ ପ୍ରତି କେନ୍ଦ୍ରର ଏ ଅବିଚାର କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁଯାୟୀ, ୨୦୧୮-୧୯ରେ ଝୋଟ ପ୍ରତି ଏମ୍‌ଏସ୍‌ପି ୩୭୦୦ ଟଙ୍କା ଥିବାବେଳେ ଏବେ ତାହା ୫୦୫୦ ଟଙ୍କାକୁ ବଢ଼ିଛି। ଅର୍ଥାତ୍ ଏଥିରେ କ୍ୱିଣ୍ଟାଲ ପିଛା ୫ ବର୍ଷରେ ୧୩୫୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ସମାନ ଅବଧିରେ ମସୁର ଡାଲିରେ ଏମ୍‌ଏସପି ୧୯୫୦ ଟଙ୍କା ବଢ଼ିଥିବା ବେଳେ ମୁଗ ଡାଲିରେ ୧୫୮୩ ଟଙ୍କା, ସୋୟାବିନରେ ୧୨୦୦ ଟଙ୍କା, କଟନରେ ୧୫୭୦ ଟଙ୍କା ଏମ୍‌ଏସ୍‌ପି ବୃଦ୍ଧି ପାଇଛି। ଅନ୍ୟ ଶସ୍ୟ ପ୍ରତି କେନ୍ଦ୍ର ସରକାର ହାତ ଖୋଲି ଦେଇଥିବବା ବେଳେ ହଜାର ଥର ଦାବି ସତ୍ତ୍ୱେ ଧାନ ଚାଷୀଙ୍କ ପ୍ରତି ଏତେ କଠୋର ମନୋଭାବ କଣ ପାଇଁ ପ୍ରଦର୍ଶନ କରୁଛନ୍ତି, ତାହାକୁ ଚାଷୀକୁଳ ବୁଝିପାରୁ ନାହାନ୍ତି।

ଧାନ ଉତ୍ପାଦନ କରିବା କ୍ଷେତ୍ରରେ ଓଡ଼ିଶାର ଚାଷୀ ବ୍ୟାପକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରୁଛନ୍ତି। ଅଦିନିଆ ବର୍ଷା, ବାତ୍ୟା ସାଙ୍ଗକୁ ସାର, କୀଟନାଶକ ଦରରେ ଅହେତୁକ ବୃଦ୍ଧି ଏବଂ ସଠିକ୍ ସମୟରେ ଏହା ଉପଲବ୍ଧ ନ ହେବା ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜୁଛି। ଧାନ ଚାଷରୁ ଉତ୍ପାଦନ ଖର୍ଚ୍ଚ ମଧ୍ୟ ଚାଷୀଙ୍କୁ ମିଳୁ ନ ଥିବାରୁ ଅନେକ ଚାଷୀ ଧାନଚାଷରୁ ମୁହଁ ମୋଡ଼ିଲେଣି। ଏତିକିବେଳେ କେନ୍ଦ୍ରର ଏମ୍‌ଏସ୍‌ପି ଛଳ ବେଢ଼ି ଉପରେ କୋରଡ଼ା ମାଡ଼ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ବାରମ୍ବାର ଦାବି ପରେ 'ହାତୀକୁ ହୋମିଓପ୍ୟାଥ୍'ର ପରି କେନ୍ଦ୍ର ସରକାର ପ୍ରତି ବର୍ଷ ୫୦-୧୦୦ ଟଙ୍କା ଲେଖାଏଁ ଏମ୍‌ଏସ୍‌ପି ବୃଦ୍ଧି କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଧାନର ଏମ୍‌ଏସ୍‌ପି ବୃଦ୍ଧି ନେଇ ଗତ ୨୦୧୭ ମସିହାରୁ ଓଡ଼ିଶା ଦାବି କରିଆସୁଛି। ଗତ ୨୦୧୭ ମସିହାରେ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କୁ ନେଇ ଏ ସଂକ୍ରାନ୍ତରେ ଏକ ସର୍ବଦଳୀୟ କମିଟି ଗଠନ ହୋଇଥିବା ବେଳେ କମିଟି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୯୩୦ ଟଙ୍କା ହେବା ପାଇଁ ସ୍ଥିର କରିଥିଲା। ୨୦୧୭ ମାର୍ଚ୍ଚ ୨୫ ତାରିଖରେ ଏ ସମ୍ପର୍କିତ ଏକ ପ୍ରସ୍ତାବ ମଧ୍ୟ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ଏହା ମଧ୍ୟରେ ୬ ବର୍ଷ ବିତିଗଲାଣି। କିନ୍ତୁ ଓଡ଼ିଶା ବିଧାନସଭାର ଏହି ପ୍ରସ୍ତାବଟି କେବଳ ପ୍ରସ୍ତାବରେ ରହିଯାଇଛି। ଏପରିକି ଓଡ଼ିଶା ବିଧାନସଭା ପକ୍ଷରୁ ଏନେଇ ଗଠିତ ଗୃହ କମିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଖା କରିବାକୁ ସମୟ ମାଗିଥିଲେ ହେଁ ସେ ଏଯାଏଁ ସମୟ ଦେଲେନାହିଁ। ଏନେଇ ବିଜେପି ବିଧାୟକ, ସାଂସଦଙ୍କ ମୁହଁ ଖୋଲୁନାହିଁ। ତେବେ ଶାସକ ବିଜେଡି ପକ୍ଷରୁ ସାଂସଦଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ଉପରୋକ୍ତ ଦାବି ଉଠାଯାଇ ସାରିଛି। ଏପରିକି ବର୍ତ୍ତମାନର ପରିସ୍ଥିତି ଏବଂ ଖର୍ଚ୍ଚକୁ ଦେଖି ଏମ୍‌ଏସ୍‌ପି ୩୩୦୦ ଟଙ୍କା କରିବାକୁ ବିଜେଡି ଏବେ ଦାବି କରୁଛି।

## ଶୀଘ୍ର ଲ୍ୟାଣ୍ଡସ୍କେପିଂ...

ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିବା ସହ ମାରାଥନ୍ ସମୀକ୍ଷା କରିଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ପରିକ୍ରମା ପ୍ରକଳ୍ପ କାମ ଦେଖିବା ସହ ଭକ୍ତମାନଙ୍କର ମନ୍ଦିରକୁ ସୁଗମ ଏବଂ ନିରାପଦ ପ୍ରବେଶ, ଧାଡ଼ି ପରିଚାଳନା ଏବଂ ଟ୍ରାଫିକ୍ ନିୟନ୍ତ୍ରଣର ସମୀକ୍ଷା କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅଧିକାରୀଙ୍କ ସହ ପ୍ରକଳ୍ପ ଅଗ୍ରଗତି ନେଇ ଆଲୋଚନା କରିଥିଲେ। ଲ୍ୟାଣ୍ଡସ୍କେପିଂ କାମ, ମଠ ପୁନରୁଦ୍ଧାର, ଭକ୍ତଙ୍କ ସୁବିଧା ପାଇଁ ତିଆରି ଚାଲିଥିବା ଶୀତତାପ ନିୟନ୍ତ୍ରିତ ଚଲାପଥ କାମ ବୁଲି ଦେଖିବା ସହ ଏହାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ସେହିପରି ଜଗନ୍ନାଥ ବଲ୍ଲଭ ପିଲ୍‌ଗ୍ରିମ ସେଣ୍ଟର (ଜେବିପିସି)ରୁ ଦୋଳବେଦୀ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଯାଉଥିବା ନୂଆରାସ୍ତା (ଶ୍ରୀଦାଣ୍ଡ) ମଧ୍ୟ ପରିଦର୍ଶନ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ରାସ୍ତା ଲାଗି ଜମି ଅଧିଗ୍ରହଣ ସ୍ଥିତି କ'ଣ ରହିଛି, ତାହା ପଚାରି ବୁଝିଥିଲେ। ପରିକ୍ରମା ପ୍ରକଳ୍ପ ପରିସର ବିଭିନ୍ନ ମଠ ଏବଂ ମନ୍ଦିରର ପୁନରୁଦ୍ଧାର କାମ ଚାଲିଛି। ଏହାକୁ ନିଜେ ବୁଲି ଦେଖିବା ସହ କାମ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି '୫-ଟି' ଅଧ୍ୟକ୍ଷ।

ସେହିପରି ଶ୍ରୀମନ୍ଦିରର ଦକ୍ଷିଣ, ପଶ୍ଚିମ ଏବଂ ଉତ୍ତର ପାର୍ଶ୍ୱ ବିଭିନ୍ନ ପ୍ୟାଚରେ କରାଯାଇଥିବା ଲ୍ୟାଣ୍ଡସ୍କେପିଂ ଯାଞ୍ଚ କରିବା ସହ ଆସନ୍ତା ସପ୍ତାହ ସୁଦ୍ଧା ସମସ୍ତ ପାର୍ଶ୍ୱରେ ବଫର ଜୋନ୍ ଏବଂ ଲ୍ୟାଣ୍ଡସ୍କେପିଂ ଜୋନ୍ ସମ୍ପୂର୍ଣ୍ଣ କରିବାକୁ ଶ୍ରୀ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି)ର କାମ ଯଥାଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଧାର୍ଯ୍ୟ ସମୟରେ ଅଳିଆ ଆବର୍ଜନା, ସବ୍ ଷ୍ଟେସନ ସ୍ଥାନାନ୍ତର କରିବାକୁ କହିଛନ୍ତି। ମେଘନାଦ ପାଚେରୀ ନିକଟରେ ବୈଦ୍ୟୁତିକ କାମ ଶୀଘ୍ର ସାରିବାକୁ କହିଛନ୍ତି।

ଏହି ଅବସରରେ '୫-ଟି' ଅଧ୍ୟକ୍ଷ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରକୁ ଯାଇ ସେଠାରେ ନିର୍ମାଣାଧୀନ ପିଲ୍‌ଗ୍ରିମ ସେଣ୍ଟର ଓ ଶ୍ରୀଦାଣ୍ଡ କାମ ଦେଖିଥିଲେ ଏବଂ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ବିକାଶ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୨ ଘଣ୍ଟା ଧରି '୫-ଟି' ଅଧ୍ୟକ୍ଷ ବିଭିନ୍ନ ପ୍ରକଳ୍ପର ମାରାଥନ୍ ସମୀକ୍ଷା କରିଥିବା ବେଳେ ସାଥୀରେ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଚାରପତି ନିଯୁକ୍ତିରେ...

ରହିଥିବା ମାମଲାର ସମାଧାନରେ ଏବଂ ନ୍ୟାୟ ପ୍ରଦାନରେ ଟ୍ରିବ୍ୟୁନାଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଦାଲତରେ ମାମଲା ଶୁଣାଣିରେ ବିଳମ୍ବକୁ ରୋକିବା ଏବଂ ଏହାକୁ ହ୍ରାସ କରିବା ଟ୍ରିବ୍ୟୁନାଲର ଉଦ୍ଦେଶ୍ୟ ଥିଲା। କାରଣ ଏହି ଟ୍ରିବ୍ୟୁନାଲ ସାକ୍ଷୀ ଏବଂ ନ୍ୟାୟିକ ପ୍ରକ୍ରିୟାରେ ବାନ୍ଧି ହୋଇନାହିଁ। ତେଣୁ ମାମଲାର ସମାଧାନରେ ଏବଂ ନ୍ୟାୟ ପ୍ରଦାନରେ ସହାୟତା କରିବ ବୋଲି ଆଶା ଥିଲା। ମାତ୍ର ଏବେ ଆମ ଟ୍ରିବ୍ୟୁନାଲ ଅନେକ ସମସ୍ୟାରେ ପୀଡ଼ିତ। ଏପରି ସ୍ଥିତିରେ ଏତେ ଗୁଡ଼ିଏ ଟ୍ରିବ୍ୟୁନାଲ ଗଠନର ଆବଶ୍ୟକତା ଉପରେ ପ୍ରଶ୍ନ ଉଠୁଛି। ସିଜେଆଇ ପୁଣି କହିଛନ୍ତି ଯେ ଏବେ କ'ଣ ବିଚାରପତି ମିଳୁନାହାନ୍ତି କି? ବିଚାରପତି ପଦ ଖାଲି ହେଲେ ନିଯୁକ୍ତି ବାହାରି ଥାଏ। କିନ୍ତୁ ଦୀର୍ଘ ଦିନ ପର୍ଯ୍ୟନ୍ତ ବିଚାରପତି ନିଯୁକ୍ତି ମାମଲା ପଡ଼ି ରହୁଛି। ଏଥିରେ କାହାକୁ ନିଯୁକ୍ତି ଦିଆଯାଉନାହିଁ। ପରେ କ୍ରମାଗତ ଭାବେ ଝଗଡ଼ା ହେଉଛି। ବିଚାରପତିଙ୍କ ନିଯୁକ୍ତରେ ଅନ୍ତିମ ନିୟନ୍ତ୍ରଣ କାହାର ହେବ ତାହାକୁ ନେଇ ସବୁବେଳେ ଟଣାଓଟରା ଚାଲିଛି।

## ପୁଣି ବାହାରିଲା...

ଟଙ୍କା ମିଳିଛି। ଲକର୍ ଚାବି ହଜିଯାଇଥିବାରୁ ଆଇଟି ଅଧିକାରୀମାନେ ତାହାକୁ ଗ୍ୟାସ କଟର୍‌ରେ କାଟି ଟଙ୍କା ବାହାର କରିଥିଲେ। ଏହି ଟଙ୍କାକୁ ସେହି ମଦଭାଟିରେ ଗଣାଯିବାକୁ ବ୍ୟବସ୍ଥା କରାଯାଇଛି। ଟଙ୍କାଗଣା ମେସିନ୍ ସହ କିଛି ବ୍ୟାଙ୍କ୍ କର୍ମଚାରୀ ସେଠାରେ ପହଞ୍ଚିଛନ୍ତି। ଗଣତି ପରେ କେତେ ଟଙ୍କା ବାହାରିଲା, ତାହା ସ୍ପଷ୍ଟ ହେବ ବୋଲି ଆଇଟି ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜବତ ଟଙ୍କା ବ୍ୟାଗରୁ ଏକ ସ୍ୱତନ୍ତ୍ର ପଲିଥିନ୍‌ରୁ ୫ ଲକ୍ଷ ଟଙ୍କାର ଏକ ପୁଡ଼ିଆ ବାହାରିଛି। ସେହି ପୁଡ଼ିଆରେ 'ଇନ୍ସପେକ୍ଟର ତିୱାରୀ' ଲେଖା ହୋଇଛି। ତେଣୁ ଏହି ପୁଡ଼ିଆ ଇନ୍ସପେକ୍ଟର ତିୱାରୀଙ୍କୁ ଦିଆଯିବା ପାଇଁ ରହିଥିବା କୁହାଯାଉଛି। ତେଣୁ କିଏ ସେ ଇନ୍ସପେକ୍ଟର ତିୱାରୀ, ତାକୁ ନେଇ ଆୟକର ବିଭାଗ ଓ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି। ପୂର୍ବରୁ ଏହି ଭାଟିରୁ ୧୫୬ଟି ଟଙ୍କାଭର୍ତ୍ତି ବ୍ୟାଗ୍ ଜବତ ହୋଇଥିଲା। ଏହି ମଦଭାଟିର ମ୍ୟାନେଜର ହେଉଛନ୍ତି ବଣ୍ଟି। ଗତ ଦୁଇ ଦିନ ହେଲା ଆୟକର ବିଭାଗ, ଅବକାରୀ ବିଭାଗ ଓ ପୁଲିସ୍ ତାଙ୍କୁ ଧରି ଟଙ୍କା ଲିଙ୍କର ଖୋଳତାଡ଼ କରୁଛି। ଶୁକ୍ରବାର ସୁଦ୍ଧା ୧୭୬ପେଟି ଟଙ୍କା ଜବତ ହୋଇଥିଲା। ସେଥିରୁ ମାତ୍ର ୭୬ ପେଟି ଟଙ୍କା ଗଣା ଯାଇଛି। ଆହୁରି ୧୦୦ ପେଟି ଟଙ୍କା ବାକି ରହିଛି। ସେଥିପାଇଁ ଅନ୍ୟ ଶାଖାରୁ କର୍ମଚାରୀ ଓ ମେସିନ୍ ମଗାଯାଉଛି। ଦିନେ ଦୁଇଦିନ ଭିତରେ ଟଙ୍କା ଗଣତି ସରିବ ବୋଲି ବ୍ୟାଙ୍କ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ମଦ ଭାଟି ମାଲିକ ଦୀପକ ସାହୁ ଓ ସଞ୍ଜୟ ସାହୁ ଏବେ ମଧ୍ୟ ଫେରାର୍ ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ଉଦ୍ୟମ ଚଳାଇଛି।

ସେହିପରି ସମ୍ବଲପୁରରୁ ଆୟକର ବିଭାଗ ଜବତ କରିଥିବା ଟଙ୍କାର ଗଣତି ସରିଛି। ଜବତ ଟଙ୍କାର ପରିମାଣ ସାଢ଼େ ୩୭କୋଟି ବୋଲି ଜଣାଯାଇଛି। ମଧୁନାଲି ମଦଭାଟି ଏବଂ ବଡ଼ବଜାର ଅଫିସରୁ ଜବତ ହୋଇଥିବା ଟଙ୍କା ସମ୍ବଲପୁର ଏସ୍‌ବିଆଇ ମୁଖ୍ୟ ଶାଖାକୁ ଯାଇଥିଲା। ସେଠାରେ ୩ଦିନ ଧରି ୧୦ କର୍ମଚାରୀ ଏହି ଟଙ୍କାକୁ ଗଣିଥିଲେ। ଶେଷରେ ଆଜି ସନ୍ଧ୍ୟାରେ ଏହି ଟଙ୍କା ଗଣତି ଶେଷ ହୋଇଛି। ଟଙ୍କା ଗଣତି ପରେ ୩୭କୋଟି ୫୦ଲକ୍ଷ ଟଙ୍କା ହୋଇଥିବା ବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି। ସେହିପରି ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାକୁ ଯାଇଥିବା ଟଙ୍କା ବର୍ତ୍ତମାନ ଗଣା ଚାଲୁଥିବା ବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି।

ସେପଟେ ହାଇଦ୍ରାବାଦ ଆୟକର ବିଭାଗର ୧୦ଜଣିଆ ଆନାଲିସିସ ଟିମ୍ ବଲାଙ୍ଗୀରରେ ପହଞ୍ଚିଛନ୍ତି। ଜବତ ଟଙ୍କାକୁ ନେଇ ବଲାଙ୍ଗୀରରେ ଖୋଲତାଡ଼ କରିବ ଏହି ଟିମ। ପ୍ରଥମ ଦିନରେ ୨୫୦ କୋଟିରୁ ଅଧିକ ଓ ଗତକାଲି ୫୦ କୋଟି ଟଙ୍କା ଜବତ ହୋଇଥିଲା। ବଲାଙ୍ଗୀରର ବିଭିନ୍ନ ବ୍ୟାଙ୍କରୁ ୫୦ କର୍ମଚାରୀ ଏବଂ ୨୫ମେସିନ ସହ ଟଙ୍କା ଗଣାଯାଉଥିବା ଏସ୍‌ବିଆଇର ରିଜିଓନାଲ ମୁଖ୍ୟ ଭଗତ ବେହେରା ସୂଚନା ଦେଇଛନ୍ତି।

ଅପରପକ୍ଷେ ସାଂସଦ ଧୀରଜ ସାହୁଙ୍କ ଝାଡ଼ଖଣ୍ଡସ୍ଥିତ ରାଞ୍ଚି ଘରେ ମଧ୍ୟ ଆଇଟି ଚଢ଼ଉ କରିଛି। ଚଢ଼ଉରେ ଧୀରଜଙ୍କ ଘରୁ ସୁନାଗହଣା ଜବତ କରାଯାଇଛି। ତିନିଟି ବ୍ୟାଗଭର୍ତ୍ତି ସୁନାଗହଣା ଆଇଟି ବିଭାଗ ଜବତ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଆୟକର ବିଭାଗ ପକ୍ଷରୁ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଚାଲିଥିବା ଚଢ଼ଉ ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ଆୟକର ବିଭାଗର ୧୪ଜଣିଆ ଏକ ଟିମ୍ ଏହି ଘଟଣାର ଖୋଳତାଡ଼ ଚଳାଇଛି।

## ଚର୍ଚ୍ଚାରେ ନାଲି...

କୁହାଯାଉଛି। ମଦ ବ୍ୟବସାୟୀ ରାଜକିଶୋର ଜୟସ୍ୱାଲଙ୍କ ଲିଙ୍କ୍‌ରେ ଯେଉଁମାନେ ଥିଲେ, ସେମାନଙ୍କ ନାମ ଏହି ଡାଏରୀରେ ଥିବା କୁହାଯାଉଛି। ବିଶେଷକରି କେଉଁ ପୁଲିସ ଅଧିକାରୀ ଏବଂ ଅବକାରୀ ଅଧିକାରୀ ବଟି ନେଉଥିଲେ; ସେମାନଙ୍କ ନାମ ଏହି ଡାଏରୀରେ ଥିବା ନେଇ ଚର୍ଚ୍ଚା ହେଉଛି। ଆଇଟି ଚଢ଼ଉରେ ପୁଳାପୁଳା ଟଙ୍କା ବାହାରିବା ପରେ ଏବେ ମଦ ମାଫିଆ ଏବଂ ଟଙ୍କା ନେଉଥିବା ଲାଞ୍ଚୁଆ ଅଫିସର୍‌ଙ୍କ ମଧ୍ୟରେ ଛନକା ପଶିଛି।

## ଆଣ୍ଠୁର ହେଲା...

ଚିକିତ୍ସା ହୋଇପାରିବ ବୋଲି ଜାଣିବାକୁ ପାଇଥିଲେ। ବିଏସକେୱାଇ ଟିମ୍ ଭରସାରେ ସାଇ ଦିବ୍ୟଜ୍ୟୋତି ହସପିଟାଲରେ ଡିସେମ୍ବର ମାସ ୧୨ତାରିଖରେ ପହଞ୍ଚିଥିଲେ। ସେଠାରେ ତାଙ୍କର ଆଡମିଶନ ଓ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ବୁଧବାର ଆଣ୍ଠୁର ଅସ୍ତ୍ରୋପଚାର ହେଲା। ଅସ୍ଥିଶଲ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ଶୁଭଶ୍ରୀ ରଥ ଏହି ଅସ୍ତ୍ରୋପଚାର କରିଥିଲେ। ଏହି ବିରଳ ଅସ୍ତ୍ରୋପଚାର ପାଇଁ ଦୀର୍ଘ ୫ଘଣ୍ଟା ସମୟ ଲାଗିଥିଲା। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଥିବା ବେଳେ ଏବେ ଧୀରେ ଧୀରେ ଚାଲିବାକୁ ଲାଗିଲାଣି। ତାଙ୍କର ପରବର୍ତ୍ତୀ ଚିକିତ୍ସା ମଧ୍ୟ ଠିକ୍ ଭାବେ ଚାଲିଥିବା ରାଜେଶ୍ୱରୀ ପଟ୍ଟନାୟକ କହିଛନ୍ତି। ଏହି ଅପରେସନ ଓ ଚିକିତ୍ସା ପାଇଁ ଆବଶ୍ୟକ ହୋଇଥିବା ସମସ୍ତ ୧ଲକ୍ଷ ୫୫ହଜାର ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଏସକେୱାଇ ସ୍ମାର୍ଟକାର୍ଡ ମାଧ୍ୟମରେ ସମ୍ଭବପର ହୋଇପାରିଛି। ଫଳରେ ଏଥିପାଇଁ ରୋଗୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିଲା ନାହିଁ। ସବୁଠୁ ନିରାଶ ହେବାପରେ ମୁଖ୍ୟମନ୍ତ୍ରୀଙ୍କ ବିଏସକେୱାଇ ସ୍ମାର୍ଟକାର୍ଡ ମୋର ସାହା ହେଲା ବୋଲି କହିଛନ୍ତି ରାଜେଶ୍ୱରୀ ଓ ତାଙ୍କ ସ୍ୱାମୀ ଜଗଦୀଶ ପଟ୍ଟନାୟକ। ବିଏସକେୱାଇ ସ୍ୱାସ୍ଥ୍ୟମିତ୍ର ଜରିଆରେ ସବୁପ୍ରକାର ଯୋଗାଯୋଗ ଓ ସୁବିଧା ସମ୍ଭବପର ହୋଇପାରିଲା। ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏଥିପାଇଁ ସେ ଓ ତାଙ୍କ ପରିବାର ବର୍ଗ ଚୀରଋଣି ବୋଲି କହିଛନ୍ତି ରାଜେଶ୍ୱରୀ। ହସ୍ପିଟାଲର ଡାକ୍ତର, ନର୍ସ ଏବଂ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ସେ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି।


**AFFIDAVIT**

I Rohini Nandan Maharapatra, S/O.: Uma Charan Mohapatra, At/P.O.: Patapur, P.S.: Banki, Dist: Cuttack, Pin: 754008, Odisha declare by this affidavit No. 1206, Dated 26.10.2023 that now onwards I shall be known as Rohini Nandan Mohapatra for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Khordha, Dated-02.11.2023. I, Sradhanjali Swain, W/O-Pranaya Kumar Swain, Vill-Khordha, Po/Ps- Khordha, Dist – Khordha, Odisha, Declare that, I have changed my name from Snehenaz Begum to Sradhanjali Swain . Henceforth, I shall be known as Sradhanjali Swain for all purposes.

**Sradhanjali Swain**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on 08.12.2023. I, Mahammad Ismail Khan, S/o-Yunus Khan, resident of Kukudamundi, PO-Mendhasal, PS-Chandaka, Dist-Khordha, Odisha, have changed my name from Ismail Mahammad Khan to Mahammad Ismail Khan. Henceforth, I shall be known and identified as Mahammad Ismail Khan for all purposes.

**MAHAMMAD ISMAIL KHAN**

**CHANGE OF NAME**

I, **Nikhilesh Kumar Samantray,** S/o- Nabaghana Samantaray and Namita Samantaray, resident of At-Mangala Nagar, Lane-3, Near Satya Sai Temple, PO/PS/Dist- Khordha, Pin -752055, Odisha, have changed my name from **Nikhilesh Kumar to Nikhilesh Kumar Samantray** for all purposes, vide affidavit dtd. 23/11/2023.

Also my father's name has been incorrectly mentioned as **N G Samantroy** in my CBSE matriculation certificate & marksheet. The correct name of my father is **Nabaghana Samantaray** and should be considered so for all purposes.

And my mother's name has been incorrectly mentioned as **Namita Samantroy** in my CBSE matriculation certificate & marksheet. The correct name of my mother is **Namita Samantaray** and should be considered so for all purposes.

**AFFIDAVIT**

I, Sri Kedarnath Sahoo, S/O. Hadibandhu Sahoo Of Kanakpur, kanpur, Cuttack, Declare that my original Kabala against land in Miuza- Kanpur, Khata No. 200/1782, Kabala No. 1186 Purchased from Arjun Maharana & Sari Maharana has been lost on 03.01.2023 at Rusipada.

**AFFIDAVIT**

I, Sanjib Kumar Das, S/o-Late Gourahari Das, resident of Ward No. 2, Tankisahi, Po/Ps- Bhanjpur, Dist-Mayurbhanj, Pin-757002. Odisha declare by this affidavit No.1072 dtd.-31/05/2023 that now onwards I shall be known as SANJIV KUMAR DAS for all future purposes.

**e-Procurement Notice for Road and Building Works Identification No. 09/ SERW/BLS/ 2023-24**

O-1756

1. Name of the Work :- Roads and Building
2. Total No. of Works :- 3 Nos
3. Estimated Cost :- Estimated Cost Rs 5.034 to Rs 26.89 lakh
4. Class of Contractor :- 'D' , 'C' & 'B' Class
5. Time of Completion :- 2 & 3 Months ( Two and Three Calendar Month )
6. Other Details :-

| Procurement Officer | Bid Identification No | Availability of tender On-line for bidding From | Availability of tender On-line for bidding To | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer Rural Works Division: Balasore | 09/ SERW/ BLS / 2023-24 | 12.12.2023 at 11.00 A.M. | 20.12.2023 up to 5.00 P.M. | 20.12.2023 up to 1.00 P.M. | 21.12.2023 at 11.00 A.M |

Further details can be seen from the web site- *www.tendersodisha.gov.in*

Superintending Engineer
R.W.Division, Balasore

OIPR - 25108/11/0008/2324

**GOVT. OF ODISHA**
**DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER DRAINAGE CIRCLE, UNIT-8, BHUBANESWAR-751012**
**E-PROCUREMENT NOTICE NO. ACEDC-BBSR-04/2023-24**
**email Id :- sedrainagebbsr12@gmail.com**

A-974

| | | |
|---|---|---|
| 1. | Total number of Packages | 1 no. of work as mentioned below. |
| 2. | Name of Works | Renovation of Harirajpur drainage channel and link drains under Luna-Ratnachira drainage system of Delanga Block, Doab-VII. |
| 3. | Estimated Cost | Rs. 2,66,70,381.00 |
| 4. | Bid Identification No. | ACEDC-BBSR/DD-PURI-11/2023-24 |
| 5. | Period of completion | 11(Eleven) Calendar months. |
| 6. | Class of Contractor. | B & A |
| 7. | Date and time of availability of Bid Document in the portal. | 12.12.2023, 11.00 Hours to 26.12.2023, 17.00 Hours. |
| 8. | Date of Opening of Technical Bid. | 27.12.2023 at 11.00 hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 9. | Date and time of receipt of Bids in the portal. | 12.12.2023, 11.00 Hours to 26.12.2023, 17.00 Hours. |
| 10. | Last date and time of receipt of Bids in the portal. | 26.12.2023, 17.00 Hours. |
| 11. | Date of opening of financial Bid. | To be uploaded in Portal after evaluation of technical bids. |
| 12. | Date of Lottery (If required) | To be intimated to the responsive bidders through their Registered E-Mail IDs. |
| 13. | Bid Security | Rs.2,66,704.00 |
| 14. | Cost of Tender paper | Rs.10,000/- |
| 15. | Procurement Officer | Additional Chief Engineer, Drainage Circle, Unit-8, Bhubaneswar-751012. |

Further details can be seen from the Govt. web site www.tendersorissa.gov.in. Addendum / Corrigendum / Cancellation if any required will be published only in Govt. web site. www.tendersorissa.gov.in.

Sd/- Additional Chief Engineer
Drainage Circle, Bhubaneswar

OIPR - 32375/11/0005/2324

☎: 06814-247330
(E-mail): dgp_nac@yahoo.com

**NOTIFIED AREA COUNCIL, DIGAPAHANDI GANJAM, ODISHA, PIN – 761012**

**ଦୈନିକ ଖବର କାଗଜ ସକାଳ ପ୍ରକାଶନ ର ଦ୍ୱିତୀୟ ବର୍ଷ ପାଳନ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି ,(ଗଞ୍ଜାମ)**

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ ।
୨. ପଲିଥିନର ବ୍ୟବହାରରୁ ନିବୃତ ରହନ୍ତୁ ।
୩. ପରିଷଦର ବିନାନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ । ଗୃହ ନକ୍ସା( Building Plan ) ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ ।
୪. ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଏବଂ ନିୟମିତ ଡଷ୍ଟବିନ ବ୍ୟବହାର କରନ୍ତୁ ।
୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ ।
୬. ଜନ୍ମ ମୃତ୍ୟୁ ଏବଂ ହିନ୍ଦୁ ବିବାହ ଅନ୍ତନ ପଞ୍ଜୀ କରଣ ଠିକ୍ ସମୟରେ କରାଇ ନିଅନ୍ତୁ ।
୭. ଗାଈ ଗୋରୁ ଓ ଗୃହପାଳିତ ପ୍ରାଣୀଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ ।
୮. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟାବସାୟୀ ପରିଷଦର ଠାରୁ ନିଜର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
୯. ବୃକ୍ଷରୋପଣ କରନ୍ତୁ ଏବଂ ଏହାର ସଠିକ ଭାବେ ଯତ୍ନ ନିଅନ୍ତୁ । ସଫା, ସବୁଜ ସୁନ୍ଦର ପରିଚ୍ଛନ୍ନ ମୁକ୍ତ ପରିବେଶ ଭାବେ ସହରକୁ ଗଢିତୋଳିବାରେ ସହାୟକ ହୁଅନ୍ତୁ ।
୧୦. ପରିମଳ କାର୍ଯ୍ୟକ୍ରମ କୁ ସୁଦୃଢ କରିବାକୁ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସଞ୍ଚତା ରଥରେ ଦିଅନ୍ତୁ ଏବଂ ନିଜ ଘରର ୫ ମିଟର ପରିସର ସଫା ରଖନ୍ତୁ । ପରିମଳ କର୍ମଚାରୀ ତଥା ସଫେଇ ଭଉଣୀ ମାନଙ୍କୁ ସଦା ସର୍ବଦା ସହଯୋଗ କରନ୍ତୁ ।

" ମୋ ସଫା ସବୁଜ ସୁନ୍ଦର ଦିଗପହଣ୍ଡି , ମୋ ସାଭିମାନ "

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢୀ (ଓ.ଆର.ଏସ)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ଦିଗପହଣ୍ଡି

ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା
(ଅଧ୍ୟକ୍ଷ)
ବିଜ୍ଞାପିତ ଅଞ୍ଚଳ ପରିଷଦ,ଦିଗପହଣ୍ଡି

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
**GOVERNMENT OF ODISHA "e"-PROCUREMENT NOTICE,**
**A-973 BID IDENTIFICATION No: 05 MID JSP/2023-24**

1. Name of the Inviting Officer:-Superintending Engineer, Minor Irrigation Division, Jashipur
2. Name of the Work:- Construction of Check Dam&Improvement to MIP of Mayurbhanj District.
3. No. ofWorks:- 02(two)Nos.
4. Tender Amount Varies From:- 21.19 lakhto99.85 lakh
5. Date and Time of Availability of BID Document in the Portal for online Bidding from: - 10.00hrs Dt 12.12.2023 to 17.00hrs Dt.21.12.2023.
6. Last Date and Time of receipt of Bids in the Portal:- 17.00hrs Dt.21.12.2023.
7. Last Date and Time for clarification up to: - 17.00hrsDt.21.12.2023.
8. Date of opening of Bid: - 11.00hrs onwards Dt.22.12.2023.

The detail tender call notice can also be seen in the DOWR website: http://dowrorissa.gov.in

Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist. Mayurbhanj PIN-757091, E-Mail:- eemijashipur@yahoo.com

Further details can be seen from the e-Procurement market place. : http://tenderorissa.gov.in

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd/- Superintending Engineer
M.I Division, Jashipur

OIPR - 32282/11/0007/2324

## ହ୍ୟାକରଙ୍କ ଟାର୍ଗେଟ୍‌ରେ ଆଇଫୋନ୍ ବ୍ୟବହାରକାରୀ

# କି ବୋର୍ଡରୁ ହ୍ୟାକ୍ ହେଉଛି ଫୋନ୍

ଆଇଫୋନ୍ ବ୍ୟବହାରକାରୀଙ୍କ ପାଇଁ ଆସିଛି ଏକ ବଡ଼ ଚେତାବନୀ। କାରଣ ବର୍ତ୍ତମାନ କି ବୋର୍ଡକୁ ବ୍ୟବହାର କରି ଆଇଫୋନ୍‌ର ସିକ୍ୟୁରିଟିକୁ ଭେଦ କରାଯାଇପାରିବ। କି ବୋର୍ଡ ବାଏପାସ୍ ଜରିଆରେ ବ୍ୟବହାରକାରୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇପାରିବ। ଯଦି ଆପଣ ନିଜ ଫୋନରେ ଏକ ତୃତୀୟ ପକ୍ଷ କି ବୋର୍ଡ୍ ଆପ୍ ସଂସ୍ଥାପନ କରିଥାନ୍ତି ତେବେ ଆପଣଙ୍କ ଆଇଫୋନ୍ ହ୍ୟାକ୍ ହେବାର ଆଶଙ୍କା ରହିଛି।



ରିପୋର୍ଟରେ କୁହାଯାଇଛି ଯେ ଅନ୍ୟ ଉପାୟରେ ମଧ୍ୟ ଫୋନରେ ଯେତେବେଳେ ଜଣେ ଏହିପରି ଆପ୍ ପହଞ୍ଚିପାରୁଛି। ଡେଭଲପର୍ ଆଇଓଏସରେ ତାଙ୍କ ଆପ୍ ପରୀକ୍ଷା କରନ୍ତି, ସେ ଫୋନରେ ଏହି କି ବୋର୍ଡ୍ ଆପ୍ ସଂସ୍ଥାପନ କରିପାରିବେ। ଥରେ



ଫୋନରେ ଇନଷ୍ଟଲ୍ ହୋଇଗଲେ, ଏହି ଆପ୍ ଟାଇପ୍ ହୋଇଥିବା ସମସ୍ତ ଶବ୍ଦକୁ ରେକର୍ଡ କରେ। ଏହା ବ୍ୟତୀତ, ଏହା ଫୋନରୁ ପଠାଯାଇଥିବା ସମସ୍ତ ମେସେଜ୍, ବ୍ରାଉଜିଂ ଇତିହାସ, ବ୍ୟାଙ୍କ ବିବରଣୀ ଏବଂ ଫୋନରେ ରହିଥିବା ସମସ୍ତ ତଥ୍ୟ ସଂଗ୍ରହ କରିଥାଏ। ସିକ୍ୟୁରିଟି ସଂସ୍ଥା ସେର୍ଟୋ ସଫ୍ଟୱେର୍ ଏହି ସୂଚନା ଦେଇଛି। ଏହିପରି କି ବୋର୍ଡ୍ ଆପ୍‌ଗୁଡ଼ିକରେ 'ଷ୍ଟକରୱେୟାର୍' ରହିଥାଏ ଯାହାକି ଏକ ସ୍ପାଏୱେୟାର୍ ଯଥା ଗୁପ୍ତଚର ସଫ୍ଟୱେୟାର୍।

# କମୁଛି ସ୍ମାର୍ଟଫୋନ୍ ବିକ୍ରି

ସାମ୍ପ୍ରତି ସାରା ଦୁନିଆ ଟେକ୍ନୋଲୋଜି କ୍ଷେତ୍ରରେ ବେଶ ଦ୍ରୁତ ଗତିରେ ଆଗେଇ ଚାଲିଛି। ହେଲେ ଭାରତ ଏବେ ଏ କ୍ଷେତ୍ରରେ ବ୍ୟତିକ୍ରମ। ଏହା ବିଶ୍ୱାସ ଲାଗୁ ନ ଥିଲେ ମଧ୍ୟ ସତ୍ୟ। ଭାରତର ଇଣ୍ଟରନେଟ୍ ଅଭିବୃଦ୍ଧି ହ୍ରାସ ପାଇବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ଦେଶରେ ସ୍ମାର୍ଟଫୋନ୍ ବିକ୍ରିରେ ହ୍ରାସ ଘଟିବା। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଅନୁଯାୟୀ ୨୦୨୨ରେ ସ୍ମାର୍ଟଫୋନ୍ ବିକ୍ରି ୨୦୨୧ ତୁଳନାରେ ୧୦ ପ୍ରତିଶତ ହ୍ରାସ ପାଇଛି। ତେବେ ଚଳିତବର୍ଷ ଏଥିରେ ହ୍ରାସ ଘଟି ଏହା ଏକକ ଅଙ୍କ ସଂଖ୍ୟାକୁ ଖସିଆସିଛି। ଆଇଡିସି ରିପୋର୍ଟ ଅନୁଯାୟୀ, ସ୍ମାର୍ଟଫୋନ୍ ବିକ୍ରି ଦୃଷ୍ଟିରୁ ଭାରତ ବର୍ତ୍ତମାନ ୨୦୧୯ ସ୍ତରକୁ ଫେରିଆସିଛି। କ୍ୟାମ୍‌ସ୍କୋର ତଥ୍ୟାନୁଯାୟୀ, ଗତବର୍ଷ ଡିସେମ୍ବରଠାରୁ ଦେଶରେ ନିୟମିତ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୫୧ କୋଟିରେ ଅଟକି ରହିଛି। ସ୍ମାର୍ଟଫୋନ୍ ଥିବା ୬୫ କୋଟି ଭାରତୀୟଙ୍କ ମଧ୍ୟରୁ ଏହା ପ୍ରାୟ ୭୮ ପ୍ରତିଶତ। ଏହାର ଅର୍ଥ ହେଉଛି ଯେ ପ୍ରାୟ ଅଧା ଭାରତୀୟ ଜନସଂଖ୍ୟା ପାଇଁ ଇଣ୍ଟରନେଟ୍ ଉପଲବ୍ଧ। ଏଥିରେ ଏକ ଯୁକ୍ତି ହୋଇପାରେ ଯେ ଭାରତର ୧.୪୧ ବିଲିୟନ ନାଗରିକ ପ୍ରତ୍ୟେକ ଇଣ୍ଟରନେଟ୍ ବ୍ୟବହାରକାରୀ ହୋଇପାରିବେନାହିଁ। ଯଦିବା ଆମେ ଏଥିରେ ୧୪ ବର୍ଷରୁ କମ୍ ୩୫.୨ କୋଟି ଲୋକଙ୍କୁ ହିସାବରେ ନେଇନାହେଁ ତଥାପି ୪୦.୮ କୋଟି ଲୋକଙ୍କ ପାଖରେ ବର୍ତ୍ତମାନ ସ୍ମାର୍ଟଫୋନ୍ ନାହିଁ। ବର୍ତ୍ତମାନ ଦେଶରେ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ସ୍ମାର୍ଟଫୋନ୍ ଇଣ୍ଟରନେଟ୍ ପ୍ରବେଶର ପ୍ରଥମ ପ୍ରବେଶ ପଥ। ସ୍ମାର୍ଟଫୋନଗୁଡ଼ିକର ମୂଲ୍ୟ ହ୍ରାସ ପାଇବା ସହିତ ଭାରତରେ ଇଣ୍ଟରନେଟ୍‌ର ପ୍ରସାର ବଢ଼ିଛି। ତେବେ ୨୦୨୦ ପରଠାରୁ ଏହା ମନ୍ଥର ହୋଇଗଲା। କରୋନା ମହାମାରୀ ଏବଂ ଚିପ୍ ଅଭାବର ଅର୍ଥ ହେଉଛି ସ୍ୱଳ୍ପ ମୂଲ୍ୟର ସ୍ମାର୍ଟଫୋନ୍ ଅଧିକ ସମୟ ପର୍ଯ୍ୟନ୍ତ ବଜାରରେ ଶସ୍ତା ମୂଲ୍ୟରେ ମିଳିବ ନାହିଁ। ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଅଧିକାଂଶ ଚିପ୍ କ୍ଷମତା ହାଇ-ଏଣ୍ଡ ଫୋନକୁ ସ୍ଥାନାନ୍ତରିତ ହୋଇଥିଲା, ଯାହା ଉନ୍ନତ ମାର୍ଜିନ ପ୍ରଦାନ କରିଥାଏ। ଭାରତୀୟ ବଜାରରେ ଏକ ଫିଚର ଫୋନ୍‌ର ହାରାହାରି ମୂଲ୍ୟ ୧୨୦୦ ଟଙ୍କା ରହିଛି। ଏଭଳି ସମୟରେ ସବୁଠାରୁ ଶସ୍ତା ସ୍ମାର୍ଟଫୋନ୍‌ର ମୂଲ୍ୟ ୫-୫୦୦ ଟଙ୍କା କିମ୍ବା ତାଠାରୁ ଅଧିକ ହେବ। ଉଭୟଙ୍କ ମଧ୍ୟରେ ୪୦୦୦ ଟଙ୍କାର ପାର୍ଥକ୍ୟ ରହିଛି ଯାହାକୁ ବହୁତ ଅଧିକ। ଭାରତର ଗ୍ରାମାଞ୍ଚଳର ପ୍ରାୟ ୮.୫ କୋଟି ୟୁଜର (୩୯ ପ୍ରତିଶତ) ଭିଡିଓ ଦେଖିଥାନ୍ତି। ନ୍ତି କିମ୍ବା ଅନ୍ୟମାନଙ୍କ ସହିତ ଅନଲାଇନ୍ କ୍ଲାସରେ ଅଂଶଗ୍ରହଣ କରିଥାନ୍ତି। ମୋଟାମୋଟି ଭାବେ ଭାରତୀୟ ବଜାରରେ ସ୍ମାର୍ଟଫୋନର ଅଂଶ ୩୬ ପ୍ରତିଶତ। ତେବେ, ନିଲସେନ୍ ରିପୋର୍ଟ ଅନୁଯାୟୀ ୧୦ ହଜାର ଟଙ୍କା କିମ୍ବା ତା'ଠାରୁ କମ୍ ମୂଲ୍ୟରେ ହ୍ୟାଣ୍ଡସେଟ୍ ଥିବା ଉପଭୋକ୍ତାଙ୍କ ମଧ୍ୟରେ ଏହି ହାର ୪୪%। ଏହାର ଅର୍ଥ ସ୍ୱଳ୍ପ ମୂଲ୍ୟର ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ଏବଂ କମ୍ ସ୍ୱଚ୍ଛଳ ପରିବାର ମଧ୍ୟରେ ସ୍ମାର୍ଟଫୋନ୍-ସେୟାରିଂ ଅଧିକ।





ଏଣ୍ଟ୍ରି ଓ ମିଡ୍ ଲେବଲ ଫୋନ୍ ବିକ୍ରିରେ ବୃହତ୍ ହ୍ରାସ

ତଥ୍ୟ ଅନୁଯାୟୀ ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ଭାରତର ଇଣ୍ଟରନେଟ୍ ଅଭିବୃଦ୍ଧି ଦୁଇ ଅଙ୍କ ବିଶିଷ୍ଟ ରହିଥିଲା। ୨୦୧ରୁ ୨୦୨୨ରେ ଏହା ପ୍ରାୟ ୪ ପ୍ରତିଶତକୁ ଖସିଆସିଛି। ଭାରତରେ ଏଣ୍ଟ୍ରି ଏବଂ ମଧ୍ୟମ ସ୍ତର(ମିଡ୍ ଲେବଲ)ର ସ୍ମାର୍ଟଫୋନ୍ ବିକ୍ରିରେ କ୍ରମାଗତ ହ୍ରାସ ଇଣ୍ଟରନେଟ୍ ଅଭିବୃଦ୍ଧି କମିବାର ସବୁଠାରୁ ବଡ କାରଣ ସାଜିଛି। ଅନ୍ତର୍ଜାତୀୟ ଡାଟା କର୍ପୋରେସନ୍ (ଆଇଡିସି) ରିପୋର୍ଟ

# ଡିପ୍‌ଫେକ୍ ବଢ଼ାଉଛି ପର୍ଣ୍ଣ ବ୍ୟବସାୟ



ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଡିପ୍‌ଫେକ୍ ଜନିତ ସମସ୍ୟା। ବର୍ତ୍ତମାନ ଡିପ୍‌ଫେକ୍ ଦେଶରେ ପର୍ଣ୍ଣ ବା ଅଶ୍ଳୀଳ ଭିଡିଓ ବ୍ୟବସାୟ ବଢ଼ାଇଦେଇଛି। ଏପରିକି ଇଣ୍ଟରନେଟ୍‌ରେ ପାଖାପାଖି ୧ ଲକ୍ଷ ଡିପ୍‌ଫେକ ପର୍ଣ୍ଣ ବା ଅଶ୍ଳୀଳ ଭିଡିଓ ମହଜୁଦ ରହିଥିବା ଜଣାଯାଇଛି। କିଛିଦିନ ହେବ ପ୍ରତିଦିନ ଶହେରୁ ଅଧିକ ପର୍ଣ୍ଣ ଭିଡିଓ କ୍ଲିପ ଇଣ୍ଟରନେଟ୍‌ରେ ଅପଲୋଡ୍ କରାଯାଉଛି। କେବଳ ଏତିକି ନୁହେଁ, ଏମିତି କିଛି ପ୍ଲାଟଫର୍ମ ରହିଛି ଯାହାକି ମାତ୍ର ୪୦ ଟଙ୍କାରେ ଡିପ୍‌ଫେକ ଭିଡିଓ ପ୍ରସ୍ତୁତ କରିଦେଉଛନ୍ତି। ରିପୋର୍ଟରୁ ଅନୁଯାୟୀ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମାଧ୍ୟମରେ ଡିପଫେକ୍ ପର୍ଣ୍ଣଗ୍ରାଫି ବର୍ତ୍ତମାନ ଏକ ବ୍ୟବସାୟ ପାଲଟିଯାଇଛି। ସିନ୍ଥେଟିକ ପର୍ଣ୍ଣ ଅନେକ ବର୍ଷ ହେବ ଥିଲା, ଏବେ ଏଆଇ ଓ ଟେକ୍ନୋଲୋଜି ସାହାଯ୍ୟରେ ଏହି କାମ ସହଜ ହୋଇଯାଇଛି। ଏହାର ସୁଯୋଗ ନେଇ କେତେକ ଲୋକ ଅଧିକରୁ ଅଧିକ ଭିଡିଓ କ୍ରିଏଟ ଓ ଡିଷ୍ଟ୍ରିବ୍ୟୁଟ କରି ଅର୍ଥ ରୋଜଗାର କରୁଛନ୍ତି। ଆମେରିକା ଅଧୀନସ୍ଥ ଅନଲାଇନ ଟ୍ରାଫିକ ଏନାଲିଟିକ୍ସ ସିର୍ଭିସେ ସେମ୍‌ରୁସର ତଥ୍ୟ ମୁତାବକ, ଜୁଲାଇ ଓ ଅଗଷ୍ଟ ମାସ ମଧ୍ୟରେ ବିଶ୍ୱର ଶୀର୍ଷ ୧୦ଟି ୱେବସାଇଟ ଏକ୍ସକ୍ଲୁସିବଲି ଡିପ୍‌ଫେକ ପର୍ଣ୍ଣକୁ ହୋଷ୍ଟ କରିଥିଲା। ଯଦ୍ୱାରା ସେମାନଙ୍କୁ ୩୦ କୋଟି ଭ୍ୟୁ ମିଳିଥିଲା।



# ଏସ୍‌ୟୁଭି ଯୋଗୁଁ ଦୁର୍ଘଟଣା ବଢ଼ିବ!

ସାମ୍ପ୍ରତି ଦେଶରେ ଏସ୍‌ୟୁଭି ବା ସ୍ପୋର୍ଟ୍ସ ୟୁଟିଲିଟି ଭେଇକିଲ୍ କାର ବିକ୍ରି ବଢ଼ିବାରେ ଲାଗିଛି। କାରଣ ଏହି ବର୍ଗର କାରର ଚାହିଦା କାହିଁ ଉପରେ ରହିଛି। ତେବେ ଦେଶର ସଡ଼କରେ ଅଧିକ ସଂଖ୍ୟାରେ ଏସ୍‌ୟୁଭି କାର ଚଳାଚଳ କରୁଥିବା ଯୋଗୁ ଦୂର୍ଘଟଣା ବଢ଼ୁଛି। ଯାହାଫଳରେ ସଡ଼କ ସୁରକ୍ଷା କ୍ଷେତ୍ରରେ ଏହା ଏକ ବଡ଼ ଆହ୍ୱାନ ବୋଲି ନ୍ୟୁ କାର ଆସେସ୍‌ମେଣ୍ଟ ପ୍ରୋଗାମ (ଏନ୍‌ସିଏପି) ପକ୍ଷରୁ କୁହାଯାଇଛି।

## ସଡ଼କ ସୁରକ୍ଷା କ୍ଷେତ୍ରରେ ବଡ଼ ଆହ୍ୱାନ: ଏନ୍‌ସିଏପି

ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ଲୋବାଲ ଏନସିଏପିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡେଭିଡ ୱାର୍ଡ କହିଛନ୍ତି ଯେ ଭାରତରେ ସର୍ବାଧିକ ସାଂଘାତିକ ସଡ଼କ ଦୁର୍ଘଟଣାମାନ ଘଟୁଛି। ଭାରତରେ ଏସୟୁଭି କାର ବିକ୍ରିକୁ ନିରୁତ୍ସାହିତ କରାଯିବା ଉଚିତ୍। କାରଣ ରାସ୍ତାରେ ଯାଉଥିବା ଅନ୍ୟ ଛୋଟ କାର, ପଥଚାରୀ ଏବଂ ସାଇକେଲ ଚାଳକଙ୍କ ପାଇଁ ଏସ୍‌ୟୁଭି ସଡ଼କକୁ କମ୍ ସୁରକ୍ଷିତ କରୁଛି। ସେ କହିଛନ୍ତି ଯେ ଭାରତ ତଥା ଅନ୍ୟାନ୍ୟ ଦେଶଗୁଡିକରେ ଏସୟୁଭିର ଚାହିଦା ଏବଂ ବିକ୍ରିରେ ଅଭିବୃଦ୍ଧି ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରୁଛି। ୱାର୍ଡ କହିଛନ୍ତି ଯେ କାରଗୁଡିକ ଅଧିକ ଭାରୀ, ଲମ୍ବା ଏବଂ ଶକ୍ତିଶାଳୀ ହେବା ଯୋଗୁ ଅସ୍ୱାଭାବିକ ପରିସ୍ଥିତିରେ ସାଂଘାତିକ ଆଘାତ ଦେବାର ସମ୍ଭାବନା ରହିଛି। ବିଶେଷକରି ଯେଉଁମାନେ ଦକ୍ଷ ଚାଳକ ନୁହଁନ୍ତି ସେମାନଙ୍କ ପାଇଁ ଏହା ବିଶେଷ ଲାଭଦାୟକ ନୁହେଁ। ଏକ ଗାଡିର ବୋନେଟ୍‌ର ଉଚ୍ଚତା ଏକ ଗୁରୁତ୍ୱପୂର୍ଣ୍ଣ କାରକ। କମ୍ ବୋନେଟ୍ ତୁଳନାରେ ଉଚ୍ଚ ବୋନେଟ୍ ଥିବା କାର ସହ ପଥଚାରୀ କିମ୍ବା ସାଇକେଲ ଚାଳକ ଧକ୍କା ଖାଇଲେ ଗୁରୁତର ଆହତ ହେବାର ସମ୍ଭାବନା ୩୦% ଅଧିକ ରହିଛି। ମଧ୍ୟମ ଆକାରର ଏସ୍‌ୟୁଭି ତୁଳନାରେ ବଡ଼ ଏସ୍‌ୟୁଭି କାର ସହ ଦୂର୍ଘଟଣା କ୍ଷେତ୍ରରେ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ଗୁରୁତର ଆଘାତ ହେବାର ଆଶଙ୍କା ଢେର ଅଧିକ। ଏହି ପରିପ୍ରେକ୍ଷୀରେ ବଡ଼ ଏସ୍‌ୟୁଭି କାର ବିକ୍ରିକୁ ସକ୍ରିୟ ଭାବରେ ନିରୁତ୍ସାହିତ କରିବାକୁ ସେ ସରକାରମାନଙ୍କୁ ଅନୁରୋଧ କରିଛନ୍ତି। ସଡକ ସୁରକ୍ଷାକୁ ବଢ଼ାଇବା ପାଇଁ ଜିଏନ୍‌ସିଏପି ସହ ସହଭାଗିତାରେ ଭାରତ ଏନ୍‌ସିଏପିର ବିକାଶ କ୍ଷେତ୍ରରେ ଭାରତ ସରକାର ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଥିବାରୁ ୱାର୍ଡ ଧନ୍ୟବାଦ୍ ଦେଇଛନ୍ତି। ବର୍ତ୍ତମାନ ବଜାରରେ ବୃହତ ଏସୟୁଭିଗୁଡ଼ିକର ଲୋକପ୍ରିୟତା ବୃଦ୍ଧି ପାଉଥିବା ହେତୁ ଆହ୍ୱାନର ମୁକାବିଲା କରିବା ବେଶ ଜରୁରୀ ହୋଇପଡିଛି।




# ନଭେମ୍ବରରେ ଇଭି ବିକ୍ରି ବଢ଼ିଲା




ଗତ ନଭେମ୍ବର ମାସରେ ଦେଶରେ ଇଲେକ୍ଟ୍ରିକ୍ ଯାନ (ଇଭି) ବିକ୍ରିରେ ଆଶାତୀତ ବୃଦ୍ଧି ଘଟିଛି। ଏହି ସମୟରେ ଉଭୟ ଯାତ୍ରୀବାହୀ ଏବଂ ବାଣୀଜ୍ୟିକ ଇଭି ବିକ୍ରିରେ ୨୫.୫ ପ୍ରତିଶତ ବୃଦ୍ଧି ଘଟି ୧,୫୨,୬୦୬ ୟୁନିଟ୍‌ରେ ପହଞ୍ଚିଛି। ଫେଡେରେସନ୍ ଅଫ୍ ଭେଇକିଲ୍ ଡିଲର୍ସ ଆସୋସିଏସନ୍ (ଫାଡା) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ବର୍ଷ ନଭେମ୍ବରରେ ଇଭିର ମୋଟ ଖୁଚୁରା ବିକ୍ରି ୧,୨୧,୫୯୬ ୟୁନିଟ୍ ରହିଥିଲା। ଇଲେକ୍ଟ୍ରିକ୍ ଦୁଇ ଚକିଆ ଯାନର ବିକ୍ରି ନଭେମ୍ବରରେ ୧୮.୮୨ ପ୍ରତିଶତ ବୃଦ୍ଧି ହୋଇ ୯୧,୯୪୩ ୟୁନିଟରେ ପହଞ୍ଚିଛି, ଯାହାକି ୨୦୨୨ ନଭେମ୍ବରରେ ୭୬,୭୯୧ ୟୁନିଟ୍ ରହିଥିଲା। ତଥ୍ୟ ଅନୁଯାୟୀ ଏହି ସମୟରେ ଇଲେକ୍ଟ୍ରିକ୍ ତିନି ଚକିଆ ଯାନ ବିକ୍ରିରେ ୩୨.୩୭ ପ୍ରତିଶତ ବୃଦ୍ଧି ଘଟି ୫୩,୭୬୬ ୟୁନିଟ୍‌ରେ ପହଞ୍ଚିଛି। ୨୦୨୨ ମସିହାର ସମାନ ମାସରେ ଏହା ୪୦,୬୧୯ ୟୁନିଟ୍ ରହିଥିଲା।

ବୈଦ୍ୟୁତିକ ଯାତ୍ରୀବାହୀ ଯାନଗୁଡିକର ଖୁଚୁରା ବିକ୍ରି ନଭେମ୍ବରରେ ୭୭.୩୫ ପ୍ରତିଶତ ବୃଦ୍ଧି ଘଟି ୭୦୬୪ ୟୁନିଟ୍ ରହିଛି। ୨୦୨୨ ନଭେମ୍ବରର ଏହାର ବିକ୍ରି ୩,୯୮୩ ୟୁନିଟ୍ ରହିଥିଲା। ଚଳିତବର୍ଷ ନଭେମ୍ବର ଇଲେକ୍ଟ୍ରିକ୍ ବାଣିଜ୍ୟିକ ଯାନ (ଇ-ବସ୍)ର ଖୁଚୁରା ବିକ୍ରିାରେ ୧୬୨ ପ୍ରତିଶତ ବୃଦ୍ଧି ଘଟି ୫୩୩ ୟୁନିଟରେ ପହଞ୍ଚରେ, ଯାହାକି ଗତ ବର୍ଷର ସମାନ ମାସରେ ୨୦୩ ୟୁନିଟ୍ ରହିଥିଲା।

# ଲୋକ ଅଦାଲତରେ ୬୪୨ ମାମଲା ଫଇସଲା

ଜଗତସିଂହପୁର, ୯ ।୧୨(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଗତସିଂହପୁର ଜିଲ୍ଲା କୋର୍ଟ ଓ ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ମହାନ୍ତି, ମହିଳା କୋର୍ଟ ଜଜ୍ ସ୍ୱପ୍ନାଶ୍ରୀ ନାୟକ, ସିଭିଲ୍ କୋର୍ଟସ୍ ରେଜିଷ୍ଟ୍ରାର ରଶ୍ମିତା ସାହୁ, ଏସ୍‌ଡିଜେଏମ୍ ନିରଞ୍ଜନ ଦାସ, ମୁନଶିଫ ଅନନ୍ୟା ଦାସ ପ୍ରମୁଖ ଯୋଗଦେଇ ମାମଲାଗୁଡିକର ପରିଚାଳନା କରିଥିଲେ । ଦୁର୍ଘଟଣା ଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ ପସିକ୍ୟୁଟର ନଳିନୀକାନ୍ତ ମହାରଣା, (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ସହ ବ୍ୟାଙ୍କ ମାମଲା ସମ୍ପର୍କୀତ ପ୍ରାକ୍ ମକଦ୍ଦମାର ଶୁଣାଣି ହୋଇଥିଲା । ୧୦୭୪ ମାମଲାରୁ ୪୩୨ଟିର ଫଇସଲା କରାଯାଇ ୩ ଲକ୍ଷ ୪୯ ହଜାର ୮ ୯ ୬ ଟଙ୍କା ଆଦାୟ



ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅନୁପ କୁମାର ଚନ୍ଦନ ଏଥିରେ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲା ଜଜ୍ ରାଜଶ୍ରୀ ମହାପାତ୍ର, ପରିବାର ଅଦାଲତ ଜଜ୍ ଭଗବାନ ପ୍ରଧାନ, ପ୍ରାଧିକରଣର ସଚିବ ସୁନନ୍ଦା ପାଢ଼ୀ, ସିଜେଏମ୍ ନୀଳିମା ପଣ୍ଡା, ସବଜଜ୍ ସୁଦୀପ୍ତା ଦେହୁରି, ଶର୍ମିଷ୍ଠା ଶୁଭଦର୍ଶିନୀ ସରକାରୀ ଓକିଲ ସଲିଲ ଘୋଷ, ଆଇନଜୀବୀ ଧୀରେନ୍ଦ୍ରନାଥ ଆଚାର୍ଯ୍ୟ, ସୁଷମା ପ୍ରଧାନ ଏବଂ ଶଲ୍ୟ ବିଭାଗ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାନ୍ତି ମକଦ୍ଦମା ପରିଚାଳନା କରିଥିଲେ ।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରି କରାଯାଇଥିଲା । ବ୍ୟାଙ୍କ ଓ ଭାରତ ସଞ୍ଚାର ନିଗମ ଲିମିଟେଡର ୪୯୫୧ଟି ମାମଲାରୁ ମାତ୍ର ୨୧୦ଟିର ଫଇସଲା କରାଯାଇ ୮୭ ଲକ୍ଷ ୪୨ ହଜାର ୯୮୯ ଟଙ୍କା ଆଦାୟ କରାଯାଇଥିଲା । କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଏବଂ ଏରସମା କୋର୍ଟରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା ।

## ମକରପଡ଼ିଆ ସେଣ୍ଟ ଜାଭିୟର ସ୍କୁଲରେ ବିଜ୍ଞାନ ମେଳା

କୁଜଙ୍ଗ, ୯ ।୧୨(ସମିସ): ସାଇଲୋ ପଞ୍ଚାୟତ ମକରଯାତ୍ରା ପଡ଼ିଆ ସେଣ୍ଟ ଜାଭିୟର ହାଇସ୍କୁଲରେ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି । ଏହି ବିଜ୍ଞାନ ମେଳାରେ ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ବସନ୍ତ ମଞ୍ଜରୀ ଦାସ, ବିଦ୍ୟାଳୟ ପରିଚାଳନା ସମିତି ନିର୍ଦ୍ଦେଶକ ସୁନାକାର ବେହେରା, ହେମନ୍ତ ନାୟକ, ବସନ୍ତ ଦାସ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ବଟମହାପୁରୁଷ ଟ୍ରଷ୍ଟର ଅଧକ୍ଷା ବିଭୂଷିତା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସୁରେଶ ସ୍ୱାଇଁ, ସ୍କୁଲର ଅଧକ୍ଷ ଗୋଲକ ଚନ୍ଦ୍ର ସ୍ୱାଇଁ, ଉପାଧକ୍ଷା ଅଞ୍ଜନା ସ୍ୱାଇଁ, ବରିଷ୍ଠ ଶିକ୍ଷକ ରାଧାରମଣ ଶତପଥୀଙ୍କ ସମେତ ଶିକ୍ଷକ, ଶିକ୍ଷୟତ୍ରୀ ସ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ

କୁଜଙ୍ଗ, ୯।୧୨(ସମିସ): ବାଗୋଇ ପଞ୍ଚାୟତର ବାଗୋଇ ଗ୍ରାମର ମନ୍ମଥ ସ୍ୱାଇଁଙ୍କ ପୁଅ ସାଇରାମ ସ୍ୱାଇଁ ଶତକଡା ୯୦ଭାଗ ଭିନ୍ନକ୍ଷମ । କୁଜଙ୍ଗ ସ୍ଥିତ ବନବିହାରୀ ହାଇସ୍କୁଲରେ ଅନୁଷ୍ଠିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିରରେ ସେ ଭିନ୍ନକ୍ଷମ ଭାବେ ଚିହ୍ନଟ ହୋଇଛନ୍ତି । ତେବେ ସାଇରାମଙ୍କୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ବ୍ଲକ ପରିସରରେ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି ।

## ଡକାୟତି ଘଟଣାରେ ଜଣେ ଗିରଫ

କୁଜଙ୍ଗ, ୯।୧୨(ସମିସ): ପୁଲିସ ସହ ଲୁଚକାଳି ଖେଳୁଥିବା ବାଲିତୁଠ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସମୀର ନାୟକକୁ ଶେଷରେ କୁଜଙ୍ଗ ପୁଲିସ ଗିରଫ କରିଛି । ଜିଲ୍ଲା ବାହାରୁ କୁଜଙ୍ଗ ପୁଲିସର ଏକ ଟିମ୍ ତାକୁ ଧରିଛି । ସେ ହେବ ତୁଙ୍ଗୁଡି ଚାଷୀ ଓ ବ୍ୟବସାୟୀଙ୍କୁ ଧମକ ଦେଉଥିଲା । ନଭେମ୍ବର ୧୧ରେ ସମୀର ଓ ତା ଗ୍ୟାଙ୍ଗ୍‌ର ୫ ଜଣ ବଡବୁଦାର ଅନିଲ ମଲିକ୍‌ଙ୍କୁ ବନ୍ଧକ ରଖି ଦୁଇ ଲକ୍ଷ ଟଙ୍କା ଦାବି କରିଥିଲେ । ତାଙ୍କ କାର, ମୋବାଇଲ୍ ଓ ବ ହଜାର ଟଙ୍କା ଛଡାଇ ନେଇଥିଲେ । ଏହି ଘଟଣାରେ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ତାଙ୍କୁ ଉଦ୍ଧାର କରିବା ସହ କାର ସହ ମୋବାଇଲ୍ ଜବତ କରିଥିଲେ । ତେବେ ଏହି ଘଟଣାରେ ପୂର୍ବରୁ ୩ଜଣ ଅଭିଯୁକ୍ତ ଗିରଫ ହୋଇଥଲେ । ସମୀର କିନ୍ତୁ ଫେରାର ଥିଲା ।

## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



ବାଲିକୁଦା, ୯ ।୧୨(ସମିସ): ବାଲିକୁଦା ବ୍ଲକ ବୋରିକିନା ହରିଶପୁର ବଳଦେବ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଛାତ୍ରଛାତ୍ରୀ ମଶାଲ ଶୋଭାଯାତ୍ରାରେ ବୋରିକିନା ବଜାର ପରିକ୍ରମା କରିଥିଲେ । ଅନୁଷ୍ଠାନର ଅଧକ୍ଷା ରେଣୁକା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧକ୍ଷ ତଥା ଆଇନଜୀବୀ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ସମରେନ ରାୟ, ସରପଞ୍ଚ ସାଗରିକା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଅଧାପକ ଅଶୋକ ସ୍ୱାଇଁ ଅତିଥ ପରିଚୟ ପ୍ରଦାନ କରିବା ସହ ମଙ୍ଗଳାଚରଣ ଗାନ କରିଥିଲେ । ଅଧାପକ ପ୍ରଶାନ୍ତ ବେହେରା, ଅଧାପକ ଅଜୟ ଭୋଳ ଓ ଅଧାପକ ବସନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧରେ ଅଧାପିକା ଲତିକା ଷଡ଼ଙ୍ଗୀ, ଅଧାପକ ଡା. ଅକ୍ଷୟ ଜେନା, ଶିବପ୍ରସାଦ ଦାସ, ଦିଲ୍ଲୀପ ମହାନ୍ତି, ଶିଶିର ଦାଶ, ପ୍ରବୀର ସ୍ୱାଇଁ, ଦିଲ୍ଲୀପ ନନ୍ଦ, ଚିତ୍ତ ରଞ୍ଜନ ଦାସ, ବିଘ୍ନରାଜ ବେହେରା ମନୋଜ ଦାସ, ଅକ୍ଷୟ ଓଝା, ଜଗନ୍ନାଥ ରାଉଳ, ସୁବାଷଚନ୍ଦ୍ର ପରିଡ଼ା, ବିଶ୍ୱଜିତ୍ ବିଶ୍ୱାଳ, ତାରକେଶ୍ୱର ମହାନ୍ତି, ରମେଶ ଚନ୍ଦ୍ର ବାରିକ୍, କ୍ଷୀରୋଦ ମହାନ୍ତି, ପତିତପାବନ ବାରିକ, ବିଜୟ ସେଠୀ, ବିଚିତ୍ରା ନନ୍ଦ ସାହୁ ପ୍ରମୁଖ କାଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧାପକ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଯୁଗେ ଯୁଗେ ଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର

ଜଗତସିଂହପୁର, ୯ ।୧୨(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଜଗତସିଂହପୁର ଶାଖା ଆନୁକୂଲ୍ୟରେ ଭକ୍ତି, ଶକ୍ତି ଓ ସଂସ୍କୃତି ଆଧାରିତ ମାସିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ 'ଯୁଗେ ଯୁଗେ ଜଗନ୍ନାଥ' ଶୀର୍ଷକ ଏକ ତାତ୍ତ୍ୱିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୋ ଗାଁ ପରିଷଦର ଅଧକ୍ଷ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ସଭପତିତ୍ୱରେ ଆୟୋଜିତ ଏହି ପାଠଚକ୍ରରେ ଆଲୋଚକ ଭାବେ ପ୍ରବୀଣ ପ୍ରବଚକ ଅଦ୍ୱୈତ ସାମନ୍ତରାୟ ଯୋଗ ଦେଇଥିଲେ । ଅନନ୍ତ ନିରାକାର ଓ ନିର୍ଗୁଣ ବ୍ରହ୍ମ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ଭାବେ ଉତ୍କଳର ମହୋଦଧି ତଟରେ ଅବିର୍ଭାବ ହୋଇ ଭକ୍ତଙ୍କୁ ଦର୍ଶନ ଦେବା ସହ ମାନବୀୟ ଲୀଳାଖେଳା କରୁଥିବା କହିଥିଲେ । ପ୍ରାରମ୍ଭରେ ଯୁଗ୍ମ ସମ୍ପାଦିକା ପ୍ରିୟତମା ସାହୁ ଓଙ୍କାର ବନ୍ଦନା ଗାନ କରିଥିଲେ । ଜିଲ୍ଲା ଶାଖା ସମ୍ପର୍କ ସେତୁର ଅଧକ୍ଷ ସାରଦା ପ୍ରସାଦ ମିଶ୍ର ବିବେକ ବାଣୀ ପାଠ କରିଥିଲେ । ବିଚାରଧାରା ବିଭାଗର ଅଧକ୍ଷ ଲାଲା ସଂଗ୍ରାମ କେଶରୀ ରାୟ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଅଧାପକ ଗୋପାଳକୃଷ୍ଣ ମିଶ୍ର ସାଂଗଠନିକ ଆଲୋଚନା କରିଥିଲେ । କୋଷାଧକ୍ଷ ଅବନିକାନ୍ତ ମହାରଣା ଧନ୍ୟବାଦ ଦେଇଥିବାବେଳେ ସୌଭାଗ୍ୟ ମଞ୍ଜରୀ ମିଶ୍ର ଶାନ୍ତିପାଠ କରିଥିଲେ ।

## ଏସ୍‌ଭିଏମ୍ ଛାତ୍ରଛାତ୍ରୀଙ୍କ ପଥପ୍ରାନ୍ତ ନାଟକ



ଜଗତସିଂହପୁର, ୯ ।୧୨(ସମିସ): ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ (ଏସଭିମ୍)ର ଛାତ୍ରଛାତ୍ରୀ ପଥପ୍ରାନ୍ତ ନାଟକ ପରିବେଷଣ କରିଛନ୍ତି । କନ୍ୟାଭ୍ରୁଣ ହତ୍ୟା, ନିଶା ସେବନ, ଯୌତୁକ ପ୍ରଥା ଓ ପରିବେଶ ସୁରକ୍ଷା ସମ୍ପର୍କରେ ଏହି ପଥପ୍ରାନ୍ତ ନାଟକ ପରିବେଷିତ ହୋଇଛି । ଅଧକ୍ଷ ବିଜୟ ପାତ୍ର ଉଦ୍‌ଘାଟନ କରିଥିଲେ । ଏଥିରେ ଜଗତସିଂହପୁର ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯୁକ୍ତ ଦୁଇ ନୋଡାଲ ଅଫିସର ଶୁଭେନ୍ଦୁ ମୌଳି ନନ୍ଦ ଉପସ୍ଥିତ ଥିଲେ ।

# ତେଲ ଟ୍ୟାଙ୍କର କବ୍‌ଜାରେ ରାସ୍ତା

ପାରାଦୀପ, ୯ ।୧୨ (ସମିସ): ପାରାଦୀପ ଅଠରବାଙ୍କୀ ଟର୍ମିନାଲ ଛକରୁ ଷ୍ଟେସନକୁ ଯାଇଥିବା ରାସ୍ତା ଏବେ ତେଲ ଟ୍ୟାଙ୍କର କବ୍‌ଜାରେ ରହିଛି । ଷ୍ଟେସନ ରାସ୍ତାର ଅଠରବାଙ୍କୀରୁ ଅଧା କିଲୋମିଟର ପରେ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି । ବେଳେବେଳେ ଲୋକେ ଟ୍ରେନ୍ ଫେଲ୍ ମଧ ହେଉଛନ୍ତି । ବାରମ୍ବାର ଏହି ସମସ୍ୟା ସମ୍ପର୍କରେ ସଙ୍ଗଠନ ଗୁଡ଼ିକ ଦାବି କରିଆସୁଥିଲେ ମଧ ଏଥି ପ୍ରତି କାହାର ନଜର

- ଟର୍ମିନାଲ ଛକରୁ ଷ୍ଟେସନ ରୋଡ୍
- ରାସ୍ତାରେ ହଜାର ହଜାର ଟ୍ରକ୍ ପାର୍କିଂ
- ଟ୍ରେନ୍ ଫେଲ୍ ହେଉଛନ୍ତି ଯାତ୍ରୀ



ଭାରତ ପେଟ୍ରୋଲିୟମ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଓ ଇଣ୍ଡିଆନ ଅଏଲର ତୈଳ ଟର୍ମିନାଲ ରହିଛି । ଏହି ତୈଳ ଟର୍ମିନାଲରୁ ପ୍ରତିଦିନ ହଜାର ହଜାର ଟ୍ରକ ରାଜ୍ୟ ତଥା ରାଜ୍ୟ ବାହାରକୁ ଯିବା ଆସିବା କରୁଛନ୍ତି; ହେଲେ ଏହି ତିନୋଟି ଟର୍ମିନାଲର ଟ୍ୟାଙ୍କର ପାର୍କିଂ ପାଇଁ ନିଜସ୍ୱ ସ୍ଥାନ ନ ଥିବାରୁ ଟ୍ରକ୍‌ଚାଳକ ରାସ୍ତାକୁ କବ୍ଜା କରି ରଖୁଛନ୍ତି; ଯାହା ଫଳରେ ନାହିଁ । ଅନ୍ୟପକ୍ଷେ ରାସ୍ତା ଅଣଓସରିଆ ହେତୁ ଗୋଟିଏ ଟ୍ୟାଙ୍କର ବ୍ୟାକ୍ କଲା ବେଳେ ଦୁଇ ପାର୍ଶ୍ୱର ରାସ୍ତାରେ ଅନ୍ୟ ଗାଡି ଗୁଡିକ ବହୁ ସମୟ ଧରି ରାସ୍ତାରେ ଛିଡା ହୋଇ ରହୁଛନ୍ତି । ବହୁ ସମୟରେ ଏଥିଯୋଗୁ ଦୁର୍ଘଟଣା ମଧ ଘଟୁଛି । ଜିଲ୍ଲା ପ୍ରଶାସନ, ବନ୍ଦର ପ୍ରଶାସନ, ଟର୍ମିନାଲ କର୍ତ୍ତୃପକ୍ଷ ସମସ୍ତେ କିନ୍ତୁ ଏହା ଦେଖି ମଧ ଆଖି ବୁଜି ଦେଇଛନ୍ତି ।

## ଯୋଗ ପ୍ରଶିକ୍ଷଣ ଶିବିର



ପାରାଦୀପ, ୯ ।୧୨ (ସମିସ): ଡିସେମ୍ବର ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁଥିବା ସର୍ବ ଭାରତୀୟ ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଅବସରରେ ଶନିବାର ଗୋପବନ୍ଧୁ ଷ୍ଟାଡିୟମରେ ଏକ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର କ୍ରୀଡ଼ା ପରିଷଦର ସଭାପତି ଡିଏନ ସୋନ୍ଧୀଙ୍କ ନେତୃତ୍ୱରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଆର୍ଟ ଅଫ ଲିଭିଙ୍ଗର ଯୋଗଗୁରୁ ତାପସ ରଞ୍ଜନ ପତି ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବନ୍ଦର କ୍ରୀଡ଼ା ପରିଷଦର ସମ୍ପାଦକ ରଞ୍ଜନ ରଶ୍ମି ବେଉରା ପରିଚାଳନା କରିଥିଲେ । ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨ ଶହ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧରେ ପାରାଦୀପ ବନ୍ଦର କ୍ରୀଡ଼ା ପରିଷଦର କାର୍ଯ୍ୟକାରୀ ସଭାପତି ଡାକ୍ତର ଦୁର୍ଗା ପ୍ରସାଦ ସେଠି, ଯୁଗ୍ମ ସମ୍ପାଦିକା ଇତିଶ୍ରୀ ମହାନ୍ତି, ବରିଷ୍ଠ ଭଲିବଲ ପ୍ରଶିକ୍ଷକ ସଞ୍ଜୟ ଦାସଙ୍କ ସମେତ ଗୋପବନ୍ଧୁ କ୍ରୀଡ଼ା ସଂସଦର କର୍ମକର୍ତ୍ତା ଏହି ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାଲିକୁଦା, ୯ ।୧୨ (ସମିସ): ଇଚ୍ଛାପୁର ପଞ୍ଚାୟତ ମଲ୍ଲିକାପୁରସ୍ଥିତ ନିତ୍ୟାନନ୍ଦ କାନୁନଗୋ ସ୍ମାରକୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ସ୍ୱାଇଁ ଅବସର ଗ୍ରହଣ କରିଛନ୍ତି । ପୁରାତନ ଛାତ୍ର ସଂସଦ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ସ୍କୁଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା, ସ୍ଥାନୀୟ ସରପଞ୍ଚ ରାଜଲକ୍ଷ୍ମୀ ପୁହାଣ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଅଧାପକ ଅଶୋକ ସ୍ୱାଇଁ, ପଣ୍ଡିତ ଅଜୟ ଶତପଥୀ, ସିଆରସିସି ମାନସ ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ସୁଶାନ୍ତ ମହାରଣାଙ୍କ ସଭାପତିତ୍ୱ କରିଥିଲେ । ଛାତ୍ର ପରିଷଦର ଉପଦେଷ୍ଟା ଚକ୍ରଧର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ । ପଣ୍ଡିତ ଅଜୟ ଶତପଥୀ ସଭା ପ୍ରାରମ୍ଭରେ ବେଦ ପାଠ କରିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଶିକ୍ଷକ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କମିଟିର ସଭାପତି ନଟବର ନାଥ, ଶିକ୍ଷକ ପ୍ରସନ୍ନ ପାଇଟାଳ, ରୀତା ସାମନ୍ତରାୟ, କବିତା ଦାସ, ସୀତା ଦେଇ, ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶଶୀପ୍ରଭା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ରାଜେନ୍ଦ୍ର ନାଥ, ଅଖିଳ ମହାରଣା, ରିଙ୍କୁ ସାହୁ, ସଲୀଳ ଜେନାଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ମହିଳାଙ୍କ ଟଙ୍କା ହଡ଼ପ

ପାରାଦୀପ, ୯ ।୧୨ (ସମିସ): ପାରାଦୀପ ପୌର ପରିଷଦର ୩ ନମ୍ବର ୱାର୍ଡ ଅଞ୍ଚଳର କେତେକ ମହିଳାଙ୍କ ଗ୍ରୁପ ପଇସା (୨ ଲକ୍ଷ) ଅଠରବାଙ୍କୀରେ ରହୁଥିବା ପ୍ରଦୀପ ସାମଲ ନାମକ ଜଣେ ବ୍ୟକ୍ତି ନେଇ ଫେରାଉ ନାହାନ୍ତି । ଏ ନେଇ ଶନିବାର ମହିଳାମାନେ ଏକତ୍ରିତ ହୋଇ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୂର୍ବରୁ ଏହି ମହିଳାମାନେ ବହୁ ଥର ଥାନାକୁ ଦୌଡି ଦୌଡି ସୁଫଳ ମିଳି ନାହିଁ ବୋଲି ଗୃପର ମିତାରାଣୀ ନାୟକ କହିଛନ୍ତି । ପୁଲିସ ଯଦି କାର୍ଯ୍ୟାନୁଷ୍ଠାନ ନ ନେଲା ତେବେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ତିର୍ତ୍ତୋଲ କଲେଜରେ ଫ୍ୟାସନ ଶୋ'




ତିର୍ତ୍ତୋଲ, ୯।୧୨(ସମିସ): ଆଦିକବି ସାରଳାଦାସ ମହାବିଦ୍ୟାଳୟରେ ଛାତ୍ରୀଙ୍କ ମଧରେ ଫ୍ୟାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପ୍ରଫେସର ସଦାଶିବ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ । ଡ.ଦୀପ୍ତିରେଣୁ ମହାପାତ୍ର, ପ୍ରଧାପକ ରଞ୍ଜନ ଦାସ, ପ୍ରାଧାପକ ସୁରଞ୍ଜନ ଲେଙ୍କା, ଅଧାପିକା ପ୍ରଜ୍ଞା ପରମିତା ନାୟକ, ଅଧାପିକା ଶକ୍ତିମୟୀ ବସନ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗିତାକୁ ସରପଞ୍ଚ ପ୍ରିମ୍ବମ୍ବଦା ମହାପାତ୍ର ଉଦ୍‌ଘାଟନ କରିଥିଲେ । ଅଧାପକ ନରେଶ ମହାପାତ୍ର ପରିଚାଳନା କରିଥିଲେ ।

# ଚାରାରୋପଣ ଲାଗି ସମସ୍ତଙ୍କ ଶପଥ



ଜଗତସିଂହପୁର, ୯ ।୧୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନସାଫ୍ ଏବଂ ଜିଲ୍ଲା କୃଷିବନ୍ଧୁ ପରିଷଦର ମିଳିତ ଆନୁକୂଲ୍ୟରେ ପୋଖରିଆପଡ଼ା ପଞ୍ଚାୟତ ହାଇସ୍କୁଲରେ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ପ୍ରକୃତିବନ୍ଧୁ ସଂଯମ କିଶୋର ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଲେଖିକା ବସନ୍ତ ମଞ୍ଜରୀ ଦାସ, ଇନ୍‌ସାଫର ବୈଷୟିକ ଉପଦେଷ୍ଟା ତଥା ପରିଷଦର ସଭାପତି ଉତ୍କଳ ରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ଅଧାପକ ଡ. ଶରତ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ୟାପକ ଚାରା ରୋପଣ କରି ଯତ୍ନ ନେବାକୁ ଅତିଥିଗଣ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଉପସ୍ଥିତ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଚାରା ରୋପଣ ଲାଗି ଶପଥ ଗ୍ରହଣ କରିଥିଲେ । ଧୀରେନ୍ଦ୍ର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ସଞ୍ଜୟ ନାୟକ ଧନ୍ୟବାଦ ଦେଇଥିଲେ । ଶିକ୍ଷକ ଅକ୍ଷୟ ପଣ୍ଡା, ପସନ୍ନ ନନ୍ଦ, ପ୍ରଭାତ ଦାସ, ପ୍ରସନ୍ନ ଲେଙ୍କା, ପ୍ରଶାନ୍ତ ସାହୁ, ସମୀର ହାତୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କୀୟ ଜିଲ୍ଲାସ୍ତରୀୟ ବୈଠକ

# ନାଁ ପଞ୍ଜୀକରଣ କରିନେବାକୁ ଚାଷୀଙ୍କୁ ଜିଲ୍ଲାପାଳଙ୍କ ପରାମର୍ଶ

ଜଗତସିଂହପୁର, ୯ ।୧୨(ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀ ପଞ୍ଜିକରଣ ସମ୍ପର୍କୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ପାରୁଲ ପଟାୱରୀ ଅଧକ୍ଷତା କରିଥିଲେ ।



ଜିଲ୍ଲାପାଳ କହିଛନ୍ତି ଯେ, କୃଷକଙ୍କ କଲ୍ୟାଣ ନିମନ୍ତେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଅଭିନବ ଯୋଜନା ମଧ୍ୟରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ୟତମ । ଏହି ଯୋଜନାରେ ଫସଲ ନଷ୍ଟ ହେଲେ ବୀମା ମିଳିଥାଏ । ଚାଷୀର ଆର୍ଥିକ ଓ ସାମାଜିକ ମେରୁଦଣ୍ଡକୁ ଏହା ସୁଦୃଢ଼ କରିଥାଏ । ଚଳିତ ବର୍ଷ ରବି ଫସଲରେ ୨ ହେକ୍ଟର ପର୍ଯ୍ୟନ୍ତ ବୀମା ପ୍ରିମିୟମ ରାଜ୍ୟ ସରକାର ବହନ କରୁଛନ୍ତି । ଏହି ଯୋଜନା ଅଧୀନ ରବି ଋତୁ ପାଇଁ ଜଗତସିଂହପୁର ଜିଲ୍ଲା ପାଇଁ ଧାନ, ଚିନାବାଦାମ, ଆଖୁ, ମୁଗ, ବିରି ଏବଂ ଆଳୁରେ ବୀମା ହୋଇପାରିବ । ଏହି ଯୋଜନାରେ ପଂଜିକୃତ ହେବାର ଅନ୍ତିମ ଦିନ ହେଉଛି ଆସନ୍ତା ୧୫ ତାରିଖ । ତେଣୁ ଜିଲ୍ଲାର ସମସ୍ତ ଋଣୀ ଓ ଅଣଋଣୀ ଚାଷୀ ନିଜ ଫସଲର ସୁରକ୍ଷା ଲାଗି ନିକଟସ୍ଥ ବ୍ୟାଙ୍କ, ଜନସେବା କେନ୍ଦ୍ର, ବ୍ଲକ ଇନସୁରାନ୍ସ ଏଜେଣ୍ଟ ବା କୃଷି ବିଭାଗକୁ ଯୋଗାଯୋଗ କରି ନାଁ ପଞ୍ଜୀକରଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

# ବିବେକାନନ୍ଦ ବିଦ୍ୟାଳୟରେ ବିଜ୍ଞାନ ମେଳା




**ଦଶରଥପୁର, ୯ ।୧୨ (ସମିସ):** ଦଶରଥପୁର ବ୍ଲକ ଜୟନ୍ତରାସ୍ଥ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ୧୫ତମ ଗୟାଧର ମହାପାତ୍ର ମେମୋରିଆଲ୍ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ର ବରୋଦା ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାକୁ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ଶିକ୍ଷାବିତ୍ ପ୍ରଫୁଲ କୁମାର ସାମଲ, ସୂର୍ଯ୍ୟମଣି ତ୍ରିପାଠୀ, ନୃସିଂହ ଚରଣ ମହାପାତ୍ର, ବିଶ୍ୱନାଥ ମିଶ୍ର, ଏସ୍‌ଏନ୍ ଶ୍ରୀବାସ୍ତବ, ଧରଣୀଧର ମହାପାତ୍ର, ବିଷ୍ଣୁପ୍ରିୟା ମହାପାତ୍ର ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟରେ ବିଜ୍ଞାନ ମେଳାର ମହତ୍ତ୍ୱାକାଂକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ମେଳାରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ୭୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ସର୍ବଶ୍ରେଷ୍ଠ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଚକ୍ରଧର ସେଠୀ, ବିକାଶ କୁମାର ଦାସ, ଲକ୍ଷ୍ମୀଧର ବାରିକ, ଦେବବ୍ରତ ଦାସ, ମଧୁସୂଦନ ସାହୁ, ଗୋପାଳ ନାୟକ, ହେମନ୍ତ ବାରିକ, ଶୈଳେନ୍ଦ୍ର ନାୟକ, ପ୍ରଭାକର ଜେନାଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

**ବିଭାଗ ନିରବଦ୍ରଷ୍ଟା**

# ମାନପୁର କୋଇଲା ପ୍ଲଟ୍ ଯୋଗୁଁ ବାୟୁ ପ୍ରଦୂଷଣ

**ଯାଜପୁର/ଯଖପୁରା, ୯ ।୧୨(ସମିସ)**

ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳର ମାନ୍ୟତା ପାଇଛି କଳିଙ୍ଗନଗର। ଶିଳ୍ପ କ୍ଷେତ୍ରରେ ଏହା ଯେତିକି ଅଗ୍ରଗତି କରିଛି, ପରିବେଶ ପ୍ରଦୂଷଣ କ୍ଷେତ୍ରରେ ମଧ୍ୟ ସେତିକି ଆଗେଇଛି। ଯାହାର କୁପ୍ରଭାବରେ ବିଭିନ୍ନ ଦୁରାରୋଗରେ ଆକ୍ରାନ୍ତ ହେବା ସହିତ ଅକାଳରେ ଅନେକ ଜୀବନ ମଧ୍ୟ ଯାଉଛି। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷଣକୁ ରକ୍ଷା କରିବା ପାଇଁ ରହିଥିବା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ସତେ ଯେମିତି ନିୟନ୍ତ୍ରଣ ହରାଇ ବସିଛି। କଳିଙ୍ଗନଗରରେ ଗଢ଼ି ଉଠିଥିବା ଶିଳ୍ପ ପାଇଁ କୋଇଲାର ଆବଶ୍ୟକତା ସର୍ବାଧିକ। ସେଥିପାଇଁ ବର୍ଷ ବର୍ଷ ଧରି ସୁକିନ୍ଦା ରୋଡ୍ ମାନପୁରଠାରୁ ଶିଳ୍ପାଞ୍ଚଳର ବିଭିନ୍ନ କମ୍ପାନୀ କଞ୍ଚାମାଲ ପରିବହନ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଏହି ପ୍ଲଟରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ଦିନକୁ ଦିନ ଏହାର କୁପ୍ରଭାବରେ ସ୍ଥାନୀୟ ଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି। ଏହି କୋଇଲା ପ୍ଲଟରୁ ପରିବେଶ ପ୍ରଦୂଷିତ ହୋଇ କେତେ ଯେ ଜୀବନ ଗଲାଣି, ତା'ର ରିପୋର୍ଟ କାହା ପାଖରେ ନାହିଁ। ଏ ନେଇ ପ୍ରଦୂଷଣ ବିଭାଗ ଚୁପ୍ ବସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ବାୟୁପ୍ରଦୂଷଣ ରୋକିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମାର୍ଗଦର୍ଶିକା ଜାରି କରି ନିଜ କାମ ସାରିଦେଇଛି। କିନ୍ତୁ ଉକ୍ତ ମାର୍ଗଦର୍ଶିକାକୁ ଠିକଣା ଭାବେ ଅନୁପାଳନ କରାଯାଉନାହିଁ। ଯାହାକୁ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ଷ ବର୍ଷ ଧରି ସୁକିନ୍ଦା ରୋଡ ରେଳ ସାଇଡିଂ ମାନପୁରରେ ଶିଳ୍ପାଞ୍ଚଳର ବିଭିନ୍ନ କମ୍ପାନୀ କଞ୍ଚାମାଲ ପରିବହନ କରୁଛନ୍ତି। ବିଭିନ୍ନ କାରଖାନାରୁ କୋଇଲା ଗୁଣ୍ଡ ପ୍ରାୟ ପ୍ରତ୍ୟେକ ଦିନ ଏହି ପ୍ଲଟରେ ଖଲାସ ହୁଏ। ଫଳରେ ବ୍ୟାପକ ବାୟୁ ପ୍ରଦୂଷଣର ଶିକାର ହୋଇ ବିଭିନ୍ନ ରୋଗରେ ପଡ଼ି ସୁଆଁଲ ଓ ମାନପୁର ଗ୍ରାମର ଶତାଧିକ ଲୋକଙ୍କ ଜୀବନ ଗଲାଣି। ଓଭରବ୍ରିଜ୍ କଡ଼ରୁ ମାନପୁର ଛକ ପର୍ଯ୍ୟନ୍ତ ଯାଇଥିବା ଆପ୍ରୋଚ ରାସ୍ତାର



## ବଢ଼ୁଛି ଅକାଳ ମୃତ୍ୟୁ ସଂଖ୍ୟା

ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଦିନରାତି ଚବିଶ ଘଣ୍ଟା କୋଇଲା ବୁହା ମାଲ୍ ଗାଡ଼ି ଯାତାୟାତ ଫଳରେ ମାତ୍ରାଧିକ ଧୂଳି ଉଡ଼ି ପରିବେଶକୁ କୁହୁଡି ପରି ଢାଙ୍କିକି ରଖୁଛି। ଏହି ରାସ୍ତା ଦେଇ ଯାଉଥିବା ବାଇକ୍ ଆରୋହୀ ଧୂଳିରେ ଅଣନିଶ୍ୱାସୀ ହେଉଛନ୍ତି।

ଛାତ୍ରଛାତ୍ରୀ କଲେଜ, ବିଦ୍ୟାଳୟକୁ ଯିବାଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁହଁରେ ରୁମାଲ ବାନ୍ଧି ଯାଉଛନ୍ତି। ତଥାପି କୋଇଲାର କଳା ଗୁଣ୍ଡ ଓ ଧୂଳିରେ ବୁଡ଼ି ଯାଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀ ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଦୀର୍ଘ ତିନିବର୍ଷ ବିତିଯାଇଥିଲେ ମଧ୍ୟ ଏନଜିଟି ନିର୍ଦ୍ଦେଶକୁ ରେଳ ବିଭାଗ ଖାତିରି କରୁନାହିଁ କି ଅନୁପାଳନ କରୁନାହିଁ। ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ମଧ୍ୟ ସବୁ ଜାଣି ନିରବ ରହିବାର କାରଣ କ'ଣ? ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଅଛି ନା କମ୍ପାନୀ ପାଇଁ ଅଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ରେଳ ପ୍ଲଟକୁ ଲାଗି ରହିଥିବା ରାସ୍ତାରେ ପାଣି ସିଞ୍ଚନ ହେଉନାହିଁ କି ପ୍ଲଟ ଭିତରେ ପାଣି ସିଞ୍ଚନ କରାଯାଉନି। ରେଳ ପ୍ଲଟ ଚାରିପାଖରେ ଯେଉଁ ପାଚେରି ହେବା କଥା ହୋଇନାହିଁ। ପ୍ଲଟରେ କାମ କରୁଥିବା ଶ୍ରମିକଙ୍କୁ ହେଲମେଟ, ଗ୍ଲୋବ୍ସ, ସୁରକ୍ଷା ଜୋତା, ମାସ୍କ ଦିଆଯାଉନାହିଁ। ଶ୍ରମ ଆଇନର ଖୋଲା ଉଲ୍ଲଂଘନ କରାଯାଇ ମହିଳା ଶ୍ରମିକଙ୍କୁ ରେଳ ସାଇଡିଂରେ ବିପଦଜନକ ଭାବେ କାମରେ ନିୟୋଜିତ କରାଯାଉଛି। କାମ କରିବା ସମୟରେ ଯଦି କିଛି ବି ଅଘଟଣ ଘଟେ, ସେଥିପାଇଁ ମେଡିକାଲ କି ସ୍ୱାସ୍ଥ୍ୟବୀମା ପରି କିଛି ସୁବିଧା ମଧ୍ୟ ନାହିଁ। ଏହି ମାନପୁର ରେଳ ପ୍ଲଟରେ ଅତୀତରେ ବହୁତ ଦୁର୍ଘଟଣା ଘଟିଛି। କିନ୍ତୁ ସେମାନଙ୍କ ପରିବାରକୁ ସହାୟତା ମିଳିନାହିଁ। ଏହି କୋଇଲା ପ୍ଲଟରେ ପାଠପଢ଼ା ଛାଡି ଶିଶୁ ଶ୍ରମିକ ଭାବେ ପିଲାମାନେ କାମ କରୁଛନ୍ତି। ବହି ବଦଳରେ କୋଇଲା ପ୍ଲଟରେ ତାଙ୍କ ଦିନ ବିତୁଛି। ଏହି ସୁକିନ୍ଦା ରୋଡ ରେଳ ସାଇଡିଂରେ ରେଳ ବିଭାଗ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବାବେଳେ ପ୍ଲଟକୁ ଲାଗି ରହିଥିବା ଗାଁ ସୁଆଁଲ କି ମାନପୁର ଲୋକଙ୍କ ପାଇଁ କିଛି ସୁବିଧା ନ କରି ଜୀବନ ନେବାରେ ଲାଗିଛି। ମାତ୍ରାଧିକ ବାୟୁ ପ୍ରଦୂଷିତ ହୋଇ ଯକ୍ଷ୍ମା, କିଡନୀ, ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ଶହ ଶହ ସ୍ଥାନୀୟ ବାସିନ୍ଦା ଜୀବନ ହରାଇ ସାରିଲେଣି। ଆଉ ବହୁତ ଲୋକ ଶଯ୍ୟାଶାୟୀ ଅଛନ୍ତି। ଏହି ପ୍ରଦୂଷଣରେ ପେଷି ହୋଇ ଜୀବନ ହାରୁଥିବା ବାସିନ୍ଦାଙ୍କ ପାଇଁ ଏହାର ସ୍ଥାୟୀ ସମାଧାନ ହେଉନି। ସମସ୍ତେ ଏହି ଗରିବ ଲୋକଙ୍କ ଜୀବନ ଯାଉଥିବା ଦେଖି ଚୁପ୍ ବସୁଛନ୍ତି। ଏହି ସମ୍ବେଦନଶୀଳ ବିଷୟରେ ସ୍ଥାନୀୟ ଲୋକେ ଓ ସରପଞ୍ଚ ଜିଲ୍ଲାପାଳଙ୍କୁ ଜନଶୁଣାଣିରେ ଜଣାଇଲେ। ଜିଲ୍ଲାପାଳ ପ୍ରତିଶ୍ରୁତି ଦେଲେ, ଏହାର ଉପଯୁକ୍ତ ତଦନ୍ତ ହେବ। କିନ୍ତୁ ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଏହି ଗାଁଗୁଡିକ ଜନଶୂନ୍ୟ ହେବା ପୂର୍ବରୁ ସ୍ଥାୟୀ ପ୍ରତିକାର କରିବା ପାଇଁ ବାସିନ୍ଦା ଦାବି କରୁଛନ୍ତି।

# ବିକଶିତ ରଥକୁ ରଘୁଦେଇପୁରରେ ସ୍ୱାଗତ



**ପଞ୍ଚୁପାଣ୍ଡବ, ୯।୧୨(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତରେ ବିକଶିତ ଭାରତ ରଥକୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟ ମୋନାଲିସା ମଲିକ ଏବଂ ଅତିରିକ୍ତ ବିଡିଓ ଭଞ୍ଜକିଶୋର ନାୟକ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଲେଖା ମଲିକ, ବିଜୟ ମଲିକ, ରମାକାନ୍ତ ମଲିକ, ଏମ୍‌ବିକେ ଓ ସମସ୍ତ ସିଆରପି ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବେଣିପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ମୋହନ ଚରଣ ସାହୁ, ଅତିରିକ୍ତ ବିଡ଼ିଓ ଓ କାର୍ଯ୍ୟନିର୍ବାହୀ ଉପସ୍ଥିତ ଥିଲେ।

# ଇଣ୍ଡିଆ ମେଣ୍ଟ ଅଂଶୀଦାର ଦଳର ବୈଠକ

**କେନ୍ଦ୍ରାପଡ଼ା, ୯ ।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳଗୁଡ଼ିକର ଏକ ବୈଠକ ଗରାପୁର କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ କଂଗ୍ରେସ, ସିପିଆଇ, ସିପିଏମ୍ ଓ ଆପ୍‌ର ଜିଲ୍ଲାସ୍ତରୀୟ ନେତୃମଣ୍ଡଳୀ ଭାଗ ନେଇଥିଲେ। ଏଥିରେ ପୂର୍ବତନ ବିଧାୟକ ଚିନ୍ମୟ ବେଉରା, ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ଦାସ, ରାଜେଶ ମହାନ୍ତି, ଚିତ୍ରସେନ ପରିଡ଼ା, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ମୁକ୍ତାର ଖାଁ, ସିପିଏମ୍ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଜଗଜୀବନ ଦାସ, ସିପିଆଇର ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସହସମ୍ପାଦକ ଆଦିକନ୍ଦ ରାଉଳ, ଆପ୍ ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସ, ସୂର୍ଯ୍ୟକାନ୍ତ ପରିଡ଼ା, ସାହିଲ୍ ଫଏଜଲ ଉପସ୍ଥିତ ଥିଲେ।

# ସ୍କୁଲ, କଲେଜକୁ ଆଇଓସିଏଲ୍‌ର ୱାଟର କୁଲର ପ୍ରଦାନ

**ତିର୍ତ୍ତୋଲ, ୯।୧୨(ସମିସ):** ଭାରତୀୟ ତୈଳ ନିଗମ(ଆଇଓସିଏଲ) ପାରାଦୀପ ରିଫାଇନାରୀ ମହିଳୋସ୍ଥିତ ଉତ୍କଳ ଭାରତୀ ମହାବିଦ୍ୟାଳୟ ଓ ବେଗୁନିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୱାଟର କୁଲର ପ୍ରଦାନ କରିଛି। ବ୍ଲକ ଆମ୍‌ ଅଧ୍ୟକ୍ଷ ଦେବେନ୍ଦ୍ର ମଲ୍ଲିକ ଆଇଓସିଏଲଠାରୁ ଏହି ୱାଟର କୁଲର ଗ୍ରହଣ କରି ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ପ୍ରଦାନ କରିଥିଲେ। ଯଶୋବନ୍ତ ରାଉତ ସହଯୋଗ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ନାଥଶର୍ମା, ଅଧ୍ୟାପକ ବୈକୁଣ୍ଠ ନାଥ ଜେନା, ଅଧ୍ୟାପକ ବ୍ରଜକିଶୋର ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

# ବିଂଝାରପୁର ବ୍ଲକର ମେଧାବୃତ୍ତି ଫଳ ପ୍ରକାଶ

**ମଙ୍ଗଳା, ୯ ।୧୨(ସମିସ):** ବିଂଝାରପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାରଦିନ ତୃତୀୟ ଓ ପଞ୍ଚମ ଶ୍ରେଣୀର ମେଧାବୃତ୍ତି ଫଳ ପ୍ରକାଶିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ମେଧାବୃତ୍ତି ପରୀକ୍ଷା ନିରପେକ୍ଷ ହୋଇଛି ବୋଲି ବହୁ ଅଭିଭାବକ ମତ ପ୍ରକାଶ ପାଇଛି। ପଞ୍ଚମ ଶ୍ରେଣୀରୁ ସରସ୍ୱତୀ ଶିଶୁ ମନ୍ଦିର ସିଂହପୁରରୁ, ରାଜଲକ୍ଷ୍ମୀ ପୃଷ୍ଟି, ବିବେକାନନ୍ଦ ଶିକ୍ଷାନିକେତନରୁ ତାରାକାନ୍ତ ପଣ୍ଡା, ସରସ୍ୱତୀ ଶିଶୁ ମନ୍ଦିର, ମଇନ୍ଦାରୁ ଆରିହନ୍ତା ସାମଲ, ମା କୋରେଇଶୁଣୀ ଶିଶୁ ମନ୍ଦିରରୁ ପତ୍ୟାଶା ପ୍ରିୟଦର୍ଶିନୀ ମିଶ୍ର, ସ୍ମିତିପ୍ରଜ୍ଞା ଦାସ, ବରୁଣେଶ୍ୱର ପ୍ରାଥମିକ ବିଦ୍ୟାଳୟରୁ ପାର୍ଥ ସାରଥି ପଣ୍ଡା, ଗୌଡାସାଇ ଉପ୍ରା ବିଦ୍ୟାଳୟରୁ ଅନାଦି ମିଶ୍ର, ସେହିପରି ତୃତୀୟ ଶ୍ରେଣୀରୁ ସରସ୍ୱତୀ ଶିଶୁ ମନ୍ଦିର ବିତନାରୁ ସାଇ ସାର୍ଥକ ଯେନା, ବିବେକାନନ୍ଦ ଶିକ୍ଷାନିକେତନରୁ ଦେବସ୍ମିତା ସାହୁ, ସରସ୍ୱତୀ ଶିଶୁ ମନ୍ଦିର ମଇନ୍ଦାରୁ ସାଇଦିବ୍ୟାଂଶୁ ଷଡଙ୍ଗୀ, ଆଦ୍ୟାଶା ସାହୁ, ବଡପାଳ ପ୍ରାଥମିକ ବିଦ୍ୟାଳୟରୁ ବିରାଜିତା କର, କଲ୍ୟାଣପୁର ନୋଡାଲରୁ ସତ୍ୟଜିତ ସେଠୀ, କୋରେଇଶୁଣୀ ଶିଶୁ ମନ୍ଦିରରୁ ଆଏଶା ପ୍ରୀୟଦର୍ଶିନୀ ଶତପଥୀ ବିବେଚିତ ହୋଇଛନ୍ତି। ଏଥର ବି ବେସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ଅଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସ୍ନେହଲତା ପତି, ବିଆରସି ଏସ କେ ନିଜାମୁଦ୍ଦିନ, ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି କ୍ଷିରୋଦ ମଲିକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବି ନାରାୟଣ ମହାନ୍ତି, , ସହଦେବ ଲେଙ୍କା, ପ୍ରଦୀପ ଦାସ, ପ୍ରତାପ ପଣ୍ଡା, ସତ୍ୟବ୍ରତ ପାଢ଼ୀ, ମୋତିହୁର ରହେମାନ, ଶମ୍ଭୁନାଥ ରଣା, ରାମଚନ୍ଦ୍ର ମହାଲିକ, ରବୀନ୍ଦ୍ର କୁମାର ଯେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ ପୋଲ ଭାଙ୍ଗିବା ଆଶଙ୍କା

**ଡେରାବିଶ, ୯।୧୨(ସମିସ):** ଦାନପୁର ପଞ୍ଚାୟତ ଲୁଣାନଦୀ ସେତୁ ନିର୍ମାଣର ୧୦ ବର୍ଷ ପରେ ବି ସଂଯୋଗୀ କରଣ ରାସ୍ତା ହୋଇପାରି ନାହିଁ। ତେବେ ଲୁଣାନଦୀ ସେତୁକୁ ଯିବାକୁ ହେଲେ ବ୍ୟବହାର କରାଯାଉଥିବା ଇଂରେଜ ଅମଳର ଲକ୍ ପୋଲ ଓ କେନାଲ୍ ବନ୍ଧ ରାସ୍ତାର ଅବସ୍ଥା ଏପରି ହେଲାଣି ଯେ ଏହା ଭାଙ୍ଗିଗଲେ ନଦୀ ଆରପଟକୁ ଯାନବାହାନ ଯାତାୟତ ବନ୍ଦ ହୋଇଯିବାର ଆଶଙ୍କା ଉପୁଜିଲାଣି। ଲୁଣାନଦୀର ବିଭିନ୍ନ ବାଲି ସୈରାତରୁ ଦୈନିକ ଶହଶହ ବାଲି ବୋଝେଇ ହାଇୱା ବାଲି ପରିବହନ କରି ଲକ୍ ପୋଲ ଓ କେନାଲ୍ ବନ୍ଧକୁ ଏଭଳି ଦୁର୍ବଳ କରିଦେଲାଣି ଯେ, ବନ୍ଧ ରାସ୍ତାର ପିଚୁଠାରୁ ଦୁଇପଟର ମାଟି ରାସ୍ତା ଦୁଇ ଫୁଟରୁ ଅଧିକ ଦବିଗଲାଣି। ବାଲି ବୋଝେଇ ଟ୍ରକରୁ ସଦା ସର୍ବଦା ପାଣି ଝରୁଥିବାରୁ ପିଚୁ କଡ଼ରେ ଥିବା ମାଟି ଧୋଇ ଗଲାଣି। ବାଲି ବୋଝେଇ ଟ୍ରକ୍ ପଛକୁ ପଛ ଏଭଳି ଭାବରେ ଆସୁଛି ଯେ ଲକ୍ ପୋଲ ଓ ରାସ୍ତାରେ ଅନ୍ୟ କୌଣସି ଗାଡ଼ି ବା ସାଧାରଣ ଲୋକ ଚଳପ୍ରଚଳ କରିବା କଷ୍ଟକର ହୋଇପଡ଼ିଛି। ଏଥିସହିତ ହାଇୱାଗୁଡ଼ିକ ପରିବହନ କ୍ଷମତାଠାରୁ ଢେର ଅଧିକ ବାଲି ପରିବହନ କରିବା ଦ୍ୱାରା ଏହି ବାଲି



ଉଡ଼ି ପଥଚାରୀ, ବାଇକ୍ ଆରୋହୀଙ୍କୁ ଚଳପ୍ରଚଳ ପାଇଁ କଷ୍ଟ ଦେଉଛି; ଯେଉଁଥିପାଇଁ ଏ ଅଞ୍ଚଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟିଚାଲିଛି। ଲୁଣାସେତୁକୁ ସଂଯୋଗ କରୁଥିବା ଏହି ବନ୍ଧ ମରାମତି ପାଇଁ ଜଳସେଚନ ବିଭାଗ କିମ୍ବା ପୂର୍ତ୍ତ ବିଭାଗ କେହି ଯଥା ସମୟରେ ଦୃଷ୍ଟି ଦେଉନାହାନ୍ତି। ତେଣୁ ଏହି ବନ୍ଧ ରାସ୍ତା ଓ ଲକ୍ ପୋଲ ରାସ୍ତାକୁ ସରକାର ମରାମତି କରିବା ଯାଏ ବାଲି ଟ୍ରକ ଗୁଡ଼ିକୁ ବନ୍ଦ ରଖାଯିବା ସହ ତୁରନ୍ତ ମରାମତି କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମୂଳାପାଳ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଆରମ୍ଭ

**ଷଠିପୁର, ୯।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁମନ୍ଦିରର ୨୪ତମ ବାର୍ଷିକ କ୍ରୀଡ଼ା ବୈତରଣୀ ନଦୀକୂଳ ବାଲିମେଳା ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ରୁଡିଆ ଗ୍ରାମ ମଙ୍ଗଳ ସମିତିର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଧରଣୀଧର ମିଶ୍ର କ୍ରୀଡ଼ା ପତାକା ଉତ୍ତୋଳନ ଓ ଜ୍ୟୋତି ଗ୍ରହଣ କରି କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ମନ୍ଦିରର ସଭାପତି ବୃନ୍ଦାବନ ସାହୁ, ସମ୍ମାନିତ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସମ୍ପାଦକ ଗୋଲଖ ଚନ୍ଦ୍ର ମାଝୀ, ଶିଶୁ ମନ୍ଦିର ସମ୍ପାଦକ ଦିଲ୍ଲୀପ କୁମାର ଧଳ, ସହସମ୍ପାଦକ ରାଜକିଶୋର ସ୍ୱାଇଁ, ଉପସଭାପତି ଶଙ୍କର୍ଷଣ ପରିଡ଼ା, କୋଷାଧ୍ୟକ୍ଷ କୈଳାସ ସାହୁ ଯୋଗଦେଇଥିଲେ। ପ୍ରଧାନ



ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ-ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ନକୁଳ ଚରଣ ସାହୁ ଓ ସାମରିକା ମିଶ୍ର ଖେଳ ପରିଚାଳନା କରିଥିଲେ। ବାଳ ବର୍ଗ, ଶିଶୁ ବର୍ଗ, କନିଷ୍ଠ, ବିଭାଗ, ବରିଷ୍ଠ ବିଭାଗରେ ଖେଳ କରାଯାଇଥିବାବେଳେ ଛାତ୍ରଛାତ୍ରୀ ୧୦୦ ମିଟର, ୨୦୦ ମିଟର, ୫ ଶହ ମିଟର ଦୌଡ, ଗୋଳା ପିଙ୍ଗା, ଥାଳିଆ ପିଙ୍ଗା, ଉଚ୍ଚଡିଆଁ, ଲମ୍ବଡିଆଁ, ସଙ୍ଗୀତ ଚୌକି, ଗଣିତ ଦୌଡ଼, ଅଖା ଡିଆଁ, ନଦୀବନ୍ଧ ଇତ୍ୟାଦି ବିଭାଗରେ ଅଂଶଗ୍ରହଣ କରିଥିଲେ।

# ସୋଡି ୟୁଜିଏମ୍‌ଇ ବିଦ୍ୟାଳୟରେ ପୋଷାକ ବିତରଣ

**ପାଣିକୋଇଲି, ୯।୧୨(ସମିସ):** କୋରେଇ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋଡି ୟୁଜିଏମଇ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୨୬ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ମାଝି ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେକୃଷ୍ଣ ସାହୁ ଓ ଉପସଭାପତି ସସ୍ମିତା ଖଣ୍ଡାଇ ଯୋଗ ଦେଇଥିଲେ।

# ଶୀତବସ୍ତ୍ର ବଣ୍ଟନ ଓ ରକ୍ତଦାନ ଶିବିର

**୮୧ ୟୁନିଟ୍ ସଂଗୃହୀତ**

**ବ୍ରହ୍ମବରଦା, ୯ ।୧୨(ସମିସ)**

ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତର ଛେନାଖିଆପାଟଣା ଗ୍ରାମର ଅଗ୍ରଣୀ ଅନୁଷ୍ଠାନ ସୁଭାଷ ବୋଷ ୟୁଥ କ୍ଲବ୍‌ର ୩୨ତମ ବାର୍ଷିକ ଉତ୍ସବ ଓ କ୍ଲବର ବରିଷ୍ଠ ସଦସ୍ୟ ପରେଶ କୁମାର ସାହୁ, କୁଶଚନ୍ଦ୍ର ବେହେରା ଓ ଏନ୍. ଦେବାନନ୍ଦ ରାଓଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଓଡ଼ିଶା ମୋ ପରିବାର'ର ମିଳିତ ଆନୁକୂଲ୍ୟରେ ଆଜି ମହିମା ଛକସ୍ଥ ମା'ସିଦ୍ଧେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟତ କରିଥବାବେଳେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଯାଜପୁର ଜିଲ୍ଲା ସଂଯୋଜକ ବିମଳ ଦାସ ଓ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଭାଷ ବୋଷ ୟୁଥ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ବରିଷ୍ଠ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ବ୍ରହ୍ମବରଦା ଓ ଏହା ଆଖପାଖ ଅଞ୍ଚଳର ୧୦୦ରୁ ଉର୍ଦ୍ଧ୍ୱ ଗରିବ, ଅସହାୟ ମହିଳା ଓ



ବୃଦ୍ଧବୃଦ୍ଧାଙ୍କୁ ବିଧାୟକଙ୍କ ଦ୍ୱାରା କ୍ଲବ୍ ପକ୍ଷରୁ ଶୀତବସ୍ତ୍ର ସହ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଆଜିର ଏହି ରକ୍ତଦାନ ଶିବିରରେ ୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବାବେଳେ ଯାଜପୁର ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପାର୍ଥସାରଥି ପୁହାଣ ଓ ତାଙ୍କ ସହଯୋଗୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କ୍ଲବର ସମ୍ପାଦକ ସୁନୀଲ ବେହେରା, କୋଷାଧ୍ୟକ୍ଷ ସୁଧାଂଶୁ ମଣ୍ଡଳ, କ୍ଲବର ଉପଦେଷ୍ଟା ଡକ୍ଟର ପ୍ରଫୁଲ୍ଲ ଗିରି, ବରିଷ୍ଠ ସଦସ୍ୟ ସୁବାସ ମଣ୍ଡଳ, କୃଷ୍ଣଚନ୍ଦ୍ର ସାହୁ, ରାକେଶ ସାହୁ, ଗାଁ ମୁଖିଆ ଅରୁଣ କୁମାର ବେହେରା, ନବଘନ ବେହେରା, ସମାଜସେବୀ ବିପିନ ବିହାରୀ ଦେଓ, ପ୍ରଦୀପ ଦାସ, ରାକେଶ ଦେଓ, ପ୍ରକାଶ ସାହୁ ଉପସ୍ଥିତ ରହିଥିବାବେଳେ ସଦସ୍ୟ ସନାତନ ମଣ୍ଡଳ, ସଚିନ ଗିରି, ଜିତେନ୍ଦ୍ର ଗିରି, ଦିଲ୍ଲୀପ ଗିରି, ନବଘନ ମଣ୍ଡଳ ଓ ଅକ୍ଷୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ଧବଳେଶ୍ୱର କମ୍ୟୁନିଟି ସେଣ୍ଟର ସ୍ଥାନ ପରିବର୍ତ୍ତନକୁ ବିରୋଧ

**ପାଣିକୋଇଲି, ୯।୧୨ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ବରପଦା ଗ୍ରାମର ବାବା ଧବଳେଶ୍ୱରଙ୍କ ନିଜସ୍ୱ ମନ୍ଦିର ଓ ନିଜସ୍ୱ ସମ୍ପତ୍ତି ଥିବାବେଳେ ସେଠାରେ ଧବଳେଶ୍ୱର କମ୍ୟୁନିଟି ସେଣ୍ଟର ନିର୍ମାଣ କରା ନ ଯାଇ ସ୍ଥାନ ପରିବର୍ତ୍ତନ କରାଯାଇଛି। ଏହାକୁ ବିରୋଧ କରି ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ମୂଳାପାଳ ପଞ୍ଚାୟତର ବରପଦା ଗ୍ରାମରେ ବାବା ଧବଳେଶ୍ୱରଙ୍କ ସ୍ଥାୟୀ ମନ୍ଦିର ଓ ନିଜସ୍ୱ ସମ୍ପତ୍ତି ରହିଛି। 'ଆମ ଓଡ଼ିଶା, ନବୀନ ଓଡ଼ିଶା' ମଧ୍ୟରେ ଧବଳେଶ୍ୱର କମ୍ୟୁନିଟି ସେଣ୍ଟର ପାଇଁ ୪ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମିଳିଛି। ଏହି ଅନୁଦାନ ଅର୍ଥରେ ନିର୍ମିତ ହେବାକୁ ଥିବା କମ୍ୟୁନିଟି ସେଣ୍ଟର ଧବଳଶ୍ୱେର ନାମରେ ଥିବା ସ୍ଥାୟୀ ସମ୍ପତ୍ତିରେ କରା ନ ଯାଇ ଅନ୍ୟତ୍ର ଏକ ସର୍ବସାଧାରଣ ସ୍ଥାନରେ କରାଯିବାକୁ ମସୁଧା ଚାଲିଛି। ଯାହାକୁ ନେଇ ବରପଦା ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ନିଜସ୍ୱ ପଟ୍ଟା ଥାଇ ମଧ୍ୟ ବେଆଇନ ଭାବେ ପଟ୍ଟା ନ ଥିବା ସ୍ଥାନରେ ନିର୍ମାଣକୁ ବିରୋଧ କରିଛନ୍ତି ଗ୍ରାମାବସୀ। ଏ ନେଇ କୋରେଇ ବିଡିଓଙ୍କ ନିକଟରେ ନିତ୍ୟାନନ୍ଦ ପରିଡ଼ା, ବାସୁଦେବ ପରିଡ଼ା, ଶଙ୍କର୍ଷଣ ପରିଡ଼ା, ଗୋଲକ ଚନ୍ଦ୍ର ମାଝୀ, ସୁକାନ୍ତ ପରିଡ଼ାଙ୍କ ସମେତ ଗ୍ରାମାବସୀ ଧବଳେଶ୍ୱରଙ୍କ ନିଜସ୍ୱ ଜାଗରେ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବାକୁ ଦାବି କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟିରେ ଜଙ୍ଗଲ

ବାଲିବନ୍ଧ, ୯।୧୨ (ସମିସ)





**ସୂଚନା ଫଳକ ଲଗାଇ ବନ ବିଭାଗ ଚୁପ୍ ବସିଛି**

ଉଜୁଡି ଯାଉଥିବା ଜଙ୍ଗଲକୁ ସଜାଡିବା କିମ୍ବା ସବୁଜ ବଳୟ ସୃଷ୍ଟି କରିବା ପାଇଁ ଅନେକ ଯୋଜନା କରାଯାଉଛି। ସାମାଜିକ ବନୀକରଣ ଦ୍ୱାରା ଖୋଲା ଜମିରେ ଗଛ ଲଗାଇବା, ଗଛର ଯତ୍ନ ନେବା ଏବଂ ବନ ମହୋତ୍ସବ ବା ବନ ଦିବସ ଆଦି ପାଳନ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରଚାର ପ୍ରସାର ଦାୟିତ୍ୱ ବନ ବିଭାଗକୁ ପ୍ରଦାନ କରାଯାଇଛି। ପରିତାପର ବିଷୟ ଆଜି ବନ ବିଭାଗ ବାଟବଣା ହୋଇଯାଇଛି। ବନବିଭାଗର ଅଧିକାରୀଙ୍କ ସମ୍ମୁଖରେ ଜଙ୍ଗଲ ଉଜୁଡି ଯାଉଛି; କିନ୍ତୁ ବନ ବିଭାଗ ସାଜିଛି ନିରବଦ୍ରଷ୍ଟା। କେବଳ ସୂଚନା ଫଳକ ମୂକସାଖୀ ଭାବରେ ଛିଡା ହୋଇଛି। ଦିନ ଦ୍ୱିପହରେ ହେଉଛି ଜଙ୍ଗଲ ଲୁଟ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ରେଞ୍ଜ ଅର୍ନ୍ତଗତ ବାଲିବନ୍ଧ ଓ ବାମେବାରୀ ଫରେଷ୍ଟ ଅଞ୍ଚଳରେ। ବାମେବାରୀ ଫରେଷ୍ଟ ଅଞ୍ଚଳ ମଲଦା ପଞ୍ଚାୟତର ନାଣ୍ଡିଝରୀ (ଡିପିଏଫ୍)ର ୯୬.୩୧୫ ହେକ୍ଟର ପରିମିତ ଜଙ୍ଗଲ ସଫା ହେବାରେ ଲାଗିଛି। ଏହା ବ୍ୟତିତ ବସନ୍ତପୁର ଓ ନୟାଗଡ଼ ପଞ୍ଚାୟତର ନୟାଗଡ଼, ପୁରୁଣାପାଣି, ଜାମିରିଡିହି, କାଳିଆପାଳ, ଜଗଦଳା, ଧର୍ନୁଜୟପୁର, ନାଣ୍ଡିଝରୀ, କାଶିଆ, ଲୁଣଗାଡ଼ିଆ, କେନ୍ଦୁବଣିଆ, କାଇଯୋଡ଼ା ଏବଂ ବାଲିବନ୍ଧ ଫରେଷ୍ଟ ଅଞ୍ଚଳର ନାଉପାଣି, କନକନା, ହରିଡ଼ାଯୋଡ଼ି, ବ୍ରାହ୍ମଣୀଝରି, କଙ୍କଡାଯୋଡ଼ି ଓ କୁଟୁଗାଁ, ଜୟପୁର, ଚମ୍ପାଡିହି ଅଞ୍ଚଳରୁ ପ୍ରତ୍ୟେକ ଦିନ ଖୁଲମଖୋଲା ଗଛ କଟା ଚାଲିଛି। କାଠ ମାଫିଆମାନେ ଜଙ୍ଗଲକୁ ଯାଇ ପ୍ରଥମ ଦିନ କିଛି ଗଛ କାଟି ଦେଉଛନ୍ତି ଏବଂ ୨/୩ ଦିନ ପରେ ଉକ୍ତ ଗଛ ସବୁକୁ ବିକ୍ରି କରିଦେଉଥିବା ଦେଖାଯାଉଛି। ଉକ୍ତ ଅଞ୍ଚଳରେ କାଠ ମାଫିଆମାନଙ୍କ ଦୌରାତ୍ମ୍ୟ ଲାଗି ରହିଥିବା ବେଳେ ସେ ଅଞ୍ଚଳରେ ଥିବା ସଂରକ୍ଷିତ ଜଙ୍ଗଲ ଏବଂ ଗ୍ରାମ୍ୟ ଜଙ୍ଗଲ ସମ୍ପୂର୍ଣ୍ଣ ସଫା ହୋଇଗଲାଣି।

ଜଙ୍ଗଲ ସଫା ହେବାରୁ ବନ୍ୟଜନ୍ତୁ ବିପଦରେ ପଡୁଛନ୍ତି। ଏ ସମସ୍ତ ଘଟଣା ବନ ବିଭାଗର କର୍ମଚାରୀଙ୍କ ଜାଣତରେ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରୁଛନ୍ତି। ବନବିଭାଗ ପକ୍ଷରୁ କଡ଼ାକଡ଼ି ପାଟ୍ରୋଲିଂ ହେଉନଥିବା ଏବଂ ଡିୟୁଟିରେ ଥିବା କର୍ମଚାରୀ କୌଣସି ନିଛାଟିଆ ଜାଗାରେ ବସି ବିଶ୍ରାମ ନେବା ଆଦି ଜଙ୍ଗଲ ଧ୍ୱଂସକାରୀ ବ୍ୟକ୍ତିବିଶେଷଙ୍କୁ ପରୋକ୍ଷରେ ସହଯୋଗର ହାତ ବଢ଼ାଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ଶହ ଶହ ସାଇକଲ ଲୋଡ୍ ଜାଳେଣି କାଠ ଝୁମ୍ପୁରା ବଜାର, ବାଲିବନ୍ଧ, କଟଲପଶି ଛକ, ରିମୁଳି, ପର୍ଶଳା ଆଦି ଅଞ୍ଚଳ ଏବଂ ୨୦ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଢାବା ଗୁଡିକରେ ବିକ୍ରି କରାଯାଉଛି। ବେନିୟମ ଭାବେ ଦିନ ଦ୍ୱିପହରେ ଖୁଲମ୍ ଖୋଲା କାଠ ବିକ୍ରି ହେଉଥିଲେ ମଧ୍ୟ ବନବିଭାଗ ପକ୍ଷରୁ କାହାରି ବିରୋଧରେ କିଛି ବି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବନବିଭାଗ ଅଧିକାରୀଙ୍କୁ ଖବର ଦେଲେ 'ଲୋକ ପଠାଉଛୁ' କହି ଚୁପ୍ ବସିଯାଉଛନ୍ତି। ଏନେଇ ବାମେବାରି ଫରେଷ୍ଟର ରତ୍ନାକର ମହାନ୍ତଙ୍କ ମତାମତ ଲୋଡ଼ିବାରୁ ଘଟଣାକୁ ହାଲୁକା ଭାବେ ନେଇ 'ପାଟ୍ରୋଲିଂ ପିଲା ପଠାଯାଉଛି' ବୋଲି କହିଥିଲେ। ବାଲିବନ୍ଧ ଫରେଷ୍ଟର ବୁଲୁ ନାହାକଙ୍କ ମତାମତ ଲୋଡିବାରୁ 'ଆମେତ ମଝିରେ ମଝିରେ ରେଡ୍ କରୁଛୁ, ବନ କମିଟିକୁ ମଧ୍ୟ ସଚେତନ କରାଯାଇଛି।' ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରୀଆ କହିଲେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହିତ ପଦକ୍ଷେପ ନିଆଯିବ।

## ଚିକିତ୍ସାରେ ଅର୍ଥାଭାବ ସାଜିଛି ବାଧକ



**ଚମ୍ପୁଆ, ୯।୧୨(ସମିସ):** ଚମ୍ପୁଆ ବ୍ଲକ ରିମୁଳି ପଞ୍ଚାୟତର ପୋଲିଓ ଆକ୍ରାନ୍ତ ୪୧ ବର୍ଷୀୟ ହୃଦାନନ୍ଦ ନାଏକଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ସୂଚନାନୁଯାୟୀ, ରିମୁଳି ପଞ୍ଚାୟତର ଗଜେନ୍ଦ୍ର ନାଏକଙ୍କ ପୁଅ ହୃଦାନନ୍ଦ ୮ ବର୍ଷ ତଳେ ପୋଲିଓ ରୋଗରେ ଆକ୍ରାନ୍ତ ହୋଇଥିଲେ। ଗୋଡ଼ ଓ ହାତ ଠିକ ଭାବରେ ଚଳୁ ନଥିବା ବେଳେ ଘର ଲୋକ ବିଭିନ୍ନ ସ୍ଥାନରେ ତାଙ୍କର ଚିକିତ୍ସା କରାଇବା ଦ୍ୱାରା ସେ ପ୍ରାୟ ୭୦ ଭାଗ ସୁସ୍ଥ ହୋଇଥିଲେ। ବର୍ତ୍ତମାନ ତାଙ୍କର ଡାହାଣ ହାତ କାମ କରୁନଥିବା ବେଳେ ପୂର୍ବରୁ ସ୍ୱଷ୍ଟ ଭାବେ କଥା କହୁଥିବା ହୃଦାନନ୍ଦ ଏବେ ଠିକ୍ ଭାବରେ କଥା କହିପାରୁ ନାହାନ୍ତି। ହୃଦାନନ୍ଦଙ୍କ ପାଇଁ ଫିଜିଓଥରାପି ଚିକିତ୍ସାର ଆବଶ୍ୟକ ରହିଛି। ମାତ୍ର ଅର୍ଥ ଅଭାବ ସାଙ୍ଗକୁ ପରିବାର ପ୍ରତିପୋଷଣର ଚିନ୍ତା ତାଙ୍କୁ ବ୍ୟତିବ୍ୟସ୍ତ କରୁଛି। ଅନ୍ୟପକ୍ଷରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଫିଜିଓଥରାପି ବ୍ୟବସ୍ଥା ରହିଥିଲେ ମଧ୍ୟ ବାକ୍‌ଶକ୍ତି ପାଇଁ ଆବଶ୍ୟକ ଫିଜିଓଥରାପିଷ୍ଟ ନାହାନ୍ତି। ଫଳରେ ତାଙ୍କୁ ଦୂର ଚିକିତ୍ସାଳୟକୁ ଯିବାକୁ ପଡ଼ିଥିବା ବେଳେ ଅର୍ଥ ଅଭାବ ଯୋଗୁଁ ସେ ଯାଇପାରୁ ନଥିବା ସୂଚନା ଦେଇଛନ୍ତି। ଏନେଇ ସ୍ଥାନୀୟ ଉପଜିଲ୍ଲାପାଳ ସୁକାନ୍ତ ମାଝୀଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ, ହୃଦାନନ୍ଦଙ୍କୁ ରେଡ୍‌କ୍ରସ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବା ସହ ଯାତାୟତ ପାଇଁ ପାସ୍ ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ଚମ୍ପୁଆ ଉପଖଣ୍ଡ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଭୋଳାନାଥ ମହାନ୍ତି ମଧ୍ୟ ଚିକିତ୍ସା ପାଇଁ ଯାତାୟତ କରିବାକୁ ଥିବା ବସ୍ ଗୁଡ଼ିକରେ ରିହାତି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଟ୍ରକ୍ ଧକ୍କାରେ ମହିଳା ମୃତ

ତେଲକୋଇ, ୯।୧୨(ସମିସ): ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଜେମା ମଣି ମୁଣ୍ଡା। ତେଲକୋଇ ଥାନା ରାଇସୁଆଁ ପଞ୍ଚାୟତ ବୀରବରପୁର ଗ୍ରାମରେ ଘଟିଛି ଏହି ଅଭାବନୀୟ ଘଟଣା। ତେବେ ସୂଚନା ମୁତାବକ ଜେମାମଣି ତାଙ୍କ ସ୍ୱାମୀ ଲକ୍ଷ୍ମଣ ମୁଣ୍ଡାଙ୍କ ସହିତ ଏକ ଏକୋଇସା ଉତ୍ସବରେ ଯୋଗଦେଇ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ତାଳଚେର ଅଞ୍ଚଳରୁ ଇଟା ବୋଝେଇ କରି ଆସିଥିବା (ଓଆର୧୪ଏମ୍ ୦୯୩୫) ନମ୍ବର ବିଶିଷ୍ଟ ଟ୍ରକ ତାଙ୍କୁ ବୀରବରପୁର ବିଦ୍ୟାଳୟ ନିକଟରେ ଧକ୍କା ଦେଇଥିଲା। ଟ୍ରକ୍ ଚକ ତଳେ ଚାପି ହୋଇ ଘଟଣାସ୍ଥଳରେ ହିଁ ସ୍ୱାମୀ ଆଗରେ ସ୍ତ୍ରୀର ଜୀବନ ଚାଲିଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

**ଘଷିପୁରା, ୯ ।୧୨(ସମିସ):** ଘଷିପୁରା ବ୍ଲକ ଜନାର୍ଦ୍ଦନପୁର ପାଟଣା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବେହେରାଙ୍କୁ ଆଜି ବିଦ୍ୟାଳୟ ପକ୍ଷରୁ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନୀତ ଅତିଥି ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସରପଞ୍ଚ ପ୍ରିୟବ୍ରତ ବରାଳ, ସ୍ଥାନିୟ ବରାଙ୍ଗ ସିଆରସିସି ବିଶିକେଶନ ଭୂୟାଁ, ରାମଚନ୍ଦ୍ରପୁର ସିଆର୍‌ସିସି ହିମାଂଶୁ ଜେନା, ସାହିତ୍ୟିକ ହଳଧର ପଣ୍ଡା, ଶିକ୍ଷାବିତ୍ ସନ୍ତୋଷକୁମାର ରାଉତ, ବ୍ୟଙ୍ଗକବି ଘନଶ୍ୟାମ ବୋଇତେଇ ପ୍ରମୂଖ ଯୋଗଦେଇଥିଲେ। ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉପଢୌକନ ଏବଂ ଉପହାର ସହିତ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯିବା ପରେ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ବିଦାୟୀ ସମ୍ବର୍ଦ୍ଧନା ସଭା ପରିଚାଳନାରେ ଗ୍ରାମବାସୀଙ୍କ ପକ୍ଷରୁ ରବୀନ୍ଦ୍ର କୁମାର ସ୍ୱାଇଁ, ସୁରେଶକୁମାର ରାଉତ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକ



**ଆନନ୍ଦପୁର, ୯।୧୨(ସମିସ):** ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର କବି (୭୭)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପ୍ରଦୀପ, ନାତି ନାତୁଣୀ, ଝିଅ, ଜ୍ୱାଇଁଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ସ୍ୱର୍ଗତ କବିଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସ୍ୱର୍ଗତ କବିଙ୍କ ପରଲୋକରେ ଛାତ୍ର ଲଳିତ ନାୟକ, ଅଶୋକ ସାହୁ, ଦୀପ୍ତି ବଳ, ଶୁଭାଶିଷ ପାଢ଼ୀ, ରାମଚନ୍ଦ୍ର ପାତ୍ର, ଦେବରଞ୍ଜନ ସାହୁ, ସୌରଭ ପଣ୍ଡା, ଜଗବନ୍ଧୁ ସାହୁ, ସତ୍ୟବ୍ରତ ରାମ, ସଞ୍ଜୟ ଦଳେଇ, ଅଭିମନ୍ୟୁ ଜେନା, ବାବାଜୀ ନନ୍ଦୀ, ଧମେନ୍ଦ୍ର ମଲ୍ଲିକ, ଦିପୁ ପାତ୍ର, ମନୋଜ ମହାନ୍ତ, ପିଙ୍କୁଲ ମିଶ୍ର, ମୁକ୍ତିକାନ୍ତ ପଣ୍ଡା, ପ୍ରଶାନ୍ତ ସାହୁ, ଆଦିତ୍ୟ ମୋହନ ନାଏକ, ପୁପୁନ ହୋତା, ତପୁନା ପଟ୍ଟନାୟକ, ଶୁଶାନ୍ତ ସାହୁ, ଦିନେଶ ପାଢ଼ୀ, ହରମୋହନ ପତି, କୁଳମଣି ମହାରଣା, ପ୍ରତାପ ପୁହାଣ, ସଂଗ୍ରାମ ମଙ୍ଗଳ, ମହେଶ୍ୱର ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ ଘଷିପୁରା ବ୍ଲକ ଅନ୍ତର୍ଗତ ମଦନପୁର ପଞ୍ଚାୟତ ଖଣ୍ଡଦୋଲି ଗ୍ରାମର ଏହି ଆଦର୍ଶ ଶିକ୍ଷକ ଘଷିପୁରା ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟରେ କର୍ମମୟ ଜୀବନ ଆରମ୍ଭ କରିଥିବା ବେଳେ ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରି ଅଞ୍ଚଳରେ ପ୍ରିୟପାତ୍ର ହୋଇପାରିଥିଲେ।

## ଯୁବକଙ୍କ ପରଲୋକ



**ହାଟଡିହି, ୯।୧୨(ସମିସ):** ହାଟଡିହି ବ୍ଲକ ଡଅଁର ପଞ୍ଚାୟତ ସରଳା ଗ୍ରାମର ନିର୍ମଳ ବେହେରା(୪୯)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ଓ ମେଳାପି ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

## ୨୪ରେ ତରତରା ଆନ୍ତଃ ରାଜ୍ୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ଆନନ୍ଦପୁର, ୯।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ଗ୍ରାମର ମା' ତାରିଣୀ ଫୁଟୁବଲ କ୍ଲବ୍ ଆନୁକୂଲ୍ୟରେ ୨୪ ତମ ଆନ୍ତଃରାଜ୍ୟ ଫୁଟୁବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୪ ଡିସେମ୍ବରରୁ ଆରମ୍ଭ ହେବବୋଲି ଜଣାଯାଇଛି। ମା'ତାରିଣୀ ଫୁଟୁବଲ କ୍ଲବ୍ ଆନୁକୂଲ୍ୟରେ ଫୁଟବଲ୍ ଖେଳର ବିକାଶ ନେଇ ଦୀର୍ଘ ୨୪ ବର୍ଷ ଧରି ତରତରା ଖେଳ ପଡ଼ିଆରେ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ଓଡ଼ିଶା, କଲିକତା, ଝାଡ଼ଖଣ୍ଡ, ବିହାର ଓ ନେପାଳ ସହିତ ୮ ଗୋଟି ପୁରୁଷ ଦଳ ଭାଗ ନେବେ। ୨୪ ତାରିଖରେ ଉଦଘାଟନୀ ମ୍ୟାଚ କଲିକତାର କିଟ୍ ଫୁଟୁବଲ୍ ଏକାଡେମୀ ଓ ବିଏଫ୍‌ସି କୁଚିଣ୍ଡା ମଧ୍ୟରେ ଖେଳ ହେବ। ଆନନ୍ଦପୁର ଉପଖଣ୍ଡର ସମସ୍ତ ଫୁଟବଲ୍ ପ୍ରେମୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଖେଳକୁ ଉପଭୋଗ କରିବା ପାଇଁ ମା' ତାରିଣୀ ଫୁଟବଲ୍ କ୍ଲବର ସଭାପତି ସୁବ୍ରତ କୁମାର ସାମଲ ଅନୁରୋଧ କରିଛନ୍ତି।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା



**ପାଟଣା, ୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବନ ରେଞ୍ଜ ଅନ୍ତର୍ଗତ ପୋଇପାଣି ଗ୍ରାମର ତୁଳସୀ ମହାରଣା (୪୫)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ଗତ ୪ ତାରିଖରେ ସ୍ଥାନୀୟ ସାପ୍ତାହିକ ହାଟ ଡୁମୁରିଆରୁ ଫେରୁଥିବା ବେଳେ ତାଙ୍କୁ ଏକ ହାତୀ ଆକ୍ରମଣ କରିଥିଲା। ଗତ ୭ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେଠାରୁ ମୃତଦେହ ତାଙ୍କ ଗ୍ରାମକୁ ଅଣାଯିବା ପରେ ମୃତକଙ୍କ ପରିବାରକୁ ଆଜି ପାଟଣା ବନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ପାଟଣା ବନ ବିଭାଗର ଅଧିକାରୀମାନେ ତାଙ୍କ ଘରକୁ ଯାଇ ସ୍ୱର୍ଗତ ତୁଳସୀଙ୍କ ସ୍ୱାମୀ ଗୁରୁଚରଣ ମହାନ୍ତଙ୍କୁ ୬୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମସ୍ତ କାଗଜପତ୍ର ଜମା କରିବା ପରେ ଆଉ ୫ଲକ୍ଷ ୪୦ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ପିଅନ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ରଣଜିତ ନାୟକ, ତୋରାଣୀପୋଖରି ପଞ୍ଚାୟତର ସରପଞ୍ଚ ଜନାର୍ଦ୍ଦନ ନାଏକ, ଧନୁର୍ଜୟ ମହାନ୍ତ, ନିରଞ୍ଜନ ସାହୁ, ସତ୍ୟାନନ୍ଦ ଦାସ, ଲକ୍ଷ୍ମୀଧର ଦାସ, ଜିତେନ୍ଦ୍ର ବାରିକ, ପଦ୍ମଚରଣ ମହାନ୍ତ, ନରେଶ ଲୋହାର ପ୍ରମୁଖ ସାମିଲ ହୋଇଥିଲେ।

## ତାରିଣୀଙ୍କ ନୂତନ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା



**ଯୋଡା, ୯।୧୨(ସମିସ):** ଯୋଡ଼ା ପୌରପାଳିକା ଅନ୍ତର୍ଗତ କମାରଯୋଡ଼ା ଠାରେ ମା' ତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ କରାଯାଇଛି। ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ପରେ ମା'ଙ୍କର ଏହି ବିଗ୍ରହ ସ୍ଥାପନ କରାଯାଇଛି। ଏ ନେଇ ସମଗ୍ର କମାରଯୋଡ଼ା ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଶହ ଶହ ସଂଖ୍ୟାରେ ଏହି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇ ମା'ଙ୍କର କୃପା ଭିକ୍ଷା କରିଛନ୍ତି। ସୂଚନା ଯୋଗ୍ୟ, ୨୦୧୦ ମସିହା ଠାରୁ ଯୋଡ଼ା-ଜୁରୁଡ଼ି ରାଜ୍ୟ ରାଜପଥ କଡ଼ରେ କମାରଯୋଡ଼ା ଠାରେ ମା'ଙ୍କ ମନ୍ଦିର ସ୍ଥାପନା କରାଯାଇ ପୂଜା ଅର୍ଚ୍ଚନା କରାଯାଇଆସୁଥିଲା। ତେବେ ଏହାରି ଭିତରେ ରାଜପଥ ଉପରେ ଫ୍ଲାଏଓଭର ନିର୍ମାଣ ଏବଂ ରାଜପଥ ସମ୍ପ୍ରସାରଣ ଯୋଗୁଁ ମା'ଙ୍କ ମନ୍ଦିରକୁ ସେଠାରୁ ସ୍ଥାନାନ୍ତରିତ କରିବାକୁ ପଡ଼ିଥିଲା। ଫଳରେ ମା'ଙ୍କ ପୂଜାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ନୂତନ ମନ୍ଦିର ପ୍ରତିଷ୍ଠା ପରେ ମା'ଙ୍କ ପୂଜା ଯଥାବିଦ୍ଧି କରାଯାଇପାରିବ ବୋଲି କମାରଯୋଡା ମା' ତାରିଣୀ ମନ୍ଦିର କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ମନ୍ଦିର ନିର୍ମାଣ ନିମନ୍ତେ ଫ୍ଲାଏଓଭର ନିର୍ମାଣ ଠିକା ସଂସ୍ଥା ଚେଭରକ୍ସ, ଯୋଡ଼ା ଟ୍ରକ୍ ମାଲିକ ସଂଘ, ବିଆରପିଏଲ, ଏମଆଇପିଏଲ୍, ସାହାରା, ଏନଇସିସି ପ୍ରମୁଖ ଠିକା ସଂସ୍ଥା ମନ୍ଦିର ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେଇଥିବା ଜଣାପଡ଼ିଛି। କମାରଯୋଡ଼ା ଗ୍ରାମବାସୀଙ୍କ ସହଯୋଗକ୍ରମେ ଏହି ନୂତନ ମନ୍ଦିର ତିଆରି ହୋଇ ମା'ଙ୍କ ବିଗ୍ରହ ସ୍ଥାପନ କରାଯାଇଥିବା ସୂଚନା ମିଳିଛି।

## ସାଇବର ସଚେତନତା ଶିବିର

**ଆନନ୍ଦପୁର, ୯।୧୨(ସମିସ):** ଆନନ୍ଦପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଆନନ୍ଦପୁର ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ରୁପ୍ତିରାଣୀ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଏସଡିପିଓ ପ୍ରଶାନ୍ତ ବେହେରା, ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଏବଂ ସ୍କୁଲ ପରିଚାଳନା କମିଟିର ଚେୟାରମ୍ୟାନ ସତ୍ୟବ୍ରତ ରାମ ଯୋଗ ଦେଇ ଉପସ୍ଥିତ ଥିବା ଛାତ୍ରୀମାନଙ୍କୁ ନିଜର ମୋବାଇଲ ପାସୱାର୍ଡ ନଦେବା ବ୍ୟକ୍ତିଗତ ତଥ୍ୟ ଓ ଫୋଟୋ ଇଣ୍ଟରନେଟ୍‌ରେ ସେୟାର କରିବା ସମୟରେ ସତର୍କ ରହିବା, ଇ-ମେଲ ମ୍ୟାସେଜ ପ୍ରତି ସତର୍କ ଅବଲମ୍ବନ କରିବା ଭଳି ଉପଦେଶ ମାନ ପ୍ରଦାନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ଆନନ୍ଦପୁର ପୁଲିସ ପକ୍ଷରୁ ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ବାଳିକା ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ପୂର୍ବତନ ସେନା କର୍ମଚାରୀଙ୍କ ପରଲୋକ



**ହାଟଡିହି, ୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଗୋପ ଗ୍ରାମର ପୂର୍ବତନ ସେନା କର୍ମଚାରୀ ତଥା ପୂର୍ବତନ ହାଟଡିହି ସରପଞ୍ଚଙ୍କ ସ୍ୱାମୀ କଳ୍ପତରୁ ସେଠୀ (୫୩)ଙ୍କର ଗତକାଲି ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ସେନା କର୍ମଚାରୀ ଭାବେ ଅବସର ନେବା ପରେ ଗାଁରେ ରହି ଲୋକମାନଙ୍କ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଧର୍ମପତ୍ନୀଙ୍କୁ ସରପଞ୍ଚ ପ୍ରାର୍ଥୀ କରି ହାଟଡିହି ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ କରାଇଥିଲେ। ଗତକାଲି ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭଦ୍ରକ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳୁ ତାଙ୍କ ମୃତ୍ୟୁ ଖବର ପାଇ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବାବେଳେ ତାଙ୍କ ସମର୍ଥକ ଓ ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଶୋକରଛାୟା ଖେଳିଯାଇଥିଲା। ତାଙ୍କ ମର ଶରୀର ଆସିବା ବାଟରେ ଓରାଳି ଛକ ଠାରୁ ବସନ୍ତିଆ, ମରେଇଗାଁ, ହାଟଡିହି ଆଦି ବିଭିନ୍ନ ଛକରେ ତାଙ୍କ ମରଶରୀର ଆସୁଥିବା ଗାଡିକୁ ଅଟକାଇ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିଥିଲେ। ଏହି ସମୟରେ ବିଧାୟକ ଭାଗିରଥି ସେଠୀ, ହାଟଡିହି ପଞ୍ଚାୟତ ସରପଞ୍ଚ ଚିନ୍ମୟ ନାୟକ, ପୂର୍ବତନ ବିଧାୟକ ମାୟାଧର ଯେନା, ଆଲୋକ ସେଠୀ, ଚିତ୍ତ ପାତ୍ର, ବୁଦ୍ଧଦେବ ଜେନା, ବିଜୟ ରାଉତ, ଟୁଟୁ ପାତ୍ର, ଶାନ୍ତନୁ ସେଠୀ, ବିମ୍ବାଧର ବିଶ୍ୱାଳ, ସୁରେନ୍ଦ୍ର ଜେନା, ଅଧର ବେହେରା, ଶଶିକାନ୍ତ ରାଉତ, ନିତ୍ୟାନନ୍ଦ ପହି, ଅମରେନ୍ଦ୍ର ଧଳ, ଜଗା ଦେବତା, ମାଧ ଚକ୍ର ପ୍ରମୁଖ ଶହ ଶହ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।

## କୁହୁଡିର ଧଳା ଚାଦର ତଳେ ପାଟଣା



**ଡୁରୁମୁଙ୍ଗା, ୯।୧୨(ସମିସ):** କୁହୁଡିର ଧଳା ଚାଦର ତଳେ ପାଟଣା ଅଞ୍ଚଳ। ଶନିବାର ସକାଳୁ ସକାଳୁ ରାଜପଥରେ କୁହୁଡିର ଆସ୍ତରଣ ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳରେ ଘନ କୁହୁଡି ଯୋଗୁ ସକାଳୁ ସକାଳୁ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଥିଲା। ସେହିପରି ମର୍ଣ୍ଣିଂ ୱାର୍କ ପାଇଁ ଲୋକେ ସମସ୍ୟାରେ ପଡ଼ିଛନ୍ତି। କୋହଲା ପାଗ ଯୋଗୁଁ ଲୋକେ ଘରୁ ବାହାରି ପାରୁନାହାନ୍ତି ମୁହଁକୁ ମୁହଁ ଦୃଶ୍ୟମାନ ହେଉ ନଥିବାରୁ ଗାଡ଼ି ମଟର ଚଳାଚଳରେ ବାଧା ସୃଷ୍ଟି ହୋଇଛି। କେନ୍ଦୁଝର ପାଟଣା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ବମ୍ବେ କଲିକତା ଏବଂ ୨୨୦ ନମ୍ବର ରାଞ୍ଚି ବିଜୟ ୱାଡ଼ା ଜାତୀୟ ରାଜପଥରେ ଗାଡି ଚଳାଚଳରେ ସମସ୍ୟା ଦେଖା ଦେଇଥିଲା। ସେପଟେ ଲଘୁଚାପ ଜନିତ ବର୍ଷା ଛାଡିବା ପରେ ଥଣ୍ଡା ସାମାନ୍ୟ ବଢ଼ିଥିବା ବେଳେ ଥଣ୍ଡାରୁ ରକ୍ଷା ପାଇଁ ଚା' ଦୋକାନରେ ଲୋକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି।

**ଜାତୀୟ ରାଜପଥକୁ ଲାଗିଛି ଗ୍ୟାରେଜ**

# ମୃତ୍ୟୁଯନ୍ତା ହେଲାଣି ଖପରାଖାଇ ବାଇପାସ୍

ଆନନ୍ଦପୁର, ୯।୧୨(ସମିସ)



୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଗାଡ଼ି ଗ୍ୟାରେଜ ଲାଗି ରହିଥିବାରୁ ଏହା ଅନେକ ଦୁର୍ଘଟଣାର କାରଣ ହୋଇଥିବା ବେଳେ ଗ୍ୟାରେଜ ଯୋଗୁ ଖପରାଖାଇ ବାଇପାସ୍ ଏବେ ଡେଞ୍ଜର ଜୋନ୍‌ରେ ପରିଣତ ହେଲାଣି। ଜାତୀୟ ରାଜପଥରୁ ସର୍ଭିସ ରୋଡ୍‌କୁ ଓ ସର୍ଭିସ ରୋଡରୁ ଜାତୀୟ ରାଜପଥକୁ ସଂଯୋଗ ଏବଂ ଏହି ସ୍ଥାନରେ ଜାତୀୟ ରାଜପଥ ଅତିକ୍ରମ କରିବା ଅତ୍ୟନ୍ତ ବିପଦଜନକ ହୋଇପଡ଼ିଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଜାତୀୟ ରାଜପଥରେ ଦୁର୍ଘଟଣାକୁ ଏଡାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ପ୍ରଶାସନିକ ସର୍ଭେ କରାଯାଇଥିଲା। ପରିଦର୍ଶନ କାଳରେ ପ୍ରଶାସନିକ ଅଧିକାରୀମାନେ ଯେଉଁ କେତେକ ଦୁର୍ଘଟଣା ପ୍ରବଣ ସ୍ଥାନରେ ଟ୍ରାଫିକ ସମସ୍ୟାର ଅନୁଧ୍ୟାନ କରିଥିଲେ ସେଥିମଧ୍ୟରୁ ଖପରାଖାଇ ବାଇପାସ ଗ୍ୟାରେଜ ଛକ ଅନ୍ୟତମ। ତେବେ ବ୍ଲାକସ୍ପଟ ଭାବେ ବିବେଚନା କରାଯାଉଥିବା ଖପରାଖାଇ ବାଇପାସ୍ ଗ୍ୟାରେଜ ଛକ ନିକଟରେ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଯଥାଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ ନକଲେ ନିକଟ ଭବିଷ୍ୟତରେ ଏହା ଚିନ୍ତାର କାରଣ ହୋଇପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଜର୍ଦା ଛକଠାରୁ ତମାମ ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ପାର୍କିଂ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଥିବାରୁ ଏଦିଗରେ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରୁନଥିବାରୁ ୨୦ ନଂ ଜାତୀୟ ରାଜପଥରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ୨୦ ନମ୍ବର ଜାତୀୟ ରାଜପଥର ଘସିପୁରା ଥାନା ଶାଳପଡ଼ା, ଖପରାଖାଇ, ଗୋହିରା ବ୍ୟାରେଜ ଛକକୁ ବ୍ଲାକସ୍ପଟ ଅଞ୍ଚଳ ଭାବେ ଚିହ୍ନଟ କରି ଏହି ସ୍ଥାନମାନଙ୍କରେ ଦୁର୍ଘଟଣାକୁ ରୋକିବା ପାଇଁ ଆଶୁ ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ି ଚଳାଚଳ କରୁଛି। ଶାଳପଡ଼ା ଓଭର ବ୍ରିଜ ଉପରେ ଏକ କିମି ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ଗୋଟିଏ ପାର୍ଶ୍ୱ ରାସ୍ତାରେ ଗାଡ଼ି ମୋଟର ଚଳାଚଳ କରୁଥିବାରୁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ୫ ବର୍ଷ ମଧ୍ୟରେ ଅଧାଗଢା ରାସ୍ତାରେ ଦୁର୍ଘଟଣାର ଶିକାର ହୋଇ ୧୫ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ଅନେକ ଗୁରୁତର ହୋଇଛନ୍ତି। ବିଶେଷ କରି ଲୁହାପଥର ବୋଝେଇ ଟ୍ରକ୍ ଗୁଡିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏଣୁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବା ଘଟଗାଁଠାରୁ ଶାଳପଡ଼ା ପର୍ଯ୍ୟନ୍ତ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଟ୍ରାଫିକ ସତର୍କ ସୂଚନା ଓ ଏରୋ ମାର୍କ ହମ୍ପସ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ଆଜିଠୁ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା

# ଏକାଧିକ ପଦକ ଆଶାରେ ଓଡ଼ିଶା

ଭୁବନେଶ୍ୱର, ୯ ।୧୨ (ସମିସ): ସର୍ବପ୍ରଥମ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ପ୍ରତିଯୋଗିତା ରବିବାରଠାରୁ ଦିଲ୍ଲୀରେ ଆରମ୍ଭ ହେବାକୁ ଯାଉଛି। ୧୫ ଜଣ କ୍ରୀଡ଼ାବିତ୍‌ଙ୍କୁ ନେଇ ଏକ



ଶକ୍ତିଶାଳୀ ଓଡ଼ିଶା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଡିସେମ୍ବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା କ୍ରୀଡ଼ାବିତ୍ ୩ଟି ବିଭାଗରେ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲା ପାରା ପାରା ଶକ୍ତିଉତ୍ତୋଳନ, ପାରା ବ୍ୟାଡ଼ମିଣ୍ଟନ ଓ ପାରା ଦୌଡ଼କୁଦ। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ଏକାଧିକ ପଦକ ଜିତିବ ବୋଲି ଆଶା କରାଯାଉଛି।

ଡିଫେଣ୍ଡିଂ ଅଲିମ୍ପିକ ଓ ଏସୀୟ କ୍ରୀଡ଼ା ଚାମ୍ପିଅନ ପ୍ରମୋଦ ଭଗତଙ୍କ ସମେତ ଦୀପରଞ୍ଜନ ବିଶୋଇ, ନୁରୂଲ ହୋସେନ ଖାନ, ଦିଲେଶ୍ୱର ରାଓ ଓ ଶୁଭ୍ରଜିତ୍ ମହାରଣା ଓଡ଼ିଶା ବ୍ୟାଡ଼ମିଣ୍ଟନ ଦଳରେ ରହିଛନ୍ତି। ତେଣୁ ଓଡ଼ିଶା ଦଳ ବ୍ୟାଡ଼ମିଣ୍ଟନରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରହିଛି। ସେହିଭଳି ଜୟନ୍ତୀ ବେହେରା, ଅର୍ଜୁନ ଭତ୍ରା, ଲାଲପ୍ରସାଦ ସୋରେନ, ପଙ୍କଜ ଭୁଏ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ଓ ସୁଚିତ୍ରା ପରିଡ଼ା ଦୌଡ଼କୁଦ ଦଳରେ ରହିଛନ୍ତି। ଶକ୍ତିଉତ୍ତୋଳନରେ ଦୁଇଜଣ କ୍ରୀଡ଼ାବିତ୍ ଗଦାଧର ସାହୁ ଓ ଚନ୍ଦନ କୁମାର ବେହେରା ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

'ଗତ କିଛିବର୍ଷ ଧରି ଆମେ ଖେଲୋ ଇଣ୍ଡିଆ କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଆସୁଛୁ। ପ୍ରଥମଥର ଲାଗି ଆୟୋଜିତ କରାଯାଉଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାକୁ ନେଇ ବେଶ୍ ଉତ୍ସାହିତ ରହିଛୁ। ଓଡ଼ିଶା ପକ୍ଷରୁ ଏଥିରେ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ଏହା ଆମ ପାଇଁ ଗର୍ବର ମୁହୂର୍ତ୍ତ' ବୋଲି ବ୍ୟାଡ଼ମିଣ୍ଟନ ତାରକା ପ୍ରମୋଦ ଭଗତ ଦିଲ୍ଲୀ ଗସ୍ତ ପୂର୍ବରୁ କହିଛନ୍ତି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ସମସ୍ତ ଖେଳାଳିଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ସପ୍ତାହେ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୩୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧୪୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଭାଗନେବେ। ପାରା ଦୌଡ଼କୁଦ, ସୁଟିଂ, ତୀରନ୍ଦାଜୀ, ଫୁଟ୍‌ବଲ, ବ୍ୟାଡ଼ମିଣ୍ଟନ, ଟେବଲ୍ ଟେନିସ ଓ ଶକ୍ତିଉତ୍ତୋଳନ ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହେବ।

**ରାଜ୍ୟ ଭଲିବଲ ଚାମ୍ପିଅନସିପ**

## ମହିଳା ଫାଇନାଲରେ କିଟ୍-ପୂର୍ବତଟ



ଭୁବନେଶ୍ୱର, ୯ ।୧୨ (ସମିସ): ଦୁଇ ସାଂଗଠନିକ ଦଳ କିଟ ବିଶ୍ୱବିଦ୍ୟାଳୟ ଓ ପୂର୍ବତଟ ରେଳପଥ ମଧ୍ୟରେ ରାଜ୍ୟ ଭଲିବଲ ଚାମ୍ପିଅନସିପ୍‌ର ମହିଳା ବିଭାଗ ଫାଇନାଲ ଖେଳ ଅନୁଷ୍ଠିତ ହେବ। ବୌଦ୍ଧଠାରେ ଶନିବାର ଅନୁଷ୍ଠିତ ସେମିଫାଇନାଲରେ ପୂର୍ବତଟ ରେଲବାଇ ୨-୦ରେ ଜଗତସିଂହପୁର ଜିଲ୍ଲାକୁ ଓ କିଟ୍ ୨-୦ରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କିଟ୍ ୨-୦ରେ ସୁନ୍ଦରଗଡ଼କୁ, କେନ୍ଦ୍ରାପଡ଼ା ୨-୦ରେ ଭୁବନେଶ୍ୱରକୁ, ଜଗତସିଂହପୁର ୨-୦ରେ ପାରାଦୀପକୁ ଓ ପୂର୍ବତଟ ୨-୦ରେ ବଲାଙ୍ଗିରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଉଭୟ ବିଭାଗର ଫାଇନାଲ ମ୍ୟାଚ୍ ସକାଳେ ଖେଳାଯିବ।

### ପୁରୁଷ ଫାଇନାଲରେ କିଟ୍

ପୁରୁଷ ବିଭାଗରେ କିଟ୍ ସହ ସମ୍ବଲପୁରର ଫାଇନାଲ ମୁକାବିଲା ହେବ। ଶନିବାର ଖେଳାଯାଇଥିବା ସେମିଫାଇନାଲରେ କିଟ୍ ୩-୦ରେ ବାଲେଶ୍ୱରକୁ ଓ ସମ୍ବଲପୁର ୩-୦ରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା। ବାଲେଶ୍ୱର ବିପକ୍ଷରେ କିଟ୍ ଏକତରଫା ଭାବେ ମ୍ୟାଚ୍ ଜିତିଥିଲା। ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ କିଟ୍ ୨-୦ରେ ପୁରୀକୁ, ବାଲେଶ୍ୱର ୨-୦ରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ, ମୟୂରଭଞ୍ଜ ୨-୧ରେ ଓଡ଼ିଶା ପୁଲିସ୍‌କୁ ଓ ସମ୍ବଲପୁର ୨-୦ରେ କେନ୍ଦୁଝରକୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ।

## ମହିଳା ଟି-୨୦ରେ ସିରିଜ ହାରିଲା ଭାରତ

ମୁମ୍ବଇ, ୯ ।୧୨ (ଏଜେନ୍ସି): ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଏଠାରେ ଶନିବାର ଖେଳାଯାଇଥିବା ଟି-୨୦ ସିରିଜର ୨ୟ ମ୍ୟାଚରେ ଇଂଲଣ୍ଡ ୪ ୱିକେଟ୍‌ରେ ବିଜୟ ଲାଭ କରିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟି-୨୦ରେ ମଧ୍ୟ ଭ୍ରମଣକାରୀ ଇଂଲଣ୍ଡ ୩୮ ରନରେ ଜିତିଥିଲା। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ଇଂଲଣ୍ଡ ମହିଳା ଦଳ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ସିରିଜର ଅନ୍ତିମ ମ୍ୟାଚ୍ ରବିବାର ଏଠାରେ ଖେଳାଯିବ। ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତୀୟ ଦଳର ବ୍ୟାଟର୍ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଫଳରେ ୧୬.୨ ଓଭରରେ ଭାରତୀୟ ମହିଳା ଦଳ ୮୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜେମିମା ରୋଡ୍ରିଗ୍ସେଜ (୩୦ ରନ) ଓ ସ୍ମୃତି ମନ୍ଧାନା (୧୦)ଙ୍କୁ ଛାଡ଼ିଦେଲେ ଅନ୍ୟ ୯ଜଣ ଖେଳାଳି ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଜବାବରେ ଇଂଲଣ୍ଡ ମହିଳା ଦଳ ୧୧.୨ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା।

## ତମାଣ୍ଡୋ କପ୍ ଫୁଟବଲ ଆଜିଠାରୁ

ଭୁବନେଶ୍ୱର, ୯।୧୨ (ସମିସ): ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ନିଖିଳ ଓଡ଼ିଶା ୨୮ତମ ତମାଣ୍ଡୋ କପ୍ ଫୁଟବଲ ପ୍ରତିଯୋଗିତା ଆସନ୍ତାକାଲି (ରବିବାର)ରୁ ଆରମ୍ଭ ହେବ। ଏଥିରେ ରାଜ୍ୟର ୧୦ଟି ବଛା ବଛା ଦଳ ଭାଗ ନେଉଥିଲାବେଳେ ଏମାନଙ୍କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଗ୍ରୁପ୍-ଏ'ରେ ଅନୁଗୁଳର ଏକେ କ୍ଲବ୍ ପଟାକା, କଟକ କ୍ରୀଡ଼ା ଛାତ୍ରାବାସ, ଜଟଣୀର ଉତ୍କଳ ସ୍ପୋର୍ଟିଂ, ଗଣ୍ଡରପୁର ୟୁନାଇଟେଡ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍, ବୁର୍ଲା ଜ୍ୟୋତିବିହାରସ୍ଥିତ ସମ୍ବଲପୁର ଫୁଟବଲ କ୍ଲବ୍‌କୁ ସ୍ଥାନିତ କରାଯାଇଛି। ଏହି ଗ୍ରୁପ୍‌ର ପ୍ରଥମ ମ୍ୟାଚ୍ ଡିସେମ୍ବର ୧୦ରେ ଅନୁଗୋଳ ସହ କଟକ ଓ ୧୧ରେ ଦ୍ୱିତୀୟ ମ୍ୟାଚ୍ ଜଟଣୀ ସହ ଗଣ୍ଡରପୁର ଖେଳିବ। ଦ୍ୱିତୀୟ ମ୍ୟାଚ୍‌ର ବିଜେତା ସହ ସମ୍ବଲପୁରର ୧୪ରେ ମୁକାବିଲା ହେବ। ଗ୍ରୁପ୍-ଏ'ର ସେମିଫାଇନାଲ ୧୫ରେ ଖେଳାଯିବ।

ସେହିପରି ୧୨ରୁ ଆରମ୍ଭ ହେଉଥିବା ଗ୍ରୁପ୍-ବି'ରେ କଟକର ମା' ମଙ୍ଗଳା କ୍ଲବ ସିଧାସଳଖ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳିବ। ୧୨ରେ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଓ ବିଡାନାସୀର ମା' ଭୂଆଶୁଣି ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ମଙ୍ଗଳା କ୍ଲବ୍ ୧୩ରେ ଖେଳିବ। ୧୭ରେ ଭୁବନେଶ୍ୱର କିଶୋର କ୍ଲବ୍ ଓ ବରଗଡ଼ର ୟୁନାଇଟେଡ କ୍ଲବ୍ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ଗ୍ରୁପ୍‌ର ସେମିଫାଇନାଲ ୧୮ରେ ଖେଳାଯିବ। ଡିସେମ୍ବର ୨୦ରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ଶିବଶକ୍ତି କ୍ଲବ୍ ପକ୍ଷରୁ ସମ୍ପାଦକ ସୂଚନା ଦେଇଛନ୍ତି।

**● କୁଚ୍ ବିହାର ଟ୍ରଫି: ଅର୍‌ବାଜ, ଧୀରଜଙ୍କ ଶତକ**

## ହାଇଦ୍ରାବାଦ୍‌ର ବିଶାଳ ସ୍କୋର


ଅରବାଜ ବେଗ-୧୦୯


ଧୀରଜ ଗୌଡ଼-୧୫୩*

ବରଗଡ଼, ୯ ।୧୨ (ସମିସ): ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ବିପକ୍ଷରେ ଚାଲିଥିବା ୧୯ ବର୍ଷରୁ କମ୍ ୪ ଦିବସୀୟ କୁଚ୍ ବିହାର ଟ୍ରଫିରେ ହାଇଦ୍ରାବାଦ୍ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଶନିବାର ଦ୍ୱିତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣବେଳକୁ ଭ୍ରମଣକାରୀ ହାଇଦ୍ରାବାଦ୍ ୧୧୧ ଓଭରରେ ୬ ୱିକେଟ ହରାଇ ୪୦୩ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଧିନାୟକ ଧୀରଜ ଗୌଡ଼ ସର୍ବାଧିକ ଅପରାଜିତ ୧୫୩ ରନ କରିଥିଲେ। ୧୮୭ ବଲ୍‌ର ଏହି ପାଳିରେ ସେ ୮ ଚୌକା ଓ ୧୧ ଛକା ମାରିଛନ୍ତି। ସେହିଭଳି ଅରବାଜ୍ ବେଗ୍ ୧୦୯ ରନ କରି ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ଅରବାଜ୍ ଓ ଧୀରଜଙ୍କ ମଧ୍ୟରେ ୪ର୍ଥ ୱିକେଟ୍ ଭାଗୀଦାରିରେ ସଂଗୃହିତ ୨୩୭ ରନ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା। ଓଡ଼ିଶା ପକ୍ଷରୁ ଶ୍ରୀରାଜ ପଟ୍ଟନାୟକ, ମହମ୍ମଦ ସୋହେଲ ଖାନ ୨ଟି ଲେଖାଏ ଏବଂ ସମ୍ବିତ ବେଜ୍ ଓ ସାର୍ଥକ ପଣ୍ଡା ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଛନ୍ତି।

**ଇଣ୍ଡିଆନ ଓମେନ୍ସ ଲିଗ୍**

## ଆଜି ସ୍ପୋର୍ଟ୍ସ ଓଡ଼ିଶା-ଇଷ୍ଟ ବେଙ୍ଗଲ ମୁକାବିଲା

ଭୁବନେଶ୍ୱର, ୯ ।୧୨(ସମିସ): ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ) ର ତୃତୀୟ ସଂସ୍କରଣରେ ଓଡ଼ିଶାର ଅନ୍ୟତମ




ଦଳ ସ୍ପୋର୍ଟ୍‌ସ୍ ଓଡ଼ିଶା ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଏରିନାରେ ରବିବାର ମୁକାବିଲା ହେବ। ଏହି ମୁକାବିଲା ଲାଗି ଆମେ ପ୍ରସ୍ତୁତ ବୋଲି ଓଡ଼ିଶା ଦଳର ଅଧିନାୟିକା ମୁନିକା ମିଞ୍ଜ କହିଛନ୍ତି। ଓଡ଼ିଶାରେ ମିଳୁଥିବା ସୁବିଧା ସୁଯୋଗକୁ ଆମେ କାମରେ ଲଗାଇଛୁ। ଇଷ୍ଟ ବେଙ୍ଗଲ ଏକ ଶକ୍ତିଶାଳୀ ଦଳ ବୋଲି ଜାଣିଛୁ। ଏହି ଦଳ ବିପକ୍ଷରେ କିପରି ଖେଳିବାକୁ ପଡ଼ିବ ସେଥିଲାଗି ଆମେ ଯୋଜନା କରିଛୁ ବୋଲି ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମିଞ୍ଜ କହିଛନ୍ତି। ସେହିପରି ଇଷ୍ଟ ବେଙ୍ଗଲ ଅଧିନାୟିକା ପାରୋମିତା ସିଟ୍ ମଧ୍ୟ ସମାନ ପରିମାଣରେ ମତବ୍ୟକ୍ତ କରିଛନ୍ତି। କୋଲକାତା ଫୁଟବଲ ଲିଗ୍‌ରେ ଆମେ ଖେଳି ଅଭିଜ୍ଞତା ହାସଲ କରିଛୁ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଏକ ଅଲଗା ଭେନ୍ୟୁ ଓ ଫର୍ମାଟରେ ଖେଳାଯାଉଛି। ଆମେ ଓଡ଼ିଶା ଦଳର ମୁକାବିଲା କରିବାକୁ ଆଶାବାଦୀ ବୋଲି ସେ କହିଛନ୍ତି।

ପ୍ରଥମଥର ପାଇଁ ଆଇଡବ୍ଲ୍ୟୁଏଲ୍ ଇତିହାସରେ ଘର ଓ ବାହର ଫର୍ମାଟ୍‌ରେ ଦଳଗୁଡ଼ିକ ସେମାନଙ୍କ ମ୍ୟାଚ୍ ଖେଳିବେ। ଆଇଡବ୍ଲ୍ୟୁଏଲ୍‌ର ଏକମାତ୍ର ଦଳ ଭାବେ ସ୍ପୋର୍ଟ୍ସ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଓ କ୍ୟାପିଟାଲ ଫୁଟବଲ ଏରିନାରେ ସ୍ପୋର୍ଟ୍ସ ଓଡ଼ିଶା ତା'ର ଘରୋଇ ମ୍ୟାଚ୍‌ଗୁଡ଼ିକ ଖେଳିବ। ସ୍ପୋର୍ଟ୍ସ ଓଡ଼ିଶା ସମେତ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଏଫ୍‌ସି, ଇଷ୍ଟବେଙ୍ଗଲ ଏଫ୍‌ସି, ଗୋକୁଲମ କେରଳ ଏଫ୍‌ସି, ସେଥୁ ଏଫ୍‌ସି, ହୋପ୍ସ ଏଫ୍‌ସି ଓ କିକ୍‌ଷ୍ଟାର୍ଟ ଏଫ୍‌ସି ପ୍ରତିଦ୍ୱନ୍ଦ୍ୱୀତାରେ ଅବତୀର୍ଣ୍ଣ ହେବେ। ପ୍ରତ୍ୟେକ ଦଳ ଅନ୍ୟ ସହ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳିବେ। ଫଳରେ ସମସ୍ତ ଦଳ ମୋଟ୍ ଉପରେ ୧୨ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଆଇଡବ୍ଲ୍ୟୁଏଲର ଗତ ୨୦୨୨-୨୩ ସଂସ୍କରଣରେ ଶ୍ରେଷ୍ଠ ୮ଟି ଦଳରେ ରହି ଅଭିଯାନ ଶେଷ କରିଥିବାରୁ ସ୍ପୋର୍ଟ୍ସ ଓଡ଼ିଶା ଏଥର ସ୍ୱତଃ ଭାବେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛି।

**ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ**

## ଭୁବନେଶ୍ୱର-କୋଲକାତା ଫାଇନାଲ ଆଜି

ବାରଙ୍ଗ, ୯।୧୨(ସମିସ): ବାରଙ୍ଗ କଲ୍ୟାଣପୁର ଗ୍ରାମ ପଞ୍ଚାୟତର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତାର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ରବିବାର ଖେଳାଯିବାକୁ ଥିବା ସହରାଞ୍ଚଳ ଫାଇନାଲ ମ୍ୟାଚ୍ ଜଗା ୟୁନାଇଟେଡ୍(ଭୁବନେଶ୍ୱର) ସହିତ ନାଇଜେରିଆ ଏକାଦଶ(କୋଲକାତା) ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଗ୍ରାମାଞ୍ଚଳ ବିଭାଗର ଫାଇନାଲ ମଧ୍ୟ ରବିବାର ଅନୁଷ୍ଠିତ ହେବ। ଶନିବାର ଖେଳାଯାଇଥିବା ସହରାଞ୍ଚଳ ବିଭାଗ ସେମିଫାଇନାଲ ମ୍ୟାଚ୍‌ଟି ନାଇଜେରିଆ ଏକାଦଶ (କୋଲକାତା) ସହିତ ବରଗଡ଼ ୟୁନାଇଟେଡ୍ ମଧ୍ୟରେ ହୋଇଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେବାରୁ ୧-୧ରେ ଖେଳ ଅମୀମାଂସିତ ରହିଥିଲା। ଏହାପରେ ଟାଏବ୍ରେକରରେ କୋଲକାତା ୫-୩ ଗୋଲ୍‌ରେ ବିଜୟ ହାସଲ କରି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଅପରପକ୍ଷରେ ଗ୍ରାମାଞ୍ଚଳ ବିଭାଗ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ବଉଳକୁଦ ୧-୦ ଗୋଲ୍‌ରେ ତିନିଘରିଆକୁ ଏବଂ ଦ୍ୱିତୀୟ ସେମିରେ ମା' ମଙ୍ଗଳା କ୍ଲବ୍ (ଗୋଠପୁର) ୨-୦ ଗୋଲରେ ବଜରଙ୍ଗବାଲି କ୍ଲବ୍ (ଘାଟିକିଆ)କୁ ହରାଇଥିଲା।



କଟକ ମହାନଗର ନିଗମର ମେୟର ସୁବାସ ସିଂ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବରେ ସନ୍ତୋଷ ନାଥ, ଅନୁପ ଖୁଣ୍ଟିଆ, କୁନାଲ ରାଉତ, ନିହାରକାନ୍ତ ପଡ଼ିହାରୀ, ପ୍ରସନ୍ନ କୁମାର ସାହୁ, ଜୟନ୍ତୀ ସାହୁ, ଏସ୍.କେ ନୂର୍‌ହାସନ, ଅରୁଣ ସେନାପତି, ସୁପ୍ରିୟା ମଲ୍ଲିକ, ଭାସ୍କର ପଡ଼ିହାରୀ ଓ କ୍ଲବ୍ ସଭାପତି ଲଛମନ ରାଉତଙ୍କ ସହିତ ଗ୍ରାମର ବରିଷ୍ଠ ମୁରବିମାନେ ଯୋଗଦେଇଥିଲେ। ଏହି ମ୍ୟାଚ୍‌ଗୁଡ଼ିକୁ ରେଫରୀ ସୁଦିପ୍ତ ଦାସ, ବ୍ରହ୍ମାନନ୍ଦ ଭୋଇ, ରାଜେନ୍ଦ୍ର ବାରିକ, ପରିଚାଳନା କରିଥିଲେ।

**ନାଲକୋ ଓପନ୍ ଟେନିସ**

## କ୍ରିଷ୍ଟା- ଅଭିପ୍ସା ଫାଇନାଲ

ଭୁବନେଶ୍ୱର, ୯ ।୧୨(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରରେ ଚାଲିଥିବା ନାଲକୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ କ୍ରିଷ୍ଟା ରାଜ ଓ ଅଭିପ୍ସା ଦେହୁରୀ ପରସ୍ପରକୁ ଭେଟିବେ। ଶନିବାର ଖେଳାଯାଇଥିବା ସେମିଫାଇନାଲରେ କ୍ରିଷ୍ଟା ୧୦-୦ରେ ମାରିସା ରାଉତ ଓ ଅଭିପ୍ସା ୧୦-୨ରେ ପ୍ରିୟାଂଶି ପାଣିଗ୍ରାହୀଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।

**ଫାଇନାଲରେ କବୀର:** ପୁରୁଷ ଏକକ ପ୍ରତିଯୋଗିତାରେ କବୀର ହଂସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ସେ ୬-୧, ୬-୩ ସିଧାସଳଖ ସେଟ୍‌ରେ ଏ ପରିଡ଼ାଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଫାଇନାଲରେ ସେ ଏବେ ଦ୍ୱିତୀୟ ସେମିର ବିଜେତା ଦେବାଶିଷ ସାହୁ କିମ୍ବା ପ୍ରତ୍ୟୁଷ ମହାନ୍ତିଙ୍କୁ ଭେଟିବେ। ଅନ୍ୟପଟେ ୧୮ ବର୍ଷରୁ କମ ବାଳକ ଏକକରେ ଏ ଆଚାର୍ଯ୍ୟ ୯-୫ରେ ଏମ୍ ମାହେଶ୍ୱରୀଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଏକକ ସେମିଫାଇନାଲରେ ଅଭିପ୍ସା ଦେହୁରୀ ୮-୦ରେ ଶ୍ରେୟା ମହାପାତ୍ରଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ସେ ଫାଇନାଲରେ ଦ୍ୱିତୀୟ ସେମିର ବିଜେତା ମାରିସା ରାଉତ କିମ୍ବା ସାନବୀ ମହାନ୍ତିଙ୍କୁ ରବିବାର ଭେଟିବେ।

ସେହିପରି ଆଲୋକ ଅଗ୍ନୀବେଶ ଓ ରାଜ ମହାପାତ୍ର, ପ୍ରଶାନ୍ତ ପାତ୍ର ଓ ବିବେକ ତିବ୍ରୱାଲ, ଲୋକନାଥ ମିଶ୍ର ଓ ରାମଚନ୍ଦ୍ର ଟୁଡୁ, ସ୍ନେହାଶିଷ ବେହେରା ଓ ଜିତେନ ମହାନ୍ତି, ଜେ ଏଚ୍ ଚୋଇ ଓ ଆଇଜି ସୋରେନ, ଦୟାଳ ଗଙ୍ଗୱାର ଓ ସାସ୍ୱତ ଜେନା ଭେଟେରାନ ୪୦+ ବର୍ଗ ଯୁଗଳ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

**ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ**

# ଆଜି କୋଲକାତା-ସମ୍ବଲପୁର ଫାଇନାଲ

ଭାପୁର, ୯।୧୨(ସମିସ): କୋଲକାତାର 'ଏ ଆଣ୍ଡ ଏସ୍' କ୍ରିକେଟ ଏକାଡେମୀ ୮ ରନରେ କଟକର ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରି ଏଠାରେ ଚାଲିଥିବା ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ନାଲିସାଗର ଷ୍ଟାଡିୟମରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ ଶନିବାର ଖେଳାଯାଇଥିଲା। ଏଥିରେ ପ୍ରଥମେ ଟସ ଜିତି 'ଏ ଆଣ୍ଡ ଏସ' କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୭ ରନ କରିଥିଲା। ଜବାବରେ କଟକର ରାଇଜିଂ ଷ୍ଟୁଡେଣ୍ଟ ୯ ୱିକେଟ ହରାଇ ୧୭୯ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ତ୍ରିପୁରେଶ ସିଂହ ୩୫ ବଲରେ ୫୮ (୭ ଚୌକା, ୩ ଛକା) ରନ ସହ ବୋଲିଂରେ ୨ ୱିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରବିବାର ଫାଇନାଲ ସମ୍ବଲପୁର ମା ମେଟକାନି କ୍ରିକେଟ କ୍ଲବ ଓ କୋଲକାତା ମଧ୍ୟରେ ଖେଳାଯିବ।




ଆଜିର ମ୍ୟାଚରେ ଅତିଥି ଭାବେ ଖଣ୍ଡପଡ଼ା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ବ୍ଲକ ବିଜେଡ଼ି ସଭାପତି ସୁଶାନ୍ତ କୁମାର ମିଶ୍ର, ପୁରୀ ଗଜପତିଙ୍କ ପ୍ରତିନିଧି ଦିଲ୍ଲୀପ ଧୀର ସାମନ୍ତ, ବିଶ୍ୱଜିତ ପାତ୍ର ଏବଂ ଆୟୋଜକ ତଥା ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାଚ ଶେଷରେ ପୁରସ୍କାର ବିତରଣ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ଖେଳକୁ ପରିଚାଳନା କରିଥିଲେ। ଭାଷ୍ୟକାରରେ ବୁବୁ ସିହ୍ନା ଓ ସରୋଜ ମହାପାତ୍ର ଏବଂ ସ୍କୋରିଂରେ ପବିତ୍ର ମୋହନ ସାହୁ, ସଞ୍ଜୟ ବେହେରା ଦାୟିତ୍ୱ ତୁଲାଇଥିଲେ। ସୁଧୀରଞ୍ଜନ ପଣ୍ଡା ମ୍ୟାଚ ରେଫରି ରହିଥିଲେ।

**ହାଡିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟ**

## କ୍ୱାର୍ଟରରେ ପୁଲିସ୍ ଓ ଏମ୍‌ବିଏସ୍ ଏକାଦଶ

ଭୁବନେଶ୍ୱର, ୯।୧୨ (ସମିସ): ପୁଲିସ୍ ଏକାଦଶ ଓ ଏମ୍‌ବିଏସ୍ ଏକାଦଶ ଏଠାରେ ଚାଲିଥିବା ହାଡିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ପୋର୍ଟ୍ସ ଆସୋସିଏସନ ଅଫ୍ କପିଳପ୍ରସାଦ ସୁନ୍ଦରପଦା (ଏସ୍‌ଏକେଏସ୍) ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲରେ ପୁଲିସ୍ ଏକାଦଶ ୩ ୱିକେଟରେ ରକ୍‌ଷ୍ଟାର ଏକାଦଶକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ଏମ୍‌ବିଏସ୍ ଏକାଦଶ ୭ ୱିକେଟରେ ମ୍ୟାଜିକ୍ ଏକାଦଶକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।







ପ୍ରଥମ ମୁକାବିଲାରେ ରକ୍‌ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୦୩ ରନ୍ କରିଥିଲା। ଜବାବରେ ପୁଲିସ୍ ଏକାଦଶ ୭ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ପ୍ରିୟାଂଶୁ ସିଂ ଓ ରାକେଶ ଶର୍ମା ୩ଟି ଲେଖାଏଁ ୱିକେଟ ନେଇଥିଲେ। ବ୍ୟାଟିଂରେ ରାକେଶ ଧୈର୍ଯ୍ୟପୂର୍ଣ୍ଣ ତଥା ଅପରାଜିତ ୩୧ ରନ୍ କରି ଦଳକୁ ଜିତାଇଥିଲେ। ସେହିପି ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମ୍ୟାଜିକ୍ ଏକାଦଶ ୭ ୱିକେଟରେ ୧୨୫ ରନ୍ କରିଥିଲା। ଜବାବରେ ଏମ୍‌ବିଏସ୍ ମାତ୍ର ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା।

ପ୍ରଥମ ମ୍ୟାଚ୍‌ରେ ରାକେଶ ଶର୍ମା ଓ ଦ୍ୱିତୀୟ ମ୍ୟାଚ୍‌ରେ ସୌମ୍ୟ ରଞ୍ଜନ ମହାନ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ପ୍ରଶାନ୍ତ କୁମାର ଜେନା ଓ ନିହାରରଞ୍ଜନ ପତି ଅତିଥିଭାବେ ଯୋଗ ଦେଇଥିଲେ। ଅମ୍ପାୟାର ପ୍ରଶାନ୍ତ ଶୁକ୍ଲା, ଡମ୍ବରୁ ମିଶ୍ର, ଏକଶ ଚନ୍ଦ୍ର ପ୍ରଧାନ ଓ ଚିତ୍ତରଞ୍ଜନ ମହାପାତ୍ର ଖେଳ ପରିଚାଳନା କରିଥିଲେ।




# ଖେଳାଳିଙ୍କ ଆଶା ଓ ଭରସା
# କ୍ରୀଡ଼ା ବିଜ୍ଞାନ କେନ୍ଦ୍ର




ଜାତୀୟ ତଥା ବିଶ୍ୱ କ୍ରୀଡ଼ାରେ ଓଡ଼ିଶା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନ ତଥା କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ଓଡ଼ିଶା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟିକରିବା ସହ ଏହାକୁ ଆଗେଇ ନେବାରେ ସାରା ଦେଶରେ ଓଡ଼ିଶା ବିପ୍ଳବ ସୃଷ୍ଟି କରିଛି। ବାସ୍ତବରେ ଭୁବନେଶ୍ୱର ଏବେ ଦେଶର କ୍ରୀଡ଼ା ରାଜଧାନୀର ମାନ୍ୟତା ହାସଲ କରିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ବାଦ୍ ଦେଲେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ହୋଇଛି ଓ ଏହି ପ୍ରକ୍ରିୟା ତ୍ୱରିତ ବେଗରେ ଆଗେଇ ଚାଲିଛି। ଓଡ଼ିଶା କ୍ରୀଡ଼ାର ହୃଦୟ କୁହାଯାଉଥିବା କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ଅଭୁତପୂର୍ବ ସଂସ୍ଥା ଆଥଲେଟଙ୍କ ଉନ୍ନତି, ପ୍ରଗତି ଓ ଉତ୍କୃଷ୍ଟତା ପାଇଁ ପ୍ରସ୍ତୁତ ହୋଇ ଠିଆ ହୋଇଛି। ତାହା ହେଉଛି କ୍ରୀଡ଼ା ବିଜ୍ଞାନ କେନ୍ଦ୍ର। କ୍ରୀଡ଼ା ପ୍ରତିଭାଗୁଡିକୁ ଶାଣିତ କରିବା ଏହି କେନ୍ଦ୍ର ଓଡ଼ିଶାର ପ୍ରତିବଦ୍ଧତାର ପ୍ରମାଣ ଦେଇଛି। ଆଥଲେଟମାନଙ୍କୁ ପ୍ରଦର୍ଶନ ଓ ଉନ୍ନତିରେ ଏହି କେନ୍ଦ୍ର ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ସଫଳତାର ଶୀର୍ଷକୁ ଛୁଇଁବାର ଅଦମ୍ୟ ଇଚ୍ଛା ପୋଷଣ କରୁଥିବା ଆଥଲେଟମାନଙ୍କ ପାଇଁ ଏହା ବ୍ୟାପକ ଭାବେ ସହାୟ ହେବ।

## ସ୍ୱତନ୍ତ୍ର ପ୍ରୟୋଗଶାଳା

ଏହି କେନ୍ଦ୍ରରେ ଆଥଲେଟମାନ ସ୍ୱତନ୍ତ୍ର ବିଶିଷ୍ଟ ଲ୍ୟାବ ତଥା ପ୍ରୟୋଗଶାଳାଗୁଡିକ ଦେଇ ଯାତ୍ରା ଆରମ୍ଭ କରିବେ। ପ୍ରତ୍ୟେକ ଆଥଲେଟମାନେ ନିଜର ବିକାଶ ପାଇଁ ବିଭିନ୍ନ ଦିଗ ଉପରେ ନିଜର ଧ୍ୟାନ କେନ୍ଦ୍ରିତ କରିଥାନ୍ତି। କ୍ରୀଡ଼ା ବିଜ୍ଞାନ କେନ୍ଦ୍ରର ହୃଦୟ କୁହାଯାଉଥିବା ଏହି ଲାବ ବା ପ୍ରୟୋଗଶାଳାଗୁଡିକ ଆଥଲେଟମାନଙ୍କ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ବିଶେଷ ସୁବିଧା ପ୍ରଦାନ କରାଇଥାଏ। ଏହାଦ୍ୱାରା ସେମାନଙ୍କ ଦକ୍ଷତା ବିକାଶର ଉନ୍ନତି ହେବା ସହ କ୍ରୀଡ଼ା ଉତ୍କୃଷ୍ଟତା ହାସଲ ପାଇଁ ପ୍ରେରିତ କରିଥାଏ। ଏହି ଲ୍ୟାବ ତଥା ପ୍ରୟୋଗଶାଳାଗୁଡିକ ସମ୍ପର୍କରେ ସମ୍ୟକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏହି ଅତ୍ୟାଧୁନିକ କ୍ରୀଡ଼ା ବିଜ୍ଞାନ କେନ୍ଦ୍ରର ମିଶନ ସ୍ପଷ୍ଟ ରହିଛି। କ୍ରୀଡ଼ା ପ୍ରତିଭାର ଚିହ୍ନଟ ଓ ତା'ର ବିକାଶ ହେଉଛି ଏହାର ମୂଳ ଲକ୍ଷ୍ୟ। ପ୍ରତିଭାସମ୍ପୂର୍ଣ୍ଣ ଆଥଲେଟମାନଙ୍କୁ ପ୍ରଶିକ୍ଷିତ କରିବା, ଆଘାତ ସମସ୍ୟାରୁ ମୁକୁଳାଇବା ବା ଏମାନଙ୍କର ଇଞ୍ଜୁରୀ ମ୍ୟାନେଜମେଣ୍ଟ ସଞ୍ଚାଳନ କରାଇବା ସହିତ ବିଭିନ୍ନ ଇଭେଣ୍ଟ ଲାଗି ପ୍ରସ୍ତୁତ କରାଇବା, ଖେଳାଳିଙ୍କୁ ଶକ୍ତିସମ୍ପର୍ଣ୍ଣ କରାଇବା ସହ ସେମାନଙ୍କୁ ଅନୁକୂଳନ ପ୍ରତି ଧ୍ୟାନ ଦେବା ଓ ସର୍ବୋପରି କ୍ରୀଡ଼ାବିତଙ୍କୁ ମାନସିକ ଭାବେ ଦୃଢ଼ କରାଇବା ହେଉଛି ଏହି କେନ୍ଦ୍ରର ମୁଖ୍ୟ କାର୍ଯ୍ୟ। ଏହି କାର୍ଯ୍ୟ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା କରାଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଫିଜିଓଥେରାପିଷ୍ଟ, ବାୟୋମେକାନିଷ୍ଟ, ଶକ୍ତି ଓ ଅନୁକୂଳନ (କଣ୍ଡିସନିଂ) ବିଶେଷଜ୍ଞ, କ୍ରୀଡ଼ା ବୈଜ୍ଞାନିକ, କ୍ରୀଡ଼ା ଚିକିତ୍ସା ଡାକ୍ତର, ଡାଟା ବିଶ୍ଳେଷକ, ପୋଷଣ ବିଶେଷଜ୍ଞ (ନ୍ୟୁଟ୍ରିସନିଷ୍ଟ), ଖେଳ ମନୋବୈଜ୍ଞାନିକ, ବ୍ୟାୟାମ ଫିଜିଓଲୋଜିଷ୍ଟ ଓ କ୍ରୀଡ଼ା ମାଲିସ ବିଶେଷଜ୍ଞଙ୍କ ଏକ ଦଳକୁ ଏଥିପାଇଁ ନିୟୋଜିତ କରାଯାଇଛି।

**କ୍ରୀଡ଼ାବିତଙ୍କ ବୃଦ୍ଧି ଓ ବିକାଶରେ ସହାୟ ହେବ ଏହି କେନ୍ଦ୍ର**










## ପୋଷ୍ଚୁରାଲ ଲ୍ୟାବ

ଏହି ପ୍ରୟୋଗଶାଳାରେ ବୈଷୟିକ କୌଶଳ ଓ କ୍ରୀଡ଼ା ବିଜ୍ଞାନର ଉଚିତ ସମ୍ମେଳନ ଦେଖିବାକୁ ମିଳିଥାଏ। ଏଥିରେ ଆଥଲେଟମାନଙ୍କ ପ୍ରଶିକ୍ଷଣ ଓ ପ୍ରଦର୍ଶନରେ ବୈପ୍ଳବିକ ପରିବର୍ତ୍ତନ ହୋଇଥାଏ। ସନ୍ତୁଳନ, ଭାର ବା ଓଜନ ବିତରଣ ଓ ଟ୍ରଙ୍କ ସୁଙ୍ଗର ଆକଳନ ପାଇଁ ସେନ୍ସର ଆଧାରିତ ଟେକ୍‌ନିକର ଉପଯୋଗ ଏହି ଲାବ ମାଧ୍ୟମରେ ହୋଇଥାଏ। ଏହା ଆଥଲେଟମାନଙ୍କ ପ୍ରଶିକ୍ଷଣ ପାଇଁ ଅତି ଅନୁକୂଳ ପରିବେଶ ସୃଷ୍ଟି କରିଥାଏ।

## କାର୍ଯ୍ୟମୂଳକ ଲ୍ୟାବ

ଏହି ପ୍ରୟୋଗଶାଳାରେ କାର୍ଯ୍ୟମୂଳକ ଗତିବିଧି ଓ କ୍ରୀଡ଼ାକୁ ନେଇ ବିଭିନ୍ନ ଆଭିମୁଖ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ପ୍ରୟାସ କରାଯାଇଥାଏ। ଅତ୍ୟାଧୁନିକ ଲୋଡ ଟେକ୍ନୋଲୋଜି ଓ ଉନ୍ନତ ଥ୍ରୀ ଡାଇମେନସାନାଲ ଅର୍ଥାତ ତିନି ଆୟାମ ବିଶିଷ୍ଟ କ୍ୟାମେରାର ଉପଯୋଗ ଏହି ପ୍ରୟୋଗଶାଳାରେ ହୋଇଥାଏ। କ୍ରୀଡ଼ାବିତମାନଙ୍କ ଗତିବିଧିକୁ ପରିଷ୍କାର କରିବା ସହ ସେମାନଙ୍କ ସାମର୍ଥ୍ୟ, ଚପଳତା ଓ ସହନଶକ୍ତିକୁ ପରିପୃଷ୍ଟ କରିବାକୁ ଏହି ଲ୍ୟାବ ବେଶ୍ ସହାୟ ହୋଇଥାଏ।

## ମାଇଣ୍ଡ ଲ୍ୟାବ୍

ସବୁ କ୍ରୀଡ଼ାରେ ବିଭିନ୍ନ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାକୁ ଓ କୌଶଳକୁ ଆହୁରି ଶାଣିତ କରିବାକୁ ଏହି ପ୍ରୟୋଗଶାଳା ବେଶ୍ ଉପଯୋଗୀ ହୋଇଥାଏ। ଅତ୍ୟାଧୁନିକ ଉପକରଣ ଓ ଅଭିଜ୍ଞ ତଥା ସମର୍ପିତ ଖେଳ ବୈଜ୍ଞାନିକ ମାର୍ଗଦର୍ଶନ ଓ ପରାମର୍ଶ ଦ୍ୱାରା ଏହି ଲ୍ୟାବ୍‌ରେ ଆଥଲେଟମାନେ ସୁବିଧା ପାଇପାରିବେ।

## ଗେଟ୍ ଲ୍ୟାବ

ଏହାକୁ ଚାଲିର ପ୍ରୟୋଗଶାଳା କୁହାଯାଇଥାଏ। ଏଥିରେ ମାର୍କର ବିନା ଚାଲିବାର ବିଶ୍ଳେଷଣ କରିବା ନେଇ ସକ୍ଷମ ଅତ୍ୟାଧୁନିକ ଟେକ୍ନୋଲୋଜି ସାମିଲ ରହିଛି। ସମ୍ପୂର୍ଣ୍ଣ ଚାଲି ଚକ୍ରର ଅମୂଲ୍ୟ ଅନ୍ତର୍ଦୃଷ୍ଟିକୁ ଏହି ଲ୍ୟାବ ମାଧ୍ୟମରେ ଲକ୍ଷ୍ୟ କରାଯାଇପାରିବ। ଆଣ୍ଟି ଗ୍ରାଭିଟି ଟ୍ରେଡମିଲ ସପୋର୍ଟ ଦ୍ୱାରା ଏଥିରେ ପ୍ରଶିକ୍ଷଣ ଓ ରିହାବ କାର୍ଯ୍ୟକ୍ରମ ଏଥିରେ କରାଯାଇପାରିବ।

## ପୁନର୍ବାସ ପ୍ରୟୋଗଶାଳା

ରିହାବିଲିଟେସନ ଲ୍ୟାବ ବା ପୁନର୍ବାସ ପ୍ରୟୋଗଶାଳା ଦ୍ୱାରା ଆଥଲେଟମାନେ ମୌଳିକ ସୁବିଧାସୁଯୋଗ ହାସଲ କରିପାରିବେ। ଏଥିରେ ସକୱେଭ ଥେରାପି, ଟିଇସିଏଆର ଥେରାପି, ହାଇ-ପାୱାର ଲେଜର ଚିକିତ୍ସା ଓ ଇଲେକ୍ଟ୍ରୋ ଥେରାପି ସମ୍ଭବ। ଯନ୍ତ୍ରଣା ଉପସମ ବ୍ୟବସ୍ଥା ସହ ଶୀଘ୍ର ସ୍ୱାସ୍ଥ୍ୟ ଲାଭ, ଫୁଲା କମାଇବା ପାଇଁ ଏହି ପ୍ରୟୋଗଶାଳା ବେଶ ଉପଯୋଗୀ।

## ପାରା ଆଥଲେଟ ପ୍ରଦର୍ଶନ ପ୍ରୟୋଗଶାଳା

ଏହା ପାରା ଆଥଲେଟଙ୍କ ପାଇଁ ପ୍ରଯୁଜ୍ୟ। ବିଭିନ୍ନ ଟେକ୍ନୋଲୋଜି ଦ୍ୱାରା ପାରା ଆଥଲେଟମାନେ ଏଠାରେ ପ୍ରଶିକ୍ଷଣ ନେବାର ସୁଯୋଗ ପାଇବେ। ଏହି ପ୍ରୟୋଗଶାଳାରେ ୪୫୦ ସେଣ୍ଟିମିଟର ସର୍ଫେସ ବିଶିଷ୍ଟ ଦେଶର ସର୍ବବୃହତ ଟ୍ରେଡମିଲ ରହିଛି। ସ୍ୱତନ୍ତ୍ର ହ୍ୱିଲଚେୟାର, ଆର୍ମ ଇଗୋମିଟରର ବ୍ୟବସ୍ଥା ମଧ୍ୟ ରହିଛି। ପାରା ଆଥଲେଟମାନେ ଏଠାରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ସୁବିଧା ପାଇବେ।

## ଅଲଟିଚ୍ୟୁଡ ଟ୍ରେନିଂ ଚାମ୍ବର

ସମୁଦ୍ରପତ୍ତନରୁ ବହୁ ଉଚ୍ଚରେ ଥିବାର ଅନୁଭବ ଏହି ଟ୍ରେନିଂ ଚାମ୍ବରରେ ମିଳିଥାଏ। ଅର୍ଥାତ କୌଣସି ପର୍ବତ ଶିଖରସ୍ଥଳ ବା ଶୈଳନିବାଶରେ ନଥାଇ ଏହି ଚାମ୍ବରରେ ଅବିକଳ ପରିବେଶ ମିଳିବ ଓ ଏଠାରେ ଆଥଲେଟମାନେ ଥଣ୍ଡା ପରିବେଶରେ ପ୍ରଶିକ୍ଷଣ ନେଇ ପାରିବେ। ଏଥିରେ ଆଥଲେଟମାନଙ୍କ ଲୋହିତ ରକ୍ତ କଣିକାର ଗଣତିକୁ ବୃଦ୍ଧି କରିବା ସହ ଅମ୍ଳଜାନ ଉପଯୋଗିତାକୁ ଠିକ୍ କରିବା ନେଇ ସହାୟତା ମିଳିଥାଏ।

## କ୍ରାୟୋଥେରାପି ଓ ଫ୍ଲୋଟେଶନ ଥେରାପି

ଅତିଶୀଘ୍ର ରିକଭରି କରିବାକୁ ଓ ପ୍ରଦର୍ଶନରେ ଉନ୍ନତି ପାଇଁ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର କ୍ରାୟୋଥେରାପି ପ୍ରଦାନ କରିଥାଏ। ଏଥିରେ -୧୪୦ ଡିଗ୍ରୀ ଅର୍ଥାତ ଅତି ଥଣ୍ଡା ପରିବେଶରେ ଆଥଲେଟମାନଙ୍କୁ ରଖାଯାଇଥାଏ। ସେହିପରି ଫ୍ଲୋଟେଶନ ଥେରାପି ବା ଭାସମାନ ଥେରାପି ଦ୍ୱାରା ଖେଳାଳିମାନଙ୍କ ବିଷାଦ ଦୂର ହୋଇଥାଏ ଓ ସେମାନେ ଅତିଶୀଘ୍ର ଆଘାତ ସମସ୍ୟାରୁ ମୁକୁଳିଥାନ୍ତି।

## ନୂଆ ପରମ୍ପରା ସୃଷ୍ଟି କରିବ

କଳିଙ୍ଗ ଷ୍ଟାଡିୟମରେ ଏହି କ୍ରୀଡ଼ା ବିଜ୍ଞାନ କେନ୍ଦ୍ର କେବଳ ଏକ ପ୍ରୟୋଗଶାଳା ରୂପେ ପରିଗଣିତ ହେବନାହିଁ। ଏହା ଆଗାମୀ ପିଢିର ଆଥଲେଟଙ୍କୁ ଆଗକୁ ବଢ଼ାଇବା ଏବଂ ଭବିଷ୍ୟତକୁ ନୂଆ ରୂପ ଦେବା ସହ କ୍ରୀଡ଼ାରେ ନୂଆ ପରମ୍ପରା ସୃଷ୍ଟି କରିବ ଓ କ୍ରୀଡ଼ା ଉତ୍କୃଷ୍ଟତାରେ ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ।

## ବାୟୋମେକାନିକ୍ସ ପ୍ରୟୋଗଶାଳା

ଏହି ଲ୍ୟାବରେ ହାଇସ୍ପିଡ କ୍ୟାମେରା, ଫୋର୍ସ ପ୍ଲେଟ ଓ ବାସ୍ତବକ ସମୟ ମୂଲ୍ୟାଙ୍କନ ସଫ୍ଟୱେୟାରର ବ୍ୟବହାର କରାଯାଇ ଆଥଲେଟମାନ ପ୍ରଦର୍ଶନକୁ ଆହୁରି ଶାଣିତ କରାଯାଇଥାଏ। ଆଥଲେଟଙ୍କ ପ୍ରତ୍ୟେକ ଗତିବିଧିରେ ଆହୁରି ଉତ୍କୃଷ୍ଟତା ଆଣିଥାଏ। ଏହାକୁ ଖେଳାଳିଙ୍କ ସହାୟତା ଲାଗି ପ୍ରୟୋଗ କରାଯିବ। ଯାହାଫଳରେ ଖେଳାଳିମାନେ ପୂର୍ଣ୍ଣ ଦକ୍ଷତା ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଏଥିରୁ ଓଡ଼ିଶା ଓ ଭାରତର ଖେଳାଳିମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ■

---



## ଲକ୍ଷ୍ୟ ପାରିସ୍ ଅଲିମ୍ପିକ୍ସ

ଜାପାନ ମହିଳା ତାରକା ଟେନିସ ଖେଳାଳି ନାଓମି ଓସାକା ପାଖାପାଖି ୧୫ ମାସ ହେବ ଟେନିସ ଖେଳିନାହାନ୍ତି। ଏବେ ସେ ବର୍ଷ ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଖେଳିବାକୁ ତାଲିକାରେ ସ୍ଥାନ ପାଇଛନ୍ତି। ସେ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛନ୍ତି। ୨୬ ବର୍ଷୀୟ ଓସାକା ଗତ ଜୁଲାଇରେ ମା ହେବାର ସୌଭାଗ୍ୟ ଲାଭ କରିଥିଲେ। ୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଓସାକା ଆହୁରି କେତୋଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ଏବେ ସେ ଫିଟ୍‌ନେସ ଓ ଫର୍ମ ପାଇଁ କଠିନ ପରିଶ୍ରମ ଜାରି ରଖିଛନ୍ତି। ଅଷ୍ଟ୍ରେଲିଆନ ଓପନ୍ ପରେ ଫ୍ରେଞ୍ଚ୍ ଓପନ୍ ଓ ୱିମ୍ବଲଡନ ସହ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସରେ ସଫଳତା ହାସଲ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ଗତ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ମଧ୍ୟ ସେ ଏକକ ତୃତୀୟ ରାଉଣ୍ଡରେ ଚେକ ଗଣରାଜ୍ୟର ମାର୍କେଟା ଭୋଣ୍ଡ୍ରୋଉଶୋଭାଙ୍କଠାରୁ ପରାସ୍ତ ହୋଇ ଖାଲି ହାତରେ ବିଦାୟ ନେଇଥିଲେ। ତେଣୁ ସେ ଏଥର ପ୍ୟାରିସ ଅଲିମ୍ପିକ୍ସରେ ପଦକ ହାସଲ କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି। ଏବେ ସେ ଡିସେମ୍ବର ୩୧ରୁ ଜାନୁଆରୀ ୭ ତାରିଖ ମଧ୍ୟରେ ଖେଳାଯିବାକୁଥିବା ବ୍ରିସ୍‌ବେନ ଓପନ୍ ଟେନିସରେ ଭାଗ ନେବେ। ଆଘାତ ସମସ୍ୟା କାରଣ ଯୋଗୁ ତାଙ୍କ ଖେଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ସେ ୨୦୧୯ ଓ ୨୦୨୧ରେ ଅଷ୍ଟ୍ରେଲିଆନ ଓପନ୍ ଓ ୨୦୧୮ ଓ ୨୦୨୦ରେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ। କ୍ୟାରିୟରରେ ସେ ଏପର୍ଯ୍ୟନ୍ତ ୭ଟି ଟାଇଟଲ ଜିତିଛନ୍ତି। ■



## ସିଙ୍ଗଲ ଅଛନ୍ତି ସିନ୍ଧୁ

ଦୁଇଥର ଅଲିମ୍ପିକ୍ସ ଓ ଗୋଟିଏ ବିଶ୍ୱ ଚାମ୍ପିଅନିପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ମହିଳା ବ୍ୟାଡମିଣ୍ଟନ ତାରକା ପିଭି ସିନ୍ଧୁଙ୍କର ପରିଚୟର ଆବଶ୍ୟକତା ନାହିଁ। ସଫଳତାର ଶୀର୍ଷକୁ ଛୁଇଁଥିବା ସିନ୍ଧୁ ଏବେ ୨୮ ବର୍ଷରେ ପଦାର୍ପଣ କରିଛନ୍ତି। ଏପର୍ଯ୍ୟନ୍ତ ସେ କାହାକୁ ଡେଟ କରିନାହାନ୍ତି ଓ ସେ ସିଙ୍ଗଲ ଅଛନ୍ତି। ୟୁଟ୍ୟୁବରେ ଭାଇରାଲ ହୋଇଥିବା ତାଙ୍କର ଏକ ସାକ୍ଷାତକାରରେ ସେ ଏକ ଅସ୍ୱାଭିକ ପ୍ରଶ୍ନର ଉତ୍ତର ଦେଇ ଏହି କଥା କହିଛନ୍ତି। ଏବେ କାହା ସହ ସମ୍ପର୍କ ସୃଷ୍ଟି କରିବା ଉପରେ ଗୁରୁତ୍ୱଦେଉନି। କେବଳ ବ୍ୟାଡମିଣ୍ଟନ କଥା ଚିନ୍ତା କରୁଛି। ଆସନ୍ତାବର୍ଷ ପ୍ୟାରିସ୍‌ରେ ଅଲିମ୍ପିକ୍ସ ଆୟୋଜନ ହେବ। କ୍ୟାରିୟରର ତୃତୀୟ ଅଲିମ୍ପିକ୍ସ ପଦକ ହାସଲ କରିବାକୁ ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି। ଡେଟ୍ କରିବା ଖରାପ୍ କିମ୍ବା ଭଲ ବୋଲି କହୁନାହିଁ। ଭାଗ୍ୟରେ ଯାହାଥିବ ତାହା ହିଁ ହେବ। ଏବେ କେବଳ ଫିଟନେସ ଓ ପ୍ରଦର୍ଶନ ଉପରେ ଫୋକସ କରୁଛି। ଦୀର୍ଘଦିନ ଧରି ଆଘାତ ସମସ୍ୟା ଦେଇ ଗତିକରିବା ପରେ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ତାଙ୍କ ପ୍ରଦର୍ଶନ ପୂର୍ବଭଳି ରହିନାହିଁ। ତେଣୁ ସେ ଟ୍ରେନିଂ ଉପରେ ଧ୍ୟାନ ଦେଉଛନ୍ତି। ସିନ୍ଧୁ ଗତ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ଓ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ସେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ପଦକ ହାସଲ କରିଛନ୍ତି। ■

# ଭାରତ-ଦ. ଆଫ୍ରିକା ପ୍ରଥମ ଟି-୨୦ ଆଜି

ଡର୍ବାନ, ୯।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାରୁ ଭାରତୀୟ କ୍ରିକେଟ ଦଳର ପୂର୍ଣ୍ଣାଙ୍ଗ ସିରିଜ୍ ଆସନ୍ତାକାଲି (ରବିବାର)ଠାରୁ ଆରମ୍ଭ ହେଉଛି। ଆସନ୍ତାବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଜୁନ୍ ୪ରୁ ୨୦ ତାରିଖ ଖେଳାଯିବ ଟି-୨୦ ବିଶ୍ୱକପ୍। ଏହା ପୂର୍ବରୁ ଉଭୟ ଦଳ ନିକଟରେ ଏକାଠି ହୋଇ ଖୁବ୍ କମ୍ ସଂଖ୍ୟକ ମ୍ୟାଚ୍ ଖେଳିବାର ସୁଯୋଗ ରହିଛି। ଏଣୁ ଉଭୟ ଦଳ ଏହି ୩ ମ୍ୟାଚରୁ ବିଶ୍ୱକପ୍ ଲାଗି ପ୍ରସ୍ତୁତି କରିବେ। ନିକଟରେ ଅଷ୍ଟ୍ରେଲିଆ ସହ ଘରୋଇ ମାଟିରେ ସିରିଜ୍ ଜିତି ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ସଂଗଠିତ ହୋଇପାରିଛି। କିନ୍ତୁ ଏହି ଦଳର ଜଣେ ହେଲେ ଖେଳାଳି ଦକ୍ଷିଣ ଆଫ୍ରିକାରେ ଖେଳିବାର ଅଭିଜ୍ଞତା ନାହିଁ। ଦକ୍ଷିଣ ଆଫ୍ରିକା ଦଳରେ ମଧ୍ୟ ଅନେକ ନୂଆ ଖେଳାଳି ସାମିଲ ହୋଇଛନ୍ତି। କିନ୍ତୁ ଏମାନେ ଘରୋଇ ମାଟିରେ ବେଶ ଅଭିଜ୍ଞ। ଏମାନଙ୍କୁ ମୁକାବିଲା କରିବା ଭାରତୀୟ ଖେଳାଳିଙ୍କ ଲାଗି ଏକ ବଡ଼ ଆହ୍ୱାନ।



ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଖେଳି ଭାରତୀୟ ଖେଳାଳିମାନେ ବିଶ୍ୱର ଯେ କୌଣସି ଦଳ ବିପକ୍ଷରେ ଭଲ ଖେଳିବେ। କିନ୍ତୁ ଭାରତୀୟ ପିଚ୍ ଅନ୍ୟଦେଶଠାରୁ ଭିନ୍ନ। ବିଶେଷକରି ଦକ୍ଷିଣ ଆଫ୍ରିକା ପିଚ୍‌ରେ ଭାରତୀୟ ହିଟରମାନେ କିପରି ପ୍ରଦର୍ଶନ କରିବେ ତାହାକୁ ନେଇ ଦଳର ମ୍ୟାନେଜମେଣ୍ଟ ସଂଶୟରେ ରହିଛି। ବ୍ୟାଟିଂ ହେଉ ଅବା ବୋଲିଂ ଭାରତୀୟ ଖେଳାଳିମାନେ ପ୍ରଥମେ ଆଡଜଷ୍ଟ କରିବେ ଓ ପରେ ଖେଳିବେ। କିନ୍ତୁ ଟି-୨୦ରେ ସମୟ ଖୁବ୍ କମ୍। ସୂର୍ଯ୍ୟକୁମାରଙ୍କ ଦଳ କିପରି ମୁକାବିଲା କରିବ ତାହା ସମୟ କହିବ। ଦଳରେ ୧୭ଜଣ ଖେଳାଳିଙ୍କୁ ନିଆଯାଇଛି।

**ଖେଳ ଆରମ୍ଭ : ରାତି ୭ଟା ୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ହଟ୍ ଷ୍ଟାର**

ଅଧିନାୟକଙ୍କୁ ଦଳ ବାଛିବାକୁ ଆଦୌ କଷ୍ଟ ହେବ ନାହିଁ। ସମସ୍ତ ପ୍ରକାର ସମୀକରଣକୁ ନେଇ ଦଳ ଚୟନ କରାଯାଇପାରିବ। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ କାହାକୁ ୬ଷ୍ଠ ବୋଲର ଭାବେ ନିଆଯିବ ତାହା ସ୍ଥିର କରାଯାଇପାରି ନାହିଁ। ଏପରିକି ଆଇପିଏଲ୍‌ରେ ଯଶସ୍ୱୀ ଜୟସ୍ୱାଲ ଏବଂ ପୂର୍ବରୁ ଖେଳିଥିବା ଟି-୨୦ରେ ତିଳକ ବର୍ମା ବୋଲିଂ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷରେ ଏମାନଙ୍କୁ ସୁଯୋଗ ମିଳି ନଥିଲା। ଏବେ କେଉଁ ସମୀକରଣ ନେଇ ଖେଳିବ ତାହା ଟିମ୍ ମ୍ୟାନେଜମେଣ୍ଟ ସ୍ଥିର କରିବ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳରେ ଅନେକ ନୂଆ ଖେଳାଳିଙ୍କୁ ସୁଯୋଗ ମିଳିଛି। ଏମାନେ ଘରୋଇ ମାଟିରେ ଅନେକ ମ୍ୟାଚ୍ ଖେଳିଛନ୍ତି। ଭାରତ ବିପକ୍ଷରେ ଏମାନେ ଭଲ ଖେଳିବେ ବୋଲି ଅଧିନାୟକ ଆଇଡେନ୍ ମାର୍କରାମ ଆଶା ପ୍ରକାଶ କରିଛନ୍ତି।

### ଖେଳାଳି ଦଳ

**ଭାରତ :** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ଋତୁରାଜ ଗାଏକ୍ୱାଡ, ତିଳକ ବର୍ମା, ରିଙ୍କୁ ସିଂ, ଶ୍ରେୟସ ଆୟର, ଇଶାନ କିଶାନ ଓ ଜିତେଶ ଶର୍ମା (ୱିକେଟକିପର), ରବିନ୍ଦ୍ର ଜାଡେଜା (ଉପଅଧିନାୟକ), ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ମହମ୍ମଦ୍ ସିରାଜ, ମୁକେଶ କୁମାର ଓ ଦୀପକ ଚହର।

**ଦକ୍ଷିଣ ଆଫ୍ରିକା :** ଆଇଡେନ୍ ମାର୍କରାମ (ଅଧିନାୟକ), ଓଟ୍ଟନିଏଲ ବାର୍ଟମ୍ୟାନ୍, ମାଥ୍ୟୁ ବ୍ରିଜ୍‌କେ, ନାନ୍ଦ୍ରେ ବର୍ଗର, ଜେରାଲ୍ଡ କୋଏଜୀ, ଡୋନୋଭାନ ଫେରେରା, ରୀଜା ହେଣ୍ଡ୍ରିକ୍ସ, ମାର୍କୋ ଜାନ୍‌ସେନ, ହେନରିକ୍ କ୍ଲାସେନ, କେଶବ ମହାରାଜ, ଡେଭିଡ୍ ମିଲର, ଆନ୍ଦିଲ ଫେଲୁକୱାଅ, ତାବ୍ରେଜ ସାମ୍‌ସୀ, ଟ୍ରିଷ୍ଟାନ ଷ୍ଟବ୍ସ ଓ ଲିଜାଡ ୱିଲିୟମ୍ସ।

● ଡବ୍ଲ୍ୟୁପିଏଲ-୨ ଖେଳାଳି ନିଲାମୀ

## କାଶବୀ ଗୌତମ ସବୁଠାରୁ ଦାମୀ

ମୁମ୍ବାଇ, ୯ ।୧୨(ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଦ୍ୱିତୀୟ ସଂସ୍କରଣ ପାଇଁ ଶନିବାର ଖେଳାଳି ନିଲାମୀ ଅନୁଷ୍ଠିତ ହୋଇଛି। ଏଥର ୫ଟି ଫ୍ରାଞ୍ଚାଇଜ୍ ମୋଟ ୩୦ ଜଣ ଖେଳାଳିଙ୍କୁ କ୍ରୟ କରିଛନ୍ତି। ଏଥିରେ ୯ ଜଣ ବିଦେଶୀ ଓ ୨୧ ଜଣ ଭାରତୀୟ ସାମିଲ ରହିଛନ୍ତି।



ପାଖାପାଖି ସାଢେ ୩ ଘଣ୍ଟା ଧରି ଚାଲିଥିବା ଏହି ନିଲାମୀ ପ୍ରକ୍ରିୟାରେ ୩୦ଜଣ ଖେଳାଳିଙ୍କୁ କ୍ରୟ କରିବା ପାଇଁ ମୋଟ ୧୨.୭୫ କୋଟି ଟଙ୍କା ବ୍ୟୟ କରିଥିଲେ। ନିଲାମୀରେ ୯୦ ଜଣ ଖେଳାଳିଙ୍କ ନାମ ଡକାଯାଇଥିଲା। ପୂର୍ବରୁ ଡବ୍ଲ୍ୟୁପିଏଲ୍ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନଥିବା ପଞ୍ଜାବ ଦ୍ରୁତ ବୋଲର କାଶବୀ ଗୌତମ ସମସ୍ତଙ୍କୁ ଚକିତ କରି ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ୨୦ ବର୍ଷୀୟା କାଶବୀ ୨ କୋଟି ଟଙ୍କା ବିନିମୟରେ ଗୁଜରାଟ ଟାଇଟନ୍ସରେ ସାମିଲ ହୋଇଛନ୍ତି। ସେହିପରି କର୍ଣ୍ଣାଟକର ୨୨ ବର୍ଷୀୟା ବ୍ୟାଟର ବ୍ରିନ୍ଦା ଦୀନେଶ ୧.୩ କୋଟି ଟଙ୍କା ବିନିମୟରେ ୟୁପି ୱାରିୟର୍ଜରେ ସାମିଲ ହୋଇଛନ୍ତି। ଏହି ଦୁଇ ଖେଳାଳି ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଭାରତ-ଏ ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ଦୁଇଜଣଙ୍କ ମୂଳ ଦର ୧୦ ଲକ୍ଷ ଟଙ୍କା ଥିଲା। କାଶବୀ ପ୍ରଥମଥର ପାଇଁ ଡବ୍ଲ୍ୟୁପିଏଲ୍ ଖେଳିବେ। ସେହିପରି ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଆନାବେଲ ସଦରଲାଣ୍ଡ ୨ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ ହୋଇଛନ୍ତି। ସଦରଲାଣ୍ଡ ସବୁଠାରୁ ଦାମୀ ବିଦେଶୀ ଖେଳାଳି ବିବେଚିତ ହୋଇଛନ୍ତି। ଅନ୍ୟପଟେ ଡିଏଣ୍ଡ୍ରା ଡଟିନ୍, ଚମାରୀ ଆଟାପାଟ୍ଟୁ, ଦେବୀକା ବୈଦ, ଏମି ଜନ୍ସ ଓ କିମ୍ ଗାର୍ଥଙ୍କ ଭଳି ଖେଳାଳି ବିକ୍ରି ହୋଇପାରି ନଥିଲେ। ଏକତା ବିଷ୍ଟଙ୍କୁ ମୁମ୍ବାଇ ୬୦ ଲକ୍ଷ ଟଙ୍କାରେ କିଣିଛି।

**୫ ଖେଳାଳିଙ୍କ ମୂଲ୍ୟ ଏକ କୋଟିରୁ ଉର୍ଦ୍ଧ୍ୱ:** ନିଲାମୀରେ ୫ଜଣ ଖେଳାଳିଙ୍କ ମୂଲ୍ୟ ୫ କୋଟିରୁ ଉର୍ଦ୍ଧ ରହିଛି। କାଶବୀ, ବ୍ରିନ୍ଦା ଓ ସଦରଲାଣ୍ଡଙ୍କୁ ବାଦ୍ ଦେଲେ ଅଷ୍ଟ୍ରେଲିଆର ଫିବ୍‌ଲିଟ୍ ଫିଲ୍ଡ (୧କୋଟି), ଦକ୍ଷିଣଆଫ୍ରିକାର ଶବନିମ ଇସ୍‌ମାଇଲ (୧.୨୦କୋଟି) ଏକ କୋଟିକମ୍ବା ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହୋଇଛନ୍ତି। ଗୁଜରାଟ ସର୍ବାଧିକ ୧୦, ଦିଲ୍ଲୀ ୩, ମୁମ୍ବାଇ ୫, ୟୁପି ୫ ଓ ବେଙ୍ଗାଲୁରୁ ୭ ଖେଳାଳିଙ୍କୁ କ୍ରୟ କରିଛି। ଉଲ୍ଲେଖଥାଉକି, ପ୍ରଥମ ଡବ୍ଲ୍ୟୁପିଏଲର ପ୍ରଥମ ସଂସ୍କରଣରେ ଦିଲ୍ଲୀକୁ ପରାସ୍ତ କରି ମୁମ୍ବାଇ ଟାଇଟଲ ହାସଲ କରିଥିଲା।

● ମ୍ୟାଚ୍‌ରେ ଫିଲିପ୍ସ, ସିରିଜ୍‌ରେ ଇସ୍‌ଲାମ ଶ୍ରେଷ୍ଠ

## ବାଂଲା-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍ ବରାବର

ମୀରପୁର, ୯।୧୨(ଏଜେନ୍ସି): ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ଏଠାରେ ଶନିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟକୁ ୪ ୱିକେଟରେ ଜିତି ନ୍ୟୁଜିଲାଣ୍ଡ ଘରୋଇ ଦଳ ସହ ସିରିଜ୍ ବରାବର କରିବାରେ ସମର୍ଥ ହୋଇଛି। ପୂର୍ବରୁ ସିଲହଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ବାଂଲାଦେଶ ୧୫୦ ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ପ୍ରଥମ ପାଳିରେ ୮୦ ରନ୍, ଦ୍ୱିତୀୟ ପାଳିରେ ଅପରାଜିତ ୪୦ ରନ୍ କରିବା ସହ ୩ଟି ୱିକେଟ ନେଇଥିବା ଗ୍ଲେନ୍ ଫିଲିପ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ଏହି ୨ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨୮ ରନ୍ କରିବା ସହ ୧୫ଟି ୱିକେଟ ନେଇଥିବା ଘରୋଇ ଦଳର ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଟେଷ୍ଟ ସିରଜ୍ ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ନ୍ୟୁଜିଲାଣ୍ଡ ୨-୦ରେ ଜିତିଥିଲା। ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା।

**କନିଷ୍ଠ ପୁରୁଷ ହକି ବିଶ୍ୱକପ୍**

## କ୍ୱାର୍ଟର ଫାଇନାଲରେ ଭାରତ

କ୍ୱାଲାଲମ୍ପୁର, ୯ ।୧୨(ଏଜେନ୍ସି): ମାଲେସିଆର କ୍ୱାଲାଲମ୍ପୁରରେ ଚାଲିଥିବା କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ୧୩ତମ ସଂସ୍କରଣରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ ସି'ରେ ଭାରତ ତା'ର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ୧୦-୧ ଗୋଲରେ କାନାଡାକୁ ବୃହତ୍ ବ୍ୟବଧାନରେ ପରାସ୍ତ କରି ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଭାରତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ଅଗ୍ରଗତି କରିଛି। ସ୍ପେନ୍ ୩ଟି ମ୍ୟାଚ୍ ଖେଳି ୩ଟିରେ ବିଜୟୀ ହୋଇ ୯ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ କ୍ୱାର୍ଟରକୁ ଉଠିଛି। ଭାରତ ଏବେ ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ପୁଲ ଡି'ର ଶୀର୍ଷ ସ୍ଥାନ ଅଧିକାର କରିଥିବା ନେଦରଲାଣ୍ଡସକୁ ଭେଟିବ। ଭାରତର ଆଦିତ୍ୟ ଅର୍ଜୁନ ଲାଲାଗେ ଦୁଇଟି ଗୋଲ ସ୍କୋର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୁଲ୍ ସି'ରେ ଅନ୍ୟଏକ ମ୍ୟାଚ୍‌ରେ ଶନିବାର ସ୍ପେନ୍ ୮-୨ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଶୀର୍ଷକୁ ଉଠିଥିଲା।

**କାନାଡା ୧୦-୧ ଗୋଲ୍‌ରେ ହାରିଲା**
**ଅମନଦୀପ ଦେଲେ ଡବଲ ଗୋଲ୍**

କ୍ୱାର୍ଟରରେ ପ୍ରବେଶ କରିବା ପାଇଁ ଭାରତକୁ ବିଜୟ ଅପରିହାର୍ଯ୍ୟ ଥିଲା। ସମ୍ପୂର୍ଣ୍ଣ ଏକତରଫା ଏହି ମୁକାବିଲାରେ ଭାରତ ଗୋଲ ବର୍ଷା କରିଥିବା ବେଳେ କାନାଡା ତରଫରୁ ଜୁଡେ ନିକୋଲସନ ୨୦ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଭାରତ ପାଇଁ ଆଦିତ୍ୟ ୮ମ ଓ ୪୩ତମ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ରୋହିତ ଦ୍ୱାଦଶ ଓ ୫୫ତମ ମିନିଟ୍‌ରେ ଦୁଇଟି, ଅମନଦୀପ ଲାକ୍ରା ୨୩ ଓ ୫୧ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁକାନ୍ତ ସିଂ ୪୨, ରାଜିନ୍ଦର ସିଂ ୪୨, ସୌରଭ ଆନନ୍ଦ ଖୁସ୍‌ୱା ୫୧ ଓ ଉତ୍ତମ ସିଂ ୫୮ ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୂର୍ବରୁ ଭାରତ ତା'ର ପ୍ରଥମ ମୁକାବିଲାରେ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ୧-୪ ଗୋଲରେ ପରାଜୟବରଣ କରିଥିଲା।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର